

‘ରାମାୟଣ’କୁ ନା କରିଥିଲେ ପ୍ରିୟଙ୍କା
▶ପୃଷ୍ଠା ୧୧ ଦେଖନ୍ତୁ...

◆ RNI REGD NO: 42041/83
◆ www.sakalaepaper.com
◆ /sakalanews
◆ /sakalanews
◆ www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 42 ◆ISSUE-350 ◆BHUBANESWAR ◆WEDNESDAY ◆18 JUNE 2025 ◆PAGE-12 ◆₹ 6.00 | PANIKOILI | ◆ବର୍ଷ-୪୨ ◆ସଂଖ୍ୟା-୩୫୦ ◆ଭୁବନେଶ୍ୱର ◆ବୁଧବାର ◆୧୮ ଜୁନ୍ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


# ଇରାନ ଉପରେ ଆକ୍ରମଣ କରିବ ଆମେରିକା !

■ ତେହରାନ, ୧୭।୬ (ଏଜେନ୍ସି): ଗତ ୧୩ ତାରିଖରେ ଇରାନ ଉପରେ ଇସ୍ରାଏଲ ଆକ୍ରମଣ ପରେ ଦୁଇ ଦେଶ ମଧ୍ୟରେ ଆରମ୍ଭ ହୋଇଥିବା ଯୁଦ୍ଧ ଆଜି ପଞ୍ଚମ ଦିନରେ ପହଞ୍ଚିଛି। ଉଭୟ ଇରାନ ଏବଂ ଇସ୍ରାଏଲ ପରସ୍ପର ଉପରକୁ କ୍ଷେପଣାସ୍ତ୍ର ମାଡ଼ କରିବା ସହିତ ଏବେ ଜନବସତି ଅଞ୍ଚଳକୁ ଟାର୍ଗେଟ କରିବା ଆରମ୍ଭ କଲେଣି। ଏଥିରେ ବର୍ତ୍ତମାନ ସୁଦ୍ଧା ଶତାଧିକ ଲୋକ ପ୍ରାଣ ହରାଇଥିବା ବେଳେ ହଜାର ହଜାର ଲୋକ ବାସଚ୍ୟୁତ ହେଲେଣି। ଯୁଦ୍ଧ ଥମିବାର ନାଁ ଧରୁନଥିବା ବେଳେ ଇରାନ ରାଜଧାନୀ ତେହରାନ ଉପରେ ବଡ଼ ଧରଣର ଆକ୍ରମଣ କରିବା ଲାଗି ଆମେରିକେ ଯୋଜନା କରୁଥିବା ନେଇ ଖବର ମିଳିଛି। ତୁରନ୍ତ ତେହରାନ ଖାଲିବା କରିବା ଲାଗି ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନବାସୀଙ୍କୁ ପରାମର୍ଶ ଦେବାପରେ ଏଭଳି ଆଭାସ ମିଳିଛି। ଇସ୍ରାଏଲ ମଧ୍ୟ ଧମକ ଦେଇଛି ଯେ ଇରାନର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଖାମେନୀଙ୍କୁ ହତ୍ୟା କରାଯିବ।

ଇରାନ-ଇସ୍ରାଏଲ ଯୁଦ୍ଧର ଅବସାନ ପାଇଁ ଆନ୍ତର୍ଜାତିକ ସ୍ତରରେ ସେମିତି ଆଖିଦୃଶିଆ ଉଦ୍ୟମ ହେଉନଥିବା ବେଳେ ଆମେରିକାର ରାଷ୍ଟ୍ରପତି ଟ୍ରମ୍ପ ଆଜି ଧମକ ଦେଇଛନ୍ତି ଯେ ଇରାନ ସହ କଥାବାର୍ତ୍ତା କରିବା ମୁଡ୍‌ରେ ସେ ନାହାନ୍ତି। ପରମାଣୁ ଅସ୍ତ୍ର ଉପରେ ଚୁକ୍ତି ପାଇଁ ଇରାନକୁ ସୁଯୋଗ ମିଳିଥିଲା, କିନ୍ତୁ ସେହି ସୁଯୋଗକୁ ▶ପୃଷ୍ଠା-୭




▶ ତେହରାନ ଖାଲି କରିବାକୁ କହିଲେ ଟ୍ରମ୍ପ
▶ ଖାମେନିଙ୍କୁ ବି ହତ୍ୟା କରାଯିବ: ଇସ୍ରାଏଲ
▶ ୫ମ ଦିନରେ ଇରାନ-ଇସ୍ରାଏଲ ଯୁଦ୍ଧ

## ଲେବାନନ୍‌ରେ ବଢୁଛି ହୋଟେଲ କାରବାର

# ବାର୍ ଛାତ ଉପରୁ ଗ୍ରାହକ ଦେଖୁଛନ୍ତି ମିସାଇଲ ମାଡ଼

■ ନୂଆଦିଲ୍ଲୀ, ୧୭।୬ (ଏଜେନ୍ସି): ଇରାନ ଏବଂ ଇସ୍ରାଏଲ ମଧ୍ୟରେ ଯୁଦ୍ଧ ତୀବ୍ର ହେବାରେ ଲାଗିଛି। ଉଭୟ ଦେଶ ପରସ୍ପର ଉପରେ କ୍ଷେପଣାସ୍ତ୍ର ଆକ୍ରମଣ କରୁଛନ୍ତି। ସେହି ସମୟରେ ଲେବାନନ୍ ଏହି ଯୁଦ୍ଧକୁ ଆୟର ଉତ୍ସ କରିଛି। ଏଥିପାଇଁ ଲେବାନନ୍‌ର ହୋଟେଲଗୁଡ଼ିକ ସେମାନଙ୍କର ମେନୁରେ ଏକ ସ୍ୱତନ୍ତ୍ର ଜିନିଷ ଯୋଡିଛନ୍ତି। ବିଲ୍‌ରେ ‘ସ୍କାଏ ମିସାଇଲ୍ ଭ୍ୟୁ’ ପ୍ରିମିୟମ୍ ଫିଚର ଯୋଡାଯାଇଛି। ରାଜଧାନୀ ବେରୁତ୍‌ର ଏକ ବାର ଛାତ ଉପରୁ ଗ୍ରାହକ ଇସ୍ରାଏଲ୍ ଉପରେ ଇରାନ୍ ପକ୍ଷରୁ କରାଯାଉଥିବା ମିସାଇଲ ମାଡ଼ ଦେଖୁଛନ୍ତି। ଏଥିରେ ସ୍ୱତନ୍ତ୍ର ସିଟ୍ ପାଇଁ ଅଲଗା ଫି’ ରଖାଯାଇଛି। ଏପରି ଏକ ହୋଟେଲର ବିଲ୍ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ଏହି ବିଶେଷ ଜିନିଷ ପାଇଁ ହୋଟେଲ ଏକ ନିର୍ଦ୍ଦିଷ୍ଟ ପରିମାଣରେ ଫି’ ନେଉଛି।

ଦୁଇ ଦେଶ ମଧ୍ୟରେ ଯୁଦ୍ଧ ବେଳେ ସୋସିଆଲ ମିଡିଆରେ ସେହି ସମୟରେ ଏକ ଭିଡିଓରେ କିଛି ଲୋକ ଲେବାନନର ବାର ଛାତ ଉପରେ ଡ୍ୟାନ୍ସ କରିବା ସହ ଇରାନର କ୍ଷେପଣାସ୍ତ୍ର ଆକ୍ରମଣକୁ କ୍ୟାମେରାରେ କଏଦ କରୁଥିବାର ଦେଖାଯାଉଛି। ପ୍ରକୃତରେ ଏହି ବିଲ୍‌ରେ ହୋଟେଲ ‘ସ୍କାଏ ମିସାଇଲ୍ ଭ୍ୟୁ’ ନାମକ ଏକ ନୂତନ ଜିନିଷ ▶ପୃଷ୍ଠା-୭



ମେନୁରେ ‘ସ୍କାଏ ମିସାଇଲ୍ ଭ୍ୟୁ’ ପ୍ରିମିୟମ୍ ଫିଚର
ସ୍ୱତନ୍ତ୍ର ସିଟ୍ ପାଇଁ ଅଲଗା ଫି’




# ଡିଜିଙ୍କୁ ଜାତୀୟ ମହିଳା କମିଶନଙ୍କ ରିପୋର୍ଟ ତଲବ

## କ୍ରାଇମବ୍ରାଞ୍ଚକୁ ତଦନ୍ତ ଦାୟିତ୍ୱ ଦେଲେ ପୁଲିସ ଡିଜି

## ପୁଲିସ କବ୍‌ଜାରେ ୪ ନାବାଳକଙ୍କ ସମେତ ୧୦

■ ଭୁବନେଶ୍ୱର/ ବ୍ରହ୍ମପୁର, ୧୭।୬ (ସମିସ): ଗୋପାଳପୁର ବେଳାଭୂମିରେ ଜଣେ ଯୁବତୀଙ୍କୁ ତାଙ୍କ ବନ୍ଧୁଙ୍କ ସମ୍ମୁଖରେ ଗଣଦୁଷ୍କର୍ମ ଘଟଣା ସାରା ଦେଶକୁ ଦୋହଲାଇ ଦେଇଛି। ବିଳମ୍ବରେ ହେଲେ ମଧ୍ୟ ପୁଲିସ ଏହି ଘଟଣାରେ ୧୦ ଅଭିଯୁକ୍ତଙ୍କୁ ଗିରଫ କରିଛି, ଯେଉଁମାନଙ୍କ ମଧ୍ୟରେ ଅଛନ୍ତି ୪ ନାବାଳକ। ଯୁବତୀଙ୍କୁ ଗଣଦୁଷ୍କର୍ମ କରିଥିବା ଅନ୍ୟ ଯୁବକମାନଙ୍କୁ ଏହି ନାବାଳକମାନେ ସହଯୋଗ କରିଥିବା ଅଭିଯୋଗ ହୋଇଛି। ଜାତୀୟ ମହିଳା କମିଶନ ବିଜୟା ରାହତକର ଏହି ଘଟଣାକୁ ନେଇ ଉଦ୍‌ବେଗ ପ୍ରକାଶ କରିବା ସହ ୩ ଦିନ ମଧ୍ୟରେ ରିପୋର୍ଟ ଦେବାକୁ ରାଜ୍ୟ ପୁଲିସକୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଜାତୀୟ ମହିଳା କମିଶନ ଏହି ଘଟଣାରେ ନିଜଆଡୁ ଏକ ମାମଲା ରୁଜୁ କରିଛନ୍ତି। ଅନ୍ୟପକ୍ଷରେ ପୁଲିସ ଡ଼ିଜି ଯୋଗେଶ ବାହାଦୂର ଖୁରାନିଆ ଏହି ଘଟଣାର ତଦନ୍ତ ଦାୟିତ୍ୱ କ୍ରାଇମବ୍ରାଞ୍ଚକୁ ପ୍ରଦାନ କରିଛନ୍ତି। ଏହି ଗଣଦୁଷ୍କର୍ମ ଘଟଣାକୁ ରେଡ୍ ଫ୍ଲାଗ୍ ମାମଲା ଭାବରେ ଗ୍ରହଣ କରି ତୁରନ୍ତ ତଦନ୍ତ ନିମନ୍ତେ ଶ୍ରୀ ଖୁରାନିଆ ନିର୍ଦ୍ଦେଶ ଦେଇଛନ୍ତି। କ୍ରାଇମବ୍ରାଞ୍ଚ ଆଇଜି ଏସ୍.ସାଇନି ଏହି ଘଟଣାର ତଦନ୍ତ କରିବେ ବୋଲି ସୂଚନା ମିଳିଛି। ଅନ୍ୟପକ୍ଷରେ ବ୍ରହ୍ମପୁର ପୁଲିସ ଏହି ଘଟଣାରେ ୧୦ଜଣଙ୍କୁ ଗିରଫ କରିଥିବା ବ୍ରହ୍ମପୁର ପୁଲିସ ଏସ୍‌ପି ଶ୍ରବଣା ବିବେକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି।

ଗତ ରବିବାର ସନ୍ଧ୍ୟା ୬ଟା ସମୟରେ ବ୍ରହ୍ମପୁରରୁ ସମ୍ପୃକ୍ତ ଯୁବତୀ ଓ ତାଙ୍କର ବନ୍ଧୁ ଗୋପାଳପୁର ବେଳାଭୂମିକୁ ଯାଇଥିଲେ। ଗୋପାଳପୁର ପାନ୍ଥନିବାସ ପଛପଟେ ଥିବା ବେଳାଭୂମିରେ ୬.୩୦ମିନିଟ୍‌ରେ ପହଞ୍ଚିବା ପରେ ସେଠାରେ ନିରୋଳାରେ କିଛି ସମୟ ବିତାଇଥିଲେ। ରାତି ପ୍ରାୟ ୮ଟା ସମୟରେ ୧୦ଜଣ ଯୁବକ ପ୍ରେମୀ ଯୁଗଳଙ୍କ ▶ପୃଷ୍ଠା-୭

## ନବୀନଙ୍କ କ୍ଷୋଭ



**ଗଣଦୁଷ୍କର୍ମ ଖବର ଅତ୍ୟନ୍ତ ସ୍ପର୍ଶକାତର**

**ମହିଳାଙ୍କ ସୁରକ୍ଷା ଅଭାବ ଚିନ୍ତାଜନକ**

■ ଭୁବନେଶ୍ୱର, ୧୭।୬ (ସମିସ): ଗୋପାଳପୁରରେ ଜଣେ କଲେଜ ଛାତ୍ରୀଙ୍କୁ ଗଣଦୁଷ୍କର୍ମ ଘଟଣା ଓଡ଼ିଶାର ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳାର ସାଂଘାତିକ ସ୍ଥିତିକୁ ପଦାରେ ପକାଇ ଦେଇଛି। ଏପରି ସ୍ପର୍ଶକାତର ଘଟଣାକୁ ରାଜ୍ୟବାପୀ କଡ଼ା ନିନ୍ଦା କରାଯାଉଥିବା ବେଳେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ମଧ୍ୟ ଦୃଢ଼ ନିନ୍ଦା କରିଛନ୍ତି। ସାମାଜିକ ଗଣମାଧ୍ୟମ ଏକ୍ସରେ ଏନେଇ ପ୍ରତିକ୍ରିୟା ରଖି ରାଜ୍ୟରେ ମହିଳାମାନଙ୍କ ନିରାପତ୍ତା ଓ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ସରକାର କଠୋର ପଦକ୍ଷେପ ଗ୍ରହଣ କରିବାକୁ ଦାବି କରିଛନ୍ତି। ନବୀନ ▶ପୃଷ୍ଠା-୭

# ଡେଇଁଡେଇଁ ମାଡୁଛି ଡାଇରିଆ

## ଦିନକରେ ୫ ଜିଲ୍ଲାରେ ୩୦୦ ନୂଆ ଆକ୍ରାନ୍ତ

■ ଭୁବନେଶ୍ୱର/ଯାଜପୁର, ୧୭।୬ (ସମିସ): ଗତ ୬ ତାରିଖରୁ ଯାଜପୁରରେ ବ୍ୟାପିଥିବା ଡାଇରିଆ ଡେଇଁଡେଇଁ ମାଡୁଛି। ଦୈନିକ ସଂକ୍ରମଣ ନିୟନ୍ତ୍ରଣକୁ ଆସିବା ବଦଳରେ ବଢ଼ିଚାଲିଛି। ୧୨ ଦିନ ମଧ୍ୟରେ ରାଜ୍ୟର ବିଭିନ୍ନ ସ୍ଥାନରେ ୨୦ରୁ ଊର୍ଦ୍ଧ୍ୱ ଲୋକଙ୍କ ଜୀବନ ଯାଇଛି। ଯାଜପୁରରେ ହଇଜା ନିୟନ୍ତ୍ରଣ ହୋଇ ନ ଥିବାବେଳେ ଝାଡ଼ାବାନ୍ତି ୯ ଜିଲ୍ଲାକୁ ବ୍ୟାପିଛି। ଯାଜପୁର ପରେ କଟକ, କେନ୍ଦ୍ରାପଡ଼ା, ଭଦ୍ରକ, କେନ୍ଦୁଝର, ଢେଙ୍କାନାଳ, ପୁରୀ, ଖୋର୍ଦ୍ଧା ପରେ ଆଜି ବାଲେଶ୍ୱରକୁ ଡାଇରିଆ ମାଡ଼ିଗଲାଣି। ଯାଜପୁର ଜିଲ୍ଲାର କୋରେଇ, ବଡ଼ଚଣା, ଧର୍ମଶାଳାରେ ସ୍ଥିତିରେ ସାମାନ୍ୟ ଉନ୍ନତି ଘଟିଥିବାବେଳେ ଯାଜପୁର ଓ ବରୀ ବ୍ଲକରେ ଝାଡ଼ାବାନ୍ତି ଭୟଙ୍କର ରୂପ ନେଇଛି। ସୁକିନ୍ଦା ବ୍ଲକ କାଙ୍କଡ଼ପାଳ ପଞ୍ଚାୟତ ଗରାମିଆଁ ଗାଁରେ ଜଣଙ୍କର ମୃତ୍ୟୁ ଘଟିଛି। ଯାଜପୁରରୋଡ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଥିବା ରୋଗୀଙ୍କ ମଧ୍ୟରେ ଅର୍ଦ୍ଧାଧିକ ଶିଶୁ ରୋଗୀ ଥିବା ଜଣାପଡ଼ିଛି। ମଙ୍ଗଳବାର ▶ପୃଷ୍ଠା-୭

**ରାଜ୍ୟର ମୋଟ ୯ ଜିଲ୍ଲା ସଂକ୍ରମିତ**

**୧୨ ଦିନରେ ଗଡ଼ିଲାଣି ୨୦ ମୁଣ୍ଡ**

**୩୦ ଜିଲ୍ଲା ପାଇଁ ସତର୍କତା ଜାରି**



## ବାଲେଶ୍ୱରକୁ ଡେଇଁଲା

### ସିମୁଳିଆରେ ୩୦ ଆକ୍ରାନ୍ତ ମେଡିକାଲରେ ଭର୍ତ୍ତି

■ ବାଲେଶ୍ୱର/ସିମୁଳିଆ, ୧୭।୬ (ସମିସ): ବାଲେଶ୍ୱର ଜିଲ୍ଲାକୁ ବ୍ୟାପିଲାଣି ଝାଡ଼ାବାନ୍ତି। ଜିଲ୍ଲାର ସିମୁଳିଆ ବ୍ଲକର ବିଭିନ୍ନ ଅଞ୍ଚଳରୁ ପ୍ରାୟ ୩୦ରୁ ଅଧିକ ଲୋକ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ମାର୍କୋଣା, ଶ୍ୟାମସୁନ୍ଦରପୁର, କୁଅଁରପୁର, ମଇତାପୁର, ବରି ଆଦି ଗ୍ରାମରେ ଝାଡ଼ାବାନ୍ତି ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଉଛି। ସିମୁଳିଆ ମେଡିକାଲ ଅଫିସର ଅବିନାଶ ପତି କହିଛନ୍ତି ଯେ ଡାଇରିଆ ରୋଗୀରେ ମେଡିକାଲର ସମସ୍ତ ବେଡ୍ ଭର୍ତ୍ତି ହୋଇଗଲାଣି। ଗତକାଲିଠାରୁ ଆଜି ମଧ୍ୟରେ ୨୫ରୁ ଅଧିକ ରୋଗୀ ଭର୍ତ୍ତି ହୋଇଛନ୍ତି। ମେଡିକାଲ ପକ୍ଷରୁ ରୋଗୀମାନଙ୍କୁ ଓଆରଏସ ପର୍ଯ୍ୟାପ୍ତ ପରିମାଣରେ ପ୍ରଦାନ କରାଯାଉଛି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଆସିବା ପରେ ମେଡିକାଲ ଟିମ୍ ଝାଡ଼ାବାନ୍ତି ବ୍ୟାପିଥିବା ଗାଁକୁ ଯାଇ ସ୍ଥିତି ପରଖିବ।

## କେନ୍ଦ୍ରାପଡ଼ାରେ ୨୭ ଆକ୍ରାନ୍ତ

**ମେଡିକାଲ ବାରଣ୍ଡା ପାଲଟିଛି ହସ୍‌ପିଟାଲ ବେଡ୍**

■ କେନ୍ଦ୍ରାପଡ଼ା/ଡେରାବିଶ, ୧୭।୬ (ସମିସ): କେନ୍ଦ୍ରାପଡ଼ା ଜିଲ୍ଲାରେ ଝାଡ଼ାବାନ୍ତି ଆକ୍ରାନ୍ତଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ୨୭ ଜଣ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ଭର୍ତ୍ତି ହୋଇଛନ୍ତି। ଜିଲ୍ଲାର ୯ଟି ବ୍ଲକ ଓ ୨ ପୌରାଞ୍ଚଳରୁ ୨୭ ଜଣ ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବାବେଳେ ଜିଲ୍ଲା ବାହାର ମେଡିକାଲକୁ ଅନେକ ରୋଗୀ ଯାଇ ଚିକିତ୍ସିତ ହେଉଛନ୍ତି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଆନୁସଙ୍ଗିକ ଉପକରଣ ଓ ଷ୍ଟାଫଙ୍କ ଅଭାବରୁ ରୋଗୀ ଚିକିତ୍ସିତ ହୋଇପାରୁ ନ ଥିବା ଅଭିଯୋଗ ହୋଇଛି। ଅନେକ ରୋଗୀଙ୍କୁ କେବଳ ସାଲାଇନ ଓ ଇଞ୍ଜେକ୍ସନ ଦିଆଯାଇ କଟକ ବଡ଼ ମେଡିକାଲକୁ ରେଫର କରାଯାଇଛି। ଜିଲ୍ଲାର ଅନ୍ୟ ସ୍ଥାନ ଅପେକ୍ଷା କେବଳ ଡେରାବିଶରେ ୭ ଜଣ ଝାଡାବାନ୍ତି ଯୋଗୁଁ ▶ପୃଷ୍ଠା-୭

# ରାଜଧାନୀରେ ମଦମୃତ୍ୟୁ

## ବିଷାକ୍ତ ମଦ ପିଇ ୨ ମୃତ

● **ମଦ ଦୋକାନ ଆଗରେ ସ୍ଥାନୀୟ ବାସିନ୍ଦାଙ୍କ ବିକ୍ଷୋଭ**

● **ନମୁନା ସଂଗ୍ରହ ସହ ଦୋକାନ ସିଲ୍ କଲା ଅବକାରୀ ବିଭାଗ**

■ ଭୁବନେଶ୍ୱର, ୧୭।୬ (ସମିସ): ସରକାର ବର୍ଷପୂର୍ତ୍ତି ଉତ୍ସବ ପାଳନ କରୁଥିବାବେଳେ ରାଜଧାନୀରେ ବିଷାକ୍ତ ମଦ ପିଇ ୨ ଜଣଙ୍କ ମୃତ୍ୟୁ ଘଟିଛି। ଗତବର୍ଷ ଚିକିଟି ଅଞ୍ଚଳରେ ବିଷାକ୍ତ ମଦ ମୃତ୍ୟୁ ଘଟଣାର ତଦନ୍ତ ଏଯାଏ ଆରମ୍ଭ ହୋଇ ନ ଥିବାବେଳେ ଖୋଦ ରାଜଦାନୀରେ ବିଷାକ୍ତ ମଦ୍ୟପାନ ଜନିତ ମୃତ୍ୟୁ ସାଧାରଣରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଛି। କଟକ-ପୁରୀ ରୋଡର ଷ୍ଟେସନବଜାର ନିକଟରେ ଥିବା ଏକ ବିଦେଶୀ ମଦ ଦୋକାନରୁ ବିଷାକ୍ତ ମଦ ପିଇ ଲକ୍ଷ୍ମୀସାଗର ଉପର ସାହିର ୨ଜଣଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ମୃତ୍ୟୁବରଣ କରିଥିବା ଦୁଇ ଜଣ ଯୁବକ ହେଲେ ସନ୍ତୋଷ କୁମାର ପଟ୍ଟନାୟକ ଏବଂ ବିଶ୍ୱଜିତ ବେହେରା। ଏହି ବିଷାକ୍ତ ମଦ ପିଇବାରୁ ୨ଜଣ ଯୁବକଙ୍କ ମୃତ୍ୟୁ ଘଟିଥିବା ବେଳେ ୩ଜଣ ଗୁରୁତର ଭାବରେ ଡ଼ାକ୍ତରଖାନାରେ ଭର୍ତ୍ତି ହୋଇଥିବା ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳବାସୀ ମଦ ଦୋକାନ ଆଗରେ ହୋ ହାଲ୍ଲା କରିଥିଲେ। ଘଟଣା ସ୍ଥଳରେ ▶ପୃଷ୍ଠା-୭






# ଆଦିବାସୀ ନାବାଳିକାକୁ ଦୁଷ୍କର୍ମ, ହତ୍ୟା !

## ସଜନାଗଛରୁ ଝୁଲନ୍ତା ମୃତଦେହ ଉଦ୍ଧାର

## କେନ୍ଦୁଝରରେ ଆଲୋଡ଼ନ



■ କେନ୍ଦୁଝର, ୧୭।୬ (ସମିସ): ରାଜ୍ୟରେ ସୀମା ଟପିଛି ନାରୀ ବିରୋଧୀ ହିଂସା। ଦୈନିକ ରାଜ୍ୟରେ ହାରାହାରି ୧୫ ଦୁଷ୍କର୍ମ ଓ ଗଣଦୁଷ୍କର୍ମ ଘଟଣା ପଞ୍ଜିକୃତ ହେଉଛି। ଦିନକ ତଳେ ଗଞ୍ଜାମ ଜିଲ୍ଲାର ଗୋପାଳପୁରରେ ଗଣଦୁଷ୍କର୍ମ ସାରା ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିଥିବା ବେଳେ କେନ୍ଦୁଝର ଜିଲ୍ଲାରେ ଆଜି ଜଣେ ଆଦିବାସୀ ନାବାଳିକାକୁ ଦୁଷ୍କର୍ମ ପରେ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ହରିଚନ୍ଦନପୁର ବ୍ଲକ୍ ପଣ୍ଡାପଡ଼ା ଥାନା ଅଞ୍ଚଳରେ ଏକ ସଜନା ଗଛରେ ନାବାଳିକାର ଝୁଲନ୍ତା ଶବ ଉଦ୍ଧାର କରାଯାଇଛି। ଗଛରେ ଝୁଲୁଥିବା ନାବାଳିକାର ଶବ ପାଦ ତଳେ ଲାଗିଛି ଓ ପୋଷାକରେ ରକ୍ତସ୍ରାବର ଚିହ୍ନ ରହିଛି। ନିକଟରେ ବିଲରେ ଏକ ମସିଣା ଓ ଆଉ କିଛି ଲୁଗାପଟା ମଧ୍ୟ ପଡ଼ିଥିବା ଦେଖାଯାଇଛି। ରାତିରେ ଦୁର୍ବୃତ୍ତମାନେ ଦୁଷ୍କର୍ମ ପରେ ହତ୍ୟା କରି ଗଛରେ ଟାଙ୍ଗି ଦେଇଥିବା ଅଭିଯୋଗ ହୋଇଛି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତେଜନା ସୃଷ୍ଟି ହୋଇଛି।

ଦୁଷ୍କର୍ମ ଓ ହତ୍ୟା ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତମାନଙ୍କୁ ତୁରନ୍ତ ଧରିବାକୁ ଦାବିକରି ସ୍ଥାନୀୟ ଜନସାଧାରଣ ନୁଦୁରପଡ଼ା-କାଳିଆହତା ରାସ୍ତାକୁ ଅବରୋଧ କରିଛନ୍ତି। ଘଟଣାସ୍ଥଳରେ ପଣ୍ଡାପଡ଼ା ପୁଲିସ ପହଞ୍ଚି ଶବକୁ ବ୍ୟବଚ୍ଛେଦ ପାଇଁ ପଠାଇଛି। ଏହି ଘଟଣା ଦୁଷ୍କର୍ମ କି ନୁହେଁ ତାହା ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଜଣାପଡ଼ିବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି। କିନ୍ତୁ ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି ଯେ, ନାବାଳିକାକୁ ଦୁଷ୍କର୍ମ ପରେ ହତ୍ୟା କରାଯାଇଛି। ଅଭିଯୁକ୍ତମାନଙ୍କୁ ସୁରକ୍ଷା ଦେବା ପାଇଁ ପୁଲିସ ଏହାକୁ ଆତ୍ମହତ୍ୟା ରଙ୍ଗ ଦେବାକୁ ଉଦ୍ୟମ କରୁଥିବା ସେମାନେ ଅଭିଯୋଗ କରିଛନ୍ତି। ସେହିପରି ମୃତ ନାବାଳିକାର ପରିବାର ମଧ୍ୟ ତାଙ୍କ ଝିଅ ଆତ୍ମହତ୍ୟା କରିନାହିଁ, ତାକୁ ହତ୍ୟା କରାଯାଇଥିବା ଅଭିଯୋଗ କରିଛନ୍ତି। ଯେଉଁମାନେ ତାଙ୍କ ଝିଅର ଏପରି ଅବସ୍ଥା ପାଇଁ ଦାୟୀ, ସେମାନଙ୍କୁ ତୁରନ୍ତ ଧରି ଫାଶୀ ଦେବାକୁ ନାବାଳିକାଙ୍କ ପରିବାର ଦାବି କରିଛନ୍ତି।






## ପାଇଲଟ୍‌ଙ୍କ ଟ୍ରେନିଂ ରେକର୍ଡ ମାଗିଲା ଡିଜିସିଏ

ନୂଆଦିଲ୍ଲୀ, ୧୭ ।୬(ଏଜେନ୍ସି): ଭାରତର ଆଭିଏସନ ରେଗୁଲେଟର ଅର୍ଥାତ ବିମାନଗୁଡିକର ସୁରକ୍ଷା ଉପରେ ନଜର ରଖୁଥିବା ସଂସ୍ଥା ଭାବେ ଜଣାଶୁଣା ଥିବା ଡାଇରେକ୍ଟୋରେଟ୍ ଜେନେରାଲ ଅଫ୍ ସିଭିଲ ଏଭିଏସନ (ଡିଜିସିଏ) ଏବେ ଏକ ନୂଆ ପଦକ୍ଷେପ ନେବାକୁ ଏୟାର ଇଣ୍ଡିଆକୁ କହିଛି । ଅହମଦାବାଦ ବିମାନ ଦୁର୍ଘଟଣାରେ ଦୁଇ ପାଇଲଟ୍ ଓ ଫ୍ଲାଇଟ୍ ଡିସପାଚରଙ୍କ ଟ୍ରେନିଂ ରେକର୍ଡ ଡାଟା ଦେବାକୁ ଡିଜିସିଏ ଏୟାର ଇଣ୍ଡିଆକୁ ନିର୍ଦ୍ଦେଶ ଦେଇଛି । ବିମାନ ଉଡାଣର ଯୋଜନା କରୁଥିବା ବ୍ୟକ୍ତିଙ୍କୁ ଡିସ୍‌ପାଚର କୁହାଯାଇଥାଏ । ଏଥିସହ ପାଇଲଟ୍‌ଙ୍କ ଟ୍ରେନିଂ ଡିଟେଲ ସମେତ ସହାୟକ କାଗଜପତ୍ର ମଧ୍ୟ ମଗାଯାଇଛି । ଡିଜିସିଏ ମଧ୍ୟ ଏହି ବିମାନ ଦୁର୍ଘଟଣାର ତଦନ୍ତ କରୁଛି । ଏହି ବିମାନ ଦୁର୍ଘଟଣା ସଂକ୍ରାନ୍ତରେ ଜଣାଶୁଣା ନ୍ୟୁଜ ଏଜେନ୍ସି ରଏଟର୍ସ ଗୋପନୀୟ ମେମୋ ମିଳିଥିବା ଦାବି କରିଛି । ଏହାକୁ ଭିତ୍ତି କରି ଡିଜିସିଏ ଏହି ଟ୍ରେନିଂ ଡିଟେଲ ମାଗିଛି । ଏହି କ୍ରମରେ ପାଇଲଟ୍‌ମାନଙ୍କର ଟ୍ରେନିଂ, ଯୋଗ୍ୟତା, ଫ୍ଲାଇଟ୍ ହିଷ୍ଟ୍ରି, ମେଡିକାଲ ରେକର୍ଡ ଏବଂ ତାଙ୍କ ବିରୋଧରେ ପୂର୍ବରୁ ନିଆଯାଇଥିବା କାର୍ଯ୍ୟାନୁଷ୍ଠାନର ରେକର୍ଡକୁ ମଧ୍ୟ ଡିଜିସିଏ ମାଗିଛି । ଉଲ୍ଲେଖଥାଉ କି, ଏହି ବିମାନର କମାଣ୍ଡ ପାଇଲଟ୍ ସୁମିତ ସବରୱାଲଙ୍କର ୮, ୦୦୦ ଘଣ୍ଟା ବିମାନ ଉଡାଇବାର ଅଭିଜ୍ଞତା ରହିଥିଲା ଓ ସେ ମଧ୍ୟ ଇନଷ୍ଟ୍ରକ୍ଟର ରହିଥିଲେ । ତାଙ୍କ ସହ ପାଇଲଟ୍ କ୍ଲାଇଭ କୁନ୍ଦରଙ୍କର ୧, ୧୦୦ ଘଣ୍ଟା ବିମାନ ଚଳାଇବାର ଅଭିଜ୍ଞତା ରହିଥିଲା ।

## ଦୁର୍ଘଟଣା ସ୍ଥଳରୁ ମିଳିଲା ୮୦୦ ଗ୍ରାମ୍ ସୁନା, ୮୦ ହଜାର ଟଙ୍କା

ଅହମଦାବାଦ, ୧୭।୬(ଏଜେନ୍ସି): ଅହମଦାବାଦ ବିମାନ ଦୁର୍ଘଟଣା ସ୍ଥଳରୁ ୮୦ ତୋଲା ଅର୍ଥାତ ୮୦୦ ଗ୍ରାମ୍ ସୁନା, ୮୦ ହଜାର ନଗଦ ଟଙ୍କା, ଗୋଟିଏ ମୋବାଇଲ ଫୋନ୍, ଭଗବଦ ଗୀତା, ୯ଟି ପାସପୋର୍ଟ ଓ ଅନ୍ୟାନ ଜିନିଷ ମିଳିଛି । ଦୁର୍ଘଟଣା ସ୍ଥଳରେ ପହଞ୍ଚିବା ପରେ ରାଜେଶ ପଟେଲଙ୍କ କହିବା ଅନୁଯାୟୀ ବିମାନ ଧ୍ୱଂସାବଶେଷ ତଳୁ ଗୋଟିଏ ମୋବାଇଲ ଫୋନ, ଏକ ଲାପଟପ୍ ମିଳିଥିଲା । ଏହାକୁ ବାଦ୍ ଦେଲେ ସୁନାଗହଣା, ନଗଦ ଟଙ୍କା ଓ ପାସପୋର୍ଟ ମିଳିଥିଲା ବୋଲି ସେ କହିଛନ୍ତି । ଏହି ଜିନିଷଗୁଡିକ ସମେତ ୪-୫ଟି ବ୍ୟାଗଗୁଡିକୁ ମଧ୍ୟ ସରକାରୀ ଅଧିକାରୀଙ୍କ ନିକଟରେ ଦାଖଲ କରାଯାଇଛି । ଘଟଣାସ୍ଥଳରୁ ମିଳିଥିବା ଜିନିଷଗୁଡିକର ଡକ୍ୟୁମେଣ୍ଟେସନ ପ୍ରକ୍ରିୟା ଚାଲୁ ରହିଛି ଓ ଜିନିଷଗୁଡ଼ିକୁ ମୃତାହତ ଲୋକଙ୍କ ପରିବାର ଲୋକଙ୍କୁ ଫେରାଇ ଦିଆଯିବ ବୋଲି ଗୁଜରାଟ ଗୃହମନ୍ତ୍ରୀ ହର୍ଷ ସିଂଘବୀ କହିଛନ୍ତି । ଏଥାପରେ ଗତ ୧୨ରେ ତାରିଖରେ ଅହମଦାବାଦରୁ ଲଣ୍ଡନ ଯିବାକୁ ଯାତ୍ରା ଆରମ୍ଭ କରିଥିବା ଏଆଇ-୧୭୧ ବିମାନ (ବୋଇଂ ୭୮୭-୮ ଡ୍ରିମଲାଇନର) ଟେକ୍ ଅଫ୍ କରିବାର ମାତ୍ର କିଛି ସେକେଣ୍ଡ ମଧ୍ୟରେ ବିଜେ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲର ହଷ୍ଟେଲ ବିଲ୍ଡିଂ ଉପରେ ତଳକୁ ଖସିପଡ଼ି ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲା । ଏଥିରେ ୨୨୯ ଯାତ୍ରୀଙ୍କ ସମେତ ୧୦ କ୍ରୁ ଓ ୨ ପାଇଲଟଙ୍କ ମୃତ୍ୟୁବରଣ କରିଥିଲେ । ତେବେ ଜଣେ ଯାତ୍ରୀ ସୌଭାଗ୍ୟବଶତଃ ବର୍ତ୍ତିଯାଇଥିଲେ । ସେହିପରି ହଷ୍ଟେଲ୍‌ରେ ଥିବା ୩୪ ଜଣ ଲୋକ ମଧ୍ୟ ପ୍ରାଣ ହରାଇଥିଲେ । ଏମାନଙ୍କ ମଧ୍ୟ କେତେଜଣ ସ୍ଥାନୀୟ ଲୋକ ମଧ୍ୟ ସାମିଲ ଥିଲେ ।

ଅହମଦାବାଦ ବିମାନ ଦୁର୍ଘଟଣାର ନୂଆ ଭିଡିଓ

# ଦୁର୍ଘଟଣା ପୂର୍ବରୁ ଖୋଲିଥିଲା 'ରାଟ୍'

## ଉଭୟ ଇଞ୍ଜିନ ଫେଲ୍, ବିଦ୍ୟୁତ ପ୍ରବାହ ବନ୍ଦ ନା ହାଇଡ୍ରୋଲିକ ଫେଲ୍ ?

ନୂଆଦିଲ୍ଲୀ, ୧୭।୬ (ଏଜେନ୍ସି): ଗତ ୧୨ ତାରିଖରେ ଭାରତକୁ ସ୍ତବ୍ଧ କରି ଦେଇଥିବା ଅହମଦାବାଦ ବିମାନ ଦୁର୍ଘଟଣାରେ କ୍ରୁ ସଦସ୍ୟ ଏବଂ ଯାତ୍ରୀଙ୍କ ସମେତ ୨୭୫ ଜଣଙ୍କ ଜୀବନ ଯାଇଛି । ଏହା ଭାରତର ସବୁଠୁ ହୃଦୟ ବିଦାରକ ବିମାନ ଦୁର୍ଘଟଣା ଥିଲା । ତେବେ ଏ ପର୍ଯ୍ୟନ୍ତ ଏହି ଦୁର୍ଘଟଣାର କାରଣ ଜଣାପଡ଼ି ନାହିଁ । ଦୁର୍ଘଟଣା କାହିଁକି ଘଟିଲା? ଉଡ଼ାଣର ୩୨ ସେକେଣ୍ଡ ମଧ୍ୟରେ କାହିଁକି ବିମାନ ଉପରକୁ ନ ଉଠି ଖସି ପଡ଼ିଲା ତାହା ଜାଣିବା ପାଇଁ ଯାଞ୍ଚ ଜାରି ରହିଛି । ୯ଟି ଜାତୀୟ ଏବଂ ଅନ୍ତର୍ଜାତୀୟ ଏଜେନ୍ସି ମାମଲାର ତଦନ୍ତ କରୁଛନ୍ତି । ଏପରି ବିମାନ ଦୁର୍ଘଟଣାଗ୍ରସ୍ତ ହେବା ପୂର୍ବର ଏକ ଭିଡିଓ ସାମ୍ନାକୁ ଆସିଛି । ଜଣେ କିଶୋର ୧୯ ସେକେଣ୍ଡର ଭିଡିଓ ରେକର୍ଡ କିରିଛି । ଏହା ଯାଞ୍ଚରେ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହେବ ବୋଲି କୁହାଯାଉଛି । କାରଣ ଏହି ଭିଡିଓରେ ବିମାନରେ କିଛି ଅଜବ ଦୃଶ୍ୟ ଦେଖିବାକୁ ମିଳୁଛି । ଦୁର୍ଘଟଣାଗ୍ରସ୍ତ ହେବା ପୂର୍ବରୁ ବୋଇଂ ଡ୍ରିମଲାଇନର ୭୮୭-୮ରୁ ରାମ ଏୟାର ଟର୍ବାଇନ (ରାଟ୍) ବାହାରିଥିବା ଦେଖାଯାଉଛି । ସ୍ୱୟଂଚାଳିତ ଭାବେ ମୁତୟନ ହେଉଥିବା ଏହା ଏକ କ୍ଷୁଦ୍ର ପ୍ରୋପେଲର ଡିଭାଇସ । ଜରୁରୀକାଳୀନ ସ୍ଥିତି ସୃଷ୍ଟି ହେଲେ ହିଁ ଏହା ବାହାରକୁ ବାହାରିଥାଏ । ଏହା ତିନୋଟି କାରଣକୁ ସଙ୍କେତ ଦେଉଛି । ବିମାନର ଦୁଇଟି ଯାକ ଇଞ୍ଜିନ ଫେଲ୍ ହୋଇଥାଇପାରେ, ସମ୍ପୂର୍ଣ୍ଣ ବିଦ୍ୟୁତ୍ ଯୋଗାଣ କଟି ଯାଇଥାଇପାରେ କିମ୍ବା ହାଇଡ୍ରୋଲିକ୍ ଖରାପ ହୋଇଥାଇପାରେ ।




ନୂଆ ଭିଡିଓରୁ ବିମାନର ଶବ୍ଦ ଏବଂ ଦୃଶ୍ୟ ସ୍ପଷ୍ଟ ଭାବେ ଦେଖିବାକୁ ମିଳୁଛି । ବିମାନର ଇଞ୍ଜିନରୁ ଶବ୍ଦ ବାହାରୁ ନ ଥିବାବେଳେ ରାଟ୍ ତୀବ୍ର ଗର୍ଜନ କରୁଛି । ଏହା ସ୍ୱୟଂଚାଳିତ ଭାବେ ବାହାରକୁ ଆସୁଥିବା ସ୍ପଷ୍ଟ ଦେଖାଯାଉଛି । ଏହି ସମୟରେ ବିମାନ ନିର୍ଦ୍ଧାରିତ ଉଚ୍ଚତାକୁ ଯିବା ପାଇଁ ସଂଘର୍ଷ କରୁଛି ଏବଂ ପରେ ତଳକୁ ଖସି ଆସୁଛି । ରାଟ୍ ପବନକୁ ବ୍ୟବହାର କରି ଜରୁରୀକାଳୀନ ସ୍ଥିତିରେ ବିଦ୍ୟୁତ ଶକ୍ତି ସୃଷ୍ଟି କରିଥାଏ । ବିମାନ ଦୁର୍ଘଟଣାକୁ ନେଇ ଭାରତୀୟ ବାୟୁସେନାର ଗ୍ରୁପ୍ କ୍ୟାପ୍ଟେନ ପଦରୁ ଅବସରଗ୍ରହଣ କରିଥିବା ତଥା ଏବେ ଭିଭିଆଇପିଙ୍କ ବିମାନ ଉଡ଼ାଣରେ ସାମିଲ ଗ୍ରୁପ୍ କ୍ୟାପ୍ଟେନ ମୋହିତ ଚତୁର୍ବେଦୀ କହିଛନ୍ତି ଯେ ବିମାନ ଦୁର୍ଘଟଣାର ୩ ସେକେଣ୍ଡ ପୂର୍ବରୁ ସେ ଅଜବ ଦୃଶ୍ୟ ଦେଖିବାକୁ ପାଇଛନ୍ତି । ରାଟ୍ ବାହାରକୁ ଆସିଯାଉଥିବା ଦେଖାଯାଉଛି । ଏହା ବିମାନର ସବୁ ଇଞ୍ଜିନ ଫେଲ୍ ହୋଇଥିବାକୁ ଦର୍ଶାଉଛି । ବିମାନର ସବୁ ସିଷ୍ଟମ ଫେଲ୍ ହୋଇଗଲା ପରେ ଯାଇ କ୍ରାସ ଲାଣ୍ଡିଂ ହୋଇଥାଏ । ସେ କହିଛନ୍ତି ଯେ ବାଣିଜ୍ୟିକ ବିମାନରେ ଶକ୍ତି ପାଇଁ ଦୁଇଟି ଇଲେକ୍ଟ୍ରିକ ଜେନେରେଟର ରହିଥାଏ । ଏହାକୁ ଇଣ୍ଟିଗ୍ରେଟେଡ ଡ୍ରାଇଭ ଜେନେରେଟର (ଆଇଡିଜି) କୁହାଯାଇଥାଏ । ତୃତୀୟ ଜେନେରେଟର ବିମାନର ପଛ ଭାଗ ଟେଲ୍ (ଲାଞ୍ଜ) ରେ ଲାଗିଥାଏ । ଏହାକୁ ଅକ୍ସିଲାରି ପାୱାର ୟୁନିଟ (ଏପିୟୁ) କୁହାଯାଏ । ଯଦି ଦୁଇଟି ମୁଖ୍ୟ ଦୁଇଟି ଜେନେରେଟର ଖରାପ ହୋଇଯାଏ ତେବେ ଏପିୟୁ ଚାଲୁ ହୋଇଥାଏ । ଯଦି ଏହି ତିନୋଟି ମଧ୍ୟରୁ କୌଣସି ଗୋଟିଏ ଜେନେରେଟର ବି ଚାଲେ ତେବେ ବିମାନକୁ ବିଦ୍ୟୁତ ଶକ୍ତି ମିଳିପାରିବ । ଯଦି ତିନୋଟି ଯାକ ଜେନେରେଟର ଖରାପ ହୋଇଯାଏ ତେବେ ବି ଜୀବନ ବଞ୍ଚିବାର ସମ୍ଭାବନା ରହିଛି । କାରଣ ସବୁ ଇଞ୍ଜିନରେ ବ୍ୟାକ୍‌ଅପ୍ ଜେନେରେଟର ରହିଥାଏ । ଏହା ବିମାନକୁ ଅଲଟରନେଟିଂ କରେଣ୍ଟ ଦେଇଥାଏ । ଏହା ଦ୍ୱାରା ଇଞ୍ଜିନ ଚାଲିଥାଏ ।

ବିମାନରେ ସମସ୍ତ ପ୍ରକାରର ଶକ୍ତି ପରିଚାଳନା ପାଇଁ, ଏକ କମ୍ପ୍ୟୁଟର-ଆଧାରିତ ବୈଦ୍ୟୁତିକ ଲୋଡ୍ ମ୍ୟାନେଜମେଣ୍ଟ ସିଷ୍ଟମ୍ (ଇଏଲଏମଏସ) ରହିଛି । ଏହା କେଉଁ ସମୟରେ କେଉଁ ଜେନେରେଟର ଚାଲୁ ଚାଲୁ କରାଯିବ ତାହାର ନିଷ୍ପତ୍ତି ନେଇଥାଏ । କିନ୍ତୁ ଯଦି ଦୁର୍ଭାଗ୍ୟବଶତଃ ତିନୋଟି ମୁଖ୍ୟ ଜେନେରେଟର ଏବଂ ଦୁଇଟି ବ୍ୟାକଅପ୍ ଜେନେରେଟର ମଧ୍ୟ କାମ କରିବା ବନ୍ଦ କରିଦିଏ ତେବେ ସମ୍ପୂର୍ଣ୍ଣ ଭାର ବିମାନର ଦୁଇଟି ସ୍ଥାୟୀ ଚୁମ୍ବକୀୟ ଜେନେରେଟର (ପିଏମଜି) ଉପରେ ପଡ଼ିବ । ଏହା ଚକଗୁଡ଼ିକର ଗତି ସହିତ ଛୋଟ ହେଡଲାଇଟକୁ ଆଲୋକିତ କରିଥାଏ । ଯଦି ପିଏମ୍ଜି ବିଫଳ ହୋଇଯାଏ ତେବେ ରାଟ୍ ଶେଷ ବିକଳ୍ପ ହୋଇଥାଏ । ବିମାନର ଲ୍ୟାଣ୍ଡିଂ ଗିୟରର ଟିକେ ପଛରେ ଏହା ଲାଗିଥାଏ । ପବନକୁ ଉପଯୋଗ କରି ଏହା ବିଦ୍ୟୁତ ଶକ୍ତି ପ୍ରସ୍ତୁତ କରିଥାଏ । ଯଦି ସମସ୍ତ ସିଷ୍ଟମ୍ ବିଫଳ ହୁଏ ତେବେ ରାଟ ସ୍ୱୟଂଚାଳିତ ଭାବରେ ବାହାରକୁ ଆସିଥାଏ । ଏହା ଶକ୍ତି ଉତ୍ପାଦନ କରି ସିଷ୍ଟମକୁ ପଠାଏ । କିନ୍ତୁ ଯଦି କୌଣସି କାରଣରୁ ରାଟ ସିଷ୍ଟମ୍ ମଧ୍ୟ ବିଫଳ ହୁଏ ତେବେ ବିମାନକୁ ଦୁର୍ଘଟଣାରୁ ରକ୍ଷା କରିବାର କୌଣସି ବିକଳ୍ପ ବାକି ନଥାଏ । ଅହମଦାବାଦରେ ଦୁର୍ଘଟଣାଗ୍ରସ୍ତ ହୋଇଥିବା ବିମାନରୁ ରାଟ୍ ବାହାରୁଥିବା ଦେଖାଯାଉଛି । ଏହା ଉଡ଼ାଣ ସମୟରେ ସବୁ ଜେନେରେଟର ଫେଲ ହୋଇଥିବାକୁ ଦର୍ଶାଉଛି । ତେବେ ଫ୍ଲାଇଟ ଡାଟା ରେକର୍ଡର ଯାଞ୍ଚରୁ ଏ ନେଇ ଅଧିକ ସୂଚନା ମିଳିପାରିବ । ସେହିପରି ପକ୍ଷୀ ମାଡ଼ ହେବା ଯୋଗୁଁ ଏଭଳି ଦୁର୍ଘଟଣା ଘଟିବ ନାହିଁ ବୋଲି ବିଶେଷଜ୍ଞ କ୍ୟାପ୍ଟେନ ଏହସାନ ଖଲିଦ କହିଛନ୍ତି ।

## ହଷ୍ଟେଲରୁ ଡେଇଁଥିଲେ ଛାତ୍ର



ଅହମଦାବାଦ, ୧୭।୬ (ଏଜେନ୍ସି): ବିମାନ ଦୁର୍ଘଟଣା ସମୟର ଏକ ନୂଆ ଭିଡିଓ ସାମ୍ନାକୁ ଆସିଛି । ଏହି ଭିଡିଓରେ ମେଡିକାଲ କଲେଜ ଛାତ୍ରମାନେ ହଷ୍ଟେଲ କୋଠାର ତୃତୀୟ ଏବଂ ଚତୁର୍ଥ ମହଲାରୁ ଡେଉଁଥିବା ଦେଖାଯାଉଛି । ଏୟାର ଇଣ୍ଡିଆ ବିମାନ ମେସ୍ କୋଠା ସହିତ ଧକ୍କା ଖାଇଥିଲା । ମେସ୍ ଚାରିପାଖରେ ଥିବା ହଷ୍ଟେଲ କୋଠା ଉପରେ ଏହାର ପ୍ରଭାବ ପଡ଼ିଥିଲା । ଅନେକ ହଷ୍ଟେଲ କୋଠାରେ ନିଆଁ ଲାଗିଯାଇଥିଲା । ଭିଡିଓରେ ଦେଖାଯାଉଛି ଯେ ଯେଉଁ କୋଠାର ବାଲକୋନିରୁ ଛାତ୍ରମାନେ ତଳକୁ ଓହ୍ଲାଇବାକୁ ଚେଷ୍ଟା କରୁଛନ୍ତି, ସେହି କୋଠାର ଉଭୟ ପାର୍ଶ୍ୱରେ ନିଆଁ ଲାଗିଛି । ଛାତ୍ରମାନେ ଚାଦର ସାହାଯ୍ୟରେ ଚତୁର୍ଥ ମହଲାରୁ ତୃତୀୟ ମହଲାକୁ ଓହ୍ଲାଇବାକୁ ଚେଷ୍ଟା କରୁଛନ୍ତି ।

କର୍ଣ୍ଣାଟକରେ ମୁକ୍ତିଲାଭ କରିବ 'ଠଗ୍ ଅଫ୍ ଲାଇଫ୍'

# କର୍ଣ୍ଣାଟକ ସରକାରଙ୍କୁ ସୁପ୍ରିମକୋର୍ଟଙ୍କ ଭର୍ତ୍ସନା

ନୂଆଦିଲ୍ଲୀ, ୧୭ ।୬(ଏଜେନ୍ସି): ବର୍ଷିଆନ ତାମିଲ ଅଭିନେତା କମଲ ହାସନଙ୍କ ସିନେମା 'ଠଗ୍ ଅଫ୍ ଲାଇଫ୍'କୁ କର୍ଣ୍ଣାଟକରେ ମୁକ୍ତିଲାଭ ହୋଇପାରି ନାହିଁ । ଏଥିପାଇଁ ସୁପ୍ରିମକୋର୍ଟ କର୍ଣ୍ଣାଟକ ସରକାରକୁ ଭର୍ତ୍ସନା କରିବା ସହ ଅସନ୍ତୋଷ ଜାହିର କରିଛନ୍ତି । କୌଣସି ଲୋକଙ୍କ ମୁଣ୍ଡରେ ବନ୍ଧୁକ ରଖି ଫିଲ୍ମ ଦେଖିବାକୁ ବାରଣ କରାଯାଇ ପାରିବ ନାହିଁ ବୋଲି ସୁପ୍ରିମ୍‌କୋର୍ଟ କହିଛନ୍ତି । ଫଳରେ କର୍ଣ୍ଣାଟକରେ ଏହି ସିନେମା ମୁକ୍ତିଲାଭ କରିବା ନେଇ ସ୍ଥିତ ସ୍ପଷ୍ଟ ହୋଇଛି । କନ୍ନଡ ଭାଷା ନେଇ କମଲ ହାସନ ଦେଇଥିବା ବିବାଦୀୟ ମନ୍ତବ୍ୟ କାରଣରୁ ଏହି ସିନେମାକୁ କର୍ଣ୍ଣାଟକରେ ରିଲିଜ କରାଯାଇନାହିଁ । ବିଚାରପତି ଉଜ୍ଜଳ ଭୂୟାଁ ଓ ମନୋହନଙ୍କୁ ନେଇ ଗଠିତ ଖଣ୍ଡପୀଠ ଏ ସଂକ୍ରାନ୍ତରେ କର୍ଣ୍ଣାଟକ ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି । ଯେତେବେଳେ କୌଣସି ସିନେମାକୁ ସେନସରବୋର୍ଡଠାରୁ ପ୍ରମାଣପତ୍ର ମିଳିଛି, ସେସେବେଳେ ଏହାକୁ ଦେଶରେ କୌଣସି ସ୍ଥାନରେ ମୁକ୍ତିଲାଭ କରାଇବାରେ କୌଣସି ଅସୁବିଧା ନାହିଁ ବୋଲି ସୁପ୍ରିମ କୋର୍ଟ କହିଛନ୍ତି । ତେଣୁ ଏହି ସିନେମାକୁ କର୍ଣ୍ଣାଟକରେ ରିଲିଜ କରାଇବାକୁ ସରକାରଙ୍କୁ ସବୁ ବ୍ୟବସ୍ଥା ଅପଣାଇବାର ଥିଲା । ସିନେମାର ରିଲିଜ୍ ନେଇ ସ୍ଥିତି ସ୍ପଷ୍ଟ କରିବାକୁ ସରକାରଙ୍କୁ କୋର୍ଟ ଗୋଟିଏ ଦିନ ସମୟ ଦେଇଛନ୍ତି । ପୂର୍ବରୁ କମଲ ଯେପର୍ଯ୍ୟନ୍ତ କ୍ଷମା ମାଗି ନାହାନ୍ତି, ସେପର୍ଯ୍ୟନ୍ତ ସିନେମାକୁ ରିଲିଜ କରାଯିବ ନାହିଁ ବୋଲି କର୍ଣ୍ଣାଟକ ଫିଲ୍ମ ଚାମ୍ବର୍ସ ଅଫ୍ କମର୍ସ (କେଏଫ୍‌ସିସି) କହିଥିଲା । ଏ ନେଇ ସୁପ୍ରିମକୋର୍ଟ ରାଜ୍ୟ ସରକାରଙ୍କଠାରୁ ଜବାବ ମାଗିଛି । ସୁପ୍ରିମକୋର୍ଟ ଏହି ମାମଲାକୁ ନିଜ ଆଡକୁ ସ୍ଥାନାନ୍ତର କରିଛନ୍ତି । ଏ ନେଇ ପରବର୍ତ୍ତୀ ଶୁଣାଣି ଜୁନ୍ ୧୯ରେ ହେବ । ଉଲ୍ଲେଖଥାଉ କି, କନ୍ନଡ ତାମିଲ ଭାଷାରୁ ସୃଷ୍ଟି ହୋଇଛି ବୋଲି କହି କମଲ ବିବାଦ ସୃଷ୍ଟି କରିଥିଲେ ।



## ବିବାହର ୩୬ ଦିନ ପରେ ସ୍ୱାମୀଙ୍କୁ ହତ୍ୟା

ରାଞ୍ଚି, ୧୭।୬ (ଏଜେନ୍ସି): ହନିମୁନ ହତ୍ୟାକାଣ୍ଡ ମାମଲା ମନରୁ ଯାଇ ନ ଥିବାବେଳେ ଝାଡ଼ଖଣ୍ଡ ଗରୱା ଜିଲ୍ଲା ବୋହୁକୁନ୍ଦର ଗ୍ରାମରୁ ଏଭଳି ଏକ ମାମଲା ସାମ୍ନାକୁ ଆସିଛି । ପୁଣି ଏକ ନିରୀହର ଜୀବନ ଯାଇଛି । ବିବାହର ୩୬ ଦିନ ପରେ ସ୍ୱାମୀଙ୍କୁ ବିଷ ଦେଇ ସ୍ତ୍ରୀ ହତ୍ୟା କରିଛି । ଏହି ମାମଲାରେ ପୁଲିସ ସ୍ତ୍ରୀ ସୁନିତାଙ୍କୁ ସୋମବାର ସନ୍ଧ୍ୟାରେ ଗିରଫ କରିଛି । ଏବେ ସେ ନ୍ୟାୟିକ ହେପାଜତରେ ଅଛନ୍ତି । ପୀଡ଼ିତ ବୁଦ୍ଧନାଥ ସିଂହଙ୍କ ମାଆ ବୋହୂ ବିରୋଧରେ ହତ୍ୟା ନେଇ ଏତଲା ଦେବା ପରେ ଏହା ସାମ୍ନାକୁ ଆସିଥିଲା ।

ସୂଚନା ଅନୁଯାୟୀ ଛତିଶଗଡ଼ ରାମଚନ୍ଦ୍ରପୁର ଥାନା ଅଞ୍ଚଳର ରଘୁନାଥ ସିଂହଙ୍କ କନ୍ୟା ସୁନିତାଙ୍କୁ ମେ' ୧୧ ତାରିଖରେ ବୁଦ୍ଧନାଥ ବିବାହ କରିଥିଲେ । କିନ୍ତୁ ବିବାହର ଦିନକ ପରେ ସମସ୍ୟା ସୃଷ୍ଟି ହୋଇଥିଲା । ବୋହୂ ଶଶୁର ଘରେ ନ ରହି ବାପଘରକୁ ଚାଲି ଯାଇଥିଲା । ସେ ବିବାହରେ ଖୁସି ନ ଥିବା କହିଥିଲେ । ବୁଦ୍ଧନାଥଙ୍କୁ ପସନ୍ଦ କରୁ ନାହାନ୍ତି । ତେଣୁ ତାଙ୍କ ସହ ରହିବେ ନାହିଁ ବୋଲି କହିଥିଲେ । ତେବେ ପରିବାର ସଦସ୍ୟ ଏବଂ ପଞ୍ଚାୟତ ବସି ବୁଝାସୁଝା କରିବାରୁ ଗତ ୫ ତାରିଖରେ ବୁଦ୍ଧନାଥଙ୍କ ସହ ସୁନିତା ଘରକୁ ଫେରିଥିଲେ । ଗତ ୧୪ ତାରିଖରେ ଦମ୍ପତି ଦମ୍ପତି ଛତିଶଗଡ଼ର ରାମନୁଜଗଞ୍ଜ ବୁଲିବାକୁ ଯାଇଥିଲେ । ଏହି ସମୟରେ କ୍ଷେତରେ ପକାଇବାକୁ ପାଇଁ କୀଟନାଶକ ଆଣିବାକୁ ସ୍ୱାମୀଙ୍କୁ କହିଥିଲେ । ଏହାର ଦିନକ ପରେ ଗତ ୧୫ ତାରିଖରେ ରାତିରେ ସୁନିତା ଖାଦ୍ୟରେ କୀଟନାଶକ ମିଶାଇ ସ୍ୱାମୀଙ୍କୁ ଖାଇବାକୁ ଦେଇଥିଲେ । ତା ପରଦିନ ସକାଳକୁ ବୁଦ୍ଧନାଥଙ୍କ ମୃତ୍ୟୁ ହୋଇଥିଲା । ବ୍ୟବଚ୍ଛେଦ ରିପୋର୍ଟରୁ ମଧ୍ୟ ବିଷ ମାମଲା ସାମ୍ନାକୁ ଆସିଥିଲା ।

## ସିନ୍ଧୁ ଚୁକ୍ତି: ପାକିସ୍ତାନରେ ଚେନାବ ନଦୀର ଜଳସ୍ତର ୯୨% ହ୍ରାସ

ନୂଆଦିଲ୍ଲୀ, ୧୭ ।୬(ଏଜେନ୍ସି): ପହଲଗାମ ଆତଙ୍କବାଦୀ ଆକ୍ରମଣର ଦୁଇ ଦିନ ପରେ ଅର୍ଥାତ ଏପ୍ରିଲ ୨୪ରେ ପାକିସ୍ତାନ ସହ ହୋଇଥିବା ସିନ୍ଧୁ ଚୁକ୍ତିକୁ ଭାରତ ସ୍ଥଗିତ ରଖିଥିଲା । ଏବେ ଏହାର ଜବରଦସ୍ତ ପ୍ରଭାବ ପାକିସ୍ତାନରେ ଦେଖିବାକୁ ମିଳିଛି । ପାକିସ୍ତାନରେ ଚେନାବ ନଦୀର ଜଳ ପ୍ରବାହରେ ୯୨ ପ୍ରତିଶତ ହ୍ରାସ ପାଇଛି । ଗତ ମେ ୨୯ ରେ ନଦୀରେ ଜଳ ପ୍ରବାହ ୯୮ ହଜାର ୨୦୦ କ୍ୟୁସେକ ଥିଲା । ଏବେ ଏଥିରେ ଅବନତୀ ହୋଇଛି ଏହା ଏବେ ୭୨୦୦ କ୍ୟୁସେକ୍‌ରେ ପହଞ୍ଚିଛି । ଜଳସ୍ତର ଏବେ ୩୦୦୦ କ୍ୟୁସେକ ଅର୍ଥାତ 'ଡେଡ୍ ଲେବଲ' ତଳକୁ ଯିବାର ଆଶଙ୍କା ସୃଷ୍ଟି ହୋଇଛି । ପାକିସ୍ତାନର ଦୁଇ ରାଜ୍ୟ ପଞ୍ଜାବ ଓ ସିନ୍ଧ୍‌ର ୬.୫ କୋଟି କୃଷକ ଜଳସେଚନ ନାଇଁ ଚେନାବ ଉପରେ ନିର୍ଭର କରିଥାନ୍ତି । ଜଳସ୍ତର କମିଥିବାରୁ ଏବେ ୪୦ ପ୍ରତିଶତର ଅଧିକ ଫସଲ ନଷ୍ଟ ହେବାର ଆଶଙ୍କା ସୃଷ୍ଟି ହୋଇଛି । ସିନ୍ଧୁ ନଦୀ ଉପରେ ନିର୍ମିତ ତାରବେଲ ବନ୍ଧ ଓ ଝେଲମ ନଦୀ ଉପରେ ନିର୍ମିତ ମଙ୍ଗଲା ବନ୍ଧରେ ଜଳସ୍ତରରେ ବହୁତ ଅବନତୀ ହୋଇଛି । ଏହାକୁ ପାକିସ୍ତାନର କୃଷି ମନ୍ତ୍ରଣାଳୟ ମଧ୍ୟ ସ୍ୱୀକାର କରିଛି । ଇତିହାସରେ ଏଥର ଖରିପ ଫସଲ ଅମଳ ସବୁଠାରୁ ଖରାବ ହେବ ବୋଲି ଅନୁମାନ କରାଯାଉଛି । ଏପର୍ଯ୍ୟନ୍ତ ଏହି ଘଟଣାକ୍ରମରେ ପାକିସ୍ତାନରେ ୨୨୦୦ ଶହ କୋଟି ଟଙ୍କାର କ୍ଷତି ହୋଇଛି ବୋଲି କୁହାଯାଇଛି । ପୂର୍ବରୁ ପାକିସ୍ତାନ ଭାରତକୁ ୪ଥର ଚିଠି ଲେଖି ପାଣି ଦେବାକୁ ଅନୁରୋଧ କରିସାରିଛି ।

## ୟୁକ୍ରେନର ୨୭ ଠିକଣାରେ ରୁଷ୍ ଆକ୍ରମଣ: ୧୫ ମୃତ

ମସ୍କୋ, ୧୭।୬ (ଏଜେନ୍ସି): ୟୁକ୍ରେନ ରାଜଧାନୀ କିଭ୍ ଉପରେ ରୁଷ୍ ଜୋରଦାର ଆକ୍ରମଣ କରିଛି । ମଙ୍ଗଳବାର ସକାଳେ ଅନେକ ଡ୍ରୋନ୍ ଏବଂ କ୍ଷେପଣାସ୍ତ୍ର ମାଡ଼ କରିଛି । ଏଥିରେ ୧୪ ଜଣଙ୍କ ମୃତ୍ୟୁ ହୋଇଛି । ୪୪ ଜଣ ଆହତ ହୋଇଛନ୍ତି ବୋଲି ୟୁକ୍ରେନ ଗୃହ ମନ୍ତ୍ରାଳୟ ପକ୍ଷରୁ କୁହାଯାଇଛି । ୟୁକ୍ରେନ ଗୃହମନ୍ତ୍ରୀ ଇହୋର କ୍ଲିମେଂକୋ କହିଛନ୍ତି ଯେ କିଭ୍‌ର ୨୭ ସ୍ଥାନରେ ଆକ୍ରମଣ କରାଯାଇଛି । ଏଥିରେ ଜନବହୁଳ କୋଠା, ସ୍କୁଲ୍ ଏବଂ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି କ୍ଷତିଗ୍ରସ୍ତ ହୋଇଛି । ୨୦୨୨ ଫେବୃଆରୀ ୨୪ରୁ ଆରମ୍ଭ ହୋଇଥିବା ଯୁଦ୍ଧ ପରେ ଏହା ସବୁଠାରୁ ବଡ଼ ଆକ୍ରମଣ ଥିଲା ବୋଲି କୁହାଯାଇଛି । ଏହା ପରେ କିଭ୍‌ରେ ୭ ଘଣ୍ଟାରୁ ଅଧିକ ସମୟ ପର୍ଯ୍ୟନ୍ତ ଆକ୍ରମଣ ପାଇଁ ଚେତାବନୀ ଜାରି ହୋଇଥିଲା ।

## ଜୁଲାଇ ୧ରୁ ଅମରନାଥ ଯାତ୍ରା ମାର୍ଗରେ ନୋ ଫ୍ଲାଇଂ ଜୋନ୍

ନୂଆଦିଲ୍ଲୀ, ୧୭ ।୬(ଏଜେନ୍ସି): ଅମରନାଥ ଯାତ୍ରାର ନିରାପତ୍ତା ତଥା ସୁରକ୍ଷା ବ୍ୟବସ୍ଥାକୁ ଆହୁରି କଡ଼ାକଡ଼ି କରାଯାଇଛି । ଏହି କ୍ରମରେ ଜମ୍ମୁ- କଶ୍ମୀର ସରକାର ପୂରା ଯାତ୍ରା ମାର୍ଗକୁ 'ନୋ ଫ୍ଲାଇଂ ଜୋନ୍' ଭାବେ ଘୋଷିତ କରିଛନ୍ତି । ପହଲଗାମ ଆତଙ୍କବାଦୀ ଆକ୍ରମଣକୁ ଦୃଷ୍ଟିରେ ରଖି ଏହି ପଦକ୍ଷେପ ନିଆଯାଇଛି ବୋଲି କୁହାଯାଇଛି । ଜୁଲାଇ ୧ରୁ ୧୦ ଅଗଷ୍ଟ ପର୍ଯ୍ୟନ୍ତ ଏହା ବଳବତ୍ତର ରହିବ । ଏହି ଯାତ୍ରା ଜୁଲାଇ ୩ରୁ ଆରମ୍ଭ ହୋଇ ଅଗଷ୍ଟ ୯ ପର୍ଯ୍ୟନ୍ତ ଚାଲିବ । ଏହିକ୍ରମରେ ଯାତ୍ରାପଥରେ ଡ୍ରୋନ୍, ୟୁଏଭି, ବେଲୁନ୍ ଉଡାଇବାକୁ ବାରଣ କରାଯାଇଛି । ତେବେ ଏହି ନିୟମ୍ ସ୍ୱାସ୍ଥ୍ୟଗତ କାର୍ଯ୍ୟକ୍ରମ, ଆପାଦକାଳୀନ ସ୍ଥିତି ଓ ନିରାପତ୍ତାରକ୍ଷୀଙ୍କ ପାଇଁ କୋହଳ କରାଯିବ । ଏଥିପାଇଁ ଭିନ୍ନ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରସିଡୋର (ଏସ୍‌ଓପି) ଖୁବ୍‌ଶୀଘ୍ର ଜାରି କରାଯିବ ବୋଲି ସରକାରଙ୍କ ତରଫରୁ କୁହାଯାଇଛି । ଏହି ଯାତ୍ର ପହଲଗାମ ଓ ବାଲଟାଲ ପଥରେ ଦେଇ ଯିବାକୁ ହୋଇଥାଏ ।

ଆର୍ମେନିଆ ଦେଇ ଫେରୁଛନ୍ତି ଭାରତୀୟ ଛାତ୍ର

# ଇରାନରେ ଫସିଛନ୍ତି ୟୁପିର ହଜାରେ ନାଗରିକ

ତେହରାନ, ୧୭।୬ (ଏଜେନ୍ସି): ଇରାନ ଏବଂ ଇସ୍ରାଏଲ ମଧ୍ୟରେ ଘମାଘୋଟ ସଂଘର୍ଷ ଜାରି ରହିଛି । ଉଭୟ ଦେଶ ପରସ୍ପର ଉପରେ କ୍ଷେପଣାସ୍ତ୍ର ଏବଂ ଡ୍ରୋନ ବର୍ଷା ଜାରି ରଖିଛନ୍ତି । ଏହି ସଂଘର୍ଷରେ ଦୁଇ ଦେଶର ବିପୁଳ କ୍ଷୟକ୍ଷତି ହୋଇଛି । ତେବେ ଯୁଦ୍ଧ ଯୋଗୁଁ ଭାରତୀୟ ଛାତ୍ରଛାତ୍ରୀ ପ୍ରଭାବିତ ହୋଇଛନ୍ତି । ୧୫୦୦ ଛାତ୍ରଛାତ୍ରୀଙ୍କ ସମେତ ୧୦ ହଜାର ଭାରତୀୟ ଇରାନରେ ଫସି ରହିଛନ୍ତି । ଭାରତ ନିଜ ନାଗରିକଙ୍କୁ ଦୂତାବାସକୁ ତୁରନ୍ତ ଯୋଗାଯୋଗ କରିବାକୁ ପରାମର୍ଶ ଦେଇଛି । ଏହା ସହିତ ବ୍ୟବସ୍ଥା ଥିଲେ ନିଜେ ଇରାନ ଛାଡ଼ିବାକୁ କୁହାଯାଇଛି । ଏହା ମଧ୍ୟରେ ଭାରତ ସରକାର ନାଗରିକଙ୍କୁ ଇରାନରୁ ବାହାର କରିବା ଆରମ୍ଭ କରିଛନ୍ତି । ଆର୍ମେନିଆ ସୀମା ଦେଇ କିଛି ଭାରତୀୟ ନାଗରିକଙ୍କୁ ଇରାନରୁ ଅଣାଯାଉଛି ବୋଲି ବିଦେଶ ମନ୍ତ୍ରାଳୟ ପକ୍ଷରୁ କୁହାଯାଇଛି ।

ଏହି ଛାତ୍ରଛାତ୍ରୀଙ୍କ ମଧ୍ୟରେ ଜମ୍ମୁ-କଶ୍ମୀରର ଅଧିକାଂଶ ସାମିଲ ଅଛନ୍ତି । ଏମାନେ ଇରାନର ଉର୍ମିଆ ସହରରେ ଏମବିବିଏସ ପଢୁଛନ୍ତି । ଏହି ଛାତ୍ରଙ୍କୁ ସୋମବାର ରାତିରେ ବିଶ୍ୱବିଦ୍ୟାଳୟ କ୍ୟାମ୍ପସରୁ ଆର୍ମେନିଆ ସୀମାକୁ ନିଆଯାଇଥିଲା । ଏହା ମଧ୍ୟରେ ଧାର୍ମିକ ଯାତ୍ରାରେ ଯାଇଥିବା ଉତ୍ତର ପ୍ରଦେଶର ହଜାରେ ଲୋକ ଇରାନର ଫସିଥିବା ଜଣାପଡ଼ିଛି । ୩୪ ଜଣିଆ ଏକ ଗୋଷ୍ଠୀର ଏକ ଭିଡିଓ ଭାଇରାଲ ହୋଇଛି । ଇରାନ ଉପରେ ପ୍ରବଳ କ୍ଷେପଣାସ୍ତ୍ର ମାଡ଼ ଜାରି ରହିଥିବାବେଳେ ବିମାନ ଉଡ଼ାଣ ରଦ୍ଦ ହେବାରୁ ଏମାନେ ଫସି ରହିଛନ୍ତି । ଆଗାମୀ ଦିନରେ କଣ ହେବ କିଛି ଜାଣି ପାରୁ ନ ଥିବା କହିଛନ୍ତି । ପାଖରେ ନେଇଥିବା ଟଙ୍କା ସରି ସରି ଚାଲିଛି । ଯେକୌଣସି ପ୍ରକାରରେ ଦେଶରେ ପହଞ୍ଚିବାକୁ ଏହି ଭାରତୀୟ ଚାହିଁ ରହିଛନ୍ତି ।

# ରାଜାଙ୍କ ରକ୍ତ ଦେଖି ପଳାଇଥିଲା ସୋନମ

ସିଲଂ, ୧୭।୬ (ଏଜେନ୍ସି): ସିଲଂରେ ହନିମୁନ୍ ହତ୍ୟାକାଣ୍ଡକୁ ନେଇ ନୂଆ ନୂଆ ତଥ୍ୟ ସାମ୍ନାକୁ ଆସୁଥିବାବେଳେ ଆଜି ମେଘାଳୟ ପୁଲିସ କ୍ରାଇମ ସିନ୍ ରିକ୍ରିଏଟ କରିଛି । ରାଜା ରଘୁବଂଶୀ ହତ୍ୟାକାଣ୍ଡର ସମସ୍ତ ଅଭିଯୁକ୍ତଙ୍କୁ ନେଇ ସୋହରାର ୱେଇ ସାଉଡୋଙ୍ଗ ଝରଣାରେ ପହଞ୍ଚିଛି । ପୂର୍ବ ଖାସି ହିଲ୍ସର ଏସ୍‌ପି ବିବେକ କହିଛନ୍ତି ଯେ ରାଜାଙ୍କୁ ଧାରୁଆ ଅସ୍ତ୍ରରେ ହତ୍ୟା କରାଯାଇଥିଲା । ରାଜାଙ୍କ ଉପରେ ଆକ୍ରମଣ କରିବା ପାଇଁ ସୋନମ ନିର୍ଦ୍ଦେଶ ଦେଇଥିଲେ । ସଙ୍କେତ ମିଳିବା ପରେ ବିଶାଲ ଓରଫ ଭିକି ତାଙ୍କୁ ଆକ୍ରମଣ କରିଥିଲା । ଏହା ପରେ ରାଜାଙ୍କ ମୁଣ୍ଡରୁ ରକ୍ତ ବାହାରିବାରେ ଲାଗିଥିଲା । ଏହି ସମୟରେ ସୋନମ ରାଜାଙ୍କ ସାମ୍ନାରେ ଥିଲା । ବିଶାଲ ରାଜାଙ୍କ ଡାହାଣ ପାଖରେ ଏବଂ ଆକାଶ ଓ ଆନନ୍ଦ ବାମ ପଟେ ଛିଡା ହୋଇଥିଲା । ଏହି ସମୟରେ ବିଶାଲ ରାଜାଙ୍କ ମୁଣ୍ଡ ଉପରେ ଆକ୍ରମଣ କରିଥିଲା । ଏଥିରେ ରାଜାଙ୍କ ମୃତ୍ୟୁ ହୋଇଥିଲା । କିନ୍ତୁ ରକ୍ତ ବାହାରିବା ଦେଖି ସୋନମ ସେଠାରୁ ଚାଲି ଯାଇଥିଲା । କାମ ସାରିଦିଅ ବୋଲି କହିଥିଲା । ଏହା ଶୁଣି ଆନନ୍ଦ ଏବଂ ଆକାଶ ଆକ୍ରମଣ କଲେ । ତିନି ଅଭିଯୁକ୍ତ ମୃତଦେହକୁ ତଳେ ପକାଇ ଦେଇଥିଲେ ।

ସୂଚନା ଅନୁଯାୟୀ କ୍ରାଇମ ସିନ୍ ରିକ୍ରିଏସନ ସମୟରେ ଫୋରେନସିକ୍ ବିଭାଗ ଏବଂ ଏସ୍‌ଡିଆରଏଫର ଟିମ୍ ମଧ୍ୟ ଉପସ୍ଥିତ ଥିଲେ । ସେହିପରି ଏସ୍‌ପି କହିଛନ୍ତି ଯେ ରାଜାଙ୍କ ଫୋନକୁ ନଷ୍ଟ କରିଦିଆଯାଇଛି । ପ୍ରଥମେ ସୋନମ ଏବଂ ପରେ ବିଶାଲ ଏହାକୁ ଭାଙ୍ଗି ଦେଇଥିଲା । ଅନ୍ୟପକ୍ଷରେ ସିଲଂ ପୁଲିସର ଏକ ଦଳ ଆଜି ଇନ୍ଦୋରରେ ପହଞ୍ଚିଥିଲା । ଦଳ ଦେବାସ ନାକା ଅଞ୍ଚଳରେ ଥିବା ଫ୍ଲାଟର ତଲାସୀ ନେଇଥିଲା । ବିଶାଲ ଏଠାରେ ଏକ ଫ୍ଲାଟ ଭଡା ନେଇଥିଲା । ଏଠାରେ ସୋନମ ୮ ଦିନ ପାଇଁ ରହିଥିଲେ । ଏହା ମଧ୍ୟରେ ସୋନମ ଗୁଣିଗାରେଡି କରୁଥିଲା ବୋଲି ରାଜାଙ୍କ ବାପା ଅଭିଯୋଗ କରିଛନ୍ତି ।

**ବୋହୂ ଗୁଣିଗାରେଡି କରୁଥିଲା କହିଲେ ଶଶୁର**



## ଆମେରିକାରେ ପାକିସ୍ତାନ ସେନାମୁଖ୍ୟଙ୍କୁ ବିରୋଧ

ୱାସିଂଟନ୍, ୧୭ ।୬(ଏଜେନ୍ସି): ଆମେରିକା ଗସ୍ତରେ ଯାଇଥିବା ପାକିସ୍ତାନ ସେନାଧ୍ୟକ୍ଷ ଅସିମ ମୁନିରଙ୍କୁ ପ୍ରବଳ ବିରୋଧର ସମ୍ମୁଖୀନ ହେବାକୁ ପଡ଼ିଛି । ଏକ ସରକାରୀ ଗସ୍ତରେ ଆମେରିକାର ଯାଇଥିବା ମୁନିରଙ୍କୁ ୱାସିଂଟନ ଡିସିରେ ପାକିସ୍ତାନ ନାଗରିକ ଓ ପାକିସ୍ତାନ ବଂଶୋଦ୍ଭବ ଲୋକଙ୍କ ବିରୋଧର ସମ୍ମୁଖୀନ ହେବାକୁ ପଡ଼ିଥିଲା । ଏମାନେ ଏକାଠି ହୋଇ ମୁନିରଙ୍କ ହୋଟେଲ ନିକଟରେ ତାଙ୍କ ବିରୋଧରେ ସ୍ଲୋଗାନମାନ ଦେଇଥିଲେ । ପାକିସ୍ତାନରେ ଗଣତନ୍ତ୍ରକୁ ପୁଣି ଥରେ ନିରପେକ୍ଷ ଓ ସ୍ୱଚ୍ଛ ଭାବେ ପ୍ରତିଷ୍ଠା କରିବାକୁ ସେମାନେ ଅପିଲ କରିଥିଲେ । ଏହାର ଭିଡିଓ ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହୋଇଛି । ହୋଟେଲ ନିକଟ୍‌ରେ ଏକ ମୋବାଇଲ୍ ଇଲେକଟ୍ରୋନିକ୍ ବିଲ୍‌ବୋର୍ଡ ଦେଖିବାକୁ ମିଳିଥିଲା । ଏଥିରେ 'ଆସିମ ମୁନିର, ଗଣହତ୍ୟାକାରୀ । ଯେବେ ବନ୍ଧୁକ ଗର୍ଜିବ, ତେବେ ଲୋକତନ୍ତ୍ରର ହତ୍ୟା ହେବ' ବୋଲି ଦେଖିବାକୁ ମିଳିଥିଲା । ସେହିପରି ଏମାନେ 'ଶେମ୍ ଅନ୍ ଅନ୍ ୟୁ, ଶେମ୍ ଫ୍ରି ପାକିସ୍ତାନ' ଭଳି ସ୍ଲୋଗନ ଦେଇଥିଲେ । ଏମାନେ ସବୁ ଇମ୍ରାନ ଖାନ୍‌ଙ୍କ 'ତହରିକ-ଏ- ଇନ୍‌ସାଫ୍' ପାର୍ଟିର ସମର୍ଥକ ଓ ଏମାନେ ଏହି ବିରୋଧ ପ୍ରଦର୍ଶନ ଆୟୋଜନ କରୁଛନ୍ତି ବୋଲି କୁହାଯାଇଛି । ପାକିସ୍ତାନରେ ଅଧିଷ୍ଠିତ ଏବେକାର ସରକାରଙ୍କୁ ଏମାନେ ଦୀର୍ଘ ବର୍ଷ ଧରି ବିରୋଧ କରିଆସୁଛନ୍ତି ।



## ସୋନିଆ ଗାନ୍ଧୀଙ୍କ ପାକସ୍ଥଳୀ ସଂକ୍ରମଣ

ନୂଆଦିଲ୍ଲୀ, ୧୭।୬ (ଏଜେନ୍ସି): ଦିଲ୍ଲୀର ସାର୍ ଗଙ୍ଗା ରାମ ହସ୍ପିଟାଲରେ ରବିବାରଠାରୁ ଭର୍ତ୍ତି ହୋଇଥିବା କଂଗ୍ରେସର ସଂସଦୀୟ ଦଳ ମୁଖ୍ୟ ସୋନିଆ ଗାନ୍ଧୀଙ୍କ ପାକସ୍ଥଳୀ ସଂକ୍ରମଣ ହୋଇଛି । ଏବେ ସେ ଡାକ୍ତରଙ୍କ ପର୍ଯ୍ୟବେକ୍ଷଣରେ ଅଛନ୍ତି । ଧିରେ ଧିରେ ସୁସ୍ଥ ହେଉଛନ୍ତି ବୋଲି ହସ୍ପିଟାଲର ଅଧ୍ୟକ୍ଷ ଡ଼. ଅଜୟ ସ୍ୱରୂପ କହିଛନ୍ତି । ତେବେ ସେ କେଉଁ ଦିନ ମେଡିକାଲରୁ ଛାଡ଼ ପାଇବେ ତାହା ଏ ପର୍ଯ୍ୟନ୍ତ ସ୍ଥିର ହୋଇନାହିଁ । ତାଙ୍କ ଖାଦ୍ୟପଦାର୍ଥ ଏବଂ ସ୍ୱାସ୍ଥ୍ୟାବସ୍ଥା ଉପରେ ଡ. ଏସ ନଣ୍ଡି ଏବଂ ଡ. ଅମିତାଭ ଯାଦବ ତୀକ୍ଷଣ ଦୃଷ୍ଟି ରଖିଛନ୍ତି । ରବିବାର ତାଙ୍କୁ ଗ୍ୟାଷ୍ଟ୍ରୋ ବିଭାଗରେ ଭର୍ତ୍ତି କରାଯାଇଥିଲା ।

## ଓଷୁଅ ଲାଗିହେଲେ ମହାପ୍ରଭୁ

ପୁରୀ,୧୭।୬(ସମିସ): ଅଣସରରେ ଏବେ ଚତୁର୍ଦ୍ଧାବିଗ୍ରହ। ଅତ୍ୟଧିକ ସ୍ନାନ ଯୋଗୁଁ ଜ୍ୱରରେ ପୀଡ଼ିତ ମହାପ୍ରଭୁଙ୍କ ଉପଚାର ପାଇଁ ଚାଲିଛି ଗୁପ୍ତସେବା। ଭିତରଅଣସରପିଣ୍ଡିରେ ଠାକୁରଙ୍କ ସେବା କରୁଛନ୍ତି ଶ୍ରୀଅଙ୍ଗଲାଗି ସେବକ ଦଇତାପତି। ଏହି ଗୁପ୍ତ ସେବାରେ ସୋମବାର ଫୁଲୁରୀ ତେଲ ଲାଗି ହେବା ପରେ ସାମାନ୍ୟ ସୁସ୍ଥ ହୋଇଛନ୍ତି ମହାପ୍ରଭୁ। ମଙ୍ଗଳବାର ଦାରୁଦିଅଁଙ୍କୁ ଓଷୁଅ ଲାଗି କରାଯାଇଛି। ସୂଚନାଥାଉ କି, ଅଣସର ସମୟରେ ମହାପ୍ରଭୁଙ୍କୁ ଷଷ୍ଠୀରୁ ନବମୀ ପର୍ଯ୍ୟନ୍ତ ଓଷୁଅ ଲାଗି କରାଯାଇଥାଏ। ଏହି ଚାରିଦିନ ମଧ୍ୟାହ୍ନ ଧୂପ ସରିବା ପରେ ଅଣସର ଘର ଖୋଲିଥାଏ। ଅଣ ଶୁଦ୍ଧସୁଆର ଝୁଣା, ରାଶି ତେଲରେ ପ୍ରସ୍ତୁତ କରିଥିବା ଓଷୁଅ ଦଇତାପତିମାନେ ନେଇ ଶ୍ରୀଅଙ୍ଗରେ ଲେପ ଦିଅନ୍ତି। ଏହାପରେ ଠାକୁରଙ୍କ ପାଖରେ ଚକଟା ଭୋଗ, ପଣା ଭୋଗ ହୋଇ ଅନ୍ୟାନ୍ୟ ନୀତି କରାଯାଇଥାଏ।


## ଗଛରେ ପିଟିହୋଇ ୨ ବାଇକ୍‌ଆରୋହୀଙ୍କ ମୃତ୍ୟୁ

କଲମପୁର,୧୭।୬(ସମିସ):କଳାହାଣ୍ଡି ଜିଲ୍ଲା କଲମପୁର-ଜୁନାଗଡ ମୁଖ୍ୟ ରାସ୍ତାର ଦେପୁର ନିକଟରେ ଭୟଙ୍କର ଦୁର୍ଘଟଣା ଘଟିଛି। ଏଥିରେ ୨ ଜଣ ଯୁବକଙ୍କ ମୃତ୍ୟୁ ଘଟିଛି। ଦୁଇ ମୃତକ ହେଲେ ପରୁଆଗୁଡା ଗ୍ରାମର ରୋହିତ ପଟେଲ (୨୨) ଏବଂ ଜୁନାଗଡ ଥାନା ଅଧୀନ ମୁଣ୍ଡୁରାଗୁଡା ମହୁଲପଡାର ଅଜୟ ମାଝୀ(୧୫)। ସେହିଭଳି ଏମାନଙ୍କ ସହ ବାଇକ୍‌ରେ ଥିବା ଜଣେ ନାବାଳକ ଗୁରୁତର ହୋଇଛନ୍ତି। ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ସେ ହେଲେ ଲକ୍ଷ୍ମୀକାନ୍ତ ମାଝୀ ଓରଫ ଛୋଟୁ ନାମକ (୧୪)। ଏମାନେ ସମସ୍ତେ ବାଇକ୍ (ଓଡି ୦୮ ଏମ ୬୭୨୪)ଯୋଗେ ବିଳମ୍ବିତ ରାତିରେ କଲମପୁର-ଜୁନାଗଡ ମୁଖ୍ୟ ରାସ୍ତା ଦେଇ ମୁଣ୍ଡୁରାଗୁଡା ଗ୍ରାମକୁ ଯାଉଥିଲେ। ଦୁର୍ଭାଗ୍ୟକୁ ତାଲପଦର ଛକ ନିକଟରେ ବାଇକ୍‌ଟଇ ଭାରସାମ୍ୟ ହରାଇଥିଲା। ଏହାଫଳରେ ରାସ୍ତାକଡରେ ଥିବା ଏକ ଗଛରେ ଜୋର୍‌ରେ ବାଇକ୍‌ଟି ଧକ୍କା ହୋଇଥିଲା। ଘଟଣାସ୍ଥଳରେ ରୋହିତ ଏବଂ ଅଜୟଙ୍କ ମୃତ୍ୟୁ ଘଟିଥିଲା। ସ୍ଥାନୀୟ ଲୋକେ ଗୁରୁତର ଲକ୍ଷ୍ମୀକାନ୍ତଙ୍କୁ ତୁରନ୍ତ କଲମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଅଧିକ ଚିକିତ୍ସା ପାଇଁ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଖବର ପାଇ କଲମପୁର ଥାନା ଏସ୍‌ଆଇ ପୁରୁଷୋତ୍ତମ ଜାନୀ ଘଟଣା ସ୍ଥଳରେ ପହଞ୍ଚି ଥିଲେ। ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ଜୟପାଟଣା ଡାକ୍ତରଖାନାକୁ ପଠାଇଥିଲା। ଏ ନେଇ କଲମପୁର ଥାନାରେ ଏକ ମାମଲା ( ନଂ ୬୩/୨୦୨୫) ରୁଜୁ ହୋଇଛି।

# ସରକାରଙ୍କୁ ନୈତିକତାର ପାଠ ପଢ଼ାଇଲେ ଗଜପତି

## ପରିଚାଳନା କମିଟି ଗଠନ ଏତେ ବିଳମ୍ବ ଇତିହାସରେ କେବେ ହୋଇନି

ପୁରୀ,୧୭।୬(ସମିସ): ଶ୍ରୀମନ୍ଦିର ଏବଂ ଶ୍ରୀଜଗନ୍ନାଥଙ୍କୁ ନେଇ ରାଜନୀତି କରିଆସିଛି ବିଜେପି। ନିର୍ବାଚନୀ ପ୍ରଚାରରେ ବଡ଼ଦେଉଳ ଏବଂ ମହାପ୍ରଭୁଙ୍କୁ ଲୋକଙ୍କ ସାମ୍ନାକୁ ଆଣି ଅନେକ ମିଛି କଥା କହିଛି। ନିର୍ବାଚନ ଜିତିବା ପରେ ବି ଶ୍ରୀମନ୍ଦିରକୁ ନେଇ ବଡ଼ ବଡ଼ କଥା କହିଛନ୍ତି ବିଜେପି ନେତା। ରାଜ୍ୟରେ ସରକାର ଗଢିବାର ବର୍ଷ ପୂର୍ତ୍ତି ପାଳନ କରୁଛି ବିଜେପି।



ହେଲେ ଏହି ବର୍ଷେ ଭିତରେ ପରିକ୍ରମା ପ୍ରକଳ୍ପ ପାଇଁ କିଛି କଲେ ନାହିଁ। ପରିକ୍ରମା ପ୍ରକଳ୍ପ କାମ ପାଇଁ ଶ୍ରୀମନ୍ଦିରର କିଛି ଦ୍ୱାର ବନ୍ଦ ଥିଲା ବୋଲି କହି ରାଜ୍ୟ ସରକାରଙ୍କୁ ନୈତିକତାର ପାଠ ପଢ଼ାଇଛନ୍ତି ଗଜପତି ମହାରାଜା ଦିବ୍ୟସିଂହ ଦେବ। ଏକ ଗଣମାଧ୍ୟମକୁ ସାକ୍ଷାତ୍‌କାର ଦେଇ ଗଜପତି ମହାରାଜା ସରକାରଙ୍କ ଶ୍ରୀମନ୍ଦିର ପ୍ରୀତି କେତେ ତାହା ପଦାରେ ପକାଇ ଦେଇଛନ୍ତି।

ଗଜପତି ମହାରାଜା କହିଛନ୍ତି, ପରିକ୍ରମା ପ୍ରକଳ୍ପରେ ଆହୁରି କିଛି କାମ କରିବାର ଅଛି। ସରକାର ବଦଳିଲେ ଏବଂ ନୂଆ ସରକାର ଆସିଲେ। ଇତିମଧ୍ୟରେ ବର୍ଷ ପୂରିଥିଲେ ବି ପ୍ରକଳ୍ପ କାମରେ କିଛି ଅଗ୍ରଗତି ହୋଇନାହିଁ। ଚାରିଦ୍ୱାରକୁ କେହି କେବେ ବନ୍ଦ କରିଦେଇ ନ ଥାନ୍ତେ। ପ୍ରକଳ୍ପ କାମ ଚାଲୁଥିବାରୁ ଏହାକୁ ବନ୍ଦ କରାଯାଇଥିଲା। ପ୍ରକଳ୍ପ କାମ ପରେ ଦ୍ୱାର ଖୋଲିଲା। ଦୁର୍ଭାଗ୍ୟର ବିଷୟ ଦ୍ୱାର ଖୋଲିଥିଲେ ମଧ୍ୟ ଦର୍ଶନ ବ୍ୟବସ୍ଥାକୁ ଠିକ୍ କରାଯାଇ ପାରିନାହିଁ। କେଉଁ ଦ୍ୱାରରେ ଭକ୍ତ ପ୍ରବେଶ କରିବେ ଏବଂ କେଉଁ ଦ୍ୱାରରେ ବାହାରକୁ ବାହାରିବେ ତାହା ସ୍ଥିର ହୋଇନାହିଁ। ନାଟମଣ୍ଡପ ଏବଂ ଜଗମୋହନରେ ଭକ୍ତଙ୍କ ପ୍ରବଳ ଭିଡ଼ ହେଉଛି। କୋଭିଡ୍ ପରେ ଭକ୍ତଙ୍କ ସଂଖ୍ୟା

- ■ ପରିକ୍ରମା ପ୍ରକଳ୍ପ କାମ ପାଇଁ ଶ୍ରୀମନ୍ଦିରର କିଛି ଦ୍ୱାର ବନ୍ଦ ଥିଲା
- ■ କାମ ସରିଲା ପରେ ଦ୍ୱାର ଖୋଲିବା ସ୍ୱାଭାବିକ ପ୍ରକ୍ରିୟା
- ■ ଦର୍ଶନ ଅବ୍ୟବସ୍ଥା ସୁଧୁରିଲା ନାହିଁ, ହଇରାଣ ହେଉଛନ୍ତି ଭକ୍ତ

ଯଥେଷ୍ଟ ବଢ଼ିଛି। ପୂର୍ବଭଳି ଶନିବାର କି ରବିବାର ଅବା ପର୍ବପର୍ବାଣିରେ କେବଳ ଭିଡ଼ ହେଉନାହିଁ, ଏବେ ପ୍ରାୟ ସବୁଦିନ ଭକ୍ତଙ୍କ ଭିଡ଼ ରହୁଛି। କିନ୍ତୁ ଦର୍ଶନ ବ୍ୟବସ୍ଥା ଏ ଯାଏ ଶୃଙ୍ଖଳିତ ହୋଇପାରିନି, ଯାହାକୁ ନେଇ ଦୁଃଖପ୍ରକାଶ କରିଛନ୍ତି ଗଜପତି ମହାରାଜା।

ଗଜପତି ମହାରାଜା କହିଛନ୍ତି, ରାଜ୍ୟରେ ନୂଆ ସରକାର ଯେତେବେଳେ ଆସିଲେ ଭାବିଲୁ କାମ ଦ୍ରୁତଗତିରେ ଚାଲିବ। ହେଲେ ବର୍ଷେ ଭିତରେ ସେମିତି କିଛି ପ୍ରଗତି ଦେଖି ପାରିନାହୁଁ। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପ୍ରାୟ ଶେଷ ହୋଇଛି। କିନ୍ତୁ ଏହି ବର୍ଷେ ଭିତରେ ଆଉ କୌଣସି ପ୍ରଗତି ହୋଇନାହିଁ। ଚାରିଦ୍ୱାର ଖୋଲା ହୋଇଥାନ୍ତା, ବନ୍ଦ ହେବାର ପ୍ରଶ୍ନ ନାହିଁ। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ କାମ ଯେ ହେତୁ ଚାଲୁଥିଲା, କେତୋଟି ଦ୍ୱାର ବନ୍ଦ କରିବାକୁ ବାଧ ହୋଇଥିଲେ ପ୍ରଶାସନ। ବନ୍ଦ ନ ହୋଇଥିଲେ ପ୍ରକଳ୍ପ କାମ ହୋଇପାରି ନ ଥାନ୍ତା। ପ୍ରକଳ୍ପ କାମ ସରିଲା, ଦ୍ୱାର ଖୋଲିବା ସ୍ୱାଭାବିକ।

ସେହିପରି ୯ ମାସରୁ ଉର୍ଦ୍ଧ୍ୱ ହେବ ଶ୍ରୀମନ୍ଦିର ପରିଚାଳନା କମିଟି ଗଠନ ହୋଇପାରି ନାହିଁ। ଫଳରେ ଶ୍ରୀମନ୍ଦିର ପାଇଁ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାରେ ସମସ୍ୟା ହେଉଛି। ତେଣୁ ପରିଚାଳନା କମିଟି ଗଠନ ନ ହେବାକୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତି ମହାପ୍ରଭୁଙ୍କ ଆଦ୍ୟ ସେବକ ଗଜପତି ମହାରାଜା। ସେ କହିଛନ୍ତି, ପରିଚାଳନା କମିଟି ଭାଙ୍ଗିବାର ୯ ମାସ ପୂରିଗଲାଣି। ହେଲେ ସରକାର ଏ ଯାଏ ନୂଆ କମିଟି ଗଠନ କରିପାରିଲେ ନାହିଁ। ଏଭଳି ବିଳମ୍ବ ଇତିହାସରେ ପ୍ରଥମ। ପରିଚାଳନା କମିଟିରେ ୧୦ ଜଣ ମନୋନୀତ ସଦସ୍ୟ ରୁହନ୍ତି। ସେମାନଙ୍କର କାର୍ଯ୍ୟକାଳ ୩ ବର୍ଷ ରହୁଛି। ଅବଧି ସରିବା ପୂର୍ବରୁ କମିଟି ସଦସ୍ୟଙ୍କ ମନୋନୟନ ହେବା କଥା। ଏହାଦ୍ୱାରା ଶ୍ରୀମନ୍ଦିର ପରିଚାଳନା ସୂଚାରୁ ରୂପେ ହୋଇପାରିବ। ଶ୍ରୀମନ୍ଦିର ଆଇନ କହୁଛି ୨ଟି ବୈଠକ ମଧ୍ୟରେ ବ୍ୟବଧାନ ୨ ମାସରୁ ଅଧିକ ହୋଇପାରିବ ନାହିଁ। ଅର୍ଥାତ୍ ପ୍ରତ୍ୟେକ ୨ ମାସରେ ବୈଠକ ବସିବା କଥା। କିନ୍ତୁ ୯ ମାସ ହୋଇଗଲାଣି, ପରିଚାଳନା କମିଟି ବସିପାରି ନାହିଁ। ଏହିଭଳି ଇତିହାସରେ କେବେ ହୋଇନାହିଁ। ଆଗରୁ ବିଳମ୍ବ ହୋଇଛି କିନ୍ତୁ ଏତେ ବିଳମ୍ବ ହୋଇନାହିଁ, ଯାହାକି ହେବା ଅନୁଚିତ। ଗତବର୍ଷ ଜୁଲାଇ ପହିଲାରେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ୍ କରିଥିଲୁ। ସେତେବେଳେ ଏହି ପ୍ରସଙ୍ଗ ଉଠାଇଥିଲୁ। ଆଉ ମାସେ, ଦୁଇମାସ ମଧ୍ୟରେ ପରିଚାଳନା କମିଟିର କାର୍ଯ୍ୟକାଳ ଶେଷ ହେଉଛି। ଶୀଘ୍ର ଆପଣ ପ୍ରକ୍ରିୟା ଆରମ୍ଭ କରି ସଦସ୍ୟଙ୍କୁ ମନୋନୀତ କରନ୍ତୁ। ଯାହାଦ୍ୱାରା ପରିଚାଳନା କମିଟିର ବୈଠକ ସ୍ୱାଭାବିକ ହୋଇପାରିବ। ଏହାପରେ ବାରମ୍ବାର ଚିଠି ଲେଖି ଏବଂ ବ୍ୟକ୍ତିଗତ ସାକ୍ଷାତ୍ କରି ମଧ୍ୟ ଜଣାଇଛୁ। କିନ୍ତୁ କୌଣସି କାରଣରୁ ତାହା ଅଟକି ରହିଯାଇଛି ବୋଲି କହିଛନ୍ତି ଗଜପତି ମହାରାଜା।

## ବିରୋଧୀ ଦଳ ନେତାଙ୍କୁ ଭେଟିଲେ ଛତିଶା ନିଯୋଗ ସେବାୟତ

ଭୁବନେଶ୍ୱର,୧୭।୬(ସମିସ): ପୁରୀ ଛତିଶା ନିଯୋଗ ସେବାୟତ ମାନଙ୍କର ଏକ ପ୍ରିତିନିଧି ଦଳ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରିଛନ୍ତି। ମଙ୍ଗଳବାର ସନ୍ଧ୍ୟାରେ ନବୀନ ନିବାସରେ ଏହି ସାକ୍ଷାତ

- ■ ରଥଯାତ୍ରା ପାଇଁ ନବୀନଙ୍କୁ କଲେ ଆମନ୍ତ୍ରଣ
- ■ ପୁରୀ ପାଇଁ ନବୀନଙ୍କ କାର୍ଯ୍ୟକୁ ପ୍ରଶଂସା



ସମୟରେ ସେମାନେ ଶ୍ରୀମନ୍ଦିରର ତଥା ପୁରୀ ସହରର ବିକାଶ ପାଇଁ ନବୀନ ପଟ୍ଟନାୟକଙ୍କ ସରକାର ସମୟରେ ହୋଇଥିବା ବିଭିନ୍ନ କାର୍ଯ୍ୟ ପାଇଁ ତାଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏହି ଅବସରରେ ସେବାୟତମାନେ ‘ପୁରୀ ଆପଣ ବହୁତ କିଛି କରିଛନ୍ତି। ରଥଯାତ୍ରାକୁ ନିଶ୍ଚୟ ଆସିବେ’ ବୋଲି କହି ଶ୍ରୀ ପଟ୍ଟନାୟକଙ୍କୁ ଆମନ୍ତ୍ରଣ କରିଛନ୍ତି। ଜୁନ ୨୭ ତାରିଖରେ ମହାପ୍ରଭୁଙ୍କ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରାକୁ ଶୃଙ୍ଖଳିତ ଭାବରେ ପାଳନ କରିବା ପାଇଁ ଶ୍ରୀ ପଟ୍ଟନାୟକ ସେବାୟତ ମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ସାକ୍ଷାତ ସମୟରେ ସାଂସଦ ଶୁଭାଶୀଷ ଖୁଣ୍ଟିଆ ଉପସ୍ଥିତ ଥିଲେ। ଅନମାନଙ୍କ ମଧ୍ୟରେ ସର୍ବଶ୍ରୀ ସାଇନା ଖୁଣ୍ଟିଆ, ଗୌରହରି ପ୍ରଧାନ, ଲୋକନାଥ ମହାସୁଆର, ରବିଶଙ୍କର ପଢିଆରୀ, କାଶୀନାଥ ମହାସୁଆର, ଦାମୋଦର ପ୍ରତିହାରୀ, ହରିଆ ସୁଆର, ଅସିତ୍ ମେକାପ, କୃଷ୍ଣଚନ୍ଦ୍ର ଗୋଚ୍ଛିକାର ଓ ଜମେଶ୍ୱର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ସୃଷ୍ଟି ହେଲା ଲଘୁଚାପ; ୨୦ ଯାଏଁ ପ୍ରବଳ ବର୍ଷା

ଭୁବନେଶ୍ୱର,୧୭।୬(ସମିସ): ଦୁଇ ପର୍ଯ୍ୟାୟ ଓ ମୋଟ୍ ୪ ଦିନରେ ମୌସୁମୀ ସାରା ରାଜ୍ୟକୁ ଆଚ୍ଛାଦିତ କରିଛି। ମୌସୁମୀ ଅଗ୍ରସର ହେବା ଦ୍ୱାରା ରାଜ୍ୟର ଅଧିକାଂଶ ସ୍ଥାନରେ ବର୍ଷା ଲାଗି ରହିଛି। ଗତ ୨୮ ମେ’ରେ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଓଡ଼ିଶାକୁ ଅଗ୍ରସର ହୋଇଥିଲା। ୧୭ ଦିନ ଧରି ନିଷ୍କ୍ରିୟ ରହିବା ପରେ ଏବେ ପୁଣ ମୌସୁମୀ ସକ୍ରିୟ ହୋଇଛି ଓ ସାରା ରାଜ୍ୟ ଉପରେ ବର୍ଷାର ଚାଦର ଢ଼ାଙ୍କିଛି।

ଅନ୍ୟପଟେ ଉତ୍ତରପଶ୍ଚିମ ବଙ୍ଗୋପସାଗର ଅଞ୍ଚଳରେ ସକ୍ରିୟ ଘୂର୍ଣ୍ଣିବଳୟ ପ୍ରଭାବରେ ଆଜି ସକାଳେ ଦକ୍ଷିଣପଶ୍ଚିମ ବାଂଲାଦେଶ ପାଶ୍ୱବର୍ତ୍ତୀ ଗାଙ୍ଗେୟ ପଶ୍ଚିମବଙ୍ଗ ଉପତ୍ୟକା ଅଞ୍ଚଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଏହା ମୌସୁମୀକୁ ଅଧିକ ସକ୍ରିୟ କରାଇଛି। ଆଗାମୀ ୨୪ ଘଣ୍ଟାରେ ଏହା ଆହୁରି ଘନୀଭୂତ ହେବା ସହ ପଶ୍ଚିମ-ଉତ୍ତରପଶ୍ଚିମ ଦିଗରେ ଗତି କରିବାର ସମ୍ଭାବନା ରହିଛି। ଲଘୁଚାପ ପ୍ରଭାବରେ ରାଜ୍ୟର କିଛି ସ୍ଥାନରେ ପ୍ରବଳ ବର୍ଷାର ଆଶଙ୍କା ରହିଛି। ଏହାକୁ ଦୃଷ୍ଟିରେ ରଖି ଆଇଏମ୍‌ଡି ପକ୍ଷରୁ ଓଡ଼ିଶାକୁ ରେଡ୍ ଆଲର୍ଟ ଜାରି କରାଯାଇଛି। ଲଘୁଚାପ ପ୍ରବାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ୨୦ ତାରିଖ ଯାଏଁ ବର୍ଷା ହେବାକୁ ଥିବା ବେଳେ ଏହି ସମୟରେ କିଛି କିଛି ସ୍ଥାନରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ସେଥିପାଇଁ ବିଭିନ୍ନ ଜିଲ୍ଲାକୁ ଅରେଞ୍ଜ ଓ ୟେଲୋ ୱାର୍ଣ୍ଣିଂ ଦିଆଯାଇଛି। ବୁଧବାରଠାରୁ ୧୯ ତାରିଖ ସକାଳ ସାଢ଼େ ୮ଟା ପର୍ଯ୍ୟନ୍ତ ମୟୂରଭଞ୍ଜ ଜିଲ୍ଲାର ଗୋଟିଏ ବା ଦୁଇଟି ସ୍ଥାନରେ ଅତି ପ୍ରବଳରୁ ଅତ୍ୟନ୍ତ ଭୀଷଣ ବର୍ଷା ହେବାର ଆଶଙ୍କା ରହିଥିବାରୁ ଏହି ଜିଲ୍ଲାପାଇଁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି କେନ୍ଦୁଝର, ସୁନ୍ଦରଗଡ଼, ସମ୍ବଲପୁର, ବାଲେଶ୍ୱର, ଭଦ୍ରକ ଓ ଯାଜପୁରର ଗୋଟିଏ ବା ଦୁଇଟି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ। ଝାରସୁଗୁଡ଼ା, ଦେବଗଡ଼, ଢେଙ୍କାନାଳ, ଅନୁଗୋଳ, ବରଗଡ଼, ସୋନପୁର ଓ ବୌଦ୍ଧ ଜିଲ୍ଲାର ଗୋଟିଏ ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବା ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି।

ସେହିପରି ୨୪ ତାରିଖ ବେଳକୁ ବଙ୍ଗୋପସାଗରରେ ଗୋଟିଏ ଲଘୁଚାପର ସମ୍ଭାବନା ରହିଛି। ଏହାପ୍ରଭାବରେ ସାରା ରାଜ୍ୟରେ ଭଲ ବର୍ଷାର ସମ୍ଭାବନା ରହିଛି। ଅନୁରୂପ ଭାବରେ୨୮ ବେଳକୁ ପୁଣି ଏକ ଘୂର୍ଣ୍ଣିବଳୟ କିମ୍ବା ଲଘୁଚାପ ସୃଷ୍ଟି ହେବାକୁ ସମ୍ଭାବନା ଥିବାରୁ ଚଳିତ ବର୍ଷ ଜୁନ୍ ମାସରେ ବର୍ଷାର ପ୍ରଭାବ ଭଲ ରହିବା ନେଇ ପୂର୍ବାନୁମାନ କରାଯାଉଛି।

## ଗୋପାଳପୁର ଗଣଦୁଷ୍କର୍ମକୁ ନେଇ ବର୍ଷିଲା ବିଜେଡି

ଭୁବନେଶ୍ୱର,୧୭।୬(ସମିସ): ଗୋପାଳପୁର କଲେଜ ଛାତ୍ରୀ ଗଣଦୁଷ୍କର୍ମ ଘଟଣାରେ ସରକାରଙ୍କୁ କଟୁ ସମାଲୋଚନା କରିଛି ବିଜୁ ଜନତା ଦଳ। ଗୋପାଳପୁର ଭଳି ଏକ ଆନ୍ତର୍ଜାତୀୟ ଖ୍ୟାତି ସଂପନ୍ନ ପର୍ଯ୍ୟଟନସ୍ଥଳୀରେ ଏହି ଭଳି ଘୃଣ୍ୟ ଘଟଣା ରାଜ୍ୟବାସୀଙ୍କୁ ବିଚଳିତ



- ■ ଏକ ବର୍ଷ ମଧ୍ୟରେ ମହିଳାବିରୋଧୀ ହିଂସା ଉଦବେଗଜନକ ବୃଦ୍ଧି
- ■ ମହିଳାଙ୍କ ସୁରକ୍ଷା କରନ୍ତୁ ସରକାର; ଉପମୁଖ୍ୟମନ୍ତ୍ରୀ ଇସ୍ତଫା ଦିଅନ୍ତୁ

କରିଛି। ରାଜ୍ୟ ବିଜେପି ସରକାର ଆତ୍ମପ୍ରଚାର ଓ ଉତ୍ସବ ପାଳନରେ ବିଭୋର ଥିଲା ବେଳେ ରାଜ୍ୟବାସୀଙ୍କ ସୁରକ୍ଷା ପ୍ରତି ସମ୍ବେଦନହୀନ ହୋଇପଡିଛନ୍ତି। ଫଳରେ ପବିତ୍ର ରଜ ପର୍ବରେ ବେଳାଭୂମିକୁ ଖୁସି ମନାଇବା ପାଇଁ ଆସିଥିବା ଏକ କଲେଜ ଛାତ୍ରୀଙ୍କୁ ଗଣଦୁଷ୍କର୍ମର ଶିକାର ହେବାକୁ ପଡିଛି। ଘଟଣାରେ ନୈତିକ ଦାୟିତ୍ୱ ନେଇ ପର୍ଯ୍ୟଟନ, ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ତଥା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଇସ୍ତଫା ପ୍ରଦାନ କରନ୍ତୁ ବୋଲି ବିଜେଡିର ବରିଷ୍ଠ ସାଧାରଣ ସମ୍ପାଦିକା ଡ. ଲେଖାଶ୍ରୀ ସାମନ୍ତସିଂହାର ଓ ମୁଖପାତ୍ର ତୁମ୍ବନାଥ ପଣ୍ଡା ଦାବି କରିଛନ୍ତି।

ମଙ୍ଗଳବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଡ. ସାମନ୍ତସିଂହାର କହିଛନ୍ତି ଯେ ଯେ ବିଜେପି ସରକାରକୁ ଆସିଲା ପରେ ରାଜ୍ୟରେ ମହିଳା ବିରୋଧୀ ହିଂସା ଉଦ୍‌ବେଗଜନକ ଭାବେ ବୃଦ୍ଧି ପାଇଛି। ଅପରାଧ କ୍ଷେତ୍ରରେ ଓଡିଶା ସର୍ବଭାରତୀୟ ସ୍ତରରେ ୮ମ ସ୍ଥାନରେ ପହଞ୍ଚି ଯାଇଛି । ଗତ ଏକ ବର୍ଷ ମଧ୍ୟରେ ୩୩ ପ୍ରତିଶତ ଫୌଜଦାରୀ ମକଦ୍ଦମା ବୃଦ୍ଧି ପାଇବା ସହ ଦୁଷ୍କର୍ମ ହାର ୮ ପ୍ରତିଶତ ବଢିଛି। ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ପର୍ଯ୍ୟଟନ ସ୍ଥଳୀରେ ମହିଳାମାନଙ୍କ ସୁରକ୍ଷାକୁ ନେଇ ଉଦବେଗ ପ୍ରକାଶ କରିବା ସହ ରାଜ୍ୟ ସରକାର କଠୋର ପଦକ୍ଷେପ ଗ୍ରହଣ କରିବାକୁ ପରାମର୍ଶ ଦେଇଛନ୍ତି । ତେଣୁ ନିଜ ଉପରକୁ ନୈତିକ ଦାୟିତ୍ୱ ନେଇ ରାଜ୍ୟର ପର୍ଯ୍ୟଟନ, ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ତୁରନ୍ତ ଇସ୍ତଫା ଦିଅନ୍ତୁ।

ସେହିପରି ମୁଖପାତ୍ର ଶ୍ରୀ ପଣ୍ଡା କହିଥିଲେ ଯେ ପର୍ଯ୍ୟଟନର ବିକାଶ ପାଇଁ ଡିଣ୍ଡିମ୍ ପିଟୁଥିବା ବିଜେପି ସରକାର ଏଭଳି ସମ୍ବେଦନଶୀଳ ଘଟଣାକୁ ଅଣଦେଖା କରି ସାରା ଦେଶରେ ଓଡ଼ିଶାକୁ ଲଜ୍ଜିତ କରିଛନ୍ତି। ଗୋପାଳପୁର ବେଳାଭୂମିର ଗରିମାକୁ ସରକାର କ୍ଷୁର୍ଣ୍ଣ କରିଛନ୍ତି। ଏ ସରକାରରେ ଘରୁ ମହିଳାଟିଏ ଗୋଡ କାଢ଼ିଲେ ସୁରକ୍ଷିତ ଫେରିବା ପାଇଁ ନିଶ୍ଚିତ ହୋଇପାରୁନାହିଁ। ପୁଲିସ ବ୍ୟବସ୍ଥାକୁ ଦଳୀୟ କାର୍ଯ୍ୟରେ ନିୟୋଜିତ କରିବା ଦ୍ୱାରା ଅପରାଧୀଙ୍କର ଆଉ ଭୟ ରହୁନାହିଁ ଏବଂ ଏଭଳି ବେଧଡକ ଜଘନ୍ୟକାଣ୍ଡ ଭିଆଉଛନ୍ତି ବୋଲି ସେ ଅଭିଯୋଗ କରଥିଲେ।

■ ନକ୍ସଲଙ୍କ ନରସଂହାର

## ୩ ଜଣଙ୍କୁ ହତ୍ୟା, ୧୨ ଜଣଙ୍କୁ ଅପହରଣ

ମାଲକାନଗିରି, ୧୭।୬(ସମିସ): ଛତିଶଗଡ଼ର ବିଜାପୁର ଜିଲ୍ଲାରେ ନକ୍ସଲମାନେ ଜଣେ ଆତ୍ମସମର୍ପଣକାରୀ ନକ୍ସଲ ନେତାଙ୍କ ପରିବାରର ୩ ଜଣଙ୍କୁ ନିର୍ମମ ଭାବରେ ହତ୍ୟା କରିଛନ୍ତି। ବିଜାପୁରର ପେଡ୍ଡାକୋର୍ମା ଗାଁରେ ନକ୍ସଲମାନେ ଜଣେ ଛାତ୍ର ସମେତ ୩ ଜଣଙ୍କୁ ହତ୍ୟା କରିଛନ୍ତି। ମୃତକଙ୍କ ନାମ ଝିଙ୍ଗୁ ମୋଡିୟମ୍, ସୋମା ମୋଡିୟମ୍ ଏବଂ ଅନିଲ ମାଡଭି ବୋଲି ଜଣାପଡିଛି। ଏମାନଙ୍କ ବ୍ୟତୀତ ନକ୍ସଲମାନେ ୭ ଜଣ ଗ୍ରାମବାସୀଙ୍କୁ ନିର୍ମମ ଭାବରେ ମାଡ଼ ମାରି ଆହତ କରିଛନ୍ତି। କୁହାଯାଉଛି ଯେ, ନକ୍ସଲମାନେ ୧୨ ଜଣ ଗ୍ରାମବାସୀଙ୍କୁ ଅପହରଣ କରିଛନ୍ତି। ନକ୍ସଲମାନେ ହତ୍ୟା କରିଥିବ ଗ୍ରାମବାସୀଙ୍କ ମଧ୍ୟରୁ ଦୁଇ ଜଣ ଆତ୍ମମର୍ପଣକାରୀ ନକ୍ସଲ ନେତା ଦିନେଶ ମୋଡିୟମଙ୍କ ସମ୍ପର୍କୀୟ ବୋଲି କୁହାଯାଉଛି। ନକ୍ସଲ ନେତା ଭେଲା ଏବଂ ତାଙ୍କ ଦଳ ମଙ୍ଗଳବାର ସନ୍ଧ୍ୟାରେ ଏହି ଘଟଣା ଘଟାଇଛନ୍ତି ବୋଲି ସୂଚନା ମିଳିଛି। ପୋଲିସ ଏନେଇ ଘଟଣାର ତଦନ୍ତ ଆରମ୍ଭ କରିଛି।

## ୨୭ରେ ସୀମିତ ରହିବ ଜମି କିସମ ସଂଖ୍ୟା

ଭୁବନେଶ୍ୱର,୧୭।୬(ସମିସ): ଜମିର କିସମ ସଂଖ୍ୟା ହ୍ରାସ ହେବ। ବର୍ତ୍ତମାନ ରାଜ୍ୟରେ ୭ ହଜାର କିସମ ପ୍ରଚଳିତ ହେଉଛି। ଏହାକୁ ୨୭ଟି କିସମରେ ସୀମିତ ରଖିବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଏନେଇ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି ଯେ ବର୍ତ୍ତମାନ ଅନେ ବ୍ରିଟିଶ ଅମଳର ଜମି କିସମ ଚାଲିଛି। ତଇଳା, ପାଳ, ଘରବାରି, ବଗାୟତ ଭଳି ରାଜ୍ୟରେ ୭ହଜାର ଜମି କିସମ ପ୍ରଚଳନ ରହିଛି। ଜମିର ଏଭଳି କିସମକୁ ନେଇ ସାଧାରଣ ଲୋକ ଦ୍ୱନ୍ଦ୍ୱରେ ପଡୁଛନ୍ତି। ସମାନ ଚରିତ୍ର ଜମିର ଭିନ୍ନଭିନ୍ନ ନାଁ ଅର୍ଥାତ କିସମ ରହିଛି। ଏହାକୁ ସଂକୁଚିତ କରାଯିବ ଓ ୨୭ଟି କିସମରେ ସୀମିତ ରଖିବାକୁ ନିଷ୍ପତ୍ତି ହୋଇଛି। ଏହାର ଚୂଡ଼ାନ୍ତ ରୂପରେଖ ହୋଇଛି ଓ ଏ ନେଇ ଖୁବଶୀଘ୍ର ବିଜ୍ଞପ୍ତି ପ୍ରକାଶ ପାଇବାକୁ ଯାଉଛି ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି। ସେହିଭଳି ଜମି ସତ୍ତ୍ୱ ବା ମାଲିକାନାର ପରିବର୍ତ୍ତନ ଉପରେ ରାଜ୍ୟ ସରକାର ବର୍ତ୍ତମାନ ଗୁରୁତ୍ୱ ଦେଉଛନ୍ତି। ଏଥିପାଇଁ ସବୁ ପଞ୍ଚାୟତକୁ ତହସିଲ୍‌ଦାର ଓ ଅତିରିକ୍ତ ତହସିଲଦାର ଗସ୍ତ କରିବେ। ଅତି କମ୍‌ରେ ଦୁଇ ମାସରେ ଥରେ ତହସିଲ୍ ଅଫିସ୍ ଲୋକଙ୍କ ପାଖକୁ ଯିବ। ଲୋକେ ଘରେ ବସି କିପରି ସୁବିଧା ସୁଯୋଗ ପାଇବେ ସେନେଇ ବ୍ୟବସ୍ଥା କରାଯାଉଛି। ସେହିପରି ଲୋକେ ଘରେ ବସି ମୋବାଇଲ୍ ଆପ୍‌ରେ କିପରି ସେବା ପାଇପାରିବେ ସେନେଇ ମଧ୍ୟ କାର୍ଯ୍ୟ ଜାରି ରହିଛି। ଏଥିପାଇଁ ମୋବାଇଲ୍‌ରେ ୧୮ଟି ରାଜସ୍ୱ ସୁବିଧା ମିଳିବ। ରାଜସ୍ୱ ସେବା ଲୋକଙ୍କୁ ପାଖକୁ ଯିବା ନେଇ ଏଭଳି ନିଷ୍ପତ୍ତି ନିଆଯାଇଛି ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି। ଏଭଳି କାର୍ଯ୍ୟ ପାଇଁ ଅଭିଜ୍ଞ ଲୋକ, ବିଧାୟକ, ସାଂସଦ, ଜମି ମାଲିକ ଓ ବିଶେଷଜ୍ଞମାନଙ୍କ ସହିତ ବିଚାର ବିମର୍ଶ କରାଯାଇ ସରକାର ନିଷ୍ପତ୍ତି ନେଉଛନ୍ତି ବୋଲି ସେ କହିଛନ୍ତି।

## ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବିକଲେ ସପ୍ତଗିରି

ଭୁବନେଶ୍ୱର,୧୭।୬(ସମିସ): ଗୋପାଳପୁର ଗଣଦୁଷ୍କର୍ମ ଘଟଣାରେ ଗଭୀର ଉଦ୍‌ବେଗ ପ୍ରକାଶ କରିଛି ରାଜ୍ୟ କଂଗ୍ରେସ। ପିସିସି ସଭାପତି ଭକ୍ତ ଚରଣ ଦାସ ଏହି ଘଟଣା ପାଇଁ ରାଜ୍ୟ ସରକାରଙ୍କୁ ଭର୍ତ୍ସନା କରିଛନ୍ତି। ସେ କହିଛନ୍ତି ଯେ ରାଜ୍ୟରେ ମହିଳା ହିଂସା ଦ୍ରୁତ ଗତିରେ ବଢ଼ି ଚାଲିଛି। ଗଣ ଦୁଷ୍କର୍ମ ଘଟଣାରେ ସାମିଲ ଥିବା ସମସ୍ତ ଅଭିଯୁକ୍ତ ବର୍ତ୍ତମାନ ପର୍ଯ୍ୟନ୍ତ ଧରାପଡ଼ି ନାହାନ୍ତି। ସରକାର ସେମାନଙ୍କୁ ତୁରନ୍ତ ଗିରଫ କରି ଏଭଳି ଘଟଣା କିପରି ଆଗକୁ ନ ଘଟିବ ତାହା ସୁନିଶ୍ଚିତ କରନ୍ତୁ। ଅନ୍ୟପଟେ ଯଦି ଆଗକୁ ଏଭଳି ଘଟଣା ଘଟେ, ତେବ ରାଜ୍ୟର ସମସ୍ତ ଜନସାଧାରଣ ଜାଗ୍ରତ ହୋଇ ଏହା ବିରୋଧରେ ସ୍ୱର ଉତ୍ତୋଳନ କରିବାକୁ ସେ ରାଜ୍ୟବାସୀଙ୍କୁ ଆହ୍ୱାନ ଦେଇଛନ୍ତି।

ସେହିପରି କଂଗ୍ରେସ ଦଳର ଏକମାତ୍ର ମହିଳା ବିଧାୟିକା ସୋଫିଆ ଫିର୍‌ଦୋସ୍ ମଧ୍ୟ ଏହି ଘଟଣାକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି। ସେ କହିଛନ୍ତି ଯେ ଓଡ଼ିଶାରେ ଗଣପର୍ବ ରଜ ପାଳନ କରାଯାଇ ନାରୀତ୍ୱକୁ ସମ୍ମାନ ଓ ନାରୀ ସଶକ୍ତକରଣର ବାର୍ତ୍ତା ଦେବା କଥା କହୁଯାଉଛି। ହେଲେ ଗୋପାଳପୁର ବିଚ୍‌ରେ ଜଣେ କଲେଜ ଛାତ୍ରୀଙ୍କୁ ଗଣ ବଳାତ୍କାର ଅତ୍ୟନ୍ତ ଲଜ୍ଜାଜନକ ଓ ଲୋମହର୍ଷଣକାରୀ। ପୁରୁଷ ବନ୍ଧୁଙ୍କୁ ବାନ୍ଧି ଦେଇ ମହିଳାଙ୍କୁ ଦଶ ଜଣ ଗଣ

### ପର୍ଯ୍ୟଟନସ୍ଥଳୀରେ ମଧ୍ୟ ମହିଳା ଅସୁରକ୍ଷିତ: ସୋଫିଆ

ବଳାତ୍କାର କରିବା ହୃଦୟ ବିଦାରକ। କୌଣସି ନିସ୍ତବ୍ଧ ସ୍ଥାନ ନୁହେଁ, ପର୍ଯ୍ୟଟନ ସ୍ଥଳୀରେ ମଧ୍ୟ ମହିଳା ସୁରକ୍ଷିତ ନୁହନ୍ତି। ଏହା ନିଶ୍ଚୟ ଦୁଃଖଦାୟକ ଓ ନାରୀ ସୁରକ୍ଷା ଦିଗରେ ଚିନ୍ତାର ବିଷୟ ବୋଲି ସୋଫିଆ ନିଜ ଏକ୍ସ ମାଧ୍ୟମରେ କହିଛନ୍ତି।

ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ମଧ୍ୟ ଏହି ଘଟଣାକୁ ନିନ୍ଦା କରିଛନ୍ତି। ସେ କହିଛନ୍ତି ଯେ ଗୋପାଳପୁର ବେଳାଭୂମିକୁ ପୁରୁଷ ବନ୍ଧୁଙ୍କ ସହ ବୁଲିବାକୁ ଆସିଥିବା ଜଣେ ଛାତ୍ରୀ ଗଣଦୁଷ୍କର୍ମର ଶିକାର ହୋଇଥିବା ଖବର ଆମ ସମସ୍ତଙ୍କୁ ପୁଣିଥରେ ବିବ୍ରତ କରିଦେଇଛି। ଏହି ଦୁଃଖଦ ସମୟରେ ତାଙ୍କ ପରିବାର ପ୍ରତି ଶ୍ରୀ ପଟ୍ଟନାୟକ ସମବେଦନା ଜଣାଇବା ସହ ଆମର ମା’ ଏବଂ ଝିଅଙ୍କୁ ସୁରକ୍ଷା ଦେବା ପାଇଁ ବିଜେପି ସରକାର ଅସମର୍ଥ ବୋଲି ପ୍ରମାଣ କରିଦେଇଛନ୍ତି ବୋଲି ନିରଞ୍ଜନ କହିଛନ୍ତି। କୋରାପୁଟ କଂଗ୍ରେସ ସାଂସଦ ସପ୍ତଗିରି ଉଲ୍ଲାକା ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଇସ୍ତଫା ଦାବି କରିଛନ୍ତି। ସେ କହିଛନ୍ତି ଯେ ଓଡିଶାରେ ଆଇନ ଶୃଙ୍ଖଳାର ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତତ ହୋଇପଡ଼ିଛି। ରାଜ୍ୟରେ ବଢୁଥିବା ଅପରାଧ, ଅନିୟନ୍ତ୍ରିତ ଅତ୍ୟାଚାର ସାଙ୍ଗକୁ କାର୍ଯ୍ୟାନୁଷ୍ଠାନ ନେବାରେ ସରକାର ନିଖୋଜ ଅଛନ୍ତି। ବାରମ୍ବାର ଚେତାବନୀ ସତ୍ତ୍ୱେ ସରକାର କୌଣସି ଉତ୍ତରଦାୟିତ୍ୱ ନେଉନାହାନ୍ତି। ମୁଖ୍ୟମନ୍ତ୍ରୀ ଏହି ବିଫଳତାକୁ ସ୍ୱୀକାର କରି ଇସ୍ତଫା ଦେବା ଉଚିତ ବୋଲି ସେ କହିଛନ୍ତି।

## ରୋଗୀମୃତ୍ୟୁ ନେଇ କୋରାପୁଟ ମେଡିକାଲରେ ଉତ୍ତେଜନା

କୋରାପୁଟ,୧୭।୬ (ସମିସ): କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲରେ ମଙ୍ଗଳବାର ଜଣେ ୭୦ ବର୍ଷୀୟ ରୋଗୀଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା ସୃଷ୍ଟି ହୋଇଛି। ଘଟଣାକୁ ନେଇ ଡାକ୍ତରୀ ଛାତ୍ର ଓ ସମ୍ପର୍କୀୟ ମୁହାଁମୁହିଁ ସ୍ଥିତି ଉପୁଜି ଥିଲା। ଠିକ୍ ସମୟରେ ହସ୍ପିଟାଲ କର୍ତ୍ତୃପକ୍ଷ ଏବଂ ଟାଉନ ଥାନା ପୁଲିସ ପହଞ୍ଚି ଅପ୍ରୀତିକର ପରିସ୍ଥିତିକୁ ଏଡାଇବାରେ ସକ୍ଷମ ହୋଇଥିଲେ। ସୂଚନା ଅନୁଯାୟୀ ଦଶମନ୍ତପୁର ବ୍ଲକ ଗାଦିଆଗୁଡା ପଞ୍ଚାୟତ ଅନ୍ତର୍ଗତ ମାଳି ମୁଣ୍ଡାଗୁଡ଼ା



### ଡାକ୍ତରୀ ଛାତ୍ର ଓ ସମ୍ପର୍କୀୟ ମୁହାଁମୁହିଁ

ଗ୍ରାମର ଧନୁ ହନ୍ତାଳ (୭୦) ପେଟ ବଥା ଯୋଗୁଁ ୫ ଦିନ ପୂର୍ବରୁ ହସ୍ପିଟାଲରେ ଭର୍ତ୍ତି ହୋଇ ସର୍ଜରୀ ୱାଡର୍‌ରେ ଚିକିତ୍ସିତ ହେଉଥିଲେ। ରୋଗୀଙ୍କ ସମ୍ପର୍କୀୟ କହିବା ଅନୁସାରେ ପେଟରେ ପାଣି ଜମି ଥିବାରୁ ବ୍ୟଥା ହେଉଥିବା ବିଷୟ ଡାକ୍ତର କହିବା ସହ ଆଜି ପାଣି କାଢ଼ିବାକୁ କହିଥିଲେ। କିନ୍ତୁ ଆଜି ସକାଳେ ତାଙ୍କର ମୃତ୍ୟୁ ହୋଇଥିଲା। ଧନୁଙ୍କ ସମ୍ପର୍କୀୟ ମାନେ ଡାକ୍ତରଙ୍କ ଅବହେଳା ଯୋଗୁଁ ମୃତ୍ୟୁ ହୋଇଥିବା ଅଭିଯୋଗ କରିଥିଲେ। ୱାର୍ଡରୁ ମୃତଦେହ ନେବାକୁ ସମ୍ପର୍କୀୟମାନେ ରାଜି ନହେବାରୁ ପ୍ରଥମେ ସୁରକ୍ଷା କର୍ମୀଙ୍କ ସହ ବଚସା ହୋଇଥିଲା ଓ ମେଡିକାଲ ପରିସରରେ ଉତ୍ତେଜନା ବଢିଥିଲା। କେତେକ ସମ୍ପର୍କୀୟ ମେଡିକାଲ ପରିସର ଭାଙ୍ଗାରୁଜା କରିବା ସହ ଚିକିତ୍ସା କରୁଥିବା ଡାକ୍ତରଙ୍କ ଉପରେ ଅତର୍କିତ ଆକ୍ରମଣ କରିଥିଲେ। ଡାକ୍ତରଙ୍କ ଉପରେ ସମ୍ପର୍କୀୟ ମାନଙ୍କ ଆକ୍ରମଣ ଦେଖି ଶତାଧିକ ଡାକ୍ତରୀ ଛାତ୍ର ସେଠାରେ ପହଞ୍ଚି ପ୍ରତି ଆକ୍ରମଣ କରିବାରୁ ସମ୍ପର୍କୀୟ ମାନେ ଛତ୍ରଭଙ୍ଗ ଦେଇଥିଲେ। ଖବର ପାଇ ହସ୍ପିଟାଲ ଅଧିକ୍ଷକ ପ୍ରଫେସର ଡାକ୍ତର ସୁଶାନ୍ତ କୁମାର ସାହୁ ଓ କୋରାପୁଟ ଟାଉନ୍ ଥାନା ପୁଲିସର ଏକ ଟିମ୍ ପହଞ୍ଚି ବୁଝାସୁଝା କରି ସ୍ଥିତି ନିୟନ୍ତ୍ରଣ ପାଇଁ ଉଦ୍ୟମ କରିଥିଲେ। ଡାକ୍ତରଙ୍କୁ ଆକ୍ରମଣ କରିଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ ପୁଲିସ ମାମଲା ରୁଜୁ କରି କାର୍ଯ୍ୟାନୁଷ୍ଠାନ ନେବାକୁ ପ୍ରତିଶ୍ରୁତି ଦେବା ପରେ ଉତ୍ତ୍ୟକ୍ତ ଛାତ୍ରମାନେ ଶାନ୍ତ ପଡ଼ିଥିଲେ। ଅନ୍ୟ ପକ୍ଷରେ ମୃତ ଧନୁ ହନ୍ତାଳଙ୍କର ଲିଭର୍ ସହ ଦୁଇଟି କିଡନୀ ନଷ୍ଟ ହୋଇ ଯାଇଥିଲା, ଯାହାକି ବଞ୍ଚିବାର ଆଶା କ୍ଷୀଣ, ତଥାପି ଚିକିତ୍ସା ଜାରି ରହିଥିଲା। କିନ୍ତୁ ତାହା ସଫଳ ହୋଇ ପାରିଲା ନାହିଁ। ଚିକିତ୍ସାରେ କୌଣସି ଅବହେଳା ହୋଇନାହିଁ। ଏହା ସମ୍ପର୍କୀୟ ମାନଙ୍କର ଭୁଲ ଚିନ୍ତାଧାରା ବୋଲି ହସ୍ପିଟାଲ ଅଧିକ୍ଷକ ପ୍ରଫେସର ସୁଶାନ୍ତ କୁମାର ସାହୁ କହିଛନ୍ତି।

### ବର୍ଷା ଆରମ୍ଭ; ନଈକୂଳିଆଙ୍କ ବଢୁଛି ଚିନ୍ତା

# ଆଡ଼ିବନ୍ଧ ସୁରକ୍ଷା ପାଇଁ ୪୪ଟି ସ୍ଥାନରେ ପଥର ପ୍ୟାକିଂ

ବାରିପଦା, ୧୭ ।୬(ସମିସ)



ପହଞ୍ଚିଲାଣି ମୌସୁମୀ । ଆରମ୍ଭ ହେଲାଣି ବର୍ଷା । ତେବେ ବର୍ଷା ଦିନରେ ନଦୀକୂଳିଆଙ୍କ ଚିନ୍ତା ବଢ଼ିଯାଏ । ଉଦବୃତ୍ତ ବନ୍ୟାଜଳ କୂଳଲଂଘନ କରି ଗାଁ ଓ ଚାଷଜମିରେ ପ୍ରବେଶ କରି ବ୍ୟାପକ କ୍ଷତି ଘଟାଇଥାଏ । ତେବେ ଏଥିରୁ ସୁରକ୍ଷା ପାଇଁ ମୟୂରଭଞ୍ଜ ଜଳସେଚନ ବିଭାଜନ ଅଧୀନରେ ଥିବା ନଦୀଗୁଡିକର ବ୍ୟାପକ କାର୍ଯ୍ୟ ହାତକୁ ନିଆଯାଇଛି । ଦାୟିତ୍ୱରେ ଥିବା ଅଧୀକ୍ଷଣ ଯନ୍ତ୍ରୀ ପରମେଶ୍ୱର ପାତ୍ରଙ୍କ ସୂଚନା ଅନୁସାରେ ୫ଟି ନଦୀରେ ଆଡିବନ୍ଧ ସୁରକ୍ଷା ପାଇଁ ୪୪ଟି ସ୍ଥାନରେ ପଥର ପ୍ୟାକିଂ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ମୁଖ୍ୟତଃ ବୁଢାବଳଙ୍ଗ, ସୁବର୍ଣ୍ଣରେଖା, ଗଙ୍ଗାହାର, ନାଲୁହା ଏବଂ ସୋନ ନଦୀରେ ବନ୍ୟାଦ୍ୱାରା ଅବକ୍ଷୟ ଘଟୁଥିବା ଆଡିବନ୍ଧର ସୁରକ୍ଷା ନିମନ୍ତେ ପ୍ରାଥମିକତା ଦୃଷ୍ଟିରେ ପ୍ରତିବର୍ଷ ବାର୍ଷିକ ଅନୁଦାନକୁ ଲକ୍ଷ୍ୟକରି ପଥର ପ୍ୟାକିଂ କାର୍ଯ୍ୟ ସମ୍ପାଦନ କରାଯାଉଛି । ଚଳିତ ଆର୍ଥିକ ବର୍ଷରେ ମୋରଡା ନିର୍ବାଚନ ମଣ୍ଡଳୀରେ ୨୨ଟି, ଉଦଳା ନିର୍ବାଚନ ମଣ୍ଡଳୀରେ ୮ଟି, ବଡସାହି ନିର୍ବାଚନ ମଣ୍ଡଳୀରେ ୧୦ଟି, ବାରିପଦା ନିର୍ବାଚନ ମଣ୍ଡଳୀରେ ୪ଟି, ବାଙ୍ଗରିପୋଷି ନିର୍ବାଚନ ମଣ୍ଡଳୀରେ ୫ଟି ଓ ସାରସକଣା ନିର୍ବାଚନ ମଣ୍ଡଳୀରେ ୫ଟି କାର୍ଯ୍ୟ ହାତକୁ ନିଆଯାଯାଯି ସଫଳ ରୂପେ ସମ୍ପାଦନ କରାଯାଇଛି । ସେହିପରି ଜଳସେଚନ ବିକାଶ ପାଇଁ ଜିଲ୍ଲାରେ ଥିବା ୩ଟି ମଧ୍ୟମ ଜଳସେଚନ ପ୍ରକଳ୍ପ ଯଥା ବାଲିଡିହା, କାଳ ଓ ସୁନେଇ ଜଳସେଚନ ପ୍ରକଳ୍ପ ଗୁଡିକର ରକ୍ଷଣାବେକ୍ଷଣ ଓ ଉନ୍ନତିକରଣ କାର୍ଯ୍ୟ ହାତକୁ ନିଆଯାଇଛି । କାଳ ଓ ସୁନେଇ ପ୍ରକଳ୍ପ ମାଧ୍ୟମରେ କପ୍ତିପଦା ବ୍ଲକର ୬୬୩୮.୧୮ ହେକ୍ଟର, ଉଦଳା ବ୍ଲକର ୫୫୦୯.୫୧ ହେକ୍ଟର, ଗୋପବନ୍ଧୁନଗର ବ୍ଲକର ୫୭୫.୩୯ ହେକ୍ଟର ଏବଂ ବାଲେଶ୍ୱର ଜିଲ୍ଲା ଅନ୍ତର୍ଭୁକ୍ତ ନୀଳଗିରି ବ୍ଲକର ୨୦୦୫.୧୫ ହେକ୍ଟର ଚାଷ ଜମିକୁ ପାଣି ଯୋଗାଇ ୪୩ ହଜାର ୯୮୯ ଜଣ ଚାଷୀଙ୍କର ମେରୁଦଣ୍ଡ ସୁଦୃଢ କରାଯାଇଛି । ସେହିପରି ବାଲିଡିହା ଦିଗପରିବର୍ତ୍ତନକାରୀ ବନ୍ଧ ଶାମାଖୁଣ୍ଟା ବ୍ଲକ ଅଧୀନ ୩୮୩୨ ହେକ୍ଟର ଜମିକୁ ପାଣି ଯୋଗାଇ ୯୭୧୮ ଜଣ ଚାଷୀଙ୍କୁ ଉପକୃତ କରିପାରିଛି । ସରକାରଙ୍କ ଅଧିନିୟମ ଅନୁଯାଇ ଏହି ୩ଟି ଜଳସେଚନ ପ୍ରକଳ୍ପ ଅଧୀନରେ ସମୁଦାୟ ୩୬ଟି ପାଣିପଞ୍ଚାୟତ ଗଠନ କରାଯାଇ ସେମାନଙ୍କର ସମ୍ପୂର୍ଣ୍ଣ ସହଯୋଗରେ ଚାଷୀଙ୍କୁ ସୁଚାରୁରୂପେ ଜଳ ଯୋଗାଇ ଦିଆଯାଉଛି । ପୁରାତନ ବନ୍ଧ ଓ କେନାଲ ହୋଇଥିବାରୁ ଅବକ୍ଷୟ ହୋଇଥିବା ଷ୍ଟ୍ରକ୍‌ଚର ଏବଂ କେନାଲର ବାର୍ଷିକ ଅନୁଦାନକୁ ଧ୍ୟାନରେ ରଖି ପ୍ରାଥମିକତା ଦୃଷ୍ଟିରେ ୨୦୨୪-୨୫ ଆର୍ଥିକ ବର୍ଷରେ କେନାଲର ରକ୍ଷଣାବେକ୍ଷଣ ଓ ଉନ୍ନତିକରଣ ପାଇଁ ୭୩ଟି କାର୍ଯ୍ୟ, ଚାଷୀ ତଥା ଜନସାଧାରଣଙ୍କ ଗମନାଗମନ ନିମନ୍ତେ ୭ଟି ରାସ୍ତାର ଉନ୍ନତି କରଣ କାର୍ଯ୍ୟ ହାତକୁ ନିଆଯାଇ ସଫଳ ରୂପେ ସମ୍ପାଦନ କରାଯାଇଛି ।

## ହରିଶ୍ଚନ୍ଦ୍ର ଆଦର୍ଶ ଶ୍ମଶାନ ଉଦ୍‌ଘାଟିତ



କରଞ୍ଜିଆ, ୧୭।୬(ସମିସ): କରଞ୍ଜିଆ ଦେଓନଦୀ କୂଳରେ ନବନିର୍ମିତ ହରିଶ୍ଚନ୍ଦ୍ର ଆଦର୍ଶ ଶ୍ମଶାନକୁ ମଙ୍ଗଳବାର ବିଧାୟକ ପଦ୍ମଚରଣ ହାଇବୁରୁଙ୍କ ଦ୍ୱାରା ଉଦଘାଟିତ ହୋଇଯାଇଛି । ସାହାରପଡ । ଏହି ଶ୍ମଶାନକୁ ସର୍ବସାଧାରଣଙ୍କ ନିମନ୍ତେ ଉତ୍ସର୍ଗ କରାଯାଇଛି । କରଞ୍ଜିଆ ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ନିହାର ରଞ୍ଜନ ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବୁରୁ, ସମ୍ମାନିତ ଅତିଥି ଭାବେ ଏନ୍‌ଏସି ଅଧ୍ୟକ୍ଷା ପୋପୀ ପୃଷ୍ଟି, ଉପାଧ୍ୟକ୍ଷ ସ୍ୱରୂପ କୁମାର ପରିଜା, କରଞ୍ଜିଆ ତହସିଲଦାର ଦିବାକର ମାଝୀ ଏବଂ ସମସ୍ତ କାଉନସିଲର ଉପସ୍ଥିତ ଥିଲେ । ଏହି ଅବସରରେ ଶ୍ମଶାନ ପାଇଁ ଜାଗା ପ୍ରଦାନ କରିଥିବା ପଓନ୍ ପଟୱାରୀଙ୍କ ସହିତ କରଞ୍ଜିଆ ବ୍ରାହ୍ମଣ ଶାସନର ପ୍ରତିନିଧି ଜ୍ଞାନରଞ୍ଜନ ମିଶ୍ର ଓ ନିନି ପଣ୍ଡାଙ୍କୁ ସମ୍ମାନିତ କରାଯାଇଥିଲା । କରଞ୍ଜିଆ ଚକ୍ରଧରପୁର ବ୍ରାହ୍ମଣ ଶାସନର ସମୂହ ବ୍ରାହ୍ମଣଙ୍କ ଦ୍ୱାରା ପବନ ପଟୱାରୀଙ୍କ ଦ୍ୱାରା ଶ୍ମଶାନ ପାଇଁ ଜମି ଉତ୍ସର୍ଗୀକୃତ କରାଯାଇଥିଲା । ଗତ ୨୦୧୭ ମସିହାରେ ସେହି ସ୍ଥାନରେ ଶ୍ମଶାନ ନିମନ୍ତେ କରଞ୍ଜିଆ ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ଭୂମି ପୂଜନ କରାଯାଇଥିଲା । ଶ୍ମଶାନରେ ଦୁଇଟି ଚୁଲା ରହିବା ସହିତ ଗାଧୋଇବା ଏବଂ ପାନୀୟ ଜଳର ବ୍ୟବସ୍ଥା ରହିଛି ।

## ବିକାଶ ବାହନ ରଥ ଶୁଭାରମ୍ଭ

କରଞ୍ଜିଆ, ୧୭।୬(ସମିସ): ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଉପଲକ୍ଷେ ମଙ୍ଗଳବାର କରଞ୍ଜିଆ ଏନ୍‌ଏସିରେ ବିକାଶ ବାହନ ରଥ ଶୁଭାରମ୍ଭ ହୋଇଛି । ଏହି ରଥ ୨୧ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ୱାର୍ଡ ବୁଲି ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଲୋକଙ୍କୁ ଅବଗତ କରିବ । ଏହି ଅବସରରେ ଏନ୍‌ଏସି କାର୍ଯ୍ୟାଳୟ ପରିସରରେ କାର୍ଯ୍ୟନିର୍ବାହୀ ଅଧିକାରୀ ନିହାର ରଞ୍ଜନ ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ କରଞ୍ଜିଆ ବିଧାୟକ ପଦ୍ମ ଚରଣ ହାଇବୁରୁ ଯୋଗ ଦେଇ ବିକାଶ ବାହନ ରଥକୁ ଶୁଭରାମ୍ଭ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଉପଜିଲ୍ଲାପାଳ ଦାୟିତ୍ୱରେ ଥିବା ଅତିରିକ୍ତ ଉପଜିଲ୍ଲାପାଳ ପ୍ରକାଶ କୁମାର ଦାସ, ତହସିଲଦାର ଦିବାକର ମାଝୀ, ଏନ୍‌ଏସି ଅଧ୍ୟକ୍ଷା ପୋପି ପୃଷ୍ଟି, ଉପାଧ୍ୟକ୍ଷ ସ୍ୱରୂପ କୁମାର ପରିଜା ପ୍ରମୁଖ ଉପସ୍ଥିତ ଥିଲେ ।

## ଜିଲ୍ଲାରେ ତହାକୁତୁହା ବର୍ଷା; ଗୁଳଗୁଳିରୁ ଆଶ୍ୱସ୍ତି



ବାରିପଦା, ୧୭ ।୬(ସମିସ): ମୌସୁମୀ ପ୍ରଭାବରେ ମୟୁରଭଞ୍ଜ ଜିଲ୍ଲାର ବିଭିନ୍ନ ସ୍ଥାନରେ ବୃଷ୍ଟିପାତ ଆରମ୍ଭ ହୋଇଛି । ବାରିପଦା ସମେତ ଜିଲ୍ଲାର ଅନ୍ୟାନ୍ୟ ସ୍ଥାନରେ ତୁହାକୁତୁହା ବର୍ଷା ଯୋଗୁଁ ତାତି ଓ ଗୁଳଗୁଳିରୁ ନିସ୍ତାର ମିଳିଛି । ଅସହ୍ୟ ଗ୍ରୀଷ୍ମ ପ୍ରବାହ ସହ ଗୁଳୁଗୁଳିରେ ଜନ ଜୀବନ ଅସ୍ତବ୍ୟସ୍ତ ହୋଇଥିବା ବେଳେ ବର୍ଷା ଏଥିରେ ବ୍ରେକ ଲଗାଇଛି । ଜିଲ୍ଲାରେ ଆଗକୁ ବର୍ଷାର ପରିମାଣ ବଢ଼ିବ ବୋଲି ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି । ଯାହାକୁ ନେଇ ମୟୂରଭଞ୍ଜ ଜିଲ୍ଲାକୁ ଆସନ୍ତା ଜୁନ ୧୯ ତାରିଖ ପର୍ଯ୍ୟନ୍ତ ଅରେଞ୍ଜ ଓ ଜୁନ ୨୦ରେ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ଉକ୍ତ ସମୟରେ ଜିଲ୍ଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ତେବେ ମୌସୁମୀ ପ୍ରବେଶ ପରେ ବର୍ଷାରେ ବାରିପଦା ସମେତ ଜିଲ୍ଲାର ଭିଜିଛି । ପ୍ରଚଣ୍ଡ ଗରମରେ ଲୋକଙ୍କ ଜୀବନ ଦୁର୍ବିସହ ହୋଇ ପଡ଼ିଥିବା ବେଳେ ଲୋକେ ତାତିରେ ଆଉଟୁ ପାଉଟୁ ହେଉଥିଲେ । ତେବେ ମୌସୁମୀର ଜିଲ୍ଲାକୁ ପ୍ରବେଶ ଜନସାଧାରଣଙ୍କୁ ଅନେକ ମାତ୍ରାରେ ଆଶ୍ୱସ୍ତି ଆଣିଛି ।

## ହସ୍ପିଟାଲରେ ଚିହ୍ନଟ ପାଇଁ ମୃତଦେହ ସଂରକ୍ଷିତ

ବାରିପଦା, ୧୭ ।୬(ସମିସ): ବାରିପଦା ପିଆରଏମ ମେଡ଼ିକାଲ କଲେଜ ଏବଂ ହସ୍ପିଟାଲ ପରିସରରୁ ଉଦ୍ଧାର ଅଚିହ୍ନା ବ୍ୟକ୍ତିଙ୍କ ଚିକିତ୍ସିତ ଅବସ୍ଥାରେ ମୃତ୍ୟୁ ଘଟିଛି । ଶରୀର ଅସୁସ୍ଥ ଥିବାରୁ ସ୍ଥାନୀୟ ଲୋକେ ଉକ୍ତ ବ୍ୟକ୍ତିଙ୍କୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରିଥିଲେ । କିନ୍ତୁ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମଙ୍ଗଳବାର ସକାଳେ ତାଙ୍କର ମୃତ୍ୟୁ ଘଟିଛି । ମୃତକଙ୍କ ଆନୁମାନିକ ବୟସ ୪୦ବର୍ଷରୁ ଊର୍ଦ୍ଧ୍ୱ ହେବ । ଏନେଇ ବାରିପଦା ଟାଉନ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହେବା ସହିତ ଶବ ବ୍ୟବଚ୍ଛେଦ ପରେ ପିଆରଏମ ମେଡ଼ିକାଲ କଲେଜ ଏବଂ ହସ୍ପିଟାଲରେ ମୃତଦେହକୁ ଚିହ୍ନଟ ପାଇଁ ୪୮ ଘଣ୍ଟା ସଂରକ୍ଷିତ ରଖାଯାଇଛି । ପରିଚୟ ଜାଣିଥିବା ବ୍ୟକ୍ତି ହସ୍ପିଟାଲରେ ପୁଲିସ ଫାଣ୍ଡି ଅଧିକାରୀ ଗୋପାଳ ମାଝୀଙ୍କ ସହ ମୋବାଇଲ ନମ୍ବର ୯୯୩୭୪୩୫୨୩୬ ଯୋଗାଯୋଗ କରିବାକୁ କୁହାଯାଇଛି ।

### ବର୍ଷ ପୂର୍ତ୍ତି ପାଳନର ଜିଲ୍ଲାସ୍ତରୀୟ ଉତ୍ସବର ଦ୍ୱିତୀୟ ଦିବସ

## 'ଓଡ଼ିଶା ଏକ ନିରନ୍ତର ବିକାଶ ଧାରାରେ ଅଗ୍ରଗତି କରୁଛି'

ବାରିପଦା, ୧୭ ।୬(ସମିସ): ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ପାଳନ ଅବସରରେ ବାରିପଦା କଲେଜ ପଡ଼ିଆରେ ଆୟୋଜିତ ଜିଲ୍ଲାସ୍ତରୀୟ ବିକାଶ ମେଳା-୨୦୨୫ ଉପଲକ୍ଷେ ମଙ୍ଗଳବାର ଉତ୍ସବର ଦ୍ୱିତୀୟ ଦିବସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ହେମକାନ୍ତ ସଏଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୟୂରଭଞ୍ଜ ଜିଲ୍ଲାର ପ୍ରଭାରୀ ତଥା ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ । ଲୋକଙ୍କ ସେବାରେ ସମର୍ପିତ ଆମ ସରକାରଙ୍କୁ ରାଜ୍ୟରେ ଏଇ ଏକ ବର୍ଷ ମଧ୍ୟରେ ଅନେକ ଉନ୍ନୟନ ମୂଳକ ପ୍ରକଳ୍ପ କାର୍ଯ୍ୟର ସଫଳତା ଉପଲବ୍ଧି ମିଳିଛି ଏବଂ ଓଡ଼ିଶା ଏକ ନିରନ୍ତର ବିକାଶଧାରାରେ ଅଗ୍ରଗତି କରୁଛି ବୋଲି ସେ କହିଥିଲେ । ସମ୍ମାନିତ ଅତିଥି ଭାବେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡା କୃଷ୍ଣଚନ୍ଦ୍ର ମହାପାତ୍ର, ଉଦଳା ବିଧାୟକ ଭାସ୍କର ମଢେଇ, ବାରିପଦା ବିଧାୟକ ପ୍ରକାଶ ସୋରେନ, ସାରସକଣା ବିଧାୟକ ଭାଦବ ହାଁସଦା, ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଟୁପାଲ୍ଲି, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଧର୍ମାନନ୍ଦ ବେହେରା ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ସରକାରଙ୍କ ବିଭିନ୍ନ ବିଭାଗ ଅନ୍ତର୍ଗତ ଯୋଜନାରେ ସହାୟତା ପାଇ ଉପକୃତ ହୋଇଥିବା କିଛି ହିତାଧିକାରୀ ସେମାନଙ୍କ ସଫଳତାର ଅନୁଭୂତି କାହାଣୀ ବାଣ୍ଟିଥିଲେ । ମୁଖ୍ୟ ଅତିଥି ରାଣୀ ମୁର୍ମୁଙ୍କୁ ମତ୍ସ୍ୟ ଚାଷ ପାଇଁ ୭ଲକ୍ଷ ଟଙ୍କା ସବସିଡି, ପ୍ରତିମା ପୃଷ୍ଟିକୁ ୭୦ ହଜାର ଟଙ୍କା ସବସିଡି, ସାମାଜିକ ସୁରକ୍ଷା ଅଧୀନରେ ନଳିନୀ ଚନ୍ଦ୍ର ଧୀର ଓ ପଦ୍ମିନୀ ଧଳକୁ ୨ଲକ୍ଷ ୫୦ ହଜାର ବିବାହ ପ୍ରୋତ୍ସାହନ ରାଶି, ଅଭିଜିତ ମିଶ୍ରକୁ ୫୦ ହଜାର ଟଙ୍କା ଛାତ୍ର ବୃତ୍ତି, ମିଶନ ଶକ୍ତି ତରଫରୁ ଖାଦ୍ୟ ଉତ୍ସବ ପ୍ରତଯୋଗିତାରେ ଖାଦ୍ୟ ପ୍ରସ୍ତୁତକରି ଉତ୍ତମ ପ୍ରଦର୍ଶନ କରିଥିବା ମାଆ ଧନକ୍ଷେତ୍ରପାଳ ଏସଏଚଜିକୁ ୧୦ ହଜାର, ମାଆ ଭୈରବୀ ଏସଏଚଜିକୁ ୮ ହଜାର, ମାଆ ଗୋଜବାୟାଣୀ ଏସଏଚଜିକୁ ୬ହଜାର ଟଙ୍କା ପୁରସ୍କାର ରାଶି ଏବଂ ସ୍ୱପ୍ନର ଓଡ଼ିଶା ଏବଂ ବିକଶିତ ଭାରତ ପ୍ରତିଯୋଗିତାର ଗ୍ରୁପ ଏ'ର କୃତୀ ଛାତ୍ରୀ ବିଦ୍ୟୁତ ସ୍ମିତା ସାହୁଙ୍କୁ ୫ହଜାର, ରୀତିକା ପ୍ରିୟଦର୍ଶିନୀଙ୍କୁ ୩ ହଜାର ଗ୍ରୁପ ବି'ର ଛାତ୍ରୀ ଶୁଭଶ୍ରୀ ଦୀକ୍ଷିତଙ୍କୁ ୫ ହଜାର ଓ ସ୍ୱୟଂସିଦ୍ଧ ପରିଡ଼ାଙ୍କୁ ୩ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରିଥିଲେ । ବିଧାୟକ ଶ୍ରୀ ସୋରେନ ସ୍ୱାଗତ ଭାଷଣ ଓ ସାରସକଣା ବିଧାୟକ ଶ୍ରୀ ହାଁସଦା ଧନ୍ୟବାଦ ଅର୍ପଣ କରିଥିଲେ ।



## ସାହାଣୀ କପ୍ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ ପାଇଁ ଖେଳାଳି ଚୟନ

ବାରିପଦା, ୧୭ ।୬(ସମିସ): ଓଡ଼ିଶା ଫୁଟବଲ ଆସୋସିଏସନ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ଆନ୍ତଃ ଜିଲ୍ଲା ସିନିୟର ଉଭୟ ପୁରୁଷ ଓ ମହିଳା ଫୁଟବଲ ଟୁର୍ଣ୍ଣାମେଣ୍ଟ ଆସନ୍ତା ଜୁଲାଇରେ ଅନୁଷ୍ଠିତ ହେବ । ଏଥିପାଇଁ ମୟୂରଭଞ୍ଜ ଆଥଲେଟିକ ଆସୋସିଏସନ ଆନୁକୂଲ୍ୟରେ ମୟୂରଭଞ୍ଜ ଜିଲ୍ଲାର ଉଭୟ ପୁରୁଷ ଓ ମହିଳା ଦଳ ପାଇଁ ଚୟନ ପ୍ରକ୍ରିୟା ଆସନ୍ତା ୨୫ ତାରିଖଠାରୁ ବାରିପଦା ଷ୍ଟାଡିୟମରେ ଅନୁଷ୍ଠିତ ହେବ ବୋଲି ସାଧାରଣ ସମ୍ପାଦକ ବିଜୟ କୁମାର ଦାସ ଜଣାଇଛନ୍ତି । ଆଗ୍ରହୀ ଖେଳାଳି ନିଜର ଜନ୍ମ ପ୍ରମାଣପତ୍ର ବା ହାଇସ୍କୁଲ ସାର୍ଟିଫିକେଟ, ଆଧାରକାର୍ଡ ଓ ଗୋଟିଏ ପାସପୋର୍ଟ ଫଟୋ ସହ ବାରିପଦା ଷ୍ଟାଡିୟମ ଅଫିସରେ ୨୩ ତାରିଖ ସୁଦ୍ଧା ନାମ ପଞ୍ଜିକରଣ କରିପାରିବେ ବୋଲି ଫୁଟବଲ ସମ୍ପାଦକ ଅମର କୁମାର ସେଠୀ ଜଣାଇଛନ୍ତି ।

## ସିପିଆଇଏମ୍‌ର ମାନବଶୃଙ୍ଖଳ ଶୋଭାଯାତ୍ରା




ମୋରଡା/ରାସଗୋବିନ୍ଦପୁର, ୧୭।୬(ସମିସ): ରାସଗୋବିନ୍ଦପୁର ତହସିଲ କାର୍ଯ୍ୟାଳୟଠାରୁ ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ମଙ୍ଗଳବାର ସିପିଆଇଏମ ତରଫରୁ ଦେଶ ବ୍ୟାପୀ ସଂହତି ଦିବସ ପାଳନ ପରିପ୍ରେକ୍ଷୀରେ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ସିପିଆଇଏମର ମୟୂରଭଞ୍ଜ ଜିଲ୍ଲା ସମ୍ପାଦକ ମୃତ୍ୟୁଞ୍ଜୟ ବେହେରାଙ୍କ କହିବା ମୁତାବକ ପାଲେଷ୍ଟାଇନ ଅଧିବାସୀଙ୍କ ଉପରେ ଦୀର୍ଘ ୨୦ ମାସ ଧରି ଇସ୍ରାଏଲ ସରକାର ନରସଂହାର ଚଳାଇଥିବା ଥିବା ବେଳେ ନିରନ୍ତର ବୋମାମାଡ଼ ତଥା ସାମରିକ ଆକ୍ରମଣ ଫଳରେ ୫୫ ହଜାରରୁ ଅଧିକ ମୃତ୍ୟୁ ଘଟିଲାଣି । ଇସ୍ରାଏଲ ଅତ୍ୟନ୍ତ କ୍ରୁରତାର ସହିତ ପାଲେଷ୍ଟାଇନକୁ ରିଲିଫ ଆସିବାକୁ ଦେଉନାହିଁ । ଫଳରେ ଗାଜା ଏକ ମାନବିକ ବିପର୍ଯ୍ୟୟ ଆଡକୁ ଠେଲି ହୋଇଯାଉଛି । ବିଶ୍ୱବ୍ୟାପୀ ଇସ୍ରାଏଲ ସରକାରଙ୍କ ବିରୋଧରେ ଅସନ୍ତୋଷ ଓ ପ୍ରତିବାଦ ନେଇ ଆନ୍ଦୋଳନ ହେଉଥିବା ବେଳେ ଭାରତ ସରକାର ଉକ୍ତ ପ୍ରସଙ୍ଗରେ ନିରବ ରହିଛନ୍ତି । ଆମେରିକା ପରାମର୍ଶରେ ଇସ୍ରାଏଲର ସହଯୋଗୀ ଭାବେ ଭାରତ ନିଜକୁ ପ୍ରତିପାଦିତ କରୁଥିବାରୁ ଉକ୍ତ ଶୋଭାଯାତ୍ରା ଭାରତ ସରକାରଙ୍କ ବିରୁଦ୍ଧରେ କରାଯାଇଛି ବୋଲି ଶ୍ରୀ ବେହେରା ପ୍ରକାଶ କରିଛନ୍ତି । ତେଣୁ ଭାରତ ସରକାର ଉକ୍ତ ପ୍ରସଙ୍ଗ ବାବଦରେ ସଠିକ ନିଷ୍ପତ୍ତି ଗ୍ରହଣ କରନ୍ତୁ ବୋଲି ସଦସ୍ୟ ପ୍ରଶାନ୍ତ ପରିଡ଼ା, ହରିଶ୍ଚନ୍ଦ୍ର ସିଂ, ବିକର୍ତ୍ତନ କବି, ସୁନୀଲ କୁମାର ପ୍ରମୁଖ କଡା ସମାଲୋଚନା କରିଛନ୍ତି ।

### ୨୦ରେ ଖୋଲିବ ସ୍କୁଲ

# ୩୧ଟି ଉଚ୍ଚବିଦ୍ୟାଳୟ 'ପିଏମଶ୍ରୀ' ଯୋଜନାରେ ସାମିଲ

ବାରିପଦା, ୧୭ ।୬(ସମିସ)



### ଗୋଦାବରୀଶ ଯୋଜନାରେ ୧୨୫ଟି ପ୍ରାଥମିକ ସ୍କୁଲ ଅନ୍ତର୍ଭୁକ୍ତ

ଗ୍ରୀଷ୍ମ ଅବକାଶ ପରେ ଆସନ୍ତା ଶୁକ୍ରବାର ୨୦ ତାରିଖରେ ଜିଲ୍ଲାର ସମସ୍ତ ସ୍କୁଲ ଖୋଲିବ । ଏନେଇ ଗଣଶିକ୍ଷା ବିଭାଗର ନିର୍ଦ୍ଦେଶ କ୍ରମେ ସମସ୍ତ ସ୍କୁଲ ପରିସର ସଫେଇ ଆରମ୍ଭ ହୋଇଛି । ମୟୂରଭଞ୍ଜ ଜିଲ୍ଲାରେ ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ ପାଇଁ ସମଗ୍ର ଶିକ୍ଷା, ବିଭିନ୍ନ ବିଭାଗ କାର୍ଯ୍ୟ କରୁଛି ଯଥା- ଯୋଜନା, ଶିକ୍ଷାତତ୍ତ୍ୱ, ଅନୁସୂଚିତ ଜାତି, ଜନଜାତି, ସଂଖ୍ୟାଲଘୁ ପିଲାଙ୍କ ଶିକ୍ଷା, ଧନ୍ଦାମୂଳକ ଶିକ୍ଷା ଓ ଗୋଷ୍ଠୀ ସଞ୍ଚାଳନ, ସମନ୍ୱିତ ଶିକ୍ଷା ବ୍ୟବସ୍ଥା (ଭିନ୍ନକ୍ଷମ ପିଲାଙ୍କ ପାଇଁ ) ଓ ବାଳିକା ଶିକ୍ଷା । ଇତିମଧ୍ୟରେ ଜିଲ୍ଲାର ୩୧ଟି ଉଚ୍ଚ ବିଦ୍ୟାଳୟକୁ ପିଏମ-ଶ୍ରୀ ଯୋଜନାରେ ସାମିଲ କରାଯାଇଛି । ସେହିପରି ପ୍ରଥମ ପର୍ଯ୍ୟାୟରେ ୭ଟି ଓ ଦ୍ୱିତୀୟ ପର୍ଯ୍ୟାୟରେ ୧୧୮ଟି ପ୍ରାଥମିକ ବିଦ୍ୟାଳୟକୁ ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ ଯୋଜନାରେ ମଧ୍ୟ ଅନ୍ତର୍ଭୁକ୍ତ କରାଯାଇଛି । ମୋଟ ୪୦ ଜଣ ପ୍ରବାସୀ ଛାତ୍ରଛାତ୍ରୀଙ୍କ ପାଇଁ ଆବାସିକ ସ୍ୱତନ୍ତ୍ର ପ୍ରଶିକ୍ଷଣ ଶିବିର ମାଧ୍ୟମରେ ପାଠ ପଢ଼ିବା ପାଇଁ ବ୍ୟବସ୍ଥା କରାଯାଇଛି । ଗତ ଏପ୍ରିଲ ୧ ତାରିଖରୁ ୧୪ ତାରିଖ ପର୍ଯ୍ୟନ୍ତ ବିଦ୍ୟାଳୟରେ ଓଡିଆ ପକ୍ଷ ପାଳନ ଅବସରରେ ଓଡ଼ିଶା ଦିବସ, ପ୍ରବେଶ ଉତ୍ସବ, ଖଡି ଛୁଆଁ ଓ ବର୍ଣ୍ଣବୋଧ ଉତ୍ସବ ମଧ୍ୟ ପାଳନ କରାଯାଇଛି । ୨୦୨୫-୨୬ ଶିକ୍ଷାବର୍ଷରେ ଜିଲ୍ଲାର ପ୍ରତି ପ୍ରାଥମିକ ବିଦ୍ୟାଳୟରେ ଶିଶୁବାଟିକା ଶ୍ରେଣୀ ଖୋଲାଯାଇଛି । ଗତ ୨୦୨୪ ମସିହା ଡିସେମ୍ବର ୨୦ରେ ଆସାମର ଗୌହାଟିଠାରେ ଅନୁଷ୍ଠିତ ଜୋନାଲ ସ୍ତରୀୟ ସ୍କୁଲ ବ୍ୟାଣ୍ଡ ପ୍ରତିଯୋଗିତାରେ ମୟୂରଭଞ୍ଜ ଜିଲ୍ଲାରୁ କରଞ୍ଜିଆ ବିବେକାନନ୍ଦ ଉଚ୍ଚ ବିଦ୍ୟାଳୟର ଛାତ୍ର ପାଇପ ବ୍ୟାଣ୍ଡ ବିଭାଗରେ ଅଂଶ ଗ୍ରହଣ କରି ତୃତୀୟ ସ୍ଥାନ ଅଧିକାର କରିଥିଲେ । ନିପୁଣ ଓଡ଼ିଶା ମିଶନ-୨୦୨୪ର ଶୁଭ ଉନ୍ମୋଚନ ବିଦ୍ୟାଳୟ, କ୍ଲଷ୍ଟର ଏବଂ ବ୍ଲକସ୍ତରରେ ପାଳନ କରାଯାଇଥିବା ବେଳେ ଜିଲ୍ଲାସ୍ତରୀୟ ନିପୁଣ ମେଳା ଆୟୋଜନ ମଧ୍ୟ ଶେଷ ହୋଇଛି । ଏହି ମିଶନର ଉଦ୍ଦେଶ୍ୟ ୩ ବର୍ଷରୁ ୮ ବର୍ଷ ମଧ୍ୟରେ ପଢୁଥିବା ପିଲା, ତୃତୀୟ ଶ୍ରେଣୀ ସୁଦ୍ଧା ମୌଳିକ ସାକ୍ଷରତା ଓ ସଂଖ୍ୟା ଜ୍ଞାନ ଦକ୍ଷତା ହାସଲ କରିବେ । ଅର୍ଥାତ ବୟସ ଅନୁସାରେ ପିଲାମାନେ ସହଜରେ ପଢ଼ିବେ, ପଢ଼ି ବୁଝିବେ, ଲେଖିବେ, ଗଣିତ କରିବେ ଓ ଦୈନନ୍ଦିନ ଜୀବନରେ ସମସ୍ୟାର ସମାଧାନ କରିବେ । ମୟୂରଭଞ୍ଜ ଜିଲ୍ଲାରେ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ହାସଲ କରିବା ପାଇଁ ୨, ୨୮, ୯୦୦ ଏଫଏଲଏନ ପୁସ୍ତକ ପ୍ରଥମ ଶ୍ରେଣୀରୁ ତୃତୀୟ ଶ୍ରେଣୀ ପର୍ଯ୍ୟନ୍ତ ୨୦୨୫-୨୬ ଶିକ୍ଷା ବର୍ଷରେ ପ୍ରଦାନ କରାଯାଇଛି । ଜିଲ୍ଲାର ୨୬ଟି ବ୍ଲକରେ ପ୍ରାଥମିକ ଛାତ୍ରଛାତ୍ରୀଙ୍କ ନିମନ୍ତେ ଦର୍ଶନୀୟ ସ୍ଥାନ ପରିଭ୍ରମଣ ଏବଂ ଉଚ୍ଚ ମାଧ୍ୟମିକ ଛାତ୍ରଛାତ୍ରୀଙ୍କ ନିମନ୍ତେ ଶିକ୍ଷଣୀୟ ସ୍ଥାନ ପରିଭ୍ରମଣର ମଧ୍ୟ ବ୍ୟବସ୍ଥା କରଯାଇଥିଲା । ସେହିପରି ବୀର ସୁରେନ୍ଦ୍ର ସାଏ ଦିବ୍ୟ ଦୃଷ୍ଟି ଯୋଜନା ମାଧ୍ୟମରେ ଜିଲ୍ଲାରେ ପ୍ରଥମରୁ ଦଶମ ଶ୍ରେଣୀ ମଧ୍ୟରେ ଶିକ୍ଷା ଗ୍ରହଣ କରୁଥିବା ସମସ୍ତ ବର୍ଗର ପିଲାଙ୍କୁ ଚକ୍ଷୁ ପରୀକ୍ଷା କରାଯାଇଥିଲା । ଦୃଷ୍ଟି ଦୋଷ ଥିବା ୩, ୩୨୭ ଜଣ ଛାତ୍ରଛାତ୍ରୀଙ୍କୁ ମାଗଣାରେ ଚଷମା ପ୍ରଦାନ କରାଯାଉଛି । ଜିଲ୍ଲାରେ ୩୧ଟି ପିଏମଶ୍ରୀ ସ୍କୁଲରେ ଭିନ୍ନକ୍ଷମ ପିଲାମାନେ ଶ୍ରେଣୀ ଗୃହକୁ ସହଜରେ ଗମନାଗମନ କରିବା ପାଇଁ ବାଧାମୁକ୍ତ ପରିବେଶ ସୃଷ୍ଟି କରାଯିବା ସହିତ ବିଭିନ୍ନ ପ୍ରକାର ସେବା ଦେବା ପାଇଁ ଉକ୍ତ ବିଦ୍ୟାଳୟ ମଧ୍ୟରୁ ୧୬ଟି ବିଦ୍ୟାଳୟରେ 'ସକ୍ଷମ' ନାମକ ଏକ ସାଧନ କେନ୍ଦ୍ର ପ୍ରସ୍ତୁତ କରାଯାଇଛି । ସମସ୍ତ ଛାତ୍ରଛାତ୍ରୀଙ୍କୁ ମାଗଣାରେ ଦୁଇ ହଳ ପୋଷାକ, ଜୋତା, ମୋଜା, ଟି-ସାର୍ଟ, ଟ୍ରାକ୍ ପ୍ୟାଣ୍ଟ, ଟୋପି, ପରିଚୟପତ୍ର ଯୋଗାଇ ଦିଆଯାଇଛି । ଅଧାରୁ ପାଠଛାଡିଥିବା ବାଳିକା, ଦୀର୍ଘଦିନ ଧରି ସ୍କୁଲରେ ଅନୁପସ୍ଥିତ ଥିବା ବାଳିକା, ସ୍କୁଲରେ ଆଦୌ ନାମ ଲେଖାଇ ନ ଥିବା ୧୧ ବର୍ଷ ବୟସରୁ ଅଧିକ ଥିବା ବାଳିକାଙ୍କ ଷଷ୍ଠ ଶ୍ରେଣୀରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷା ସୁନିଶ୍ଚିତ କରିବା ପାଇଁ ବ୍ୟବସ୍ଥା କରାଯାଇଛି ବୋଲି ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ସୂଚନା ଦେଇଛନ୍ତି ।

## ବିନା ଫଳକରେ ଚାଲିଛି ଦୋଳିପଡ଼ା ବିଦ୍ୟାଳୟ ଛାତ୍ରାବାସ

# ନିର୍ମାଣରେ ଅନିୟମିତତା ଅଭିଯୋଗ ଆଣିଲେ ଗ୍ରାମବାସୀ



ଶରତ, ୧୭।୬(ସମିସ): ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ବ୍ଲକ ଅନ୍ତର୍ଗତ ରାମଚନ୍ଦ୍ରପୁର ଗ୍ରାମ ପଞ୍ଚାୟତର ଦୋଳିପଡ଼ା ଗ୍ରାମରେ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ୧୯୫୪ ମସିହାରେ ପ୍ରତିଷ୍ଠା ହୋଇଛି। ଉକ୍ତ ବିଦ୍ୟାଳୟରେ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପିଲା ପଢୁଛନ୍ତି। ହେଲେ ସ୍କୁଲରେ ହଷ୍ଟେଲ ସୁବିଧା ନ ଥିବାରୁ ପିଲାମାନେ ଅଧାରୁ ପାଠପଢ଼ା ଛାଡୁଥିବାରୁ ଏକ ଛାତ୍ରାବାସ ଖୋଲିବା ନିମନ୍ତେ ଲୋକେ ବାରମ୍ବାର ଜିଲ୍ଲା ପ୍ରଶାସନ ନିକଟରେ ଦାବି ରଖିଥିଲେ। ଲୋକଙ୍କ ଦାବିକୁ ଦୃଷ୍ଟିରେ ରଖି ସରକାର ଛାତ୍ରାବାସ ନିର୍ମାଣ ନିମନ୍ତେ ଅର୍ଥ ଅନୁମୋଦନ କରିଛନ୍ତି। ହେଲେ ଛାତ୍ରାବାସ ନିର୍ମାଣ ଚାଲିଥିଲେ ମଧ୍ୟ ପ୍ରକଳ୍ପ ନିମନ୍ତେ କୌଣସି ଫଳକ ଲଗାଯାଇନାହିଁ। ଫଳରେ କେଉଁ ବିଭାଗରୁ ଅର୍ଥ ଅନୁମୋଦନ ହୋଇଛି ଏବଂ ଏହା କେତେ ଟଙ୍କାର ପ୍ରକଳ୍ପ ତାହା ଲୋକେ ଜାଣିପାରୁ ନାହାଁନ୍ତି। ପ୍ରକଳ୍ପର ଫାଉଣ୍ଡେସନ ଠିକ ଭାବରେ ଖୋଳାଯାଇଥିବା ନ ଥିବା ଗ୍ରାମର ତାରାଶଙ୍କର ପାତ୍ର, ଦୋଳିପଡ଼ା ୱାର୍ଡ ମେମ୍ବର ପ୍ରଦୀପ ବେହେରା, ଦୁଃଶାସନ ବେହେରା, ସୁମନ୍ତ ବେହେରା, ପ୍ରଭାତ ଦେହୁରୀ, ରମେଶ ପାତ୍ର, ଚନ୍ଦନ ବେହେରା, ନୀର ଦେହୁରୀ, ରାମ ଦେହୁରୀ ଏବଂ ତପନ ପାତ୍ର ପ୍ରମୁଖ ପ୍ରକାଶ କରିଛନ୍ତି। ପ୍ରକଳ୍ପ ସମୟରେ ବିଭାଗୀୟ ଯନ୍ତ୍ରୀ ମଧ୍ୟ ଉପସ୍ଥିତ ରହୁନାହାନ୍ତି। ଫଳରେ ଠିକାଦାର ମନଇଚ୍ଛା କାମ କରୁଛି ବୋଲି କହିଛନ୍ତି। ବର୍ତ୍ତମାନ ଘରର ଛାତ ପକା ଯାଉଛି ଏବଂ ଠିକ ପରିମାଣରେ ବାଲି, ଚିପ୍ସ ଏବଂ ସିମେଣ୍ଟ ଦିଆଯାଉନଥିବା ମଧ୍ୟ ଗ୍ରାମବାସୀ ଅଭିଯୋଗ କରୁଛନ୍ତି। ଏହି ପ୍ରକଳ୍ପ ପାଖାପାଖି ୩ କୋଟି ଟଙ୍କା ଅଟକଳ ବ୍ୟୟରେ ନିର୍ମାଣ ହେଉଛି। ଫଳକ ନ ଲଗାଇ ଠିକାଦାର କାମ କରୁଥିବାରୁ ଏହା ତାଙ୍କର ମନ୍ଦ ଉଦ୍ଦେଶ୍ୟକୁ ପ୍ରମାଣିତ କରୁଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ତେବେ ଆଦିବାସୀ ଛାତ୍ରଛାତ୍ରୀଙ୍କ ନିମନ୍ତେ ନିର୍ମାଣ ହେଉଥିବା ପ୍ରକଳ୍ପରେ ଅନିୟମିତତା ଏବଂ ଦୁର୍ନୀତି ଅଭିଯୋଗ ହେଉଥିବାରୁ ମୟୂରଭଞ୍ଜ ଜିଲ୍ଲାପାଳ ପ୍ରକଳ୍ପର ସମୀକ୍ଷା କରିବା ନିମନ୍ତେ ଶରତ ବିକାଶ ମଞ୍ଚ ପକ୍ଷରୁ ନିବେଦନ କରାଯାଇଛି।

# ଘରକାନ୍ଥ ଭାଙ୍ଗିଲା ହାତୀ; ଅଳ୍ପକେ ବର୍ତ୍ତିଲେ ପରିବାର



ବିଶୋଇ, ୧୭।୬ (ସମିସ): ବିଶୋଇ ବ୍ଲକ ଅନ୍ତର୍ଗତ ଯୋଡ଼ିଆ ଗ୍ରାମରେ ସୋମବାର ରାତିରେ ହାତୀ ଉପଦ୍ରବ ଦେଖାଯାଇଛି। ରାତିରେ ଘରେ ଲୋକେ ଶୋଇଥିବାବେଳେ ହାତୀ ଘରର କାନ୍ଥକୁ ଭାଙ୍ଗିଦେଇଛି; ହେଲେ ଘରେ ଶୋଇଥିବା ଦୁଇ ଜଣ ଅଳ୍ପକେ ରକ୍ଷା ପାଇଯାଇଛନ୍ତି। ସୂଚନା ଅନୁସାରେ, ଗତକାଲି ଯୋଡ଼ିଆ ଗ୍ରାମର ଦେୱାନ ମାର୍ଣ୍ଡି (୩୫) ନିଜ ଦୋକାନକୁ ଲାଗି ରହିଥିବା ଘର ମଧ୍ୟରେ ପଡୋଶୀ ଫାଗୁରାମ ମୁର୍ମୁଙ୍କ ସହିତ ଶୋଇଥିଲେ। ରାତ୍ରି ପ୍ରାୟ ୧୧ଟାରେ ଏକ ହାତୀ ନିକଟସ୍ଥ ଜଙ୍ଗଲରୁ ପଳାଇ ଆସି ଦେୱାନ ଓ ଫାଗୁରାମଙ୍କ ଘରର କାନ୍ଥକୁ ଭାଙ୍ଗିବା ପାଇଁ ଚେଷ୍ଟା କରିଥିଲା। କାନ୍ଥ ଭାଙ୍ଗିବା ଶବ୍ଦ ଶୁଣି ଦେୱାନ ଓ ଫାଗୁରାମ ବାହାରକୁ ଦୌଡ଼ି ପଳାଇ ଆସି ନିଜର ଜୀବନ ରକ୍ଷା କରିଥିଲେ। ପରେ ହାତୀଟି ଉଭୟଙ୍କ ଘରର କାନ୍ଥକୁ ଭାଙ୍ଗିଦେଇ ଘରେ ଥିବା ସମସ୍ତ ଆସବାବପତ୍ର ଏବଂ ଧାନଚାଉଳ ନଷ୍ଟ କରିଦେଇଛି। ପରେ ଦେୱାନ ଓ ଫାଗୁରାମ ହାତୀକୁ ଘଉଡ଼ାଇବା ପାଇଁ ଗ୍ରାମବାସୀଙ୍କୁ ଡାକିଥିଲେ। କିଛି ସମୟ ପରେ ବନବିଭାଗର ଏକ ପାଟ୍ରୋଲିଂ ଟିମ ପହଞ୍ଚି ଘଟଣାର ତଦନ୍ତ କରିଥିଲେ। କ୍ଷୟକ୍ଷତି ନେଇ ଦେୱାନ ରାଜସ୍ୱ ନିରୀକ୍ଷକଙ୍କୁ ଲିଖିତ ଆକାରରେ ଜଣାଇଛନ୍ତି; ହେଲେ କୌଣସି ସରକାରୀ ସହାୟତା ମିଳିନାହିଁ। କିଛିଦିନ ହେବ ଯୋଡ଼ିଆ, ଶାଗଜୁଡି, ସୁନାଯୋଡ଼ିଆ, ଗାରଗାଡି ଆଦି ଜଙ୍ଗଲ ନିକଟବର୍ତ୍ତୀ ଗ୍ରାମରେ ହାତୀ ଉପଦ୍ରବ ଦେଖିବାକୁ ମିଳୁଛି। ଗତ ମାସ ୨୪ ତାରିଖରେ ଗାରଗାଡି ଗ୍ରାମ ନିକଟରେ ଏକ ହାତୀ ଜଣେ ମହିଳାଙ୍କୁ ଆକ୍ରମଣ କରିବାରୁ ତାଙ୍କର ମୃତ୍ୟୁ ଘଟିଥିଲା।

## ନୁଦୁରାମ ସୋରେନ ବଳିଦାନ ଦିବସ



ରାଇରଙ୍ଗପୁର, ୧୭।୬(ସମିସ): ସହୀଦ ନୁଦୁରାମ ସୋରେନ ମେମୋରିଆଲ ଟ୍ରଷ୍ଟ ଆନୁକୂଲ୍ୟରେ ନୁଦୁରାମ ସୋରେନ ବଳିଦାନ ଦିବସ ପାଳିତ ହୋଇଯାଇଛି। ବିଜୟ କୁମାର ରାମଙ୍କ ଆବାହନ କ୍ରମେ ଟାକ୍ସି ଷ୍ଟାଣ୍ଡ ସ୍ଥିତ 'ସହୀଦ ନୁଦୁରାମ ସୋରେନ ପାର୍କ'ରେ ଆୟୋଜିତ ସଭାକୁ ସେବାସଙ୍ଘ ରାଷ୍ଟ୍ରୀୟ ସମ୍ପାଦକ ମୋଚିରାମ ମାଝି ସଭାପତିତ୍ୱ କରିଥିବାବେଳେ ରଞ୍ଜନ କୁମାର ନନ୍ଦ ସଭା ପରିଚାଳନା କରିଥିଲେ। ପ୍ରଥମେ ଉପସ୍ଥିତ ସଦସ୍ୟଙ୍କ ଦ୍ୱାରା ସହିଦଙ୍କ ପ୍ରତିମାକୁ ଶ୍ରଦ୍ଧାସୁମନ ଓ ମାଲ୍ୟାର୍ପଣ ପରେ ପହଲଗାମ ହତ୍ୟାକାଣ୍ଡ, ଅହମଦାବାଦ ଏୟାରକ୍ରାସରେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ଉଦ୍ଦେଶ୍ୟରେ ଏକ ମିନିଟର ନିରବ ପ୍ରାର୍ଥନା କରାଯାଇଥିଲା। ଟ୍ରଷ୍ଟ ମୁଖ୍ୟ ମନୋରଞ୍ଜନ ହାଁସଦା ସ୍ୱାଗତ ସମ୍ଭାଷଣ ପରେ ମୋଚିରାମ ମାଝି ସହୀଦଙ୍କ ଜୀବନୀ ଓ ପ୍ରାଣତ୍ୟାଗର ଗାଥା ବଖାଣିଥିଲେ। କାର୍ଯ୍ୟକ୍ରମରେ କିଶୋର ରଜକ, ସୌରଭ ପଟ୍ଟନାୟକ, ଗୋପାଳ କୃଷ୍ଣ ମହାନ୍ତି, ଡକ୍ଟର ଦିଗମ୍ବର ଗିରି, ଭବାନୀ ଗିରି, ଲଖୀନ ସୋରେନ, ମାଝିଆ ମାଝି, ଶଙ୍କର ହାସଦା, ମେଜର ମହେନ୍ଦ୍ରନାଥ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ବାରିପଦା କିସ୍ ସ୍କୁଲର ଅଧ୍ୟକ୍ଷ ଗଣେଶ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଶିବ ମନ୍ଦିର କମିଟିର ପ୍ରସ୍ତୁତି ବୈଠକ



କପ୍ତିପଦା, ୧୭।୬(ସମିସ): କପ୍ତିପଦା ବ୍ଲକ ସୁଡୁସୁଡ଼ିଆ ଗ୍ରାମର ନିର୍ମାଣଧୀନ ବାବା ସୁରେଶ୍ୱର ଶିବ ମନ୍ଦିର କମିଟିର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କମିଟି ସଭାପତି ସମର ବଲ୍ଲଭ ହାତୀ, ସମ୍ପାଦକ ବିଜୟ କୁମାର ସାହୁ, କୋଷାଧ୍ୟକ୍ଷ ଈଶ୍ୱର ଚନ୍ଦ୍ର ଜେନା, ଏବଂ ସଦସ୍ୟ ଶ୍ରୀକାନ୍ତ ପରିଡ଼ା, ରମାନାଥ ନାୟକ, ମହେଶ୍ୱର ନାୟକ, ଘନଶ୍ୟାମ ବିନ୍ଧାଣୀ ଓ ଉପଦେଷ୍ଟା ମଣ୍ଡଳୀର ଚିତ୍ତ ରଞ୍ଜନ ସେନାପତି, ଗୋପୀନାଥ ନାଏକ, ଉପେନ୍ଦ୍ରନାଥ ବେହେରା, ଲୋକନାଥ ପାଣ୍ଡିଆ, ରମାନାଥ ସାହୁ, ପ୍ରହ୍ଲାଦ ନାୟକ ପ୍ରମୁଖ ଉପସ୍ଥିତ ରହି ମନ୍ଦିର ନିର୍ମାଣର ଆଗାମୀ ରୂପରେଖ ତଥା ରତ୍ନମୁଦ ବାବଦରେ ଆଲୋଚନା କରିଥିଲେ। ବୈଠକରେ ମନ୍ଦିର ଆୟ ବ୍ୟୟ ହିସାବ ତଦାରଖ କରାଯାଇ ଥିଲା। ବିଜୟ କୁମାର ସାହ ଧନ୍ୟବାଦ ଅର୍ପଣ କରିଥିଲେ।

## ଉଚ୍ଛେଦ ନୋଟିସ ପରେ ତିତିରିବାସୀଙ୍କ ଅସନ୍ତୋଷ

କୁଳିଅଣା, ୧୭।୬(ସମିସ): କୁଳିଅଣା ତହସିଲ ଅନ୍ତର୍ଗତ ତିତିରି ମୌଜାରେ ଦୀର୍ଘ ବର୍ଷ ଧରି ସରକାରୀ ଜମିରେ ଘରକରି ରହିଆସୁଥିବା ପରିବାରଙ୍କୁ ଉଚ୍ଛେଦ ନିମନ୍ତେ ତହସିଲ ନୋଟିସ ଜାରି କରିବା ଫଳରେ ଅସନ୍ତୋଷ ଦେଖାଦେଇଛି। ଏ ନେଇ ଆଜି ୩୫ଟି ପରିବାର ତହସିଲଦାରଙ୍କୁ ଭେଟି ସମସ୍ୟା ସମ୍ପର୍କରେ ଅବଗତ କରିଥିଲେ। ତହସିଲଦାର ଦୁର୍ଗାଚରଣ ମୁର୍ମୁ ବିସ୍ଥାପିତ ହେବାକୁ ଥିବା ପରିବାରଙ୍କୁ ପୁଣି ଆଉ ଏକ ତାରିଖରେ ଉପସ୍ଥିତ ହୋଇପାରିବେ ବୋଲି କହିଥିଲେ। ତହସିଲଦାର ଶ୍ରୀ ମୁର୍ମୁଙ୍କୁ ପଚାରିବାରୁ ଓପିଏଲଇ ଆଇନ ୧୯୭୨ ଅନୁଯାଇ ଫର୍ମ-କ ଦ୍ୱାରା ଜବରଦଖଲ କରିଥିବା ସରକାରଙ୍କ ଜମିକୁ ତ୍ୟାଗ କରିବା ପାଇଁ ଅନୁରୋଧ କରାଯାଇଛି। ସରକାରଙ୍କ ବିଜ୍ଞାପ୍ତି ନଂ ୧୨୬୮/୧୯/୫/୨୫ ଅନୁଯାଇ ଆଜି ବିସ୍ଥାପିତ ହେବାକୁ ଥିବା ୩୫ଟି ପରିବାରଙ୍କ ଅଭିଯୋଗ ଗ୍ରହଣ କରିଛନ୍ତି ତହସିଲଦାର। ତର୍ଜମା କରିବାପରେ ପରବର୍ତ୍ତୀ ନିଷ୍ପତ୍ତି ନିଆଯିବ ବୋଲି ସେ କହିଛନ୍ତି। ଅନ୍ୟ ପକ୍ଷରେ ସ୍ଥାନୀୟ ସରପଞ୍ଚ ଅହଲ୍ୟା ନାଏକ ପେସା ଆଇନ ଅନୁଯାଇ ପଲ୍ଲୀସଭା କି ଗ୍ରାମସଭା ହୋଇ ନି Oବା ଯୋଗୁଁ



ତିତିରି ମୌଜାରେ ଜବରଦଖଲକାରୀଙ୍କୁ ଉଚ୍ଛେଦ ପ୍ରକ୍ରିୟା ବନ୍ଦ କରାନଗଲେ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବା ନେଇ ଆଶଙ୍କା କରି ଜିଲ୍ଲପାଳ, ଉପଜିଲ୍ଲାପାଳ ଓ ତହସିଲଦାରଙ୍କୁ ଅବଗତ କରିଛନ୍ତି। ଏହି ମର୍ମରେ ଗ୍ରାମବାସୀ ମୁଖ୍ୟମନ୍ତ୍ରୀଙ୍କୁ ଅନଲାଇନ ଯୋଗେ ଜନ ଅଭିଯୋଗ ଶୁଣାଣି ପୋର୍ଟାଲରେ ଜଣାଇଛନ୍ତି।

## ଧରାବାଗୁଡି ପ୍ରତିଯୋଗିତା; ବାଲେଶ୍ୱର ଚାମ୍ପିଅନ

ବଡସାହି, ୧୭।୬(ସମିସ): ରଜ ପର୍ବ ଅବସରରେ ବଡସାହି ବ୍ଲକ ଅଧୀନ ଦେଉଳିଆ ପଞ୍ଚାୟତ ବଗିଚା ବାଡିରେ ଏକ ଧରାବାଗୁଡି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। କୌଶଲ୍ୟା ମେମୋରିଆଲ କମିଟି ଆନୁକୂଲ୍ୟରେ ଅନୁଷ୍ଠିତ ଏହି ପ୍ରତିଯୋଗିତା ଚଳିତ ବର୍ଷ ୭୪



ବର୍ଷରେ ପଦାର୍ପଣ କରିଥିବା ବେଳେ ୩ଦିନ ଧରି ଧୂମଧାମରେ ପାଳନ ହୋଇଛି। ଏହି ଖେଳରେ ୧୬ଟି ଦଳ ଭାଗ ନେଇଥିଲେ। ସେମାନଙ୍କ ମଧ୍ୟରୁ ଉନ୍ନତ ଖେଳ ପ୍ରଦର୍ଶନ କରି ବାଲେଶ୍ୱର ଓ ପୁରୁଣାପାଣି ଦଳ ଫାଇନାଲରେ ପ୍ରବେଶ କରିଥିଲେ। ଫଳରେ ବାଲେଶ୍ୱର ଦଳ ୬ ପଏଣ୍ଟରେ ପୁରୁଣାପାଣି ଦଳକୁ ହରାଇ ଚଳିତ ବର୍ଷ ଚମ୍ପିଆନ ହୋଇଛି। ଏହି ଅବସରରେ ଅନୁଷ୍ଠିତ ସମିତିସଭ୍ୟ ନିହାର ରଞ୍ଜନ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ଇଂ. ପୂର୍ଣ୍ଣଚନ୍ଦ୍ର ହେମ୍ବ୍ରମ୍ ଯୋଗ ଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଚାମ୍ପିଅନ ଦଳକୁ ଖାସି ଓ ରନର୍ସଅପ୍ ଦଳକୁ ୩ ହଜାର ଟଙ୍କାର ପୁରସ୍କାର ଦିଆଯାଇଥିଲା। ଏହି ଅବସରରେ ଛୋଟ ଛୋଟ ପିଲାମାନଙ୍କୁ ନେଇ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତି ପ୍ରତିଯୋଗୀଙ୍କୁ ମଧ୍ୟ ଅତିଥିମାନେ ପୁରସ୍କୃତ କରିଥିଲେ। କୌଶଲ୍ୟ ମେମୋରିଆଲର ସମ୍ପାଦକ ନୀଳକଣ୍ଠ ସଦୁଆଳ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ବରିଷ୍ଠ ସଦସ୍ୟ ଅସିତ କୁମାର ସଦୁଆଳ, ନିରାକର ସଦୁଆଳ ଓ ରାଧାଗୋବିନ୍ଦ ଦେହୁରୀ ଖେଳ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଞ୍ଜୀବ କୁମାର ସଦୁଆଳ, ବ୍ରହ୍ମାନନ୍ଦ ସଦୁଆଳ, ଅନଙ୍ଗଭୂଷଣ ସଦୁଆଳ, ସୁଧୀର ସଦୁଆଳ, ଗଣେଶ୍ୱର ମହାପାତ୍ର, ମନୋରଞ୍ଜନ ସଦୁଆଳ ପ୍ରମୁଖ ଉପସ୍ଥିତ ଥିଲେ।

## ଶ୍ମଶାନରେ ଶବବାହକଙ୍କ ଆଶ୍ରୟ ଗୃହ ନିର୍ମାଣ ଦାବି

ଶୁକ୍ରୁଳି, ୧୭।୬(ସମିସ): ସରକାରଙ୍କ ଏକାଦଶ, ଦ୍ୱାଦଶ ଅର୍ଥ କମିଶନ ସମୟରେ ପ୍ରାୟ ସବୁ ଗ୍ରାମରେ ଶ୍ମଶାନ ଘାଟ ଓ ଶବ ବାହକଙ୍କ ନିମନ୍ତେ ଆଶ୍ରୟ ଗୃହ ନିର୍ମାଣ ହୋଇଛି; ମାତ୍ର ଶୁକ୍ରୁଳି ବ୍ଲକ ଅନ୍ତର୍ଗତ ପାଣ୍ଡରଶିଳ ଗ୍ରାମରେ ଏ ପର୍ଯ୍ୟନ୍ତ ଆଶ୍ରୟ ଗୃହ ନିର୍ମାଣ ହୋଇପାରିନାହିଁ। ଗୃହ ନ ଥିବାରୁ ଅସହ୍ୟ ଗ୍ରୀଷ୍ମ ତାତି, ପ୍ରବଳ ବର୍ଷା ଓ ବିଜୁଳି ବେଳେ ଶବ ବାହକମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏପରିକି ନିକଟରେ କୌଣସି ଆଶ୍ରୟ ସ୍ଥଳୀ ନଥିବାରୁ ଏହା ବିପଦ ବେଳେ ଅନ୍ୟ ବିପଦର କାରଣ ସାଜୁଛି। ଏଣୁ ପ୍ରଶାସନ ଏ ଦିଗରେ ଉପଯୁକ୍ତ ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି ଜଣାଇଛନ୍ତି।

## ଶାସ୍ତ୍ରୀ ନଗରରେ ଚୋରଙ୍କ ଉପଦ୍ରବ

ପିଙ୍ଗୁ, ୧୭।୬(ସମିସ): କପ୍ତିପଦା ବ୍ଲକ ଅନ୍ତର୍ଗତ ନୁଦଡ଼ିହା ଶାସ୍ତ୍ରୀନଗରରେ ସୋମବାର ଏକ ଗ୍ୟାରେଜରୁ ଚୋରି ହୋଇଛି। ଏହି ଅଞ୍ଚଳରେ ଚୋରଙ୍କ ଉପଦ୍ରବ ଦିନକୁ ଦିନ ବଢ଼ିବାରେ ଲାଗିଛି। କିଛିଦିନ ହେଲା ଘରେ ଏବଂ ମନ୍ଦିରରେ ପଶି ଦୁର୍ବୃତ୍ତମାନେ ଚୋରି କରୁଥିଲେ ମଧ୍ୟ ପୁଲିସ ନିଷ୍କ୍ରିୟ ରହୁଛି। ଚୋରମାନେ ଗେରେଜରୁ ୪୦ଟି ଟାୟାର, ୨୦ଟି ଟିଉବ ଏବଂ ଅନ୍ୟାନ୍ୟ ସାମଗ୍ରୀ ଚୋରିକରି ନେଇ ପଳାଇଛନ୍ତି। ନୁଦଡ଼ିହା ଫାଣ୍ଡିରେ ୨ଜଣ ମାତ୍ର କନେଷ୍ଟବଳ ଥିବା ବେଳେ ଜଣେ ଏସ୍.ଆଇ. ଅଛନ୍ତି। ଏହି ଫାଣ୍ଡି ଉପରେ ୬ଟି ପଞ୍ଚାୟତର ଲୋକେ ନିର୍ଭର କରୁଛନ୍ତି। ତେଣୁ ୬ ଗୋଟି ପଞ୍ଚାୟତର ୨ଜଣ କନେଷ୍ଟବଳ ଏବଂ ଜଣେ ଏସ୍.ଆଇ. ସମୁଦ୍ରକୁ ଶଙ୍ଖେ ସଦୃଶ୍ୟ ହୋଇଛି।

## ରଜପର୍ବରେ ବାର୍ଷିକ ପ୍ରତିଯୋଗିତା



କୁଆମରା, ୧୭।୬(ସମିସ): ରଜ ପର୍ବ ଅବସରରେ ପାରମ୍ପରିକ ବାର୍ଷିକ ପ୍ରତିଯୋଗିତା ଖୁଣ୍ଟା ବ୍ଲକ କରକଚିଆ ପଞ୍ଚାୟତ ଦୁବରାଜ ପଡ଼ିଆରେ ଦୁଇ ଦିନ ଧରି ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ସରପଞ୍ଚ ସୁମନ୍ତ ମଢେଇ ଓ କୃଷ୍ଣଚନ୍ଦ୍ର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତଥା ବ୍ଲକ ଶିକ୍ଷା ଅଧିକାର ଭୀମସେନ ବିଶ୍ୱାଳ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦଘାଟନ କରିଥିଲେ। ଗ୍ରାମର ଯୁବଗୋଷ୍ଠୀଙ୍କ ଦ୍ୱାରା ଆୟୋଜିତ ଏହି ପ୍ରତିଯୋଗିତାରେ ଗଣିତ କଷା, ସାଧାରଣଜ୍ଞାନ, ଦୌଡ, ମ୍ୟୁଜିକ ଚେୟାର, ହାଣ୍ଡିଫଟା ଆଦି ୧୭ ଟି ଇଭେଣ୍ଟ ଉପରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତାରେ ପଞ୍ଚାୟତର ବିଭିନ୍ନ ଗ୍ରାମରୁ ପାଞ୍ଚଶହରୁ ଅଧିକ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଜଳଧର ସେଠୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ପ୍ରତିଯୋଗିତାକୁ କମିଟିର ସମସ୍ତ ସଦସ୍ୟ ସହଯୋଗ କରିଥିଲେ। ଶେଷରେ କୃତୀ ପ୍ରତିଯୋଗୀଙ୍କୁ କମିଟି ପକ୍ଷରୁ ପୁରସ୍କୃତ କରାଯାଇଥିଲା।

## ପ୍ରଧାନମନ୍ତ୍ରୀ ଟିବି ମୁକ୍ତ ଭାରତ ଅଭିଯାନ

ରାଇରଙ୍ଗପୁର, ୧୭।୬(ସମିସ): ମଙ୍ଗଳବାର ସକାଳେ ବାଦାମପାହାଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଠାରେ କଳିଙ୍ଗ ନେଟୱର୍କ ଫର୍ ପୁପିଲ ଉଇଥ ଏଚଆଇଭି ଏଡ୍ସର ଏନଜିଓ ସଂସ୍ଥାଦ୍ୱାରାପ୍ରଧାନମନ୍ତ୍ରୀଟିବିମୁକ୍ତଭାରତଅଭିଯାନକାର୍ଯ୍ୟକ୍ରମଅନୁଷ୍ଠିତହୋଇଛି।ଏଥିରେ ବାଦାମପାହାଡ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରର ଚିକିତ୍ସା ଅଧିକାରୀ ଡାକ୍ତର ରିତେଶ ଚୈତନ୍ୟ, ବରିଷ୍ଠ ଯକ୍ଷ୍ମା ତଦାରଦକାରୀ ରୋହିତ କୁମାର ବାରିକ, ପିଏଚ୍ଇଓ ହିମାଂଶୁ ଶେଖର ବେହେରା ଓ କଳିଙ୍ଗ ନେଟୱର୍କର କର୍ମଚାରୀ ନୀଳୟ କୁମାର ମହାନ୍ତ ପ୍ରମୁଖ ଉପସ୍ଥିତରହି କୁସୁମୀ ବ୍ଲକର ୨୧ ଜଣ ଯକ୍ଷ୍ମା ରୋଗୀଙ୍କୁ ପୁଷ୍ଟିକର ଖାଦ୍ୟ ପୁଡିଆ ବଣ୍ଟନ କରିଥିଲେ।

## ବାମପନ୍ଥୀଙ୍କ ପକ୍ଷରୁ ପାଲେଷ୍ଟାଇନ ସଂହତି ଦିବସ ପାଳିତ

ବାରିପଦା, ୧୭।୬(ସମିସ): ଇସ୍ରାଏଲ ପାଲେଷ୍ଟାଇନ ଉପରେ ଅମାନବୀୟ ଆକ୍ରମଣ କରି ଚଳାଇଥିବା ନରସଂହାରକୁ ବିଶ୍ୱବ୍ୟାପୀ ବାମପନ୍ଥୀମାନେ ତୀବ୍ର ନିନ୍ଦା କରିବା ସହିତ ପ୍ରତିବାଦ ସ୍ୱରୂପ ମଙ୍ଗଳବାର ପାଲେଷ୍ଟାଇନ ପ୍ରତି ସଂହତି ପ୍ରଦର୍ଶନ କରିଛନ୍ତି। ଭାରତର ବୈଦେଶିକ ନୀତି ଅନୁସାରେ ପାଲେଷ୍ଟାଇନ ସପକ୍ଷରେ ଭାରତ ରହି ଆସିଥିବା ବେଳେ ଯୁଦ୍ଧଖୋର ଓ ଅସ୍ତ୍ର ବେପାରୀ ସାମ୍ରାଜ୍ୟବାଦୀ ଆମେରିକା ସହାୟତାରେ ଭାରତରେ ମୋଦୀ ସରକାର କୋମଳମତି ଶିଶୁ, ମହିଳା, ଆବାଳ ବୃଦ୍ଧ ବନିତାଙ୍କ ଗଣହତ୍ୟା ଓ ବର୍ବର ନରସଂହାର ବିରୋଧରେ ମିଳିତ ଜାତିସଂଘରେ ପ୍ରତିବାଦ ନ କରିବା ବା ଇସ୍ରାଏଲ ଯୁଦ୍ଧ ଓ ନରସଂହାର ପ୍ରସଙ୍ଗରେ ମତ ନ ଦେଇ ବିରତ ରହିବା ଅତ୍ୟନ୍ତ ନିନ୍ଦନୀୟ ଓ ଅମାନବୀୟ। ଏଭଳି ପରିସ୍ଥିତିରେ ବାମପନ୍ଥୀ ଦଳମାନଙ୍କ ଦେଶବ୍ୟାପୀ ପ୍ରତିବାଦର ଅଂଶ ବିଶେଷ ଭାବେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି, ମୟୂରଭଞ୍ଜ ପକ୍ଷରୁ ପାଲବଣିଠାରେ ଜିଲ୍ଲା ସମ୍ପାଦକ ସାଥୀ ଜଗବନ୍ଧୁ ମିଶ୍ରଙ୍କ ନେତୃତ୍ୱରେ ଗଣ ପ୍ରତିବାଦ ଅନୁଷ୍ଠିତ ହୋଇଥିଲା। ଇସ୍ରାଏଲ ଆକ୍ରମଣ ବିରୋଧରେ, ପାଲେଷ୍ଟାଇନର ସାର୍ବଭୌମତ୍ୱ, ମାନବାଧିକାର ସପକ୍ଷରେ ସଂହତି ପ୍ରଦର୍ଶନ କରିବା ସହ ପଶ୍ଚିମ ଏସିଆ ସମେତ ମଧ୍ୟ ପ୍ରାଚ୍ୟରେ ଯୁଦ୍ଧ ନୁହେଁ, ଶାନ୍ତି ସହ ମୁକ୍ତ ପାଲେଷ୍ଟାଇନ ଦାବି କରାଯାଇଥିଲା ବେଳେ ଆଗାମୀ ତୃତୀୟ ବିଶ୍ୱ ଯୁଦ୍ଧକୁ ଏଡାଇ ସମଗ୍ର ବିଶ୍ୱର ଜନଗଣକୁ ଶାନ୍ତି ମୈତ୍ରୀର ଡୋରିରେ ରଖିବାକୁ ଦାବି କରାଯାଇଛି। ପାଲବଣିରୁ ରଙ୍ଗାମାଟିଆ ପ୍ରସ୍ତାବିତ ରାସ୍ତା ସମ୍ପ୍ରସାରଣ ନାମରେ ଗରିବଙ୍କୁ ଉଚ୍ଛେଦ, ବଡ଼ ବଡିଆକୁ ପ୍ରୋତ୍ସାହନ ଦିଆଯିବା ସରକାରୀ କଳର ପାତର ଅନ୍ତର ନୀତିକୁ ପ୍ରଶ୍ନ କରୁଛି, ଯାହାକି ନିନ୍ଦନୀୟ। ଏହି ପ୍ରତିବାଦରେ ସାଥୀ ଶ୍ରୀକାନ୍ତ ସାମଲ, କାହ୍ନୁଚରଣ ବେହେରା, ରାଜେଶ୍ ସେନାପତି, ଶ୍ରୀକାନ୍ତ ବୋଷ, ମହେଶ୍ୱର ବେହେରା, ସତ୍ୟରଞ୍ଜନ ପ୍ରଧାନ, କୃତିବାସ ନାଥ, ଦୀପକ୍ ବୋଷ ପ୍ରମୁଖ ଉପସ୍ଥିତ ଥିଲେ।




## ମୁଖ୍ୟମନ୍ତ୍ରୀଙ୍କ ମୟୂରଭଞ୍ଜ ଗସ୍ତ ଦିନକ ପୂର୍ବରୁ ଭଞ୍ଜସେନାରେ ଦାବିପତ୍ର

ବାରିପଦା, ୧୭।୬(ସମିସ): ରାଜ୍ୟ ସରକାରଙ୍କ ବର୍ଷ ପୂର୍ତ୍ତି ଅବସରରେ ବାରିପଦାରେ ଆୟୋଜିତ ବିକାଶ ମେଳାର ଉଦଯାପନୀ ଦିବସର ବୁଧବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ମୟୂରଭଞ୍ଜ ଜିଲ୍ଲା ଗସ୍ତରେ ଆସି ଯୋଗଦେବେ। ତେବେ ଦିନକ ପୂର୍ବରୁ ମଙ୍ଗଳବାର ଏକମାତ୍ର ଯୁବଛାତ୍ର ସଂଗଠନ ଭଞ୍ଜସେନା ପକ୍ଷରୁ ତାଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜିଲ୍ଲା ପ୍ରଶାସନ ଜରିଆରେ ପ୍ରଦାନ କରାଯାଇଛି। ଭଞ୍ଜସେନା ଦୀର୍ଘ ୨୭ ବର୍ଷ ଧରି ଜିଲ୍ଲାର ଏକାଧିକ ସମସ୍ୟା ଏବଂ ଦାବିକୁ ନେଇ ବିଭିନ୍ନ ସମୟରେ ସ୍ୱର ଉଠାଇ ଆସିଛି। ସେଥିମଧ୍ୟରୁ କିଛି ପୂରଣ ହୋଇଥିଲେ ବି ଅଧିକାଂଶ ଆଜି ପର୍ଯ୍ୟନ୍ତ ପୂରଣ ହୋଇପାରିନାହିଁ ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଗତ ୨୦୧୭ ମସିହା ପଞ୍ଚାୟତ ନିର୍ବାଚନରେ ଜିଲ୍ଲାବାସୀ ବିଜେପିକୁ ଜିଲ୍ଲାପରିଷଦ ଆସନରେ ବହୁଳ ମାତ୍ରାରେ ସମର୍ଥନ ଜଣାଇଥିଲେ। ଯାହାକୁ ନେଇ ପୂର୍ବ ଭାରତରୁ ବିକାଶର ସୂର୍ଯ୍ୟୋଦୟ ହେବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଘୋଷଣା କରିଥିଲେ। ପୁଣି ୨୦୨୪ ମସିହା ସାଧାରଣ ନିର୍ବାଚନରେ ବିଜେପି ଜିଲ୍ଲାର ୯ ଟି ବିଧାନସଭା ଓ ଏକମାତ୍ର ଲୋକସଭା ଆସନରେ ବିଜୟୀ ହୋଇଛି। ଆଉ ଶ୍ରୀ ମାଝୀ ରାଜ୍ୟର ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କଲେ। ଲୋକଙ୍କ ଆଶାଥିଲା ଯେ ନୂଆ ସରକାର ଆସିବା ଦ୍ୱାରା ନିଶ୍ଚିତ ଭାବେ ମୟୂରଭଞ୍ଜ ବାସୀଙ୍କ ନ୍ୟାଯ୍ୟ ଦାବିଗୁଡ଼ିକ ପୂରଣ ହୋଇପାରିବ। ହେଲେ ଇତିମଧ୍ୟରେ ଏକ ବର୍ଷ ବିତି ଗଲାଣି। ଏକବର୍ଷର ଉପଲବ୍ଧି ସମ୍ପର୍କରେ ମୁଖ୍ୟମନ୍ତ୍ରୀ ବାରିପଦା ଆସି ସମ୍ବୋଧିତ କରିବେ। ତେବେ ଜିଲ୍ଲାର ସ୍ୱାସ୍ଥ୍ୟ ସେବା, ପାନୀୟ ଜଳ ସମସ୍ୟା, ଶିମିଳିପାଳ



ଓ ପରିବେଶ ସୁରକ୍ଷା, ବିପର୍ଯ୍ୟସ୍ତ ଶିକ୍ଷା ବ୍ୟବସ୍ଥାରେ ସୁଧାର, ପର୍ଯ୍ୟଟନ ଶିଳ୍ପର ବିକାଶ, ଜିଲ୍ଲାରେ ରୋଜଗାରର ସମ୍ଭାବନା ସୃଷ୍ଟି, କ୍ରୀଡ଼ା ଭିତ୍ତିଭୂମିର ବିକାଶ, ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦା ରଥଯାତ୍ରା ପାଇଁ ସ୍ୱତନ୍ତ୍ର ଅନୁଦାନର ବ୍ୟବସ୍ଥା ସହିତ ବାଲି ପଥର ଓ ଗୋ-ଚାଲାଣ ରୋକିବାକୁ ଆଗାମୀ ୧ ମାସ ମଧ୍ୟରେ ପଦକ୍ଷେପ ନେବାକୁ ନିବେଦନ କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ଭଞ୍ଜସେନା ଜିଲ୍ଲା ସାଧାରଣ ସମ୍ପାଦକ ଜ୍ୟୋତିରଞ୍ଜନ ପୃଷ୍ଟି, ଜିଲ୍ଲା ଯୁବ ଶାଖା ସଭାପତି ଏସକେ ରାଜାଖାନ୍, ସଞ୍ଜୟ ମାହାନା, ସଞ୍ଜୟ ମହାନ୍ତ, ଶ୍ରୀତମ ଦାସ ପ୍ରମୁଖ ଉପସ୍ଥିତ ଥିଲେ।



ଅର୍ଥନୀତିରେ କୃଷକ ଏକମାତ୍ର ବ୍ୟକ୍ତି, ଯିଏ ପାଇକାରୀ ଦରରେ ବିକେ, ଖାଉଟି ଦରରେ କିଣେ ଏବଂ ଉଭୟ ପାଇଁ ଟିକସ ଦିଏ
-ଜେ ଏଫ୍ କେନେଡ଼ି

ସକାଳ
THE SAKALA

# ମୁଦ୍ରାସ୍ଫୀତି ଓ ଯୁଦ୍ଧସ୍ଥିତି

ଖାଉଟି ମୁଦ୍ରାସ୍ଫୀତି ହାର ଗତ ୭୫ ମାସ ମଧ୍ୟରେ ସବୁଠାରୁ ନିମ୍ନସ୍ତରରେ ରହିଥିବା ଯେଭଳି ଆଶା ଓ ଆଶ୍ୱାସନାର ବିଷୟ ସେହିଭଳି ମଧ୍ୟପ୍ରାଚ୍ୟର ଉତ୍ତେଜନା ଏବେ ଯେଉଁସ୍ତରରେ ପହଞ୍ଚିଛି ସେଥିରେ ଆଗକୁ ଘୋର ଅନିଶ୍ଚିତତାର ସମ୍ମୁଖୀନ ହେବା ଆଶଙ୍କା ଘୋର ଚିନ୍ତା ଓ ଉଦ୍‌ବେଗର ଆଉ ଏକ ବିଷୟ। ଏପ୍ରିଲ୍ ମାସରେ ଖାଉଟି ମୁଦ୍ରାସ୍ଫୀତି ହାର ୩.୨ ପ୍ରତିଶତ ଥିବା ବେଳେ ତାହା ମେ' ମାସରେ ୨.୮ ପ୍ରତିଶତକୁ ହ୍ରାସ ପାଇଛି। କ୍ରମାଗତ ଗତ ୪ ମାସ ଧରି ଖାଉଟି ମୁଦ୍ରାସ୍ଫୀତି ହାର ୪ ପ୍ରତିଶତରୁ କମ୍ ରହିଛି। ସରକାରୀ ପରିସଂଖ୍ୟାନରୁ ସ୍ପଷ୍ଟ ହୋଇଛି ଯେ ଗତ ୪୩ ମାସ ମଧ୍ୟରେ ଖାଦ୍ୟଶସ୍ୟର ମୂଲ୍ୟ ସବୁଠାରୁ ନିମ୍ନସ୍ତରରେ ରହିଛି। ତେବେ ଅନ୍ୟସବୁ ପ୍ରମୁଖ ସାମଗ୍ରୀର ମୁଦ୍ରାସ୍ଫୀତି ଗତ ୧୯ ମାସ ମଧ୍ୟରେ ସବୁଠାରୁ ଉଚ୍ଚରେ ଅଛି। ତେଣୁ ସାମଗ୍ରିକ ଭାବେ ବିଚାର କଲେ ମୁଦ୍ରାସ୍ଫୀତି ହାର ଏବେ ୩ ପ୍ରତିଶତ ହୋଇଛି ବୋଲି ଧରି ନେବାକୁ ହେବ। ରବି ଫସଲ ଅମଳ ଆଶାନୁରୂପ ହୋଇଥିବା ବେଳେ ସ୍ୱାଭାବିକ ଠାରୁ ଅଧିକ ମୌସୁମୀ ବର୍ଷା ହେବାର ସମ୍ଭାବନା ଦୃଷ୍ଟିରୁ ଚଳିତ ଆର୍ଥିକ ବର୍ଷରେ ମୁଦ୍ରାସ୍ଫୀତି ନିୟନ୍ତ୍ରିତ ସ୍ତରରେ ରହିବା ନେଇ ବିଶେଷଜ୍ଞମାନେ ଆଶାବାଦୀ ହୋଇପଡ଼ିଛନ୍ତି। ଆମକୁ ଏଠାରେ କହିବାକୁ ପଡୁଛି ଯେ ଏହା ଶେଷ କଥା ନୁହେଁ। ଇସ୍ରାଏଲ୍ ଓ ଇରାନ୍ ମଧ୍ୟରେ ଯେଉଁ ଯୁଦ୍ଧ ଘନଘଟା ମୁଣ୍ଡ ଟେକିଛି ତାହା ନିକଟ ଭବିଷ୍ୟତରେ ଥମିବାର ସମ୍ଭାବନା ଊଣା। ତେଣୁ ବିଶ୍ୱ ବଜାରରେ ସମ୍ଭାବ୍ୟ ତୈଳ ସଙ୍କଟ ଅର୍ଥନୀତିକୁ ନିଶ୍ଚୟ ପ୍ରଭାବିତ କରିବ। ଅନ୍ୟପକ୍ଷରେ ଆମେରିକା ବାଣିଜ୍ୟ ନୀତି ମଧ୍ୟ ଏ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ଏବେ ସମ୍ଭାବନାର ଯେଉଁ ଅଙ୍କକଷା ଯାଉଛି ତାହା କେତେଦିନ ସ୍ଥିର ରହିବ ସେ ନେଇ ଘୋର ସନ୍ଦେହ ମୁଣ୍ଡ ଟେକିଛି।

ମଧ୍ୟପ୍ରାଚ୍ୟରେ ଉପୁଜିଥିବା ଉତ୍ତେଜନା ଏବେ ଯୁଦ୍ଧ ଘନଘଟା ଆଡ଼କୁ ମୁହାଁଇଛି। ପରିସ୍ଥିତି ଯାହା ସେଥିରେ ହଠାତ୍ ଶାନ୍ତି ଫେରିବାର ସମ୍ଭାବନା ଊଣା। ରବିବାର ଓମାନରେ ଇରାନ୍‌ର ପମାଣୁ କାର୍ଯ୍ୟକ୍ରମ ନେଇ ଏକ ବୁଝାମଣାରେ ଉପନୀତ ହେବା ସକାଶେ ଆପୋସ ଆଲୋଚନା ସ୍ଥିରୀକୃତ ହୋଇଥିବା ବେଳେ ତାହାର ଦୁଇଦିନ ପୂର୍ବରୁ ଇସ୍ରାଏଲ୍‌ର ଦୁଇଶହ ଯୁଦ୍ଧ ବିମାନ ଯେଭଳି ଅତର୍କିତ ଭାବେ ଇରାନ୍ ଉପରେ ଆକ୍ରମଣ କଲା, ତାହା ଆସ୍ଥା ଓ ବିଶ୍ୱାସକୁ ତୁଟାଇ ଦେଇଛି। ଆମେରିକା ରାଷ୍ଟ୍ରପତି ଟ୍ରମ୍ପଙ୍କ ତୁରନ୍ତ ପ୍ରତିକ୍ରିୟା ଥିଲା 'ଏକ୍ସଲେଣ୍ଟ(ଚମତ୍କାର)। ମୁଁ ଆକ୍ରମଣ ସମ୍ପର୍କରେ ଆଗୁଆ ତଥ୍ୟ ପାଇଥିଲି।' ତେଣୁ ଆମେରିକାର ଇଙ୍ଗିତରେ ଆପୋସ ଆଲୋଚନା ପୂର୍ବରୁ ଇରାନ୍‌ର ଆଣବିକ କାର୍ଯ୍ୟକ୍ରମକୁ ଧ୍ୱଂସ କରିଦେବା ସକାଶେ ଯୋଜନା ପ୍ରସ୍ତୁତ ହୋଇଥିଲା। ଏ କଥା ସତ ଯେ ଇରାନ୍‌ର ସାମରିକ ମୁଖ୍ୟଙ୍କ ସମେତ କିଛି ବରିଷ୍ଠ ଅଧିକାରୀ ଓ ଆଣବିକ ବିଶେଷଜ୍ଞ ବା ବୈଜ୍ଞାନିକ ପ୍ରାଣ ହରାଇଛନ୍ତି। ଏଠାରେ ଉଲ୍ଲେଖ କରାଯାଇପାରେ କି ଇରାନ୍‌ରେ ନେତୃତ୍ୱ ପରିବର୍ତ୍ତନ ପାଇଁ ମୁଣ୍ଡ ଟେକିଥିବା ଆନ୍ଦୋଳନ ଏହି ଘଟଣା ପରେ ନିରବ ହୋଇଯାଇଛି। ସମଗ୍ର ଦେଶବାସୀ ଖେମିନିଙ୍କ ନେତୃତ୍ୱରେ ଲଢ଼ିବା ସକାଶେ ଐକ୍ୟବଦ୍ଧ ହୋଇଛନ୍ତି। ନିଜର ସବୁକିଛି ବିନିମୟରେ ଲଢ଼ିବାକୁ ଶପଥ ନେଇଥିବା ଇରାନବାସୀ ଏପ୍ରକାର ପ୍ରତାରଣା ଉଚିତ ଜବାବ ଦେବା ସକାଶେ ପ୍ରସ୍ତୁତ ଥିବା ସ୍ପଷ୍ଟ ହୋଇଛି। ଉଭୟ ପକ୍ଷଙ୍କ ପାଲଟା ଆକ୍ରମଣ ପରିସ୍ଥିତିକୁ ଆହୁରି ସଙ୍ଗିନ କରିଛି। ତେଣୁ ଯୁଦ୍ଧ ଥମିବାର ସମ୍ଭାବନା ନାହିଁ। ଏହାଫଳରେ ମଧ୍ୟପ୍ରାଚ୍ୟରେ ତୈଳ ଉତ୍ପାଦନ ହ୍ରାସ ପାଇବା ସ୍ୱାଭାବିକ। ତାହାର ପ୍ରତିକୂଳ ପ୍ରଭାବ ଭାରତ ସମେତ ସମଗ୍ର ବିଶ୍ୱରେ ଅନୁଭୂତ ହେବ। ସେ ଦୃଷ୍ଟିରୁ ଆମେ ମୁଦ୍ରାସ୍ଫୀତିର ଯେଉଁ ଅଙ୍କ କଷୁଛେ ତାହା କେତେଦିନ ବଳବତ୍ତର ରହିବ ସେ ନେଇ ସନ୍ଦେହ ଉଙ୍କିମାରିବା ସ୍ୱାଭାବିକ।

ଏହି ଯୁଦ୍ଧ ଘନଘଟା ମଧ୍ୟରେ ଗତ ଶୁକ୍ରବାର ସେନ୍‌ସେକ୍ସ ୧୩୦୦ ପଏଣ୍ଟ ହ୍ରାସ ପାଇ ଚାଲିଛି। ଇରାନ୍ ପାଲଟା ଆକ୍ରମଣରେ ଇସ୍ରାଏଲରେ ଥିବା ହାଇଫା ତୈଳ ରିଫାଇନାରୀ କ୍ଷତିଗ୍ରସ୍ତ ହୋଇଛି। ତେଣୁ ସେୟାର ବଜାରରେ ତାହାର ପ୍ରତିକୂଳ ପ୍ରଭାବ ଆଗକୁ ଅନୁଭୂତ ହେବ। ସମଗ୍ର ବିଶ୍ୱର ୯ ପ୍ରତିଶତ ତୈଳ ଇରାନ୍‌ରେ ମହଜୁଦ୍ ଅଛି। ତେଣୁ ଏହି ପ୍ରତିକୂଳ ପରିସ୍ଥିତିରେ ତୈଳ ଉତ୍ପାଦନ କରୁଥିବା ପଶ୍ଚିମ ଏସୀୟ ରାଷ୍ଟ୍ରଗୁଡ଼ିକ ଛନ୍ଦି ହୋଇପଡ଼ିବା ସ୍ୱାଭାବିକ। ଏଥିମଧ୍ୟରେ ବ୍ୟାରେଲ୍ ପିଛା ତୈଳ ଦର ୧୩ ପ୍ରତିଶତ ବୃଦ୍ଧି ପାଇ ୭୮.୫୦ ଡଲାରରେ ପହଞ୍ଚିଛି। ଜାନୁଆରୀ ମାସରୁ ଏହି ବର୍ଦ୍ଧିତ ଦର ସର୍ବାଧିକ। ଯଦି ଏହି ଉତ୍ତେଜନା ଆସନ୍ତା ୩ ରୁ ୬ ମାସ ବଳବତ୍ତର ରହେ, ତେବେ ବ୍ୟାରେଲ୍ ପିଛା ତୈଳ ଦର ୧୨୦ ଡଲାରରେ ପହଞ୍ଚିବ ବୋଲି ଜେପି ମୋର୍ଗାନ୍ ବିଶେଷଜ୍ଞଙ୍କ ପକ୍ଷରୁ ଦର୍ଶାଯାଇଛି। ଏ କଥା ସତ ଯେ କେବଳ ତୈଳ ଦର ବୃଦ୍ଧି ନୁହେଁ ଯଦି ତୈଳ ଯୋଗାଣ ବାଧାପ୍ରାପ୍ତ ହୁଏ ତେବେ ବିଶ୍ୱ ଅର୍ଥନୀତିରେ ଅସ୍ଥିରତା ସୃଷ୍ଟି ହେବ ଏବଂ ଚାହିଦା ଅନୁଯାୟୀ ଯୋଗାଣ ସମ୍ଭବପର ହେବ ନାହିଁ। ଏହା ମୁଦ୍ରାସ୍ଫୀତି ଉପରେ ନକାରାତ୍ମକ ପ୍ରଭାବ ପକାଇବ। ଭାରତ ତୈଳ ଚାହିଦାର ୮୦ ପ୍ରତିଶତ ଆମଦାନୀ ଉପରେ ନିର୍ଭର କରେ। ବର୍ଦ୍ଧିତ ତୈଳ ଦର ବାବଦରେ ଆଗାମୀ ଦିନରେ ସରକାରଙ୍କୁ ଅଧିକରୁ ଅଧିକ ବୈଦେଶିକ ମୁଦ୍ରା ଖର୍ଚ୍ଚ କରିବାକୁ ପଡ଼ିବ। ଏହା କେବଳ ଭାରତୀୟ ମୁଦ୍ରାର ବିନିମୟ କ୍ଷମତାକୁ ହ୍ରାସ କରିବନି, ଚଳନ୍ତି ଜମାଖାତାରେ ନିଅଣ୍ଟିଆ ଅବସ୍ଥା ମଧ୍ୟ ଦେଖାଦେବ। ଅନ୍ୟପକ୍ଷରେ ଭାରତରେ ସୁନାର ଚାହିଦା ସର୍ବାଧିକ। ଗତ ଶୁକ୍ରବାର ୧୦ ଗ୍ରାମ ସୁନାର ଦାମ ୧ ଲକ୍ଷ ଟଙ୍କା ଟପିଛି। ଏ ସବୁ ଉଲ୍ଲେଖ କରିବାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଦେଶର ଅର୍ଥନୀତିକୁ ନେଇ ଯେଉଁ ଉଚ୍ଚାଟ ଓ ଉତ୍ସାହ ପରିଲକ୍ଷିତ ହେଉଛି ତାହା କେତେ ଅନିଶ୍ଚିତତା ଦେଇ ଆଗକୁ ଗତି କରିବାକୁ ଯାଉଛି ସେ ନେଇ ସଚେତନତା ସୃଷ୍ଟି କରିବା।

ରିଜର୍ଭ ବ୍ୟାଙ୍କ ମୁଦ୍ରାସ୍ଫୀତିର ସ୍ଥିତିକୁ ଭିତ୍ତି କରି କ୍ରମାଗତ ତିନିଥର ସୁଧ ହାର ହ୍ରାସ କରିଛନ୍ତି। ଜାତୀୟକରଣ ଓ ଘରୋଇ ବ୍ୟାଙ୍କର କାରବାରରେ ଏହା ପ୍ରତିଫଳିତ ହୋଇଛି। ସୁଧ ହାର ହ୍ରାସ, ଋଣ ଗ୍ରହଣ ଓ ପରିବେଶର ସୁଯୋଗ ବଜାର ବ୍ୟବସ୍ଥା ଉପରେ ଅନୁକୂଳ ପ୍ରଭାବ ପକାଇଛି। କହିବାକୁ ଗଲେ ମୁଦ୍ରା ପ୍ରଚଳନ ବୃଦ୍ଧି ପାଇଁ ଯେଉଁ ସୁଯୋଗ ସୃଷ୍ଟି ହୋଇଛି ତାହା ଖାଉଟିଙ୍କ କ୍ରୟଶକ୍ତି ବଢ଼ାଇବାରେ ସହାୟକ ହେବ। କିନ୍ତୁ ପରିବର୍ତ୍ତିତ ପରିସ୍ଥିତିରେ ହଠାତ୍ ଯେଉଁ କଟକଣା ପ୍ରୟୋଗ କରାଯିବ, ତାହାକୁ ସମ୍ମୁଖୀନ ହେବା ପାଇଁ ସବୁ ପକ୍ଷ ଏବେଠାରୁ ପ୍ରସ୍ତୁତ ହେବା ଆବଶ୍ୟକ।

# ଓଡ଼ିଆଙ୍କ ସଂସ୍କୃତିପାଠ

ହରପ୍ରସାଦ ଦାସ

ସାଧାରଣ ଶିକ୍ଷିତ ଲୋକେ କି ଲେଖାପଢ଼ା କରନ୍ତି, ଆମେ ଜାଣୁନାହିଁ। ହଁ, ପ୍ରାୟ ସବୁ ଅଳ୍ପବହୁତ ପାଠ ପଢ଼ିଥିବା ଲୋକ ଖବରକାଗଜ ଉପରେ ଆଖି ବୁଲେଇ ନିଅନ୍ତି, ବେଳେ ବେଳେ କିଛି ଖବର ବା ଲେଖା ପଢ଼ନ୍ତି ବି। କିନ୍ତୁ ସେମାନେ ବହିପଢ଼ନ୍ତି କି? ସେମାନେ କିଛି ଲେଖନ୍ତି କି? ତାଙ୍କ ପକେଟରେ କଲମ ଥାଏକି? ନା ସେମାନେ ମୋବାଇଲରେ ଲେଖନ୍ତି, ପଢ଼ନ୍ତି, ଟିପାଟିପି କରନ୍ତି? ଆମେ ଦୃଷ୍ଟି ଦେଇନେ ଅଥଚ ଏ ଭିତରେ ଦିସ୍ତା କାଗଜ ଗଲାଣି, ହାତରେ ଖାତା ସିଲେଇ ହେଉ ନାହିଁ, ସ୍ୟାହିର ବ୍ୟବହାର ହେଉନାହିଁ, ଝରକଲମ ବ୍ୟବହାରରୁ ଗଲାଣି। ଶିକ୍ଷିତ ମଧ୍ୟବିତ୍ତ ଘରେ ଯଦି ପିଲା ନଥା'ନ୍ତି, ତେବେ କଲମଟିଏ ବି ନଥାଏ। ବହି ଆଲମାରୀଟିଏ ଥିଲା, ଏବେ ଆଉ ତା'ର ପ୍ରୟୋଗ ନାହିଁ। ଅବଶ୍ୟ କିଛିଲୋକ ଲେଖାପଢ଼ା କରନ୍ତି, କାଗଜ କଲମ ବ୍ୟବହାର କରନ୍ତି। ସେମାନେ କମ୍ପ୍ୟୁଟରରେ ଏଯାଏଁ ଅଭ୍ୟସ୍ତ ହେଇନାହାନ୍ତି। ଇଏ କାଳାନ୍ତର ବା ଟ୍ରାଞ୍ଜିସନର ସମୟ। ପୁରୁଣା ଅସ୍ପଷ୍ଟ ହେଇଆସୁଥିବ, ନୂଆ ପୂର୍ଣ୍ଣ ଆକାର ପାଇନଥିବ ଏଭଳି ଏକ ସମୟ ଏ।

ପାଲିମ୍ପସେଷ୍ଟ ଗୋଟେ ସାଂସ୍କୃତିକ ତତ୍ତ୍ୱ। ଇଏ ସେଇ କାଳାନ୍ତରର ତତ୍ତ୍ୱ। ଏ ସେହି ପୁନରାବୃତ ବୃତ୍ତକଥା, ଅର୍ଥାତ ଗୋଟେ ସ୍ଲେଟରେ ପୁରୁଣା ଅକ୍ଷର ପୂରା ଲିଭିନଥିବ, ନୂଆ ଅକ୍ଷର ଲେଖାହେବ, ସିଏ ଲିଭିନଥିବ ତା'ଉପରେ ଆଉ ପରସ୍ତେ ଲେଖା। ନିରେଖି ଦେଖିଲେ କେତେ କଥା ଦିଶିବ, କେତେ ଅନୁମାନ କରିହେବ। ଇଏ ହେଲା ସଂସ୍କୃତିର ସ୍ମୃତି। ପରସ୍ତ ପରସ୍ତ ରଚନା, କିଛି ଏବର, କିଛି ଅଳ୍ପଦିନର, କିଛି ଲିଭିଲା ଲିଭିଲା, କିଛି ପୂରା ଲିଭିଲାଣି। ସବୁ ସେଇ ଗୋଟିଏ ସ୍ମୃତିପଟରେ।

ଯେଉଁ ଲୋକ ସମ୍ପ୍ରଦାୟର ସାଂସ୍କୃତିକ ସ୍ମୃତିପଟ ଯେତେ ପ୍ରାଚୀନ, ତା'ର ସଂସ୍କୃତି ସେତେ ବହ୍ୱାରମ୍ଭୀ, ତା'ର ଜାତୀୟ ସ୍ମୃତି ସେତେ ବ୍ୟାପକ। ଓଡ଼ିଆଙ୍କ ସାଂସ୍କୃତିକ ସଂରଚନା ଅତି ଗଭୀର ଓ ଅତି ବ୍ୟାପକ। ଯାର ଯୋଡ଼ିଏ ପ୍ରମାଣସିଦ୍ଧି: ଧର୍ମ ଓ ସାହିତ୍ୟ। ଓଡ଼ିଆଙ୍କ ସଂସ୍କୃତିର ଗୋଟିଏ ମୁଖ୍ୟ ଉପାଦାନ ଧର୍ମ। ବୈଦିକ ଅପୌରୁଷେୟ ସହିତ ଜଗନ୍ନାଥ ତତ୍ତ୍ୱ, ସତ୍ୟ-ତ୍ରେତା-ଦ୍ୱାପର ସହିତ କଳିଯୁଗର ଚଳନ୍ତି ଈଶ୍ୱର ଜଗନ୍ନାଥଙ୍କ ପୁନର୍ନବା ଦାରୁକଳେବର ତଥା ଅଖଣ୍ଡ କାଳର କିମ୍ବଦନ୍ତୀୟ କଳ୍ପନା ଏସବୁ ଏବେ ମଧ୍ୟ ସାଂସ୍କୃତିକ ସ୍ମୃତିରେ ବିଦ୍ୟମାନ। ଅର୍ଥାତ ସ୍ମୃତିପଟରେ ଏକସଙ୍ଗରେ ହଜାର ହଜାର ବର୍ଷର ପାଠ ଏବେବି ପଢ଼ିହୁଅନ୍ତି, ଅକ୍ଷର ଉପରେ ଅକ୍ଷର ମାଡ଼ିଯାଇ କିଛି ଲିଭିନି। ଅକ୍ଷର ମାଡ଼ି ହିଁ ଯାଇନି। ଇଏ ଭାରତର ଏକମାତ୍ର ଜୀବନ୍ତ ସଂସ୍କୃତି, ଯାହା ଇସ୍ଲାମ ଓ ଖ୍ରୀଷ୍ଟିଆନ ଧର୍ମଧାରା ଦ୍ୱାରା ଲେଶମାତ୍ର ପ୍ରଭାବିତ ହୋଇନାହିଁ। ସେଇଠି ଭାରତର ବିଭିନ୍ନ ପ୍ରାନ୍ତରେ ଖ୍ରୀଷ୍ଟିଆନ ଓ ଇସ୍ଲାମ ପ୍ରଭାବ ସୁସ୍ପଷ୍ଟ। ଏପରିକି ବୌଦ୍ଧ ଧର୍ମ ତା'ର ପରୀକ୍ଷାଭୂମି ଓ ଆଶ୍ରୟସ୍ଥଳୀ ଓଡ଼ିଶାର ମୁଖ୍ୟସ୍ରୋତର ସଂସ୍କୃତି ଉପରେ ପ୍ରଭାବ ପକାଇ ପାରିନାହିଁ। କଳିଙ୍ଗ ଜୀନ ଏକ ଜୈନ ଟୋଟେମ୍ ନା ଏକ ଜୈନୀ-ସନାତନୀ ଫ୍ୟୁଜନ ଜଣାନାହିଁ। କିନ୍ତୁ ଏକଥା ସତ ଯେ ଜଗନ୍ନାଥଙ୍କ ବିଚିତ୍ର ଓ ବ୍ୟାପକ ପରିକଳ୍ପନା କୌଣସି ପ୍ରତିସ୍ପର୍ଦ୍ଧି ବା ଆକ୍ରାମକ ତତ୍ତ୍ୱକୁ ଆତ୍ମସାତ ନକରି ଛାଡ଼ିନାହିଁ। ଜଗନ୍ନାଥ ସ୍ୱୟଂ ଏକ ସାଂସ୍କୃତିକ ପାତ୍ର, ଯହିଁରେ ଯାହାପଡ଼ିଚି ତାହା ରନ୍ଧା ହୋଇ ବାହାରିଚି, ମହାପ୍ରସାଦରେ ପରିବର୍ତ୍ତିତ ହୋଇଚି। ସମସ୍ତ ବିଭେଦ ଓ ବିଭେଦର ସମ୍ଭାବନାକୁ ଗୋଟିଏ ରନ୍ଧନପାତ୍ରରେ ମିଶେଇ, ଘାଣ୍ଟି, ତତେଇ, ତରଳେଇ ତାକୁ ତୁଳସୀ ପାଖୁଡ଼ାଏରେ ପାଣି ଛଡ଼େଇ ପ୍ରସାଦ ବାଣ୍ଟିଲା ବାଲା ଲୋକ ବା ଜାତି ସଂସାରରେ ନାହାନ୍ତି। ଓଡ଼ିଆଙ୍କୁ ବୁଝିବ କିଏ? ପୁଣି ଠାକୁରଙ୍କ ନୀତିକାନ୍ତି କୋଉଠି ବି ବ୍ରାହ୍ମଣ୍ୟ କର୍ମକାଣ୍ଡ ନାହିଁ। ଅଷ୍ଟମ ଶତାବ୍ଦୀରେ ଆଚାର୍ଯ୍ୟ ଶଙ୍କର ଶ୍ଳୋକ, ମନ୍ତ୍ର, ଉପାସନାର ବୈଦିକ ଚଳଣି ଆରମ୍ଭ କଲେସିନା, ଏ ମହାଦେବତା ଏବେ ବି ସନାତନୀ ପୌତ୍ତଳିକତାର ଉର୍ଦ୍ଧ୍ୱରେ ଏକ ଅମୂର୍ତ୍ତ କଳ୍ପନା ହୋଇ ରହିଚନ୍ତି। କର୍ମକାଣ୍ଡ ତା' ବାଟରେ, ଠାକୁର ତା' ବାଟରେ। କହିବାର ତାତ୍ପର୍ଯ୍ୟ ଏତିକି ଯେ ଏ ଜାତିର ଧର୍ମୀୟ ବିବେକର ନିର୍ମାଣ କର୍ମକାଣ୍ଡସୃଷ୍ଟ ବ୍ରାହ୍ମଣ ମଧ୍ୟସ୍ଥତାରେ ପରିଚାଳିତ ନୁହେଁ, ଏ ଏକ ଆସ୍ଥା ନିର୍ମାଣର ସ୍ୱବିକଶିତ ହସ୍ତକଳା। ଯା'ର କଳା ରହେ, ଶିଳ୍ପର ସ୍ମୃତି ରହେ। ସବୁଠୁ ବଡ଼କଥା ଯା' ଉପରେ କୌଣସି ପକ୍କା ରଙ୍ଗ ଚଢ଼ିଲା ନାହିଁ। ସାଂସ୍କୃତିକ ସ୍ମୃତିପଟରେ ପୁରୁଣା ଅକ୍ଷରଗୁଡ଼ିକ ସ୍ପଷ୍ଟ ପଢ଼ିହେବାରେ ଅସୁବିଧା ନାହିଁ।

ଗୋଟିଏ ଗୁରୁତ୍ୱପୂର୍ଣ୍ଣ ସାଂସ୍କୃତିକ ପ୍ରଶ୍ନ: ସାଧାରଣ ଲୋକଟିଏ ଯେ କୌଣସି ସଂସ୍କୃତିର ହେଉ, ତା'ର ପହିଲି ପାଠ କ'ଣ? ଅନ୍ୟ ଭାବରେ ପଚାରିଲେ କୋଉ ପାଠ ସହିତ ମଣିଷର ପ୍ରାକୃତିକ ସମ୍ପର୍କ ଆଜନ୍ମ? ଏ ପ୍ରଶ୍ନର ଉତ୍ତର ଅତି ଜଟିଳ କରି ଦେଇଚନ୍ତି ଆମ ସମୟର ବିଶ୍ୱର ଶ୍ରେଷ୍ଠ ଭାଷାବିତ ନୋଆମ ଚୋମସ୍କି। ସରଳ କରି କହିଲେ ସଂସ୍କୃତି, ଯାହା ପ୍ରାତ୍ୟହିକ ଜୀବନର ଅଂଶ, ସେ ପାଠ ମୁଣ୍ଡ ଭିତରେ ଥାଏ, ତୁଣ୍ଡକୁ ଆସେ ଓ ଆପେ ମିଳେଇଯାଏ। ସେ ଦୃଷ୍ଟିରୁ ସଂସ୍କୃତିସମ୍ପନ୍ନ ଜାତିରେ କେହିବି ଅପାଠୁଆ ନୁହନ୍ତି, ନିରକ୍ଷର ହୋଇପାରନ୍ତି। କେତେକ ଦିଗରୁ ତ ଏ ନିରକ୍ଷର ପାଠୁଆ ଲୋକେ ସ୍ମୃତିର ସାମର୍ଥ୍ୟରେ ସଂସ୍କୃତି ଚଳାନ୍ତି, ପ୍ରଶ୍ନ କରନ୍ତି ନାହିଁ କି ସନ୍ଦେହ କରନ୍ତି ନାହିଁ। ଓଡ଼ିଆଙ୍କ ଜଗନ୍ନାଥ ସଂସ୍କୃତି ଚଳେ ନିରକ୍ଷର ପାଠୁଆଙ୍କ ସ୍ମୃତି, ଆସ୍ଥା, କୌତୂହଳ, ବିସ୍ମୟ ଓ ଆନୁଗତ୍ୟ ଦ୍ୱାରା। ସେମାନେ ଖବରକାଗଜ ପଢ଼ନ୍ତି ନାହିଁ। ସେମାନଙ୍କ ଖବର କୁହାଶୁଣାର ଖବର। ସେମାନେ ଏତେ ବଡ଼ କାମ ଏତେ ସହଜରେ କରନ୍ତି ଯେ ତାଙ୍କୁ ତଥାକଥିତ ଲେଖାପଢ଼ା କାମରେ ଲଗେଇବା କଥା ଟିକେ ଚିନ୍ତା କରି କହିବାକୁ ହେବ। ଆମର ଗାଁ ଓ ସହରରେ ଅସଂଖ୍ୟ ସଂସ୍କୃତି ପରିଚାଳକ ସ୍ତ୍ରୀ ଓ ପୁରୁଷ ଯଦି ବୟସ୍କ ଶିକ୍ଷଣ ଯୋଜନାରେ ସାମିଲ ହେଲେ ତ ଭଲ। ଯିଏ ନହେଲେ ତାଙ୍କର ଜୀବନମୂଲ୍ୟ ଅନ୍ୟତ୍ର ନିହିତ। ପ୍ରକୃତ ଚିନ୍ତା ସେଇମାନଙ୍କ ପାଇଁ, ଯେଉଁମାନେ ସଂସ୍କୃତିପାଠରେ ନିରକ୍ଷର; କିନ୍ତୁ ଖବରକାଗଜୀ ବଖାଣରେ ଧୁରନ୍ଧର। ଅନ୍ୟଭାବରେ କହିଲେ ଏଇମାନେ ହିଁ ଅପସଂସ୍କୃତିର ବାର୍ତ୍ତାବହ ଓ ବାର୍ତ୍ତାକାର।

ଏମାନେ ଲେଖିଜାଣନ୍ତି, କିନ୍ତୁ ଲେଖନ୍ତି ନାହିଁ, ପଢ଼ିଜାଣନ୍ତି କିନ୍ତୁ ପଢ଼ନ୍ତି ନାହିଁ। ମଧ୍ୟବର୍ଗର ଏହି ଗୋଷ୍ଠୀକୁ ପଢ଼ାଲେଖାରେ ବ୍ୟସ୍ତ ରଖିବା କେମିତି? ଏମାନେ ନିୟମ ମାନିବା ଲୋକ ନୁହନ୍ତି। ଯା'ଙ୍କ ଭିତରେ ଗୁଳାରୁ ଖସି ପଳେଇବାର, ନିୟମ ଭାଙ୍ଗିବାର ଅସଂଖ୍ୟ କ୍ଷୁଦ୍ର ବିଦ୍ରୋହ ଉଠନ୍ତି ଓ ମିଳେଇଯା'ନ୍ତି। ବିଭିନ୍ନ ସାଲିସ, ବୁଝାମଣା ଓ ଭାଗ୍ୟବାଦୀ ମନବୋଧରେ ଗଢ଼ା ଏମାନଙ୍କର ମଧ୍ୟବର୍ଗୀ ଜୀବନ। ବସ୍ତୁତଃ ସବୁ ପରିବର୍ତ୍ତନ, ନୂଆଚିନ୍ତା ଏଇଠି ହୁଏ, କିନ୍ତୁ ଭାଷା ପାଏନାହିଁ। ଆସନ୍ତି ଏଭଳି କେହି କେହି ଯିଏ ଲେଖାପଢ଼ା ସହିତ କହନ୍ତି ବି, ପାଟିତୁଣ୍ଡ କରନ୍ତି, କଦବା କେମିତି ସମାଜ ଓ ଦେଶ, ରାଜନୀତି ଓ ବିକାଶ, ଇତ୍ୟାଦିକୁ ନେଇ ସ୍ୱପ୍ନ ବି ଦେଖିଦିଅନ୍ତି। ସୁଯୋଗ ମିଳିଲେ ଏମାନେ ସଂସ୍କାର ପକ୍ଷରେ ତର୍କ ବି କରିପାରନ୍ତି। ଏମାନେ ହେଉଚନ୍ତି ଆମ ସମାଜର ଉଦଜାନୀ ତତ୍ତ୍ୱ, ଯାଙ୍କୁ ଲୟବଦ୍ଧ କରିବା ଅସମ୍ଭବ। ଏଇଟା ଓଡ଼ିଆ ମଧ୍ୟବର୍ଗର ଚରିତ୍ର। ଏମାନଙ୍କୁ ଲେଖାପଢ଼ାରେ ଆଗ୍ରହୀ କରାଇବାର ମାର୍ଗ କ'ଣ ହେଇପାରେ? ଏମାନେ ଲେଖାପଢ଼ାରେ ଆଗ୍ରହୀ ହେବାର ମାର୍ଗ ଲୟବଦ୍ଧ ଔପଚାରିକ ବୌଦ୍ଧିକତା ନୁହେଁ। ଯାଙ୍କ ଭିତରେ ଯେଉଁ ଓଡ଼ିଆ ଅନ୍ତଃପ୍ରକୃତି ସକ୍ରିୟ ଓ ଜୀବନ୍ତ ହୋଇ ରହିଚି ସେଇଟା ଏକ ବିଚିତ୍ର ପଦାର୍ଥ। ତା'କୁ ଔଜଲ୍ୟ ହରାଇବା ସତ୍ତ୍ୱେ ସମର୍ଥ ହୋଇ ରହିଥିବା ଧର୍ମୀୟ ସଂସ୍କୃତି ବୋଲି ଠାବ କରାଯାଇପାରେ। ଆହୁରି ସରଳ କଲେ ଯା'କୁ ସଘନ ସ୍ଥାନୀୟତା ଓ ଅନ୍ତରଙ୍ଗ ଜଗନ୍ନାଥବୋଧର ଏକ ମିଶ୍ରରୂପ କହଯାଇପାରେ। ଇଏ ଜଣେ ସାଧାରଣ ମଧ୍ୟବର୍ଗୀ ଓଡ଼ିଆର ଅବଦମିତ, କିନ୍ତୁ ଆଶୁପ୍ରକାଶକ୍ଷମ ଚିତ୍ତବୃତ୍ତି। ସମାଜର ମୁଖ୍ୟସ୍ରୋତରୁ ବହିଷ୍କୃତ କିଛି ବିଭ୍ରାନ୍ତ ଲୋକଙ୍କୁ ଛାଡ଼ିଦେଲେ ମୋ ଜାଣିବାରେ ଏଭଳି ମଧ୍ୟବର୍ଗୀ ଓଡ଼ିଆ ନାହାନ୍ତି, ଯିଏ ଈଶ୍ୱରବିଶ୍ୱାସୀ ନୁହନ୍ତି, ଜଗନ୍ନାଥବିଶ୍ୱାସୀ ନୁହନ୍ତି ବା ଭିଟାମାଟିର ଅନ୍ତରଙ୍ଗତା ବୁଝନ୍ତି ନାହିଁ। ଯେଉଁ ମାନସିକତା ଯାଙ୍କୁ ମାଟିକାମୁଡ଼ି ପଡ଼ିରହିବାର ପ୍ରେରଣା ଦିଏ ଓ ସର୍ବମଙ୍ଗଳ ଜଗନ୍ନାଥ କହି ନଡ଼ିଆଟିଏ ବାଡ଼େଇବାର ସରଳ ବିଶ୍ୱାସ ଦିଏ, ସେଇଟି ତାଙ୍କର ସଂସ୍କୃତିପାଠ, ଯାହାକୁ ସେମାନେ ଏବେବି ଭୁଲିନାହାନ୍ତି। ଜାତୀୟ ସ୍ମୃତିପଟର ପୁନରାବୃତ ବୃତ୍ତକଥାର ରହସ୍ୟମୟ ବର୍ଣ୍ଣମାଳା ଏବେବି ପଢ଼ିହେଉଚି। କୁହାଯାଇପାରେ ଯେ ଲୋକଦେଖାଣିଆ ଲେଖାପଢ଼ା କରୁ ନ ଥିବା ଆମର ଶିକ୍ଷିତ କିନ୍ତୁ ବୌଦ୍ଧିକ ଉଦାସୀନତାଗ୍ରସ୍ତ ମଧ୍ୟବର୍ଗ ସଂସ୍କୃତିପାଠରେ ସ୍ୱାଭାବିକ ଭାବରେ ଲିପ୍ତ। ଏ କାର୍ଯ୍ୟ ନିରବରେ ସମ୍ପାଦିତ ହୁଏ। ଯାକୁ ମୁଖ୍ୟସ୍ରୋତକୁ ଆଣିବା ପାଇଁ ବିକାଶର ସାଂସ୍କୃତିକ ପକ୍ଷର ତର୍ଜମା ଓ ଅଳ୍ପକିଛି ଅନ-ଲାଇନ-କରେକ୍ସନ ଦରକାର।

ହଠାତ ବିକାଶର ଅର୍ଥନୈତିକ ମଡେଲକୁ ବଦଳେଇବା ଦରକାର ନାହିଁ। ସଂସ୍କୃତି ସବ୍-ପ୍ଲାନ ଯୋଡ଼ନ୍ତୁ ସବୁ ପ୍ଲାନର ଅନ୍ତଃପାଠ ଭାବରେ, ଯେମିତି ଟ୍ରାଇବାଲ ସବପ୍ଲାନ। ସମାଜର ସଂସ୍କୃତିକରଣ(କଲଚରାଇଜେସନ ଅଫ ସୋସାଇଟି) ସାଂସ୍କୃତିକ ସମାଜରେ ଗୁରୁତ୍ୱପୂର୍ଣ୍ଣ। ଯା' ଫଳରେ ସଂସ୍କୃତିକୁ ଭିତରେ ଧରି ଉପରେ ଉପରେ ସଂସ୍କୃତିଠାରୁ ଦୂରେଇ ଯାଉଥିବା ଭଳି ମନେହେଉଥିବା ମଧ୍ୟବର୍ଗ ସଂସ୍କୃତି ମାଧ୍ୟମରେ ପୁଣିଥରେ ନିଜର ସମାଜକୁ ଓ ପରିବେଶକୁ ଚାହିଁବ। ଆଗ୍ରହୀ ହେବ ଜାଣିବା ପାଇଁ ଖରାଖିଆ ମହାଦେବଙ୍କ ନାଁ ଏମିତି କେମିତି ହେଲା। ଆନନ୍ତପୁର ଗାଁର ବଟମହାତ୍ମ୍ୟ କ'ଣ? କୀଚକେଶ୍ୱରୀ କିଏ? ଭଣ୍ଡଗଣେଶ ହାଃ ହାଃ କେମିତି ହେଲେ? ଅସଂଖ୍ୟ କିମ୍ବଦନ୍ତୀ, ଅସଂଖ୍ୟ ଜାତୀୟ ସ୍ମୃତି ପୁଣି ଚର୍ଚ୍ଚାକୁ ଆସିଯିବେ, ଧର୍ମ ସହିତ ମଣିଷର ରୋମାନ୍ସ ଯୋଉଟା ଉପଚାରରେ ପୋତି ହୋଇ ପଡ଼ିଚି, ସିଏ ଫିଟିଯିବ।

ସଂସ୍କୃତିପାଠ ସ୍ୱାଭାବିକ ଭାବରେ ମଧ୍ୟବର୍ଗର ଜୀବନକୁ ଫେରିବ। ଏଥିସହିତ ସଂସ୍କୃତି ସମ୍ପର୍କିତ ଗୋଟେ ବିଶାଳ ସାହିତ୍ୟିକ ପରମ୍ପରା ବି ଚିନ୍ତା ଓ ଚେତନାକୁ ଆକୃଷ୍ଟ କରିବ। ଯା' ଫଳରେ ବହିପଢ଼ା ବଢ଼ି ନ ପାରେ; କିନ୍ତୁ ସାଂସ୍କୃତିକ ସମ୍ପୃକ୍ତି ବଢ଼ିବ। ସଂସ୍କୃତି ସଚେତନ ସ୍ଥାନୀୟତା ଓଡ଼ିଆଙ୍କର ସାଂସ୍କୃତିକ ସ୍ୱଜ୍ଞାନ, ପରମ୍ପରାବୋଧ ଓ ଆତ୍ମପ୍ରତ୍ୟୟ ବଢ଼ାଇବ। ଲେଖିବାରେ ଆଗ୍ରହୀ ଲୋକେ ପ୍ରତି ପ୍ରାଚୀନ ଜନପଦ, ନଦୀ, ପର୍ବତ, ହ୍ରଦ, ଜଳାଶୟ, ମନ୍ଦିର, ମହାବୃକ୍ଷ, ଘାଟ, ତୁଠ, ରାସ୍ତା ଓ ଅପନ୍ତରାର ବିଚିତ୍ରକର୍ମା ଓ ଅସମ୍ଭବ ନାମଧାରୀ ଲୋକକଳ୍ପନାର ଦୈବୀ ପ୍ରତିମାର କାହାଣୀ ଲେଖିବେ। ଓଡ଼ିଶା ତା'ର ସାଂସ୍କୃତିକ ଐତିହ୍ୟର ଲିଭିଆସୁଥିବା ସ୍ମୃତିପଟକୁ ଗୋଟିଏ କଥାକୁହା ଓ କଥାପ୍ରିୟ ମଧ୍ୟବର୍ଗର ଜୀବନ୍ତ ସ୍ମୃତିପାଠରେ ପାଇଯିବ।

ଭୁବନେଶ୍ୱର, ମୋ: ୯୪୩୭୦୩୯୮୫୮

# ହଜିଯାଉଛି ନିଦ ଆଉ ହସ

ମାନସ କୁମାର କର

ଭଲ ହସ ଏବଂ ଦୀର୍ଘ ନିଦ୍ରା ଅଧିକାଂଶ ରୋଗର ସର୍ବୋତ୍ତମ ଉପଚାର। କିନ୍ତୁ ଗତ କିଛିଦଶନ୍ଧି ମଧ୍ୟରେ ଶିଶୁ ଓ କିଶୋରମାନଙ୍କ ମଧ୍ୟରେ ନିଦ୍ରା ସମସ୍ୟା ବୃଦ୍ଧି ପାଇଛି। ଡିଜିଟାଲ ଯୁଗର ଆଗମନ ପରେ ଇଣ୍ଟରନେଟ୍ ସାମାଜିକ ଗଣମାଧ୍ୟମକୁ ସମସ୍ତଙ୍କ ପାଇଁ ସହଜ କରିଦେଇଛି। ଅପରପକ୍ଷରେ ଲୋକଙ୍କୁ ମାନସିକ ଓ ଶାରୀରିକ ସ୍ତରରେ ରୋଗାକ୍ରାନ୍ତ କରିଚାଲିଛି। ଏହା ଏକପ୍ରକାର ଡିଜିଟାଲ ନିଶା, ଯାହା ଶିଶୁ ଓ କିଶୋରମାନଙ୍କୁ ଗ୍ରାସ କରିଚାଲିଛି।

ଶୈଶବ ହେଉଛି ମାନବ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟ, ଯେଉଁଠାରେ ଦୁନିଆର ଦୁଃଖ, କଷ୍ଟ, ଚାପ ଓ ସଂଘର୍ଷ ବିଷୟରେ ସେ ଅଜ୍ଞ। ସେହି ଅବସ୍ଥାରେ ସେ ପ୍ରତ୍ୟେକ ଦିନ କେବଳ ଉପଭୋଗ କରେ। କିନ୍ତୁ ଏହା କ'ଣ ଆଜିର ଯୁଗର ପିଲାମାନଙ୍କ ପାଇଁ ପ୍ରଯୁଜ୍ୟ? ହୁଏତ ନୁହେଁ। ଶୈଶବ ଦୁଷ୍ଟାମି, ଖେଳ, ମଜା, ଜିଦ୍ ଓ ରାଗିବା ଏବଂ ଭାଇଭଉଣୀ ଓ ବନ୍ଧୁମାନଙ୍କ ସହିତ ପ୍ରଲୋଭନ ଓ ଝଗଡ଼ାରେ ପରିପୂର୍ଣ୍ଣ। ଏହା ମାନବ ଜୀବନର ସବୁଠାରୁ ସୁନ୍ଦର ପର୍ଯ୍ୟାୟ, ଯେଉଁଥିରେ ନା କୌଣସି ଦାୟିତ୍ୱର ଭାବନା ଅଛି, ନା କୌଣସି ଚିନ୍ତା, ଜୀବନଶୈଳୀ। କେବଳ 'ଖାଅ, ପିଅ ଓ ଉପଭୋଗ କର।' କିନ୍ତୁ ଆଜିର ପିଢ଼ିର ପିଲାମାନେ ସେମାନଙ୍କର ଶୈଶବରେ ବଞ୍ଚିଲେ ନାହିଁ। ସେମାନଙ୍କର ନିର୍ଦ୍ଦୋଷ ବହୁତ ଶୀଘ୍ର ପରିପକ୍ୱତାରେ ପରିଣତ ହୋଇଗଲା। ପ୍ରଯୁକ୍ତିବିଦ୍ୟା ଓ ସାମାଜିକ ଗଣମାଧ୍ୟମ ବୟସ ଓ ସମୟ ପୂର୍ବରୁ ସେମାନଙ୍କ ଶୈଶବକୁ ଛଡ଼ାଇ ନେଇଗଲା।

ନିକଟରେ ନିତି ଆୟୋଗ ୧୨ ରୁ ୧୮ ବର୍ଷ ବୟସର କିଶୋରମାନଙ୍କ ଶୋଇବା ଅଭ୍ୟାସ ଏବଂ ଏହାର ପ୍ରଭାବ ଉପରେ ଏକ ବିସ୍ତୃତ ରିପୋର୍ଟ ପ୍ରସ୍ତୁତ କରିଛନ୍ତି। ସେଥିରେ ଦର୍ଶାଯାଇଛି ଯେ ଆମ ଦେଶର ଏକ-ଚତୁର୍ଥାଂଶ ସ୍କୁଲ ପିଲା ପର୍ଯ୍ୟାପ୍ତ ନିଦ୍ରା ପାଇପାରୁ ନାହାନ୍ତି। ଏହା କେବଳ ସେମାନଙ୍କର ମାନସିକ ଓ ଶାରୀରିକ ସ୍ୱାସ୍ଥ୍ୟକୁ କ୍ଷତି ପହଞ୍ଚାଉନାହିଁ, ସେମାନଙ୍କ ଚିନ୍ତାଧାରା ଏବଂ ବୁଝିବା କ୍ଷମତାକୁ ମଧ୍ୟ ପ୍ରଭାବିତ କରୁଛି। ଏଥିରେ କୌଣସି ସନ୍ଦେହ ନାହିଁ ଯେ ସୂଚନା ବିପ୍ଳବ ଏବଂ ଗ୍ରାହକ ବଜାର ପିଲାମାନଙ୍କ ଅପରିପକ୍ୱ ମସ୍ତିଷ୍କ ଉପରେ ସୂଚନାର ଆକ୍ରମଣ ଆରମ୍ଭ କରିଛି। ସଫଳତାର ସମ୍ଭାବନା ପିଲାମାନଙ୍କୁ ଗ୍ରାହକରେ ପରିଣତ କରିଛି ଏବଂ ସେମାନଙ୍କର ସ୍ୱାଭାବିକତାକୁ ମଧ୍ୟ ଶେଷ କରିଦେଇଛି।

ପୂର୍ବରୁ ବୃଦ୍ଧାବସ୍ଥାରେ ଦେଖାଯାଉଥିବା ରକ୍ତଚାପ, ମଧୁମେହ, ଶ୍ୱାସରୋଗ, ହୃଦଘାତ ଇତ୍ୟାଦି ରୋଗଗୁଡ଼ିକ ଏବେ କିଶୋର ଓ ଯୁବାବସ୍ଥାରେ କିମ୍ବା ତା'ପୂର୍ବରୁ ମଧ୍ୟ ଦେଖାଯାଉଛି। ଡାକ୍ତରୀ ଗବେଷଣା ଅନୁଯାୟୀ, ୮୦ ରୁ ୯୦ ପ୍ରତିଶତ ରୋଗ ଅନିଦ୍ରା, ଚାପ, ଅସନ୍ତୁଳିତ ଖାଦ୍ୟ ହେତୁ ହୋଇଥାଏ। ତେଣୁ ପ୍ରତ୍ୟେକ ପିଲା ପ୍ରତିଦିନ ଅତିକମ୍‌ରେ ୭ ରୁ ୮ ଘଣ୍ଟା ଶୋଇବା ଉଚିତ, ଯାହାଦ୍ୱାରା ସେମାନଙ୍କ ମଧ୍ୟରେ ମାନସିକ ଓ ଶାରୀରିକ ସନ୍ତୁଳନ ବଜାୟ ରହିବ। ପର୍ଯ୍ୟାପ୍ତ ନିଦ୍ରା ଓ ସନ୍ତୁଳିତ ଖାଦ୍ୟ ଦ୍ୱାରା ଅନେକ ରୋଗରୁ ଉପଶମ ମିଳିପାରିବ।

ନ୍ୟୁରୋସାଇଣ୍ଟିଷ୍ଟ ବି.ଏସ୍. ଗ୍ରୀନଫିଲ୍ଡଙ୍କ ମତରେ, ପ୍ରତ୍ୟକ୍ଷ ଅଭିଜ୍ଞତା, ପର୍ଯ୍ୟାପ୍ତ ନିଦ୍ରା, ବୟସ୍କ ପିଢ଼ି ସହିତ ପାରସ୍ପରିକ କ୍ରିୟା, ଖେଳିବାର ସୁଯୋଗ ଓ ସୃଜନଶୀଳତା ହେଉଛି ମସ୍ତିଷ୍କ ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଥିବାର କାରଣ, ଯାହାକୁ ଆଧୁନିକ ପ୍ରଯୁକ୍ତିବିଦ୍ୟା ଦ୍ରୁତ ଗତିରେ ନଷ୍ଟ କରିଚାଲିଛି। ଆଜିକାଲି ପ୍ରଯୁକ୍ତିବିଦ୍ୟା ଯୋଗୁଁ ବାହ୍ୟ କାର୍ଯ୍ୟକଳାପ ଘର ଭିତରେ କାର୍ଯ୍ୟକଳାପରେ ପରିବର୍ତ୍ତନ ହୋଇଛି, ଯାହା ପିଲାମାନଙ୍କର ଶାରୀରିକ ସ୍ୱାସ୍ଥ୍ୟକୁ ପ୍ରଭାବିତ କରିବା ସହିତ ସେମାନଙ୍କ ମଧ୍ୟରେ ଆକ୍ରମଣାତ୍ମକ, ନିରାଶା ଓ ହତାଶାର ଭାବନା ମଧ୍ୟ ବୃଦ୍ଧି କରୁଛି। ସେମାନଙ୍କ ମଧ୍ୟରେ ସାମାଜିକତା ଗୁଣ ହ୍ରାସ ପାଇ ବ୍ୟକ୍ତିବାଦର ପ୍ରବୃତ୍ତି ବୃଦ୍ଧି ପାଉଛି। ସେମାନେ ଆହ୍ୱାନର ସମ୍ମୁଖୀନ ହେବା ପରିବର୍ତ୍ତେ ପଳାତକ ହୋଇଯାଉଛନ୍ତି। ଜୀବନ ବଞ୍ଚିବା ପରିବର୍ତ୍ତେ ଏହାକୁ ସମାପ୍ତ କରିବା ସହଜ ମନେ କରୁଛନ୍ତି।

ଆବଶ୍ୟକ ପରିମାଣରେ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରାଯାଇପାରେ, କିନ୍ତୁ ତା' ଉପରେ ଯଦି ନିର୍ଭରଶୀଳତା ବୃଦ୍ଧି ପାଏ ତେବେ ମଣିଷକୁ ଯନ୍ତ୍ର ହେବାରୁ ରୋକିବା ସମ୍ଭବ ହେବ ନାହିଁ। ଦେଖାଯାଇଛି ଯେ ପ୍ରଯୁକ୍ତିବିଦ୍ୟା ଉପରେ ନିର୍ଭରଶୀଳ ହେବା ପରେ ପିଲାମାନେ ସେମାନଙ୍କର ବୁଦ୍ଧିମତ୍ତା ଉପରେ ସନ୍ଦେହ କରିବା ଆରମ୍ଭ କରିଛନ୍ତି। ସେମାନଙ୍କର ଆତ୍ମବିଶ୍ୱାସ ହ୍ରାସ ପାଉଛି। ଭର୍ଚୁଆଲ୍ ଦୁନିଆକୁ ବାସ୍ତବ ବୋଲି ଭାବିବା ଆରମ୍ଭ କରିଥିବାରୁ ସେମାନେ ଗୁଗୁଲରେ ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଖୋଜୁଛନ୍ତି। ମନୋରଞ୍ଜନ, ସମୟ ବିତାଇବା, ଆରାମ କରିବା ପାଇଁ ସାମାଜିକ ଗଣମାଧ୍ୟମ କିମ୍ବା ନେଟୱାର୍କର ସାହାଯ୍ୟ ନେଉଛନ୍ତି। ଥରେ ଲଗ୍‌ଇନ୍ କରିବା ପରେ ଦିନ ଓ ରାତି କେତେବେଳେ ବିତିଗଲା ତାହା ଜଣାପଡ଼େ ନାହିଁ। ଗୋଷ୍ଠୀ କିମ୍ବା ବନ୍ଧୁମାନଙ୍କ ସହିତ ବୁଲିବା, ପରିବାର ସହିତ ସମୟ ବିତାଇବା, କମିକ୍ସ ପଢ଼ିବା, ଖୋଲା ପଡ଼ିଆରେ ଖେଳିବା ଏବେ ଅତୀତର କଥା ହୋଇଗଲାଣି। ହ୍ୱାଟ୍‌ସଆପ୍ ଏବେ ସ୍କୁଲ ଡାଏରୀକୁ ବଦଳାଇ ଦେଇଛି। ଏପରି ପରିସ୍ଥିତିରେ ପିଲାମାନେ ମାନସିକ ଓ ଶାରୀରିକ ସ୍ୱାସ୍ଥ୍ୟ ଆହ୍ୱାନର ସମ୍ମୁଖୀନ ହେବା ସ୍ୱାଭାବିକ।

କୋଟାଙ୍ଗ(କୋଣାର୍କ), ମୋ: ୭୩୮୧୩୮୨୨୧୦

# ଅନବସର ଜ୍ୱର -ଏକ ଅଭିଶାପ

ଲୋକକଥାରେ ଲୋକଦେବତା

ସ୍ୱପ୍ନେଶ୍ୱର

ଲକ୍ଷ୍ମୀ ଓ ଅଲକ୍ଷ୍ମୀ ଦୁଇ ଭଉଣୀ। ଲକ୍ଷ୍ମୀ ସାନ, ଅଲକ୍ଷ୍ମୀ ବଡ଼। ଦୈହିକ ଓ ମାନସିକ ସ୍ତରରେ ଦୁହେଁ ଦୁହିଁଙ୍କର ବିପରୀତ। ଲକ୍ଷ୍ମୀ ପରମା ସୁନ୍ଦରୀ। ଅଲକ୍ଷ୍ମୀ ଅତ୍ୟନ୍ତ ଅସୁନ୍ଦରୀ, ଶୀରାଳ ମୁଖମଣ୍ଡଳ, ବଡ଼ ବଡ଼ ଦାନ୍ତ, ଡିମା ଡିମା ଆଖି, ଅସ୍ତ ବ୍ୟସ୍ତ ବାଳ। କାନ ଦୁଇଟା ଅନୁପାତରେ କାହିଁ କେତେ ଗୁଣ ବଡ଼। ଯେ କେହି ଦେଖିଲେ ଭୟଭୀତ ହେବାଟା ଥୟ। ଲକ୍ଷ୍ମୀ ଥିଲେ ସଂସାରର ସକଳ ଐଶ୍ୱର୍ଯ୍ୟ ଓ ମାଧୁର୍ଯ୍ୟର ଅଧିକାରିଣୀ ଦେବୀ। କିନ୍ତୁ ଅଲକ୍ଷ୍ମୀ ଥିଲେ କଳିହୁଡ଼ି। ମାତା ଲକ୍ଷ୍ମୀଙ୍କର ରୂପ ମାଧୁର୍ଯ୍ୟ ଓ ଗୁଣ ମାଧୁର୍ଯ୍ୟରେ ମୁଗ୍ଧ ହୋଇ ଦେବତାମାନଙ୍କ ଭିତରେ ସାର୍ବଭୌମ ବିଷ୍ଣୁ ତାଙ୍କୁ ଆନନ୍ଦରେ ପତ୍ନୀ ରୂପେ ଗ୍ରହଣ କଲେ। କିନ୍ତୁ ଅଲକ୍ଷ୍ମୀଙ୍କର ଉପରୋକ୍ତ ଅବିଗୁଣ ଯୋଗୁଁ ତାଙ୍କୁ କେହି ବାହା ହେବାକୁ ରାଜି ହେଉ ନ ଥିଲେ। ସେ ମଧ୍ୟ ଜଣେ ଦେବତାଙ୍କୁ ବିବାହ କରି ସ୍ୱର୍ଗର କଠୋର ସାମାଜିକ ନୀତିନିୟମରେ ଛନ୍ଦି ହେବାକୁ ଚାହୁଁ ନ ଥିଲେ। ମର୍ତ୍ତ୍ୟମଣ୍ଡଳର ଜଣେ ରାଜାଙ୍କୁ ବିବାହ କରି ବିଳାସବ୍ୟସନରେ ଜୀବନକୁ ଉପଭୋଗ କରିବାକୁ ସେ ଚାହୁଁଥିଲେ।

ଘରେ ବଡ଼ଭଉଣୀ ଅଭିଆଡ଼ି ହୋଇ ବସି ଥିବା ବେଳେ ସାନ ଭଉଣୀର ବାହା ହେବା କଥାଟା ଲକ୍ଷ୍ମୀଙ୍କୁ ଭଲ ଲାଗୁ ନ ଥିଲା। ସେ ଚିନ୍ତିତା ଥିଲେ ଯେ ଲୋକେ ପଛରେ କୁହା କୁହି ହେବେ-ସୁନ୍ଦର ବରଟେ ପାଇଲା ବୋଲି ସ୍ୱାର୍ଥପର ଲକ୍ଷ୍ମୀ ବଡ଼ ଭଉଣୀକୁ ଛାଡ଼ି ବାହା ହୋଇଗଲା। ତେଣୁ ଅଲକ୍ଷ୍ମୀଙ୍କ ପାଇଁ ଗୋଟେ ବିବାହ ପ୍ରସ୍ତାବ ଖୋଜିବାକୁଁ ସେ ବିଷ୍ଣୁଙ୍କୁ ଅନୁରୋଧ କରୁଥିଲେ। ମହାବିଷ୍ଣୁ ଯେ ସେ ବିଷୟରେ ଚିନ୍ତା କରୁ ନ ଥିଲେ, ସେ କଥା ନୁହେଁ। ଭଉଣୀ ଜୋଇଁ ଦେଢ଼ଶାଶୂଙ୍କପାଇଁ ବର ଖୋଜିବା କଥାଟା ତାଙ୍କୁ ଅସଙ୍ଗତ ଲାଗୁ ଥିଲେ ବି ସେ ମନେ ମନେ ଜଣେ ପାତ୍ରର ସନ୍ଧାନରେ ଥିଲେ। ଏତିକିବେଳେ ଅତୀତର ଏକ କଥା ତାଙ୍କର ମନେ ପଡ଼ିଗଲା। ଥରେ ସେ ଅଲକ୍ଷ୍ମୀଙ୍କୁ ଆଣିବାକୁ ଯାଇଥିଲେ। ଫେରିବାବେଳେ ଅଲକ୍ଷ୍ମୀ ବାଟରେ ଏକ ଅଶ୍ୱତ୍ଥ ଗଛ ମୂଳରେ ବିଶ୍ରାମ ନେଇଥିଲେ। ଅଶ୍ୱତ୍ଥ ଏକ ପବିତ୍ର ଗଛ। ତେଣୁ ଅଶ୍ୱତ୍ଥ ବୃକ୍ଷସମାଜ ଚିନ୍ତା କଲେ ଯେ ଅଲକ୍ଷ୍ମୀ ଯେଉଁ ଗଛ ତଳେ ବସିଥିଲେ ସେ ଗଛ ଅପବିତ୍ର ହୋଇଗଲା। ବୃକ୍ଷସମାଜ ସେ ଗଛକୁ ବାସନ୍ଦ କରି ଜଙ୍ଗଲକୁ ତଡ଼ି ଦେଲେ। ସେ ଗଛ ଜଙ୍ଗଲରେ ଜରି ଗଛ ନାମ ଧରି ରହିଲା। କଳିହୁଡ଼ି ଅଲକ୍ଷ୍ମୀଙ୍କ ପ୍ରଭାବରେ ସେ ଗଛର ପତ୍ରମାନେ ସବୁବେଳେ ଫଡ୍ ଫଡ୍ ଶବ୍ଦ କରିବାକୁ ଲାଗିଲେ। ଲୋକମାନେ ସେ ଗଛକୁ ନକ୍ଷୀଛଡ଼ା ବୋଲି କହନ୍ତି ଏବଂ କୌଣସି କାର୍ଯ୍ୟରେ ଲଗାନ୍ତି ନାହିଁ। ଏପରି ଜଣେ କନ୍ୟା ପାଇଁ ବର ଖୋଜିବା କିଛି ସହଜ କଥା ନ ଥିଲା। ତେଣୁ ମହାବିଷ୍ଣୁ ଭାବିଲେ ଯେ ଅଲକ୍ଷ୍ମୀଙ୍କୁ ଜଣେ ଋଷିଙ୍କ ସହ ବିବାହ କରିଦେଲେ ଠିକ ହେବ। ସେ ଋଷି ଉଦ୍ଦାଳକଙ୍କ ଆଶ୍ରମକୁ ଯାଇ ଅଲକ୍ଷ୍ମୀଙ୍କୁ ବିବାହ କରିବାକୁ ଅନୁରୋଧ କଲେ। ମହାବିଷ୍ଣୁଙ୍କୁ ସଦ୍ଗୁରୂପେ ପା ଥିବାରୁ ଋଷିଙ୍କ ମନ ଆନନ୍ଦ ହୋଇ ଗଲା। ତେଣୁ ସେ ପ୍ରସ୍ତାବରେ ରାଜି ହୋଇ ଗଲେ ଏବଂ ଅଲକ୍ଷ୍ମୀଙ୍କର ବାହାଘର ଋଷିଙ୍କ ସାଙ୍ଗରେ ହୋଇଗଲା।

ବିବାହ ପରେ ପରେ ଅଲକ୍ଷ୍ମୀ କିନ୍ତୁ ଭାବିବାକୁ ଲାଗିଲେ ଯେ ମାୟାଧର ବିଷ୍ଣୁ ମାୟା କରି ଜଣେ ଋଷି ସହ ତାଙ୍କର ବିବାହ କରି ତାଙ୍କ ପ୍ରତି ବିଶ୍ୱାସଘାତକତା କଲେ। ଭିକ୍ଷାଥାଳ ଧରିଥିବା ଜଣେ ଋଷି ସହ ତାଙ୍କର ବିବାହ କରେଇ ତାଙ୍କୁ ଭିକାରୁଣୀ କରିଦେଲେ। ତାଙ୍କର କ୍ରୋଧ ଦିନୁଦିନ ବଢ଼ିବାକୁ ଲାଗିଲା। ଦିନେ ସେ କ୍ରୋଧରେ ବିଷ୍ଣୁଙ୍କୁ ଅଭିଶାପ ଦେଲେ, 'ହେ ସ୍ୱାର୍ଥପର ମାୟାଧର, ନିଜ ଲୋକମାନଙ୍କର ଭଲମନ୍ଦ ବୁଝିବାରେ ମଧ୍ୟ ତୁମେ ମାୟାର ସାହାରା ନେଲ। ତେଣୁ ତୁମକୁ ଅଭିଶାପ ଦେଉଛି ଯେ ତୁମେ ମହାଜ୍ୱରରେ ପୀଡ଼ିତ ହୁଅ।' ବିଷ୍ଣୁ ଏ କଥା ଶୁଣି ମନ୍ଦମନ୍ଦ ହସିଲେ ଓ କହିଲେ, 'ଦେବୀ! ଆପଣ ମୋର ଦେଢ଼ଶାଶୂ। ଆପଣଙ୍କ ଅଭିଶାପ ବୃଥା ଯିବ ନାହିଁ। କିନ୍ତୁ ମୋର ଏ ଶରୀର ଅଜର ହୋଇ ଥିବାରୁ ଜ୍ୱର କୌଣସି ପ୍ରଭାବ ପକାଇ ପାରିବ ନାହିଁ। କଳିଯୁଗରେ ମୁଁ ନିତ୍ୟ ନୀଳାଚଳରେ ଦାରୁବ୍ରହ୍ମ ଜଗନ୍ନାଥ ରୂପେ ଆରାଧିତ ହୋଇ ମାନବୀୟ ଲୀଳା ରଚନା କରିବି। ଜ୍ୟେଷ୍ଠ ମାସ ପୂର୍ଣ୍ଣିମାରେ ମୋର ପ୍ରତ୍ୟକ୍ଷ ସ୍ନାନନୀତି ଅନୁଷ୍ଠିତ ହେବ। ସେ ଦିନ ଅବେଳରେ ଅତ୍ୟଧିକ ପ୍ରତ୍ୟକ୍ଷ ସ୍ନାନ କରି ପନ୍ଦର ଦିନ ପର୍ଯ୍ୟନ୍ତ ଜ୍ୱରରେ ପୀଡ଼ିତ ହେବି। ସେତେବେଳେ ମୁଁ ଅନବସର ଗୃହରେ ପଥ୍ୟପାଚନ ଭୋଜନ କରି ବିଶ୍ରାମ ନେବି। ସଙ୍ଗରୋଧରେ ରହୁଥିବାରୁ ସାଧାରଣ ଭକ୍ତ ମୋର ଦର୍ଶନର ସୁଯୋଗ ପାଇବେ ନାହିଁ।

ମୋ: ୯୯୦୦୦୮୩୪୩୩

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଇରାନ ଉପରେ...

ହରାଇଛି ।।ତେହରାନ । ଯଦି ଇରାନ ଆଲୋଚନା କରିବାକୁ ଚାହୁଁଛି, ତାହାହେଲେ ଏହା ଆମ ସହ ସମ୍ପର୍କ କରୁ । ଦୁଇ ଦେଶ ମଧ୍ୟରେ ଯୁଦ୍ଧବିରତି ଲାଗି ସେ ଉଦ୍ୟମ କରୁଥିବା ଖବରକୁ ଖଣ୍ଡନ କରି ଟ୍ରମ୍ପ କହିଛନ୍ତି, ଯୁଦ୍ଧବିରତି ନୁହେଁ, ଶତ୍ରୁତାର ଅନ୍ତ କରିବାକୁ ସେ ଉଦ୍ୟମ କରୁଛନ୍ତି । ତେବେ ଶତ୍ରୁତା କିପରି ଅନ୍ତ ଘଟିବ ସେସମ୍ପର୍କରେ ସେ କିଛି କହି ନାହାନ୍ତି । କିନ୍ତୁ ତାଙ୍କର ଭାଷା ଏବଂ କଥାବାର୍ତ୍ତା ଶୈଳିରୁ ଜଣାପଡୁଛି ଯେ ଇରାନ ଉପରେ ଆମେରିକା-ଇସ୍ରାଏଲ ମିଳିତ ଆକ୍ରମଣ କରିପାରନ୍ତି । ଖାମେନୀ ପ୍ରଶାସନକୁ ହଟାଇ ଆମେରିକାକୁ ସୁହାଇଲା ଭଳି ପ୍ରଶାସକଙ୍କୁ କ୍ଷମତାରେ ବସାଇବାକୁ ଭିତିରି ଯୋଜନା ଚାଲିଛି ।

କାନାଡାରେ ଚାଲିଥିବା ଜି-୭ ସମ୍ମିଳନୀରେ ଯୋଗଦେବାକୁ ଯାଇଥିବା ଟ୍ରମ୍ପ ତାଙ୍କର କାର୍ଯ୍ୟକ୍ରମକୁ ଅଧାରୁ ଛାଡ଼ି ଓ୍ୱାଶିଂଟନ ଫେରିଆସିଛନ୍ତି । କୁହାଯାଉଥିଲା ଯେ ଇରାନ ଓ ଇସ୍ରାଏଲ ମଧ୍ୟରେ ଯୁଦ୍ଧବିରତି ପାଇଁ ସେ ପଦକ୍ଷେପ ନେବେ । ସେ ସୂଚନା ମଧ୍ୟ ଦେଇଥିଲେ ଯେ ଇରାନ ବୈଦେଶିକ ମନ୍ତ୍ରୀଙ୍କ ସହିତ ପରାମର୍ଶ କଥାବାର୍ତ୍ତା ଲାଗି ଉପରାଷ୍ଟ୍ରପତି ଜେଡି ଭାନ୍ସଙ୍କୁ ତେହରାନ ପଠାଇବେ । କିନ୍ତୁ ଏବେ ଏଭଳି କିଛି ସୂଚନା ମିଳୁନାହିଁ । ଜି-୭ ସମ୍ମିଳନୀରେ ଇରାନ-ଇସ୍ରାଏଲ ଯୁଦ୍ଧ ଉପରେ ଆଲୋଚନା ହୋଇଛି ଏବଂ ଯୁଦ୍ଧବିରତି ସପକ୍ଷରେ ସଭ୍ୟରାଷ୍ଟ୍ର ମତ ପ୍ରକାଶ କରିଛନ୍ତି । କିନ୍ତୁ ସେମାନେ ଇସ୍ରାଏଲକୁ ସମର୍ଥନ ଘୋଷଣା କରିବା ସହିତ କହିଛନ୍ତି ଯେ ମଧ୍ୟପ୍ରାଚ୍ୟରେ ଇରାନ ଅସ୍ଥିରତା ସୃଷ୍ଟି କରୁଛି ।

ଯୁଦ୍ଧକ୍ଷେତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଇସ୍ରାଏଲ ଉପରେ ପୁଣି ପ୍ରଚଣ୍ଡ କ୍ଷେପଣାସ୍ତ୍ର ମାଡ଼ କରିଛି ଇରାନ । ଆଜି ସନ୍ଧ୍ୟା ବେଳେ ଇସ୍ରାଏଲ ରାଜଧାନୀ ତେଲ ଆଭିଭ ସ।।ମେତ ଅନ୍ୟ କେତେକ ସହର ଉପରେ କ୍ଷେପଣାସ୍ତ୍ର ଆକ୍ରମଣ ଯୋଗୁଁ ବିସ୍ଫୋରଣ ହୋଇଛି । ଇସ୍ରାଏଲର ପରମାଣୁ କେନ୍ଦ୍ର ଉପରେ ମଧ୍ୟ ଇରାନ ବାଲିଷ୍ଟିକ କ୍ଷେପଣାସ୍ତ୍ର ମାଡ଼ କରିଥିବା କୁହାଯାଉଛି । ଇରାନ ଆକ୍ରମଣରେ ଇସ୍ରାଏଲର ଅନେକ ସହର ଭୀଷଣ କ୍ଷତିଗ୍ରସ୍ତ ହୋଇଛି । ଇସ୍ରାଏଲର ସେନା ମୁଖ୍ୟାଳୟ ସମେତ ଅନେକ ସାମରିକ ପ୍ରତିଷ୍ଠାନ ଉପରେ ଆକ୍ରମଣ ହୋଇଛି । ଯୁଦ୍ଧରେ ବର୍ତ୍ତମାନ ସୁଦ୍ଧା ଇସ୍ରାଏଲରେ ୨୪ ଜଣ ପ୍ରାଣ ହରାଇଥିବା ବେଳେ ଶତାଧିକ ଆହତ ହୋଇଛନ୍ତି । ଇରାନରେ ମଧ୍ୟ ୨୨୪ ଜଣ ପ୍ରାଣ ହରାଇଥିବା କୁହାଯାଉଛି ।

ଇରାନ ଉପରେ ଇସ୍ରାଏଲ ମଧ୍ୟ କ୍ଷେପଣାସ୍ତ୍ର ଓ ବୋମାମାଡ଼ ଜାରି ରଖିଛି । ଇସ୍ରାଏଲ ପକ୍ଷରୁ କୁହାଯାଇଛି ଯେ ଆଜିର ଆକ୍ରମଣରେ ଇରାନର ଯୁଦ୍ଧକାଳୀନ ସେନା ମୁଖ୍ୟ ଜେନେରାଲ ଅଲ୍ଲୀ ସଦମାନୀ ନିହତ ହୋଇଛନ୍ତି । ସେ ଇରାନର ସର୍ବୋଚ୍ଚ ନେତା ଖାମେନୀଙ୍କ ଘନିଷ୍ଠ ବୋଲି କୁହାଯାଉଛି । ଏହାସହିତ ଇସ୍ରାଏଲ ଆକ୍ରମଣରେ ଇରାନ ସେନାର ଅନେକ ବରିଷ୍ଠ କମାଣ୍ଡର ଏବଂ ଚିଫ୍ ଅଫ୍ ଷ୍ଟାଫ ପ୍ରାଣ ହରାଇଲେଣି । ଜୀବନ ବଞ୍ଚାଇବା ଲାଗି ଖାମେନୀ ବଙ୍କରରେ ଲୁଚିଥିବା କୁହାଯାଉଛି । ଇସାଏଲ ପ୍ରଧାନମନ୍ତ୍ରୀ ନେତାନ୍ୟାହୁ କହିଛନ୍ତି ।।ଯେ ଖାମେନୀ ବଞ୍ଚିଥିବା ପର୍ଯ୍ୟନ୍ତ ମଧ୍ୟପ୍ରାଚ୍ୟରେ ଶାନ୍ତି ପ୍ରତିଷ୍ଠା ହେବନାହିଁ । ସଦ୍ଦାମ ହୁସେନ ଭଳି ଖାମେନୀ ଦଶା ଭୋଗିବେ ବୋଲି ସେ ଧମକ ଦେଇଛନ୍ତି ।

### ବାର୍ ଛାତ ଉପରୁ...

ଯୋଡିଛି । ଏହା ହୋଟେଲର ପ୍ରିମିୟମ୍ ଫିଚର ମଧ୍ୟରୁ ଗୋଟିଏ । ‹ସ୍କାଏ ମିସାଇଲ ଭ୍ୟୁ’ ଫିଚରରେ ଇସ୍ରାଏଲ ଉପରେ ଇରାନର କ୍ଷେପଣାସ୍ତ୍ର ମାଡ଼ ଦୃଶ୍ୟ ଦେଖିବା ପାଇଁ ୨.୨୫ ଲକ୍ଷ ଲେବନିଜ୍ ପାଉଣ୍ଡ ଚାର୍ଜ କରୁଛନ୍ତି । କହାଯାଉଛି ଯେ ଇସ୍ରାଏଲ ଉପରେ ଇରାନର କ୍ଷେପଣାସ୍ତ୍ର ପଡ଼ିବାର ଦୃଶ୍ୟ ହୋଟେଲର ସ୍ୱତନ୍ତ୍ର ସିଟ୍‌ରୁ ଦେଖାଯାଇପାରିବ । ହୋଟେଲରେ ଏହି ସ୍ୱତନ୍ତ୍ର ଦୃଶ୍ୟ ଦେଖିବାକୁ ଚାହୁଁଥିବା ଗ୍ରାହକଙ୍କୁ ସେହି ସିଟ୍ ବୁକ୍ କରିବାକୁ ପଡିବ । ହୋଟେଲ ଏହାକୁ କେବଳ ଏକ ପ୍ରିମିୟମ୍ ଫିଚର ବୋଲି କହିନାହିଁ, ବରଂ ଏହି ନାମ (ସ୍କାଏ ମିସଲ୍ସ ଭ୍ୟୁ) ମଧ୍ୟ ଟ୍ରେଡମାର୍କ କରିଛି । ଏହି ଭିଡିଓରେ, ଆକାଶରେ କ୍ଷେପଣାସ୍ତ୍ର ମାଡ଼ ଦେଖାଯାଉଛି, କିନ୍ତୁ ବାରରେ ଲୋକମାନେ ନିଶ୍ଚିନ୍ତ ଭାବରେ ନାଚୁଛନ୍ତି । ଆଉ ଜଣେ ବ୍ୟକ୍ତି ବାର୍ ଛାତ ବାରରେ ତୂରୀ ବଜାଉଥିବା ଦେଖାଯାଉଛି । ଲୋକମାନେ ଛିଡା ହୋଇ କ୍ଷେପଣାସ୍ତ୍ର ମାଡ଼ ଦେଖୁଛନ୍ତି ଏବଂ ସେମାନଙ୍କ ଫୋନରେ ଭିଡିଓ ଉତ୍ତୋଳନ କରୁଛନ୍ତି ।

### ଡିଜିଙ୍କୁ ଜାତୀୟ ମହିଳା...

ନିକଟରେ ପହଞ୍ଚି ଯୁବତୀଙ୍କୁ ଅସଦାଚରଣ କରିବା ସହିତ ପୁରୁଷ ବନ୍ଧୁଙ୍କୁ ମାରପିଟ୍ କରିଥିଲେ । ଏହାପରେ ୧୦ଜଣଙ୍କ ମଧ୍ୟରୁ ୩ଜଣ ଉକ୍ତ ଯୁବତୀଙ୍କୁ ସେହି ସ୍ଥାନରୁ କିଛିଦୂରକୁ ନେଇ ଏକ ଅନ୍ଧାରିଆ ସ୍ଥାନରେ ଗଣଦୁଷ୍କର୍ମ କରିଥିଲେ । ଅନ୍ୟ ୭ଜଣ ଯୁବକ ଗଣଦୁଷ୍କର୍ମ କରିବାରେ ସେମାନଙ୍କୁ ସହଯୋଗ କରିବା ସହିତ ଯୁବତୀଙ୍କ ପୁରୁଷ ବନ୍ଧୁଙ୍କୁ ନଜରବନ୍ଦୀ କରି ମାରପିଟ୍ କରିଥିଲେ । ଗଣଦୁଷ୍କର୍ମ ପରେ ଯୁବତୀଙ୍କ ଠାରୁ ନଗଦ ୧ହଜାର ଟଙ୍କା ଓ ଅନ୍‌ଲାଇନ୍‌ରେ ୩୦୦ଟଙ୍କା ନେଇ ଘଟଣାସ୍ଥଳରୁ ଅଭିଯୁକ୍ତମାନେ ଫେରାର ହୋଇଯାଇଥିଲେ । ଘଟଣାକୁ ନେଇ ପୀଡ଼ିତା ଓ ତାଙ୍କ ପୁରୁଷ ବନ୍ଧୁ ଗୋପାଳପୁର ଥାନାରେ ରାତି ୧୧ଟା ସମୟରେ ଲିଖିତ ଅଭିଯୋଗ କରିଥିଲେ । ପୁଲିସ ଗୋପାଳପୁର ଓଭରବ୍ରିଜ ନିକଟରୁ ୨ଜଣଙ୍କୁ ଗିରଫ କରିବା ପରେ ସେମାନଙ୍କ ଠାରୁ ତଥ୍ୟ ସଂଗ୍ରହ କରି ରବିବାର ରାତିରେ ଘଟଣାରେ ସମ୍ପୃକ୍ତ ଆନ୍ୟ ୫ଜଣଙ୍କୁ କାବୁ କରିଥିଲା ପୋଲିସ । ମଙ୍ଗଳବାର ସକାଳେ ପୁଣି ଆଉ ୩ଜଣଙ୍କୁ ପୁଲିସ ବ୍ରହ୍ମପୁରରୁ ଗିରଫ କରିଛି ।

ଏହି ଘଟଣରେ ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ପ୍ରମୋଦ ନାୟକ ନାମରେ ହତ୍ୟା ପରି ସଙ୍ଗୀନ ଅପରାଧ ଥିବା ବ୍ରହ୍ମପୁର ଏସ୍‌ପି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ ଗୋପାଳପୁର ବେଳାଭୂମିରେ ଯୁବତୀଙ୍କୁ ଗଣଦୁଷ୍କର୍ମ ଘଟଣାର ୨୪ଘଣ୍ଟା ମଧ୍ୟରେ ସମସ୍ତ ୧୦ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି । ଗିରଫ ୧୦ଜଣଙ୍କ ମଧ୍ୟରେ ୬ଜଣ ସାବାଳକ ଥିବାବେଳେ ଅନ୍ୟ ୪ଜଣ ନାବାଳକ । ୬ ସାବାଳକ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିବା ବେଳେ ୪ ନାବାଳକଙ୍କୁ ଜୁଭେନାଇଲ ଜଷ୍ଟିସ ବୋର୍ଡରେ ହାଜର ପରେ ବାଳସୁଧାର ଗୃହକୁ ପଠାଯାଇଛି । ଗିରଫ ଅଭିଯୁକ୍ତଙ୍କ ମଧ୍ୟରେ ବେଲଗାଁ ଥାନା ଅନ୍ତର୍ଗତ ପାଟପୁର ଗ୍ରାମର କୁନାଲ ପ୍ରଧାନ(୨୪), ହିଞ୍ଜିଳି ବୁରୁପଡାର ବାବୁରାମ ଦଳାଇ(୧୯), ଲକ୍ଷ୍ମଣ ପ୍ରଧାନ(୨୪),ସିକିରର ଓମ୍ ପ୍ରଧାନ(୧୯), ଦୀପକ ତରାଇ(୧୯) ଓ ପୁରୁଷୋତ୍ତମପୁରର ପ୍ରମୋଦ ନାୟକ(୨୩) ସାମିଲ । ଚିହ୍ନଟ ୧୦ଜଣଙ୍କ ମଧ୍ୟରୁ ୩ଜଣ ଯୁବକ ପୀଡ଼ିତାଙ୍କୁ ଗଣଦୁଷ୍କର୍ମ କରିଥିବା ବେଳେ ଅନ୍ୟ ୭ଜଣ ଗଣଦୁଷ୍କର୍ମରେ ସହଯୋଗ କରିଥିବା ବ୍ରହ୍ମପୁର ଏସ୍‌ପି ଡାକ୍ତର ସର୍ବଣା ବିବେକ ଏମ୍ ସୂଚନା ଦେଇଛନ୍ତି ।

### ନବୀନଙ୍କ କ୍ଷୋଭ...

କହିଛନ୍ତି ଯେ ଓଡ଼ିଶାର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ଗୋପାଳପୁର ବେଳାଭୂମିରେ ଗଣଦୁଷ୍କର୍ମ ଖବର ଅତ୍ୟନ୍ତ ସ୍ପର୍ଶକାତର ଓ ଏହା ସଭିଙ୍କୁ ଏହା ବିଚଳିତ କରିଛି । ପର୍ଯ୍ୟଟନ ସ୍ଥଳୀରେ ମହିଳାମାନଙ୍କ ସୁରକ୍ଷା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ପ୍ରତିଦିନ ମହିଳାଙ୍କ ଉପରେ ବଢୁଥିବା ନିର୍ଯାତନାକୁ ରୋକିବା ଦିଗରେ ସରକାର ସଜାଗ ହୁଅନ୍ତୁ ବୋଲି ସେ ପରାମର୍ଶ ଦେଇଛନ୍ତି ।

ରାଜ୍ୟରେ ବିଜେପି କ୍ଷମତାକୁ ଆସିବା ପରେ ଆଇନ ଶୃଙ୍ଖଳା ସ୍ଥିତି ସମ୍ପୂର୍ଣ୍ଣ ଭାବେ ବିପର୍ଯ୍ୟସ୍ତ । ତଥ୍ୟ ଅନୁଯାୟୀ ଗତ ୧୦ ମାସରେ ରାଜ୍ୟର ବିଭିନ୍ନ ଥାନାରେ ସାଢ଼େ ଚାରି ହଜାର ଦୁଷ୍କର୍ମ ମାମଲା ରୁଜୁ ହେଲାଣି । ହିସାବ କଲେ ହାରାହାରି ଦିନକୁ ୧୫ଟି ଦୁଷ୍କର୍ମ ଘଟଣା ଘଟୁଛି । ଯାହା ରାଜ୍ୟରେ ମା, ଭଉଣୀଙ୍କ ସୁରକ୍ଷା ପ୍ରତି ସାଂଘାତିକ ସ୍ଥିତି ସୃଷ୍ଟି କଲାଣି । ବିଶେଷ ନିକଟ ଅତୀତରେ କରି ଗଞ୍ଜାମ,ଖୋର୍ଦ୍ଧା,କନ୍ଧମାଳ, ବଲାଙ୍ଗୀର, ମୟୂରଭଞ୍ଜ ଆଦି ଜିଲ୍ଲାରେ ଅଧିକ ଦୁଷ୍କର୍ମ ଘଟଣା ଘଟିଥିବା ଅଭିଯୋଗ ହୋଇଛି । ଦୁଷ୍କର୍ମ ଜନିତ କିଛି ମାମଲାରେ ଅଭିଯୁକ୍ତ ଗିରଫ ହୋଇଥିଲେ ହେଁ ଅଧିକାଂଶ ମାମଲାରେ ପୁଲିସ ସେମାନଙ୍କୁ ଗିରଫ କରିବାରେ ବିଫଳ ହୋଇଛି । ଏହା ପ୍ରତ୍ୟକ୍ଷ ଭାବରେ ଅପରାଧୀଙ୍କ ମନୋବଳ ବୃଦ୍ଧି କରୁଥିବା ବେଳେ ମହିଳା ବିରୋଧୀ ହିଂସା ଏବଂ ଦୁଷ୍କର୍ମ ଘଟଣା ବୃଦ୍ଧିରେ ସହାୟକ ହେଉଛି । ଗତ ୬ ମାସ ହେବ ବିରୋଧୀ ବିଜେଡି ଓ କଂଗ୍ରେସ ଏହାକୁ ନେଇ ସରକାରଙ୍କୁ ସଜାଗ ହେବାକୁ ଦାବି କରୁଥିଲେ ହେଁ ସରକାର ଏହାକୁ ଗୁରୁତର ସହ ଗ୍ରହଣ କରୁନାହାନ୍ତି । ଏପରିକି ଉଭୟ ବିରୋଧୀ ଗତ ବିଧାନସଭା ଅଧିବେଶନରେ ଏହାକୁ ନେଇ ପ୍ରବଳ ତମ୍ବିତୋଫାନ କରିଥିଲେ । କଂଗ୍ରେସ ସମସ୍ତ ସଦସ୍ୟଙ୍କୁ ମଧ୍ୟ ଏଥିପାଇଁ ଗୃହରୁ ନିଲମ୍ବିତ ହେବାକୁ ପଡ଼ିଥିଲା ।

ଏତେସବୁ ଘଟଣା ପରେ ମଧ୍ୟ ସରକାର ଏନେଇ ସଚେତନ ନହେବା କାରଣରୁ ରାଜ୍ୟର ଆଇନ ଶୃଙ୍ଖଳା ସ୍ଥିତି ନିୟନ୍ତ୍ରଣ ବାହାରକୁ ଗଲାଣି । ବିଶେଷକରି ଗୋପାଳପୁର ପରି ରାଜ୍ୟର ପ୍ରମୁଖ ପର୍ଯ୍ୟଟନ ସ୍ଥଳରେ ଏପରି ଘଟଣା ଘଟିବାକୁ ସହଜରେ ଗ୍ରହଣ କରିପାରୁ ନାହାନ୍ତି ବୁଦ୍ଧିଜୀବି । ଏହା ରାଜ୍ୟର ମହିଳାଙ୍କ ସମ୍ମାନ ପ୍ରତି ଆଞ୍ଚ ଆଣିବା ସହ ଓଡ଼ିଶାର ଛବିକୁ ଖରାପ କଲାଣି । ସରକାର ସଜାଗ ନହେଲେ ଏପରି ଲଜ୍ଜାଜନକ ଏବଂ ସ୍ପର୍ଶକାତର ଘଟଣା ରାଜ୍ୟର ପର୍ଯ୍ୟଟନ ଶିଳ୍ପକୁ ମଧ୍ୟ ପ୍ରଭାବ ପକାଇବ ବୋଲି ସେମାନେ ଆଶଙ୍କା ପ୍ରକାଶ କରିଛନ୍ତି ।

### ଡେଇଁଡେଇଁ ମାଡୁଛି...

ସନ୍ଧ୍ୟା ସୁଦ୍ଧା ଜିଲ୍ଲାରେ ୧୮ ୫ ଜଣ ନୂଆ ରୋଗୀ ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ବେଳେ ୧୫ ଜଣଙ୍କୁ କଟକ ବଡ଼ ମେଡିକାଲ୍‌କୁ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି । କେନ୍ଦ୍ରୀୟ ଟିମ୍ ମଧ୍ୟ ତିନି ଦିନ ଧରି ଯାଜପୁରରେ ସ୍ଥିତି ଅନୁଧ୍ୟାନ କରୁଥିଲେ ହେଁ ଏଯାବତ୍ ଝାଡ଼ାବାନ୍ତିର ମୂଳ ଉତ୍ସ ଖୋଜି ପାଉନାହାନ୍ତି ।

ଅପରପକ୍ଷେ ରାଜଧାନୀ ଭୁବନେଶ୍ୱରରେ ଚିନ୍ତାଜନକସ୍ଥିତି ଉପୁଜିଛି । ଗତକାଲି ୧୨୦ ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ ଏବେ ଏହି ଆକ୍ରାନ୍ତଙ୍କ ସଂଖ୍ୟା ୧୫୦ ପାର୍ କରିଥିବା ଜଣାପଡ଼ିଛି । ଏବେ କ୍ୟାପିଟାଲ୍ ହସ୍ପିଟାଲ୍‌ରେ ପାଖାପାଖି ଅନେକ ଆକ୍ରାନ୍ତ ଚିକିତ୍ସିତ ହେଉଥିବାବେଳେ ବିଭିନ୍ନ ଘରୋଇ ହସ୍ପିଟାଲ୍‌ରେ କିଛି ବ୍ୟକ୍ତି ଚିକିତ୍ସାଧୀନ ଅଛନ୍ତି । ଏ ସମ୍ପର୍କରେ ହସ୍ପିଟାଲ୍‌ର ନିର୍ଦ୍ଦେଶକ ଡାକ୍ତର ରୂପଭାନୁ ମିଶ୍ର କହିଛନ୍ତି, ରାଜ୍ୟରେ ହଇଜା ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଇବା ପରେ କ୍ୟାପିଟାଲ୍ ହସ୍ପିଟାଲ୍‌ରେ ଏହାକୁ ନେଇ ସ୍ୱତନ୍ତ୍ର ପ୍ରସ୍ତୁତି କରାଯାଇଛି । ହସ୍ପିଟାଲ୍‌ରେ ଭୁବନେଶ୍ୱର ଏବଂ ଆଖପାଖ ଅଞ୍ଚଳରରୁ କିଛି ଡାଇରିଆ ରୋଗୀ ଚିକିତ୍ସିତ ହେଉଛନ୍ତି । କିନ୍ତୁ ବାହାରୁ ରୋଗୀ କେହି ଆସି ଚିକିତ୍ସିତ ହେଉନାହାନ୍ତି । ଡାଇରିଆ ୱାର୍ଡକୁ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ କରି ରଖାଯାଇଛି । ସମସ୍ତ ବ୍ୟବସ୍ଥା କରାଯାଇଛି । ବାହାରୁ ଯଦି ରୋଗୀ ଆସନ୍ତି ତେବେ ଚିକିତ୍ସା କରିହେବ । ଏବେ ଭୁବନେଶ୍ୱରରେ ସେଭଳି ଅଣାୟତ୍ତ ପରିସ୍ଥିତି ହୋଇନାହିଁ । ତଥାପି ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯିବ । ଡାଇରିଆ ନିୟନ୍ତ୍ରଣ ପାଇଁ ଆବଶ୍ୟକ ଔଷଧ ଓ ସାଲାଇନ୍ ମହଜୁଦ୍ ରହିଛି ବୋଲି ସେ କହିଛନ୍ତି ।

ସ୍ୱାସ୍ଥ୍ୟ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଗତକାଲି ଢେଙ୍କାନାଳରେ ‘ଷ୍ଟପ୍ ଡାଇରିଆ’ ଅଭିଯାନ ଆରମ୍ଭ କଲେ । ଏହା ୪୫ ଦିନ ଧରି ଚାଲିବ ବୋଲି କୁହାଯାଉଛି । ମାତ୍ର ବର୍ତ୍ତମାନର ଭୟଙ୍କରସ୍ଥିତିରୁ ଲୋକମାନଙ୍କୁ କେମିତି ଉଦ୍ଧାର କରାଯିବ, ଅର୍ଥାତ୍ ସଂକ୍ରମଣ କେମିତି ରୋକାଯିବ, ତା’ ଉପରେ କୌଣସି ପଦକ୍ଷେପ ନିଆଯାଇ ନାହିଁ । ଷ୍ଟପ୍ ଡାଇରିଆ ଅଭିଯାନରେ ଜନସଚେତନତା ଏକ ନିୟମିତ ପ୍ରକ୍ରିୟା । ପୂର୍ବରୁ ବି ଏହା କରାଯାଉଥିଲା । ହେଲେ ତୃଣମୂଳସ୍ତରରେ ଲୋକଙ୍କ ପାଖରେ ଏହା ପହଞ୍ଚି ପାରୁନଥିବାରୁ ଆଜି ଏଭଳି ସ୍ଥିତି ଉପୁଜିଥିବା ଅଭିଯୋଗ ହେଉଛି । ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ବେସରକାରୀ ଭାବେ ପ୍ରାୟ ୨୦ରୁ ଊର୍ଦ୍ଧ୍ୱ ଲୋକଙ୍କର ଏଥିରେ ପ୍ରାଣହାନୀ ଘଟିଲାଣି । ଆଉ କେତେ ମୁଣ୍ଡ ଗଡ଼ିବା ପରେ ରାଜ୍ୟ ସରକାର ଚେତିବେ ବୋଲି ସଚେତନ ନାଗରିକ ପ୍ରଶ୍ନ କରିଛନ୍ତି ।

ଅନ୍ୟପକ୍ଷରେ ଆଜି ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଏହି ଘଟଣା ଉପରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକ ପରେ ସ୍ୱାସ୍ଥ୍ୟ ସଚିବ ଅଶ୍ୱସ୍ତି ୩୦ଜିଲ୍ଲାକୁ ସତର୍କ ରହିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି । ଏଥିସହ ଆଜି ଦିନ ୧୦ଟା ସୁଦ୍ଧା ୫ ଜିଲ୍ଲାରୁ ୩ ଶହ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଛି ବୋଲି ସେ ସୂଚନା ଦେଇଛନ୍ତି । ଯେଉଁ ରୋଗୀ ହସ୍ପିଟାଲରେ ଭର୍ତ୍ତି ହେଉଛନ୍ତି, ତାଙ୍କୁ ୨୪ ଘଣ୍ଟିଆ ନୀରିକ୍ଷଣରେ ରଖିବାକୁ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଏହାସହ ଡାଇରିଆ ନେଇ ଆଶା, ଅଙ୍ଗନବାଡି ସଚେତନ କରିବା ସହିତ ଗାଁ ଗାଁରେ ମାଇକରେ ପ୍ରଚାର ଚାଲିଛି । ଆସନ୍ତା ୭ ଦିନ ପର୍ଯ୍ୟନ୍ତ ଏହି ପଦକ୍ଷେପ ଜାରି ରହିବ ବୋଲି ସେ କହିଛନ୍ତି । ଅନ୍ୟପକ୍ଷରେ ପ୍ରତିଦିନ ରାଜ୍ୟସ୍ତରୀୟ ସମୀକ୍ଷା ହେବ । ଆ ।ସନ୍ତାକାଲି କେନ୍ଦ୍ରୀୟ ଟିମ୍ ସହିତ ରାଜ୍ୟ ସରକାର ଆଲୋଚନା କରିବେ । ଏହାସହ ମୌସୁମୀ ବର୍ଷା ହେଉଛି, ତେଣୁ ସଚେତନ ରହିବାକୁ ସେ ପରାମର୍ଶ ଦେଇଛନ୍ତି ।

### କେନ୍ଦ୍ରାପଡ଼ାରେ ୨୭ ଆକ୍ରାନ୍ତ...

ଚିକିତ୍ସିତ ହେଉଥିବା ସୂଚନା ମିଳିଛି । ଡେରାବିଶ ବ୍ଲକ୍ ଏଣ୍ଡର ପଞ୍ଚାୟତର ଶ୍ୟାମସୁନ୍ଦରପୁର ଗ୍ରାମର ସଜନୀ ମଲିକ (୬୧)ଙ୍କ ଡାଇରିଆରେ ମୃତ୍ୟୁ ହୋଇଥିବାବେଳେ ସଜନୀଙ୍କ ପୁଅ ସମେତ ଗ୍ରାମର ଅନ୍ୟ ୭ ଜଣ ବ୍ୟକ୍ତି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ କଟକ ବଡ଼ ମେଡିକାଲରେ ଚିକିତ୍ସିତ ହେଉଛନ୍ତି । ଜିଲ୍ଲାର ଅନେକ ସ୍ଥାନରେ ରହିଥିବା ନଳକୂପ ଅସ୍ୱାସ୍ଥ୍ୟକର ପରିବେଶରେ ରହିଥିବାରୁ ଏହା ପରିସରକୁ ବିଭାଗ ପକ୍ଷରୁ ସଫେଇ କରାଯିବା କଥା । ତାହା ହେଉନାହିଁ । ଲୋକେ ବ୍ଲିଚିଂ ମାଗିଲେ ମିଳୁ ନ ଥିବା ଅଭିଯୋଗ ହୋଇଛି । ଏଥିସହିତ ଜିଲ୍ଲା ଖାଦ୍ୟ ସୁରକ୍ଷା ବିଭାଗ ନିଦ ଭାଙ୍ଗିନି । ଜଳଖିଆ ଦୋକାନ, ହୋଟେଲ, ଖାଦ୍ୟସାମଗ୍ରୀ ଦୋକାନ ଓ ପାନୀୟ ଜଳ ଫ୍ୟାକ୍ଟ୍ରି ଉପରେ ଚଢ଼ଉ କରାଯାଉ ନ ଥିବାରୁ ଏହା ଜିଲ୍ଲାର କୋଣ ଅନୁକୋଣରେ ବ୍ୟାପିବାରେ ଲାଗିଛି । ଧୀରେ ଧୀରେ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଉଥିବାବେଳେ କେନ୍ଦ୍ରାପଡ଼ା ମେଡିକାଲରେ ଶଯ୍ୟା ଅଭାବ ଦେଖାଦେଇଛି । ମେଡିକାଲ ବାରଣ୍ଡାରେ ଅନେକ ରୋଗୀ ଅତି ଦୟନୀୟ ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି ।

ଅନ୍ୟପକ୍ଷରେ କେନ୍ଦ୍ରାପଡ଼ା ମେଡ଼ିକାଲରେ ରୋଗୀଙ୍କୁ ଉପଯୁକ୍ତ ଚିକିତ୍ସା ମିଳିବା ବଦଳରେ ଅନ୍ୟତ୍ର ରେଫର କରାଯାଉଥିବା ରୋଗୀଙ୍କ ସମ୍ପର୍କୀୟ ଅଭିଯୋଗ ଆଣିଛନ୍ତି । ଯେଉଁମାନେ ଆଡ଼ମିଶନ ନେଇ ଅଛନ୍ତି, ସେମାନଙ୍କୁ ବାରଣ୍ଡାରେ ଚିକିତ୍ସା କରାଯାଉଛି । ଏ ନେଇ ବରିଷ୍ଠ ଡାକ୍ତର ପ୍ରମୋଦ ପ୍ରହରାଜ କହିଛନ୍ତି, ବର୍ତ୍ତମାନ ୨୭ରୁ ଅଧିକ ରୋଗୀ ଆସିଛନ୍ତି । ସମସ୍ତଙ୍କ ସ୍ୱାସ୍ଥ୍ୟବସ୍ଥା ଏବେ ସ୍ଥିର ଅଛି । ପାଗ ପରିବର୍ତ୍ତନ ଓ ପାଚନ କ୍ରିୟାରେ ଅସୁବିଧା ଯୋଗୁଁ ଏସବୁ ସମସ୍ୟା ହେଉଛି । ମେଡିକାଲ ପକ୍ଷରୁ ରୋଗୀଙ୍କୁ ଉତ୍ତମ ଚିକିତ୍ସା ବ୍ୟବସ୍ଥା କରାଯାଉଛି । ଯେଉଁମାନଙ୍କୁ ଭୂତାଣୁ ଆକ୍ରାନ୍ତ କରିଛି, ସେମାନଙ୍କୁ ଆଣ୍ଟିବାୟୋଟିକ ମଧ୍ୟ ଦିଆଯାଉଛି । ସମସ୍ତ ଅସୁସ୍ଥଙ୍କୁ ମେଡିକାଲରେ ଚିକିତ୍ସା ସୁବିଧା ଯୋଗାଇ ଦିଆଯାଉଛି ବୋଲି ଡା. ପ୍ରହରାଜ ସୂଚନା ଦେଇଛନ୍ତି ।

### ରାଜଧାନୀରେ ମଦମୃତ୍ୟୁ...

ଉତ୍ତେଜନା ପ୍ରକାଶ ପାଇବାରୁ ପୁଲିସ ପହଞ୍ଚି ଲୋକଙ୍କରୁ ବୁଝାସୁଝା କରିଥିଲା । ଦୋକାନ ବନ୍ଦ ନହେଲେ ଏଭଳି ପରିସ୍ଥିତି ଜାରି ରହିବ ବୋଲି ଲୋକେ ଅଡ଼ି ବସିଥିଲେ । ଶେଷରେ ଖବର ପାଇ ଅବକାରୀ ବିଭାଗ କର୍ମଚାରୀ ଆସି ଉକ୍ତ ଦୋକାନରୁ ଏକାଧିକ ମଦର ନମୁନା ନେବା ସହ ପରୀକ୍ଷା ପାଇଁ ପଠାଯାଇଛି । ୩ଦିନ ମଧ୍ୟରେ ମଦର ରିପୋର୍ଟ ଆସିବା ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଅବକାରୀ ବିଭାଗ ପକ୍ଷରୁ କୁହାଯାଇଛି ।

ସୂଚନା ଅନୁସାରେ ସନ୍ତୋଷ କୁମାର,ବିଶ୍ୱଜିତ, ଅନ୍ୟ ୩ଜଣ ଷ୍ଟେସନ ବଜାର ନିକଟରେ ଥିବା ମଦ ଦୋକାନରୁ ବିୟର ପେଟି ନେଇଥିଲେ । ପରେ ସେମାନେ ବାଙ୍କୁଆଳ ନଦୀ ପଠାରେ ଭେଜି କରି ଖାଇବା ସହ ବିୟର ପିଇଥିଲେ । ଭୋଜି ଖାଇ ଘରକୁ ଫେରିବା ପରେ ରାତିରେ ସମସ୍ତେ ଯନ୍ତ୍ରଣା ଅନୁଭବ କରିଥିଲେ । ସନ୍ତୋଷ ଗୁରୁତର ହେବାରୁ ତାଙ୍କୁ ଆଗେ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ସେଠାରୁ ଗୁରୁତର ହେବାରୁ ତାଙ୍କୁ ଆଇସିୟୁରେ ରଖାଗଲା । ହେଲେ ୪ଦିନ ତଳେ ସନ୍ତୋଷର ମୃତ୍ୟୁ ଘଟିଥିବା ବେଳେ ଆଜି ଆଇସିୟୁରେ ଥିବା ବିଶ୍ୱଜିତଙ୍କ ମୃତ୍ୟୁ ଘଟିଛି । ମୃତ ଦୁଇ ଜଣଙ୍କ ସହ ଭୋଜି କରିଥିବା ଅନ୍ୟ ୩ଜଣ ଏବେବି ଆଇସିୟୁରେ ମରଣ ସହ ସଂଘର୍ଷ କରୁଛନ୍ତି । ପରିବାର ଲୋକ ଡାକ୍ତରଙ୍କୁ ଏହି ଦୁଇ ଯୁବକଙ୍କ ମୃତ୍ୟୁର କାରଣ ପଚାରିବାରୁ ବିଷାକ୍ତ ଖାଦ୍ୟ ନୁହେଁ ବିଷାକ୍ତ ବିୟର ପିଇଥିବାରୁ ମୃତ୍ୟୁ ଘଟିଥିବା କହିଥିଲେ । ଡାକ୍ତରଙ୍କ ଠାରୁ ଏକଥା ଶୁଣିବା ପରେ ପରିବାର ଲୋକ ଏବଂ ଗ୍ରାମବାସୀ ତାତିଥିଲେ । ସେମାନେ ମଦ ଦୋକାନ ଆଗରେ ଆସି ହୋ ହାଲ୍ଲା କରିଥିଲେ । ରାଜ୍ୟରେ ବିଷାକ୍ତ ମଦ ପିଇ ମୃତ୍ୟୁ ସଂଖ୍ୟ ବଢୁଥିବା ବେଳେ ଚୋରାମଦ ଏବଂ ବିଷାକ୍ତ ମଦ ଉପରେ ଚଢଉ ଜୋରଦାର କରାଯାଉ ନାହିଁ । ପୁଲିସ ଏବଂ ଅବକାରୀ ବିଭାଗ ସବୁ ଜାଣିଥିଲେ ମଧ୍ୟ ହାତଗୁଞ୍ଜା ନେଇ ଏହାକୁ ପରୋକ୍ଷରେ ପ୍ରସୟ ଦେଉଥିବା ଅଭିଯୋଗ ହେଉଛି । ଯେଉଁଥି ପାଇଁ ରାଜ୍ୟରେ ମଦ ମୃତ୍ୟୁ ବଢ଼ିବାରେ ଲାଗିଛି ।

## ମାଡ଼ିଗଲା ଟ୍ରକ୍; ୭୦ ଛେଳି ମୃତ

ଖଲ୍ଲିକୋଟ,୧୭।୬(ସମିସ): ଖଲ୍ଲିକୋଟ ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟରାଜପଥର ବଡ଼ ଘାଟି ରାସ୍ତାରେ ମଙ୍ଗଳବାର ଦିନ ପ୍ରାୟ୨ଟାରେ ଘଟିଛି ସଡ଼କ ଦୁର୍ଘଟଣା । ଗୋଟିଏ ଛେଳିପଲ ରାସ୍ତାରେ ଯାଉଥିବାବେଳେ ଏକ ଟ୍ରକ୍ ମାଡ଼ିଯିବାରୁ ପ୍ରାୟ ୭୦ଟି ଛେଳିଙ୍କ ଶୋଚନୀୟ ମୃତ୍ୟୁ ଘଟିଛି । ସୂଚନା ଅନୁଯାୟୀ, ପୂର୍ଣ୍ଣଚନ୍ଦ୍ରପୁର ଗ୍ରାମର ବି. ରାମେୟା ପାତ୍ର ଓ ବି. ମୋଚିରାମ ପାତ୍ର ସକାଳୁ ଛେଳି ଓ ମେଣ୍ଢା ପଲ ଧରି ବଡ଼ ଘାଟି ଉପରକୁ ଚରାଇବାକୁ ନେଇଥିଲେ । ସେଠାରୁ ଦିନ ୨ଟାରେ ଛେଳି ଓ ମେଣ୍ଢା ପଲ ଧରି ଗାଁକୁ ଫେରୁଥିବାବେଳେ ଏକ ଟ୍ରକ୍ ଦ୍ରୁତଗତିରେ ଆସି ପଲ ଉପରେ ମାଡ଼ି ଚାଲିଯାଇଥିଲା । ପଲରେ ୨୦୦ ଛେଳି ଓ ମେଣ୍ଢା ରହିଥିବାବେଳେ ଟ୍ରକ୍ ଚାପାରେ ପ୍ରାୟ ୭୦ ଛେଳି ଓ ମେଣ୍ଢାଙ୍କ ମୃତ୍ୟୁ ଘଟିଥିଲା । ଦୁର୍ଘଟଣାସ୍ଥଳର ଦୃଶ୍ୟ ଏତେ ଭୟଙ୍କର ଥିଲା ଯେ ଜଣେ ସୁସ୍ଥ ମନୁଷ୍ୟ ଦେଖିବା ସମ୍ଭବ ନୁହେଁ । ଛେଳି ଓ ମେଣ୍ଢାଙ୍କ ଗୋଡ଼, ମୁଣ୍ଡ, ରକ୍ତ, ମାଂସ ରାସ୍ତା ସାରା ବିଛାଡ଼ି ହୋଇ ପଡ଼ିଥିଲା । ସେହି ରାସ୍ତା ଦେଇ ଯାଉଥିବା ପଥଚାରୀ ଓ ଯାତ୍ରୀମାନେ ଏଭଳି ଦୃଶ୍ୟ ଦେଖି ଶିହରୀ ଉଠୁଥିଲେ । ଖବର ପାଇ ଖଲ୍ଲିକୋଟ ପୁଲିସ ଦୁର୍ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି । ଦୁର୍ଘଟଣା ଘଟାଇ ଚମ୍ପଟ ମାରିଥିବା ଟ୍ରକ୍‌କୁ ଧରିବା ପାଇଁ ଚେଷ୍ଟା କରାଯାଉଛି ବୋଲି ଖଲ୍ଲିକୋଟ ଥାନା ଅଧିକାରୀ ରମେଶ କୁମାର ପ୍ରଧାନ କହିଛନ୍ତି ।

## ଅଭୟ ସାହୁ କିଷାନ କଂଗ୍ରେସ ନୂତନ ଅଧ୍ୟକ୍ଷ

ଭୁବନେଶ୍ୱର,୧୭।୬(ସମିସ): ଅଭୟ ସାହୁ ରାଜ୍ୟ କିଷାନ କଂଗ୍ରେସର ନୂତନ ଅଧ୍ୟକ୍ଷ ନିଯୁକ୍ତ ହୋଇଛନ୍ତି । ଶ୍ରୀ ସାହୁଙ୍କ ନିଯୁକ୍ତିକୁ ଏଆଇସିସିର ମୋହର ବାଜିଛି । ପୂର୍ବରୁ ଅମିୟ ପଟ୍ଟନାୟକ କିଷାନ କଂଗ୍ରେସ ଅଧ୍ୟକ୍ଷ ଭାବେ କାର୍ଯ୍ୟ କରୁଥିଲେ । ଏହି କମିଟି ଭଙ୍ଗ ହେବା ପରେ ନୂତନ ଅଧ୍ୟକ୍ଷ ଭାବେ ଅଭୟ ସାହୁଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି ।

## କୁଲଡ଼ିହା ଅଭୟାରଣ୍ୟରୁ ହାତୀର ଗଳିତ ମୃତଦେହ ଉଦ୍ଧାର

ନୀଳଗିରି,୧୭।୬ (ସମିସ): କୁଲଡ଼ିହା ଅଭୟାରଣ୍ୟରୁ ଏକ ହାତୀର ଗଳିତ ମୃତଦେହ ବନବିଭାଗ ଠାବ କରିଛି । ୪/୫ଦିନ ପୂର୍ବରୁ ଏକ ହାତୀର ମୃତଶରୀର କୁଲଡ଼ିହା ଅଭୟାରଣ୍ୟ ପାଦ ଦେଶର ପୁଟିବନ୍ଧ ଉପରଭାଗରେ ପଡ଼ିଥିବା ସ୍ଥାନୀୟ କେତେକ ଲୋକେ ଛେଳି ଚରେଇବାକୁ ଯାଇ ଦେଖିବାକୁ ପାଇଥିଲେ । ପରେ ନୀଳଗିରି କୁଲଡିହା ବନବିଭାଗ ଅଧିକାରୀ ଘଟଣା ସ୍ଥଳକୁ ଯାଇଥିଲେ । ଘଟଣା ବାବଦରେ କୁଲଡିହା ରେଞ୍ଜର ସୁବ୍ରତ ବେହେରା ବାଲେଶ୍ୱର ଭାରାପ୍ରାପ୍ତ ଡିଏଫ୍‌ଓଙ୍କ ସମେତ ଉପରିସ୍ଥ ଅଧିକାରୀଙ୍କୁ ଜଣାଇଲା ପରେ ସମସ୍ତ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ କଲାପରେ ମୃତ ହାତୀର ଶବ ବ୍ୟବଚ୍ଛେଦ କରାଯାଇଛି । ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ଡିଏଫ୍‌ଓ ସୂଚନା ଦେଇଛନ୍ତି ।


**ZILLA SWASTHYA SAMITI, MALKANGIRI**

E-173

**RETENDER CALL NOTICE**

No: 7067/2025 Date: 17/06/2025

Sealed retenders are invited from interested suppliers / firms for supply of the Food Baskets (Nutrition Kits) for TB Patients on annual rate contract basis to the C.D.M & P.H.O, Malkangiri. The details regarding specifications, terms and conditions are remain same as before (as 6398/2025) may be downloaded from district website **www.malkangiri.odisha.gov.in.** The bids in sealed envelope should reach the office of the undersigned by **24.06.2025** within Office hours by **5.30 P.M** along with all relevant documents. The tender will be opened on **25.06.2025 at 11.00 A.M** in presence of bidders or their authorized representatives. The undersigned reserves the right to reject any or all the tenders without assigning any reason thereof.

Sd/-
C.D.M & P.H.O-cum-District Mission Director
District Health Mission, Malkangiri

OIPR-10086/11/0016/2526

यूनियन बैंक ऑफ़ इंडिया Union Bank of India

**କ୍ଷେତ୍ରୀୟ କାର୍ଯ୍ୟାଳୟ: ସମ୍ବଲପୁର**
୧ମ ମହଲା, ବାଲାଜୀ ମିତ୍‌ଟାଉନ, ବୁଢ଼ାରାଜା, ସମ୍ବଲପୁର - ୭୬୮୦୦୪, ଜିଲ୍ଲା: ସମ୍ବଲପୁର, ଓଡ଼ିଶା

**ସୁନା ନିଲାମ ବିଜ୍ଞପ୍ତି**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ନିମ୍ନଲିଖିତ ସୁନା ଋଣଗ୍ରହୀତାମାନଙ୍କୁ ବ୍ୟାଙ୍କ ବାରମ୍ବାର ନୋଟିସ୍ ଦ୍ୱାରା ସୂଚାଇ ଦେଇଥିବା ସତ୍ତ୍ୱେ ସେମାନେ ଋଣ ପରିଶୋଧ କରୁନାହାଁନ୍ତି । ଯଦି ସେମାନେ ନିଲାମ ତାରିଖ ପୂର୍ବରୁ ସେମାନଙ୍କର ବକେୟା ଋଣ ପରିଶୋଧ ନ କରନ୍ତି, ତାହେଲେ ଆମର **ସମ୍ପୃକ୍ତ ଶାଖା ପରିସରରେ ତା.୨୬.୦୬.୨୦୨୫ରିଖ ପୂର୍ବାହ୍ନ ୧୧.୦୦ ଘଟିକା ସମୟରେ** ସେମାନଙ୍କର ବନ୍ଧକଥିବା ସୁନା ଅଳଙ୍କାରଗୁଡ଼ିକୁ ନିଲାମ କରାଯିବ । ଋଣଗ୍ରହୀତାମାନଙ୍କର କୌଣସି ଅସୁବିଧା ବା କ୍ଷୟକ୍ଷତି ପାଇଁ ବ୍ୟାଙ୍କ ଦାୟୀ ହେବ ନାହିଁ ଓ ଆବଶ୍ୟକ ସ୍ଥଳେ ବ୍ୟାଙ୍କର କ୍ଷୟକ୍ଷତି ଘଟିଲେ ବ୍ୟାଙ୍କ ସେମାନଙ୍କ ବିରୁଦ୍ଧରେ ଅଦାଲତର ଆଶ୍ରୟ ନେବ । ଋଣଗ୍ରହୀତାମାନେ ନିଲାମ ସମୟ ପୂର୍ବରୁ ବକେୟା ଋଣ ପରିଶୋଧ କରି ଅଳଙ୍କାରଗୁଡ଼ିକ ନେଇପାରିବେ ।

**ରାଉରକେଲା ମେନ୍ ରୋଡ୍ (୩୦୨୧୦), ପ୍ରଥମ ମହଲା, ରୋଜି ଶପିଙ୍ଗ୍ ସେଣ୍ଟର, ମେନ୍ ରୋଡ୍, ରାଉରକେଲା, ଜିଲ୍ଲା: ସୁନ୍ଦରଗଡ-୭୬୯୦୦୧, ମୋ.: ୯୪୩୦୩୩୦୩୨୧**

| କ୍ର. ନଂ. | ଋଣଗ୍ରହୀତାମାନଙ୍କ ନାମ ଏବଂ ଠିକଣା / ଆକାଉଣ୍ଟ ନଂ | ବକେୟା ଦେୟ + ସେବାବଦ ସୁଧ | ନେଟ୍ ଓଜନ (ଗ୍ରାମ୍‌ରେ) |
|---|---|---|---|
| ୧. | ସାବିତ୍ରୀ ଦେବୀ, ମାର୍ଫତ: କ୍ଲାସ ଇଞ୍ଜିନିୟରିଂ ୱାର୍କ, ଉଦିତନଗର, ରାଉରକେଲା-୧୨, ଉଦିତନଗର, ରାଉରକେଲା-୭୬୯୦୦୧ /୩୦୨୧୦୬୫୪୦୦୦୦୨୨୬ | ଟ.୨,୧୪,୧୮୬.୦୬ | ୪୩.୪୦ |
| ୨. | ସାବିତ୍ରୀ ଦେବୀ, ମାର୍ଫତ: କ୍ଲାସ ଇଞ୍ଜିନିୟରିଂ ୱାର୍କ, ଉଦିତନଗର, ରାଉରକେଲା-୧୨, ଉଦିତନଗର, ରାଉରକେଲା-୭୬୯୦୦୧ / ୩୦୨୧୦୬୫୪୦୦୦୦୨୪୦ | ଟ.୭,୬୬,୮୨୪/- | ୧୪୧.୬୦ |

ନିଲାମ ଧରିବା ପାଇଁ ଇଚ୍ଛୁକ ବ୍ୟକ୍ତି ବ୍ୟାଙ୍କର ନିମ୍ନଲିଖିତ ନିୟମ ଗୁଡିକ ପାଳନ କରି ନିଲାମରେ ଅଂଶଗ୍ରହଣ କରିପାରିବେ:

୧) ନିଲାମ ଡାକିବା ପାଇଁ ଇଚ୍ଛୁକ ବ୍ୟକ୍ତିଙ୍କୁ ନିଲାମର ନିର୍ଦ୍ଧାରିତ ସମୟର ୨ ଘଣ୍ଟା ପୂର୍ବରୁ ଟ.୧,୦୦୦/- ଅମାନତ ଆକାରରେ ଜମା ଦେବାକୁ ହେବ ।
୨) ଅମାନତ ଦାଖଲ ପରେ, ନିଲାମ ପାଇଁ ନିର୍ଦ୍ଧାରିତ ଅଳଙ୍କାରଗୁଡ଼ିକୁ ନିଲାମ ସମୟରେ ନିଲାମ ଧରିବାକୁ ଇଚ୍ଛୁକ ଥିବା ବ୍ୟକ୍ତିମାନେ ଯାଞ୍ଚ କରିପାରିବେ ।
୩) ଗୋଟିଏ ଆକାଉଣ୍ଟର ନିଲାମ ଡାକ ଓ ଟଙ୍କା ଜମା ଇତ୍ୟାଦି ସରିଲା ପରେ ହିଁ ଅନ୍ୟ ଆକାଉଣ୍ଟ ପାଇଁ ନିଲାମ କାର୍ଯ୍ୟ ଆରମ୍ଭ ହେବ ।
୪) ବ୍ୟାଙ୍କ କୌଣସି ନିଲାମ ଡାକ ମାନିନେବାକୁ ବାଧ୍ୟ ନୁହେଁ । କୌଣସି କାରଣ ନ ଦର୍ଶାଇ ବ୍ୟାଙ୍କ ନିଲାମକୁ ରଦ୍ଦ କରିପାରେ ।
୫) ନିଲାମରେ ରଖାଯାଇଥିବା ଅଳଙ୍କାର ଗୁଡିକର ଗୁଣ, ଓଜନ ଓ ବିଶୁଦ୍ଧତା ପାଇଁ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ କୌଣସି ପ୍ରକାର ଦାୟୀ ହେବ ନାହିଁ ।
୬) ନିଲାମରେ ଭାଗ ନେଇଥିବା କୌଣସି ବ୍ୟକ୍ତି ଉପରୋକ୍ତ ନିୟମକୁ ନ ମାନିଲେ ବ୍ୟାଙ୍କ ତାଙ୍କର ଅମାନତ ଟଙ୍କା ବାଜ୍ୟାପ୍ତି କରିପାରିବ ।
୭) ସଫଳ ବିଡର ସମ୍ପୂର୍ଣ୍ଣ ବିଡ ପରିମାଣ ଏକାଥରେ ପ୍ରଦାନ କରିବେ ଏବଂ ଅଳଙ୍କାରଗୁଡ଼ିକୁ ତାଙ୍କ ସମ୍ପୂର୍ଣ୍ଣ ଦାୟିତ୍ୱରେ ଗ୍ରହଣ କରିବେ ଏବଂ କୌଣସି କାରଣରୁ ଉକ୍ତ ବିଡରଙ୍କୁ ଆଉ ବ୍ୟାଙ୍କ ତରଫରୁ କୌଣସି ସହାୟତା ପ୍ରଦାନ କରାଯିବ ନାହିଁ ।
୮)ଯଦି ସଫଳ ବିଡର ବିଡ ପରିମାଣ ପ୍ରଦାନ କରିବେ ନାହିଁ ଏବଂ/କିମ୍ବା ଏପରି କିଛି କରିବେ ଯାହା ନୂତନ ନିଲାମ ବିକ୍ରୟକୁ ସ୍ଥଗିତ ରଖିବାର ଆବଶ୍ୟକତା ସୃଷ୍ଟି କରିପାରେ, ତେବେ ନିଲାମ ସମାପ୍ତ କରିବାରେ ତାଙ୍କର ତ୍ରୁଟି ଯୋଗୁଁ ହୋଇଥିବା କ୍ଷତି ନିମନ୍ତେ ସେ ବ୍ୟାଙ୍କକୁ କ୍ଷତିପୂରଣ ଦେବାକୁ ଦାୟୀ ରହିବେ ।

**ସ୍ଥାନ: ସମ୍ବଲପୁର, ତାରିଖ:୧୭.୦୬.୨୦୨୫** **କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**

**CHANGE OF NAME**

I, KABITA MANJARI MAHAPATRA, W/o Sanjay Kumar Mahapatra do hereby declare that my name changed as Kabita Mahapatra instead of Kabita Manjari Mahapatra. I shall be known as **KABITA MAHAPATRA** for all future purposes.

**SALE**

Booking Open 2/3 BHK Flats Price Starts from 60 Lakhs BHPL KRISHNA BHARATPUR, BHPL RUDRA in front of CET College, Ghatikia, BHPL SB HOMES, Ghatikia, BHPL PNM, Satya Vihar, BHPL GRAND-4, Jagamara & Ready to move 3 BHK Flats BHPL ARYA, Ghatikia & R.J Palace, Samantarapur, Bhubaneswar.

Contact
**GADHWAL GROUP**
**Mob.: 9437015112**

**TO-LET**

Commercial Space available on rent for Shopping Mall, Bank, Office, Restaurant, Banquet Hall, Saloon & Spa, Gym, Godown, Rooftop restaurant and other purposes. Beside Vipul Gardens, Kalinga Nagar, Ghatikia, Bhubaneswar. Basement - 2755 sqft, Ground - 2191 sqft, 1st, 2nd & 3rd floor - 2757 sqft and Terrace / Rooftop - 2755 sqft. with Anandban scenery view.

**CONTACT : 6371093914**

**ପୂର୍ବ ତଟ ରେଳପଥ**

(1) ଟେଣ୍ଡର ସଂ.17-KUR-TRD-OT-2025-26
**କାର୍ଯ୍ୟର ନାମ :** ପରାବା (PSA) ଷ୍ଟେସନର DN ସାଇଡ୍‌ରେ ନବ ସ୍ଥାପିତ ପାସେଞ୍ଜର ପ୍ଲାଟଫର୍ମ ସହିତ ଏକ ଅତିରିକ୍ତ ଲାଇନ୍‌ର ବ୍ୟବସ୍ଥା ସମ୍ବନ୍ଧୀୟ OHE ରୂପାନ୍ତରଣ ଏବଂ ବିଦ୍ୟୁତୀକରଣ କାର୍ଯ୍ୟ ସମ୍ପାଦନ ।
**ବିଜ୍ଞାପିତ ମୂଲ୍ୟ :** ₹ 4,22,82,227.96, EMD : ₹ 3,61,400/-, ଶେଷ ହେବା ଅବଧି : 180 ଦିନ ।
(2) ଟେଣ୍ଡର ସଂ.18-KUR-TRD-OT-2025-26
**କାର୍ଯ୍ୟର ନାମ :** ମାଳତୀପାଟପୁର-ପୁରୀ ଷ୍ଟେସନ ମଧ୍ୟରେ ପୁରୀ କୋଣାର୍କ ରୋଡ୍‌ରେ ଲେଭେଲ କ୍ରସିଙ୍ଗ ନଂ. KP-42 (NH-316 ର କି.ମି. 60/200) ଠାରେ ରେଲୱେ ଓଭର ବ୍ରିଜ୍ (ROB) ର ନିର୍ମାଣ ସମ୍ବନ୍ଧୀୟ OHE ରୂପାନ୍ତରଣ କାର୍ଯ୍ୟ ସମ୍ପାଦନ ।
**ବିଜ୍ଞାପିତ ମୂଲ୍ୟ :** ₹ 11,25,083.57, EMD : ₹ 22,500/-, ଶେଷ ହେବା ଅବଧି : 180 ଦିନ ।
ବିଡ୍ ଆରମ୍ଭ ହେବା ତାରିଖ : ତା.19.06.2025ରିଖ (ଉଭୟ ଟେଣ୍ଡର ନିମନ୍ତେ) ।
**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.03.07.2025ରିଖ 1300 ଘଟିକାରେ (ଉଭୟ ଟେଣ୍ଡର ନିମନ୍ତେ) ।
ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ ।
ଇ-ଟେଣ୍ଡର ନଥିପତ୍ର ସହିତ ସମ୍ପୂର୍ଣ୍ଣ ବିବରଣୀ ଏବଂ ଶୁଦ୍ଧିପତ୍ର ୱେବସାଇଟ୍ www.ireps.gov.inରେ ଉପଲବ୍ଧ ଅଛେ ।
ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ଖୋର୍ଦ୍ଧା ରୋଡ୍
PR-240/Q/25-26

**AFFIDAVIT**

I, Prasanta Mohapatra, F/o.: Priyanka Mohapatra, resident of At- Plot No.: IVA -21/6, Unit-2, PO.: Ashok Nagar, P.S.: Kharavel Nagar, Bhubaneswar, Dist.: Khordha, PIN-751009, Odisha, declare by this affidavit No.: 1172, dated-17/06/2025, that now onwards I shall be known as PRASANTA KUMAR MOHAPATRA for all future purposes.

**AFFIDAVIT**

By virtue of an affidavit sworn before Executive Magistrate: Papadahandi. on 17-06-2025. I Santosh Kumar Singh, residing At/Po/Ps: Papadahandi Dist: Nabarangpur, declare that I have changed my Son's name from Vinayak Singh to Binayak Kumar Singh. Henceforth he shall be known as **Binayak Kumar Singh** for all purposes.

**AFFIDAVIT**

By virtue of an affidavit Sl. No. 1613, dtd. 10.06.2025 in the Executive Magistrate, Phulbani, Dist.- Kandhamal,I, Pravati Prusty, have changed my name from Prabhati Sahu to Pravati Prusty. Henceforth I shall be known as Pravati Prusty instead of Prabhati Sahu for all purposes.
**Sd/- Pravati Prusty**

**AFFIDAVIT**

By virtue of an affidavit sworn before Executive Magistrate: Papadahandi. on 17-06-2025. I Surendra Bisoyi, residing At: Niladriguda Po: Nakatiguda, Ps: Papadahandi, Dist: Nabarangpur, declare that I have changed my Daughter's name from Topashpini to Tapaswini Bisoyi. Henceforth she shall be known as **Tapaswini Bisoyi** for all purposes.

**AFFIDAVIT**

By virtue of an affidavit before the Executive Magistrate, Athmallik, I Rabi Bagha, S/o-Purnachandra Bagha, At-Ghodagadi, PO-Kandhapada, PS-Kiakata, SD-Athmallik, Dist-Angul do hereby declare that my correct name is Rabi Bagha which has been mentioned in Voter Card & ROR. But in my Aadhaar Card bearing No- 970958235002 wrongly mentioned as Rabindra Bagha instead of Rabi Bagha. Henceforth both the names are same & one person.

**LOST**

I **Shiba Charan Sahoo,** S/o- Late Shyam Prasad Sahoo, resident of Plot No. L/348, Dumduma Housing Board Colony, Bhubaneswar lost my original registered sale deed bearing ID No. 1121503674, Document No. 11121303595 dated 23.09.2015 for land in Mouza- U. Mundamuhan, Tahasil- Jatani, SR- Jatani, Khata No. 384/1077, Plot No. 530/1106/1172, Area: Ac. 0.037 dec. while traveling from Baramunda to Ruchika Market, Bhubaneswar on 05.06.2025. If anybody finds the same please contact Bharatpur police station or on the above mentioned address.
Shiba Charan Sahoo

**AFFIDAVIT**

I, T. Biswajeet, S/o.: Dev Kamal Ganguly, Residing at Plot No.: 879/32G, Sudha Niwas, CDA, Sector-6, P.S.: Markatnagar, Dist.: Cuttack, PIN-753014, Odisha. My Adhaar No.: 6344 2218 1017. declare by this affidavit No.: 16AA 614915 dtd 28.05.2025 that now onwards I shall be known as BISWAJEET GANGULY for all future purposes.

**AFFIDAVIT**

I, Reena Mohapatra, M/o.: Priyanka Mohapatra, resident of At- Plot No.: IVA -21/6, Unit-2, PO.: Ashok Nagar, P.S.: Kharavel Nagar, Bhubaneswar, Dist.: Khordha, PIN-751009, Odisha, declare by this affidavit No.: 1173, dated-17/06/2025, that now onwards I shall be known as NIRUPAMA MOHAPATRA for all future purposes.

**AFFIDAVIT**

By virtue of an affidavit Sl. No. 5387, dtd. 04.06.2025 before the Executive Magistrate, Phulbani, Dist.- Kandhamal,I, Kanaki Digal, have changed my minor son's name from Bijayaprasad Behera to Bijaya Kumar Behera. Henceforth he will be known as Bijaya Kumar Behera for all purposes.
**Sd/- Kanaki Digal**

**AFFIDAVIT**

I Kartik Dey, S/o- Ram Chandra Dey, resident of Village- Taladi, Po- Kakhada, Ps-Bhograi, Dist-Balasore, Odisha, declared by affidavit before Executive Magistrate, Bhograi No. 1634/ dtd-13/05/2025 that My son name as Bijay Dey in his Birth Certificate, that wrongly mentioned as Bhola Dey in Adhar. Bijay Dey and Bhola Dey is one & same person.Hence my son shall be known as Bijay Dey for all future purpose.

## ରଜରେ ନିଆରା ପରମ୍ପରା 'ଢିପାମାଡ଼'

# ଗାଇଲେ ଭଞ୍ଜ ସାହିତ୍ୟର ପ୍ରେମ-ପ୍ରଣୟ ଗୀତ

**ଆନନ୍ଦପୁର, ୧୭।୬(ସମିସ)**

ଘସିପୁରା ବ୍ଲକ୍ ଭଣ୍ଡାରିଡିହା ପଞ୍ଚାୟତ ନରସିଂହପୁର ଗ୍ରାମରେ ରଜର ନିଆରା ପରମ୍ପରା 'ଢିପାମାଡ଼' ପୂଜା ତିନି ପୁରୁଷ ଧରି ପାଳିତ ହୋଇଆସୁଅଛି। ଚଳିତବର୍ଷ ପ୍ରଥମ ରଜରେ ଗ୍ରାମବାସୀ ମା' ମଙ୍ଗଳାଙ୍କ ପାଖରୁ ଆଜ୍ଞାମାଳ ନେଇ ନିକଟସ୍ଥ ଜଙ୍ଗଲକୁ ଯାଇ ଜିଆ ବା କସିମୂଳା ନାମକ ଗଛମୂଳରେ ପୂଜାର୍ଚ୍ଚନା କରିଥିଲେ। ଗଛର ବକଳ ଛଡ଼ାଇ ଦଉଡ଼ିରେ ଗୁଡ଼ାଇ ଏକ ଶୋଭାଯାତ୍ରାରେ ଗାଁକୁ ଆଣିଥିଲେ। ରଜ ସଂକ୍ରାନ୍ତିରେ ତାହାକୁ ଗ୍ରାମଦେବତୀଙ୍କ ନିକଟରେ ପୂଜାର୍ଚ୍ଚନା କରି ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇଥିଲା। ଦୁଇଟି ଶିଶୁ ଗଛର କାଠି ସାହାଯ୍ୟରେ ପିଟିପିଟି ଭଞ୍ଜ ସାହିତ୍ୟର ପ୍ରେମ, ପ୍ରଣୟଭରା ଗୀତ ଗାନ କରାଯାଇଥିଲା । ପରମ୍ପରା ଅନୁସାରେ ଗ୍ରାମର ବରିଷ୍ଠ ଲୋକେ ଢିପାମଡ଼ରେ ସାମିଲ ହୋଇଥିଲେ। ଆଜି ଅପରାହ୍ଣରେ ଶୋଭାଯାତ୍ରାରେ ଷେଣ୍ଢେଇ ନଦୀପୀଠରେ ଥିବା ଗ୍ରାମଦେବତୀଙ୍କ ପାଖକୁ ଯାଇଥିଲେ। ପୂଜାର୍ଚ୍ଚନା ପରେ ଢିପାମାଡ଼ କରାଯାଇ ଉକ୍ତ ବକଳକୁ ଗ୍ରାମ ପରିକ୍ରମା କରାଯିବା ପରେ ନଦୀରେ ବିସର୍ଜନ କରାଯାଇଥିଲା। ମା' ମଙ୍ଗଳାଙ୍କୁ ସନ୍ତୁଷ୍ଟ କରିବାପାଇଁ ଏହି ପୂଜା ପ୍ରତିବର୍ଷ ହେଉଛି। ଏହାଦ୍ୱାରା ଭଲ ଚାଷ ସାଙ୍ଗକୁ ଗ୍ରାମର ମଙ୍ଗଳ ହୋଇଥାଏ ବୋଲି ବିଶ୍ୱାସ ରହିଛି। ନରସିଂହପୁର ଗ୍ରାମର ବଜରଙ୍ଗ ବଳୀ କ୍ଲବ୍ ପକ୍ଷରୁ ରଜ ଉତ୍ସବ ପାଳନ କରାଯାଉଛି। ଆମ୍ବତୋଟାରେ ଡଙ୍ଗାଦୋଳି, ବେଞ୍ଚଦୋଳି, ପଟାଦୋଳି ଲଗାଯିବା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ରଶ୍ମିରଂଜନ ସାହୁ, ଶ୍ରୀକାନ୍ତ ବେଜ୍, ଦେବାଶିଷ ସାହୁ, ହରେକୃଷ୍ଣ ମହାପାତ୍ର, ଜଗନ୍ନାଥ ଲେଙ୍କା, ଶିବାନନ୍ଦ ସା, ଚଗୁଲୁ ବେଜ୍, ଚନ୍ଦନ ସାହୁ, ପ୍ରିୟବ୍ରତ ସାହୁ, ରାଜେଶ ସାହୁ, ହରିହର ସାହୁ, ଆନନ୍ଦମୟ ସାହୁ, ଶୁଭମଜ୍ୟୋତି ସାହୁ, ଜ୍ୟୋତିରଂଜନ ମହାରଣା, ଅକ୍ଷୟ ସାହୁ, ଅଶ୍ୱିନୀ ରାଉତ, ପ୍ରେମାନନ୍ଦ ସା, କାଳନ୍ଦୀ ସାହୁ, ଜ୍ଞାନରଂଜନ ସାହୁ, ଅଜୟ ଦାସ, ରଣଜିତ ସାହୁ, ବଳରାମ ବେଜ୍, ଶଙ୍କର୍ଷଣ ସାହୁ, ଅଶୋକ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



### ରଜରେ ହଇଜା ସଚେତନତା

**ଆନନ୍ଦପୁର, ୧୭।୬(ସମିସ):** ତାରାଇଲୋ ଗ୍ରାମରେ ଝାଡ଼ାବାନ୍ତି ରୋଗ ଆରମ୍ଭ ହୋଇ ଆଖପାଖ ଜିଲ୍ଲାକୁ ବ୍ୟାପିବା ପରେ ରାଜ୍ୟ ସରକାରଙ୍କ ପକ୍ଷରୁ ସତର୍କତାମୂଳକ ପଦକ୍ଷେପ ଆରମ୍ଭ ହୋଇ ଜନସଚେତନତା କାର୍ଯ୍ୟକ୍ରମକୁ ବ୍ୟାପକ କରାଯାଇଛି। ମାଳିସାହି ଗାଦି ଗୋସେଇଁ ପୀଠ ରଜମହୋତ୍ସବରେ ଡ଼ାଇରିଆ ରୋଗର ସଚେତନତା ଉପରେ ଭିଡିଓ ପ୍ରଦର୍ଶିତ ହୋଇଥିଲା। ଫକୀରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଜନ ସ୍ୱାସ୍ଥ୍ୟ ସାମ୍ପ୍ରସରଣ ଅଧିକାରୀ ଅଜୟ କୁମାର ରଣା ମଞ୍ଚ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ଓମ୍‌ସାଇ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ରଜ ମହୋତ୍ସବ



**କେନ୍ଦୁଝର, ୧୭।୬(ସମିସ):** ପ୍ରତିଷ୍ଠିତ ନୃତ୍ୟ ଶିକ୍ଷାନୁଷ୍ଠାନ ଓମ୍‌ସାଇ ଡ୍ୟାନ୍ସ ଏକାଡେମୀ ତରଫରୁ ଏକାଦଶତମ ରଜମହୋତ୍ସବ ରାଜ୍ୟସ୍ତରୀୟ ନୃତ୍ୟ ପ୍ରତିଯୋଗିତା ଓ ସମର୍ଦ୍ଧନା ସମାରୋହ କେନ୍ଦୁଝର ଆଧୁନିକ ପ୍ରେକ୍ଷାଳୟରେ ବିପୁଳ ଆୟୋଜିତ ହୋଇଯାଇଛି। ୧୫ତାରିଖ ନୃତ୍ୟ ଅଡିସନ୍ କାର୍ଯ୍ୟକ୍ରମକୁ ପୌର ନିର୍ବାହୀ ଅଧିକାରୀ ଲଳିତ କୁମାର ନାୟକ ଉଦଘାଟନ କରିଥିଲେ। ରାଜ୍ୟ ତଥା ଜିଲ୍ଲାର ବିଭିନ୍ନ ସ୍ଥାନରୁ ଆସି ଅଡିସନ୍‌ରେ ଭାଗ ନେଇଥିବା କଳାକାର ଚୟନରେ ସଂଗୀତ ନିର୍ଦ୍ଦେଶକ ସଂଜୀବ ପାଣିଗ୍ରାହୀ, ତ୍ରିନାଥ ଓଝା ବିଚାରକ ଥିଲେ। ୧୬ ତାରିଖ ପୂର୍ବାହ୍ଣରେ ଆୟୋଜିତ ଫାଇନାଲ ପ୍ରତିଯୋଗିତାକୁ ଜିଲ୍ଲା ସାମ୍ବାଦିକ ସଂଘର ସଭାପତି ବରିଷ୍ଠ ସାମ୍ବାଦିକ ସତ୍ୟନାରାୟଣ ମିଶ୍ର ଓ ସିଟିଜେନ ଫୋରମ୍ ବରିଷ୍ଠ ସଦସ୍ୟ ରାମନାରାୟଣ ଦ୍ୱିବେଦୀ ଉଦଘାଟନ କରିଥିଲେ। ନୃତ୍ୟ ନିର୍ଦ୍ଦେଶିକା ସୁକାନ୍ତି ନାୟକ, ଚନ୍ଦ୍ରମୋହନ ତନ୍ତୀ, ସଞ୍ଜୀବ ପାଣିଗ୍ରାହୀ ବିଚାରକ ଥିଲେ। ସନ୍ଧ୍ୟାରେ ସମର୍ଦ୍ଧନା ସମାରୋହ ଓ ପୁରସ୍କାର ବିତରଣ ହୋଇଥିଲା। ଅନୁଷ୍ଠାନର ସଭାପତି ସାହିତ୍ୟିକ ଭରତଚନ୍ଦ୍ର ପାତ୍ର ଅଧ୍ୟକ୍ଷତା କରିଥିଲେ। ମାଟି ଓ ମୌସୁମୀର ମିଳନର ପବ ରଜକୁ ଖାଣ୍ଟି କେନ୍ଦୁଝରିଆ ପର୍ବ ବୋଲି ଶ୍ରୀ ପାତ୍ର ବର୍ଣ୍ଣନା କରିଥିଲେ। ମୁଖ୍ୟଅତିଥି ପୌର ଉପାଧ୍ୟକ୍ଷ ବରଦା ପ୍ରସନ୍ନ ଦାସ, ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଶିକ୍ଷାବିତ ଡ. ବିମ୍ବାଧର ବେହେରା, ସମ୍ମାନିତ ଅତିଥି ଭାବେ ପୂର୍ବତନ ପୌରାଧ୍ୟକ୍ଷ ତଥା ପୂର୍ବତନ ସମବାୟ ବ୍ୟାଙ୍କ ସଭାପତି ସୁରେନ୍ଦ୍ରନାଥ ପଟ୍ଟନାୟକ ଓ ପୂର୍ବତନ ପୌର ଉପାଧ୍ୟକ୍ଷ ସୁପରିଚିତ ଶ୍ରମିକ ନେତା ସତ୍ୟନାରାୟଣ ପଣ୍ଡା ଯୋଗ ଦେଇଥିଲେ। ଏକ ଦଶନ୍ଧି ଧରି ଏହି ଅନୁଷ୍ଠାନଟି ନୃତ୍ୟ ଶିକ୍ଷା ପ୍ରଦାନ କରିବା ସଙ୍ଗେ ସଙ୍ଗେ ରାଜାସ୍ତରୀୟ ନୃତ୍ୟ ପ୍ରତିଯୋଗିତା ଆୟୋଜନ ଦ୍ୱାରା ସାରା ରାଜ୍ୟରେ ଓ ସର୍ବଭାରତୀୟ ସ୍ତରରେ ସୁନାମ ଅର୍ଜନ କରିଥିବାରୁ ଉଚ୍ଚ ପ୍ରଶଂସା କରିଥିଲେ। ସମର୍ଦ୍ଧନା ପର୍ବରେ ଜିଲ୍ଲାର ସୁନାମ ଅର୍ଜନ କରିଥିବା ସଂଗ୍ରାହକ, ସାହିତ୍ୟ ସାଧକ, ସଂଜୀବନୀ ସାହିତ୍ୟ ସଂସଦ, ଭଣ୍ଡା ଅନୁଷ୍ଠାନର ପରିଚାଳନା ସଂପାଦକ ଡମ୍ବରୁଧର ମହାନ୍ତଙ୍କୁ ''ସାରସ୍ୱତ ସାଧକ ସମ୍ମାନ', ବିଶିଷ୍ଟ ନାଟ୍ୟ ଅଭିନେତା ତଥା ନିର୍ଦ୍ଦେଶକ ତୁଷାର ସାମନ୍ତଙ୍କୁ ''ନାଟ୍ୟ କଳାକାର ସମ୍ମାନ', ତେଲକୋଇର ଶିକ୍ଷାବିତ ତଥା ଅଗ୍ରଣୀ ଆମ୍ବ ଚାଷୀ ଅଲେଖଚନ୍ଦ୍ର ନାୟକଙ୍କୁ ''ପ୍ରଗତିଶୀଳ କୃଷକ ସମ୍ମାନ'ରେ ସମର୍ଦ୍ଧିତ କରାଯାଇଛି। ଏତଦବ୍ୟତୀତ, କେନ୍ଦୁଝର ମାଟିର ସ୍ୱାର୍ଥ, ସ୍ୱାଭିମାନ ଓ ଅସ୍ମିତାର ସୁରକ୍ଷା ପାଇଁ ଜନମତକୁ ଜାଗ୍ରତ କରିବାରେ ଅଗ୍ରଣୀ ଭୂମିକା ନେଉଥିବା କେନ୍ଦୁଝର କଲେଜ ଛାତ୍ର ସଂସଦର ପୂର୍ବତନ ସଭାପତି ତଥା ନବଗଠିତ ଧରଣୀଧର କଲେଜ ସୁରକ୍ଷା ମଞ୍ଚର ଆବାହକ ଚକ୍ରଧର ସାହୁ ଓ କେନ୍ଦୁଝର ସିଟିଜେନ ଫୋରମ୍ ବରିଷ୍ଠ ସଦସ୍ୟ ତଥା ମିଳନୀ ସାହିତ୍ୟ ସଂସଦର ବରିଷ୍ଠ ସଦସ୍ୟ ରାମନାରାୟଣ ଦ୍ୱିବେଦୀଙ୍କୁ 'ବିଶିଷ୍ଟ ନାଗରିକ ସମ୍ମାନ' ପ୍ରଦାନ ପୂର୍ବକ ସମର୍ଦ୍ଧନା ଦିଆଯାଇଥିଲା। ସତ୍ୟଜିତ ମିଶ୍ର ମାନପତ୍ର ପାଠ କରିଥିଲେ। ପରେ ପ୍ରତିଯୋଗିତାରେ କୃତୀ କଳାକାରଙ୍କୁ ଟ୍ରଫି ଓ ସାର୍ଟିଫିକେଟ ଅତିଥିମାନେ ପ୍ରଦାନ କରିଥିଲେ। ମଞ୍ଚ ପରିଚାଳନା ଉପସଭାପତି ଭାସ୍କର ମିଶ୍ର କରିଥିଲେ। ସଂପାଦକ ସରୋଜ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଦୁଇ ଦିନିଆ ଉତ୍ସବର ସଫଳତାର ଆୟୋଜନ ପାଇଁ ସହସଂପାଦିକା ତଥା ନୃତ୍ୟ ନିର୍ଦ୍ଦେଶକା ସୁକାନ୍ତି ନାୟକ, କମିଟିର ସଦସ୍ୟ ସବିତା ବଳ, ସରିତା ରାଉତ, ମାଗୁଣି ଗୌଡ, ରବି ମୁଣ୍ଡା ସହଯୋଗ କରିଥିଲେ।

## ଅଲତିରେ ୪ ଦିନ ଧରି ରଜପର୍ବର ଧୁମ୍



**ରାମଚନ୍ଦ୍ରପୁର:** ଘସିପୁରା ବ୍ଲକ ଅଳତି ଗ୍ରାମରେ ୪ ଦିନ ଧରି ଧୁମ୍‌ଧାମ୍‌ରେ ପାଳିତ ହେଉଛି ରଜ ମହୋତ୍ସବ। ରଜ ମହୋତ୍ସବ ପଡ଼ିଆରେ ରଙ୍ଗବେରଙ୍ଗର ଆଲୋକମାଳା ସହ ବିଭିନ୍ନ କିସମର ଦୋଳି, ମିନାବଜାର ଏବଂ ଆଇସକ୍ରିମ୍, ଚଟପଟିର ପସରା ମେଲିଛି। ଉପମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଡ. କାହ୍ନୁଚରଣ ଧୀର ଏହାକୁ ଉଦ୍‌ଘାଟନ କରିଥିଲା ବେଳା ତୃତୀୟ ସଂଧ୍ୟାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ପୂର୍ବତନ ସାଂସଦ ତଥା ବିଧାୟକ ସୌମ୍ୟରଂଜନ ପଟ୍ଟନାୟକ, ସ୍ୱତନ୍ତ୍ର ଅତିଥି ଯାତ୍ରା ଜଗତର ସଂଜୟ ଭୋଳ ଯୋଗ ଦେଇଥିଲେ। ଆଞ୍ଚଳିକ କଳାକାର ସହ ନାମୀଦାମୀ କଳାକାର ବିଭିନ୍ନ ସାଂସ୍କୃତିକ ସଂଧ୍ୟାରେ ଦର୍ଶକଙ୍କୁ ଆକୃଷ୍ଟ କରିଥିଲେ। ଶିକ୍ଷାବିତ ବିଷ୍ଣୁନାରାୟଣ ସାମଲ ମଞ୍ଚ ପରିଚାଳନା କରିଥିଲେ। ରଜ ମହୋତ୍ସବ କମିଟିର ମାର୍ଗଦର୍ଶକ ଡ. ରତିକାନ୍ତ ବରାଳ ପରିଚାଳନା ପାଇଁ ସମସ୍ତ କମିଟି ସଦସ୍ୟ ଏବଂ ପୁଲିସ ପ୍ରଶାସନକୁ ଧନ୍ୟବାଦ ଜଣାଇଛନ୍ତି।

## ରଘୁଆଳସାହିରେ ଜମିଲା ରଜ ମହୋତ୍ସବ



**ନାରଦପୁର:** ଯୋଡ଼ା ବ୍ଲକ ଅନ୍ତର୍ଗତ କଣ୍ଡରା ଗ୍ରାମପଞ୍ଚାୟତର ରଘୁଆଳସାହିରେ ଆୟୋଜିତ ଏହି ଉତ୍ସବ ଗତ ୧୬ ତାରିଖଠାରୁ ଆରମ୍ଭ ହୋଇ ମଙ୍ଗଳବାର ଶେଷ ହୋଇଛି। କମିଟି ପକ୍ଷରୁ ଛୁଆଙ୍କଠାରୁ ବଡ଼ ଲୋକଙ୍କ ପର୍ଯ୍ୟନ୍ତ ବିଭିନ୍ନ ପ୍ରକାରର ଦୋଳି ତିଆରି କରାଯାଇଥିଲା। ନିଆରା ପାରମ୍ପରିକ ଆଦିବାସୀ ନୃତ୍ୟ ନାଗରା ମାଦଳର ତାଳେ ତାଳେ ଝିଅବୋହୂମାନେ ହାତକୁ ହାତ ଛନ୍ଦି ନୃତ୍ୟରେ ଝୁମି ଯାଇଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ନୃତ୍ୟ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଦୋଳି ଖେଳିବାକୁ ନାରଦପୁର, ଆଙ୍ଗୁଲିଆ, ବାସୁଦେବପୁର, ଶଙ୍କରପୁର, ବଳଭଦ୍ରପୁର, ଜଗନ୍ନାଥପୁର, ରାମଚନ୍ଦ୍ରପୁର, କଣ୍ଡରା ସମେତ ଆଖପାଖ ଅଞ୍ଚଳରୁ ପ୍ରବଳ ଲୋକଙ୍କ ସମାଗମ ହୋଇଥିଲା। ଏହି ମଞ୍ଚ କାର୍ଯ୍ୟକ୍ରମକୁ ସୁକଦେବ ମୁଣ୍ଡା ପରିଚାଳନା କରିଥିବା ବେଳେ କମିଟିର ତ୍ରିଲୋଚନ ମୁଣ୍ଡା, ବାବାଜୀ ନାଏକ, ରଞ୍ଜନ ମହାକୁଡ, ସନ୍ତୋଷ ନାଏକ, ସତ୍ୟା ନାଏକ, ସଚିନ ମୁଣ୍ଡା, ଶ୍ରୀକାନ୍ତ ନାଏକ, ମନ ମହାକୁଡ, ସୋମନାଥ ମହାକୁଡ, ପରଦେଶୀ ନାଏକ, ଗୋବିନ୍ଦ ନାଏକ, ବାନ୍ଧୁ ମୁଣ୍ଡା, ମିଟୁ ମୁଣ୍ଡା, ଚଗ ମୁଣ୍ଡାଙ୍କ ସମେତ ଗ୍ରାମବାସୀ ପରିଚାଳନା କରିଥିଲେ।

## ଟ୍ରକ୍‌କୁ ଧକ୍କାଦେଲା କାର୍; ଡାକ୍ତର ଗୁରୁତର






**ବେଲବାହାଲି,୧୭।୬(ସମିସ):** ରାମଚନ୍ଦ୍ରପୁର ଥାନା ଅଧୀନ ୨୦ ନଂ ଜାତୀୟ ରାଜପଥ ହସନପୁର ଟୋଲପ୍ଲାଜା ନିକଟରେ ମଙ୍ଗଳବାର ସକାଳୁ ଏକ ଟ୍ରକ ପଛପଟୁ କାର (ଓଡି ୦୨ସିଏ ୧୦୧୯) ଧକ୍କା ଦେବା ଫଳରେ କାରରେ ବସିଥିବା ଜଣେ କାର୍ଯ୍ୟରତ ଡାକ୍ତର ଗୁରୁତର ଅବସ୍ଥାରେ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ଡାକ୍ତର ଜଣକ ହେଲେ କେନ୍ଦୁଝର ଧରଣୀଧର ମେଡିକାଲ କଲେଜର ମେଡିସିନ ବିଭାଗର ଜଗନ୍ନାଥ ପ୍ରଧାନ। ସେ ମଙ୍ଗଳବାର ମେଡିକାଲ କ୍ୟାମ୍ପ ପାଇଁ କାର ଯୋଗେ କେନ୍ଦୁଝରରୁ କୁଆଖିଆ ଯାଉଥିଲେ। ଘଟଣାସ୍ଥଳରେ ସାଇଁକୁଳ ଫାଣ୍ଡି ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଅନ୍ୟପଟେ ଗତ ୯ ତାରିଖରେ ଉକ୍ତ ସ୍ଥାନରେ ଏକ ଟ୍ରାକ୍ଟର ପଛପଟୁ ଯାତ୍ରୀବାହୀ ଅଟୋ ଧକ୍କା ଦେବା ଫଳରେ ୪ ଜଣ ଗୁରୁତର, ୩ ଜଣ ସାମାନ୍ୟ ଆହତ ହୋଇଥିଲେ। ତେବେ ଗୋଟିଏ ମାସ ମଧ୍ୟରେ ଗୋଟିଏ ଜାଗାରେ ଦୁଇଟି ପୃଥକ ଦୁର୍ଘଟଣା ଘଟିଥିବାରୁ ଚର୍ଚ୍ଚାର ବିଷୟ ରହିଛି।

## ପ୍ରଶାସନ ପକ୍ଷରୁ ଜବରଦଖଲ ଉଚ୍ଛେଦ

**ଯୋଡ଼ା, ୧୭।୬(ସମିସ):** ଯୋଡ଼ା ବ୍ଲକ ବଡ଼ବିଲ ତହସିଲ ଅନ୍ତର୍ଗତ ଗୁଆଲି ପଞ୍ଚାୟତର ନୂଆଗାଁ ଗ୍ରାମରେ ଥିବା ଖାତା ନମ୍ବର-୬୦ ରେ ଅନ୍ତର୍ଭୁକ୍ତ ପ୍ଲଟନମ୍ବର-୩୬୦/୫୨୭,୩୬୨/୫୩୦, ୩୬୩/୫୩୦, କିସମ-ବସ୍ତି ଯୋଗ୍ୟ ଜମିରେ ୫ ଜଣ ବେଆଇନ ଭାବେ ମାଡ଼ି ବସିଥିବା ଜବରଦଖଲକାରୀଙ୍କ ଘରକୁ ପ୍ରଶାସନ ତରଫରୁ ମଙ୍ଗଳବାର ଦିନ ଭଙ୍ଗା ଯାଇଛି। ଏହି ଜବରଦଖଲ ଉଚ୍ଛେଦ ପ୍ରକ୍ରିୟାରେ ବଡ଼ବିଲ ତହସିଲଦାର ରାକେଶ କୁମାର ପଣ୍ଡା, ଅତିରିକ୍ତ ତହସିଲଦାର ବିଶ୍ୱଜିତ ଦଳେଇ, ବଡ଼ବିଲ ପୌର ନିର୍ବାହୀ ଅଧିକାରୀ ରମେଶଚନ୍ଦ୍ର ନାଏକ, ରୁଗୁଡି ଆଇଆଇସି ରବିଶଙ୍କର ଭୋଇସା ଉପସ୍ଥିତ ଥିଲେ। ଏହି ଜମିଗୁଡିକୁ ସରକାରଙ୍କ ଯୋଜନାରେ ଆଦିବାସୀ ଜଙ୍ଗଲ ଜମି ୪ ଡିସମିଲ ଜମି ଲେଖାଏଁ ମୋଟ ୩୯ ଜଣଙ୍କୁ ଗତ ୨୦୧୪ରୁ ମାଲିକାନା ପ୍ରଦାନ କରାଯାଇଛି। ଜବରଦଖଲକାରୀମାନେ ଉକ୍ତ ଜମି ଜୋରଜବରଦସ୍ତ ଭାବେ ମାଡ଼ି ବସିଥିବାରୁ ହିତାଧିକାରୀଙ୍କ ଜମି ଚିହ୍ନଟ ହୋଇପାରୁ ନଥିଲା। ତହସିଲ କାର୍ଯ୍ୟାଳୟ ବଡ଼ବିଲ ତରଫରୁ ଜଗା ଖାଲି କରିବା ନିମନ୍ତେ ଚିତ୍ତରଞ୍ଜନ ବାରିକ, ହୃଷୀକେଶ ବାରିକ, ନିରଞ୍ଜନ ବାରିକ, ବେଣୁଧର ବାରିକ, ବଂଶୀଧର ବାରିକଙ୍କୁ ୩ ଥର ନୋଟିସ ହୋଇଥିବା ସତ୍ତ୍ୱେ ସେମାନେ ବେଖାତିର କରି ଅବମାନନା କରିଆସୁଥିଲେ। ପ୍ରଶାସନ ଜଙ୍ଗଲ ଜମି ପଟ୍ଟା ପାଇଥିବା ହିତାଧିକାରୀଙ୍କୁ ଜମି ଚିହ୍ନଟ କରାଇ ହସ୍ତାନ୍ତର କରିବା ଉଦ୍ଦେଶ୍ୟରେ ଏହି ଉଚ୍ଛେଦ କରାଗଲା ବୋଲି ସୂଚନା ଦେଇଛନ୍ତି। ଆଇନଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ଉଚ୍ଛେଦ ସମୟରେ ୨ ପ୍ଲାଟୁନ ପୁଲିସ ଏବଂ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

## ଶତାୟୁ ସଂସ୍କୃତ ଶିକ୍ଷକ ବାଞ୍ଛାନିଧି ରଥଶର୍ମାଙ୍କ ପରଲୋକ



**ରାମଚନ୍ଦ୍ରପୁର,୧୭।୬(ସମିସ):** ଘସିପୁରା ବ୍ଲକ ସୁଆଁପଦା ଶାସନର ଶତାୟୁ ସଂସ୍କୃତ ଶିକ୍ଷକ ତଥା କର୍ମକାଣ୍ଡ ବିଶାରଦ ଶତାୟୁ ପଣ୍ଡିତ ବାଞ୍ଛାନିଧି ରଥଶର୍ମା (୧୦୨)ଙ୍କ ହୃଦଘାତରେ ପରଲୋକ ଘଟିଛି। ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ସେ ଆନନ୍ଦପୁର ବିଏନ ହାଇସ୍କୁଲ ସମେତ ମଞ୍ଜୁରିରୋଡ ସରକାରୀ ହାଇସ୍କୁଲ, କେନ୍ଦୁଝର ଡିଏନ ହାଇସ୍କୁଲରେ ସଂସ୍କୃତ ଶିକ୍ଷକ ଥିଲେ। ଶିକ୍ଷକତା ସହ ଅନେକ ଉପାଦେୟ ପୁସ୍ତକ ମଧ୍ୟ ରଚନା କରି ଯାଇଛନ୍ତି। ତାଙ୍କ ଦ୍ୱାରା ରଚିତ ''ପ୍ରଜ୍ଞା ଓ ପ୍ରତିଭା', ''ସଦାଚାର ଜୀବନ', ଉପନିଷଧ ସାର ସଂଗ୍ରହ' ବେଶ୍ ଆଦୃତି ଲାଭ କରିଛି। ସ୍ୱର୍ଗତ ରଥ ରାମକୃଷ୍ଣ ପରମହଂସଙ୍କ ବାଣୀରେ ନିଜକୁ ସମର୍ପିତ କରିବା ସହ ସଦାଚାର ଜୀବନ ଅତିବାହିତ କରୁଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ପୁତ୍ର ପ୍ରଫୁଲ୍ଲ, ପ୍ରମୋଦ, ବିଶ୍ୱରଂଜନ ଏବଂ ପୁତ୍ରବଧୂ ମଞ୍ଜୁଲତା, ଧରିତ୍ରୀ, ମାମା, ଏବଂ ନାତି ପିନାକି, ବିଭୂପ୍ରସାଦ, ନାତୁଣୀ ପଲ୍ଲବୀ ଉପସ୍ଥିତ ଥିଲେ। ଗ୍ରାମ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ପ୍ରକାଶ ଥାଉ କି, ଶ୍ରୀ ରଥଶର୍ମା ସାଇଁକୁଳ ପତିତପାବନ କଲେଜର ପ୍ରତିଷ୍ଠାତା ସମ୍ପାଦକ ରହିବା ସହ ପରବର୍ତ୍ତୀ ସମୟରେ ସଭାପତି ଦାୟିତ୍ୱ ତୁଲାଇଥିଲେ। କଲେଜ ପକ୍ଷରୁ ଶୋକ ପ୍ରକାଶ କରାଯିବା ସହ ତାଙ୍କ ଆତ୍ମାର ସଦଗତି କାମନା କରାଯାଇଛି। ଯୁକ୍ତ ଦୁଇ ଅଧ୍ୟକ୍ଷ ଅମୂଲ୍ୟ ବିଶ୍ୱାଳଙ୍କ ସଂଯୋଜନାରେ କଲେଜ ସଭାଗୃହରେ ଏକ ଶୋକସଭାରେ କଲେଜର ସମସ୍ତ ଅଧ୍ୟାପକ ଅଧ୍ୟାପିକା ଏବଂ କର୍ମଚାରୀ ସାମିଲ ଯୋଗ ଦେଇଥିଲେ।

## ୧୯ରେ ୩ଟି ବାତ୍ୟା ଆଶ୍ରୟସ୍ଥଳୀରେ ମକ୍‌ଡ୍ରିଲ

**ହାଟଡ଼ିହୀ,୧୭।୬(ସମିସ):** ଅତିରିକ୍ତ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଆସନ୍ତା ୧୯ ତାରିଖ (ଗୁରୁବାର) ସକାଳ ପ୍ରାୟ ୧୦ଟା ସମୟରେ ହାଟଡ଼ିହୀ ବ୍ଲକ ଅନ୍ତର୍ଗତ ଆମ୍ବୋ ପଞ୍ଚାୟତର କରଗୋଳା, ହାବଳେଶ୍ୱର ପଞ୍ଚାୟତର ହାବଳେଶ୍ୱର ଏବଂ ଆଇତିପୁର ପଞ୍ଚାୟତର ରତକଣାଠାରେ ରହିଥିବା ବାତ୍ୟା ଆଶ୍ରୟସ୍ଥଳୀରେ ମକ୍ ଡ୍ରିଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ବନ୍ୟା-ବାତ୍ୟା ପ୍ରପୀଡ଼ିତ ଅଞ୍ଚଳରେ ବସବାସ କରୁଥିବା ଅଧିବାସୀଙ୍କୁ ବନ୍ୟା ଓ ବାତ୍ୟା ଦାଉରୁ ନିଜ ସହ ଗୃହପାଳିତ ପଶୁପକ୍ଷୀଙ୍କୁ ନିରାପଦ ଭାବେ ସୁରକ୍ଷା ଦିଆଯାଇ ପାରିବ ସେନେଇ ଜ୍ଞାନକୌଶଳ ବାବଦରେ ଅବଗତ କରାଇବା ନେଇ ମକ୍‌ଡ୍ରିଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି ମକ୍‌ଡ୍ରିଲ କାର୍ଯ୍ୟକ୍ରମକୁ ଆମ୍ବୋ ପଞ୍ଚାୟତର କନିଷ୍ଠଯନ୍ତ୍ରୀ କ୍ଷେତ୍ରମୋହନ ମାରାଣ୍ଡି, ହାବଳେଶ୍ୱର ପଞ୍ଚାୟତର କନିଷ୍ଠଯନ୍ତ୍ରୀ ଧୀରେନ୍ଦ୍ର ମହାଳିକ ଏବଂ ଆଇତିପୁର ପଞ୍ଚାୟତ ଦାୟିତ୍ୱରେ ଥିବା ସହକାରୀ ଯନ୍ତ୍ରୀ ବିଜୟ କୁମାର ମଲ୍ଲିକ ପରିଚାଳନା କରିବା ନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

## ଚାଲାଣବେଳେ ୪ ବଳଦ ଉଦ୍ଧାର



**ତୁରୁମୁଙ୍ଗା, ୧୭।୬(ସମିସ):** ପାଟଣା ଥାନା ଟଭାସରୁଆ ନିକଟରୁ ବଳଦ ଚୋରାଚାଲାଣ ଧରାପଡ଼ିଛି। ବୋଲେରୋ ଗାଡ଼ିର ଟାୟାର ଫାଟିଯିବାରୁ ସମ୍ପୃକ୍ତ ଚାଲାଣକାରୀମାନେ ସେଠାରୁ ଫେରାର ହୋଇଯାଇଥିଲେ। ଗାଡ଼ି ଭିତରୁ ଅତି ଦୟନୀୟ ଅବସ୍ଥାରେ ଚାଲାଣ ହେଉଥିବା ଘଟଣାସ୍ଥଳରେ ପାଟଣା ଓ ସାହାରପଡା ଫାଣ୍ଡି ପୁଲିସ ପହଞ୍ଚି ଗାଡି ଭିତରୁ ୪ ବଳଦକୁ ଉଦ୍ଧାର କରି ଗୋଶାଳାକୁ ପଠାଇବା ସହ ବୋଲେରୋକୁ ଜବତ କରି ତଦନ୍ତ କରୁଛନ୍ତି। ଏନେଇ ପାଟଣା ଥାନାରେ ୧୨୭/୨୫ରେ ଏକ ମାମଲା ରୁଜୁ ହୋଇଛି।

## ଢେଙ୍କାରେ 'ବିକାଶ ବାହନ'

**ହାଟଡ଼ିହୀ,୧୭।୬(ସମିସ):** ହାଟଡ଼ିହୀ ବ୍ଲକ ଅଧିନ ଢେଙ୍କା ପଞ୍ଚାୟତରେ ବିକାଶ ବାହନ ରଥ ପରିକ୍ରମା କରିଛି। ଢେଙ୍କା ପଞ୍ଚାୟତ କାର୍ଯ୍ୟାଳୟରେ ବିକାଶ ବାହନ ରଥ ପହଞ୍ଚିବା ପରେ ପଞ୍ଚାୟତବାସୀଙ୍କ ପକ୍ଷରୁ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ମହିଳା ଏସଏସଜି ଗ୍ରୁପର ସଦସ୍ୟା ଓ ମିଶନ ଶକ୍ତିର ମାଆମାନେ ବନ୍ଦାପନା କରି ଓ ଶଙ୍ଖ ହୁଳହୁଳି ମାଧ୍ୟମରେ ସ୍ୱାଗତ କରିଥିଲେ। ଏଥିରେ ସରପଞ୍ଚ ସୁବାସିନୀ ସେଠୀ, ବାହନ ନୋଡାଲଅଫିସର ପିଇଓ ସୁରେଶ ସେଠୀ ଓ ପଞ୍ଚାୟତ ନୋଡାଲଅଫିସର ଭାବେ ଭୋଳାନାଥ ମହାନ୍ତ ଉପସ୍ଥିତ ଥିଲେ। ପଞ୍ଚାୟତର ଢେଙ୍କା, ସଙ୍ଗମ, ପୁରୁଣାପାଣି, ଝଣଝଣା, କଣିଆରୀ, ଧରମପୁର, ମଟରାଗଡିଆ, ବାରିଗାଁ ଏବଂ ବଡ଼ ଆମ୍ବଗଡିଆ ପ୍ରଭୃତି ଗାଁ ପରିକ୍ରମା କରିଥିଲା।

## ମଦ୍ୟପ ଚାଳକଙ୍କ ବାଇକ୍ ଧକ୍କାରେ ବୃଦ୍ଧ ମୃତ

**ତୁରୁମୁଙ୍ଗା, ୧୭।୬(ସମିସ):** କେନ୍ଦୁଝର ଜିଲ୍ଲା ପାଟଣା ଥାନା ଅନ୍ତର୍ଗତ ୨୨୦ ନମ୍ବର ଜାତୀୟ ରାଜପଥ ଧାନବେଣୀ ନିକଟରେ ସୋମବାର ରାତିରେ ମଦ୍ୟପ ବାଇକ ଚାଳକଙ୍କ ଧକ୍କାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଛି। ବୃଦ୍ଧ ଜଣଙ୍କ ହେଉଛନ୍ତି ଧାନବେଣୀ ଗ୍ରାମର ବଳରାମ ମହାନ୍ତ। ସେ ରାସ୍ତାକଡ଼ରେ ଥିବା ବେଳେ ଜଣେ ମଦ୍ୟପ ବାଇକ୍ ଚାଳକ ତାଙ୍କୁ ଧକ୍କା ଦେଇଥିଲା। ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବୃଦ୍ଧଙ୍କ ମୃତ୍ୟୁ ଘଟିଥିଲା। ସମ୍ପୃକ୍ତ ମଦ୍ୟପ ଚାଳକ ବାସୁଦେବ ମହାନ୍ତ ଗୁରୁତର ହୋଇଥିବାବେଳେ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଥିବା ସମୟରେ ମେଡିକାଲ କର୍ମଚାରୀଙ୍କୁ ମାରପିଟ୍ କରିଥିବା ଅଭିଯୋଗ ହୋଇଛି। ଏକ ଘରେ ତାକୁ ବନ୍ଦ କରାଯାଇଥିଲା। ସେଠାରୁ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଥିବା ଜଣାପଡ଼ିଛି।

# ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି

**ହାଟଡ଼ିହୀ,୧୭।୬(ସମିସ):** କେନ୍ଦୁଝର ଜିଲ୍ଲା ହାଟଡ଼ିହୀ ବ୍ଲକ ପରିସରରେ ମଙ୍ଗଳବାର ପୂର୍ବାହ୍ଣରେ ଜିଲ୍ଲାପାଳ କେନ୍ଦୁଝରଙ୍କ ମିଳିତ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ହାଟଡ଼ିହୀ ବିଡିଓ ରଞ୍ଜନ କୁମାର ପରିଡ଼ାଙ୍କ ସଂଯୋଜନାରେ କାର୍ଯ୍ୟକ୍ରମଟି ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲ୍ଲାପାଳ ବିଶାଳ ସିଂ, ମୁଖ୍ୟ ଉନ୍ନୟନ ଅଧିକାରୀ କୁମାର ନାଗଭୂଷଣ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ହରପ୍ରିୟା ନାୟକ, ଜିଲ୍ଲା ଚିକିତ୍ସାଧିକାରୀ କିଶୋର କୁମାର ପୃଷ୍ଟି, ଅତିରିକ୍ତ ରାଜସ୍ୱ ଅଧିକାରୀ ରବିନ୍ଦ୍ର ପ୍ରଧାନ, ଟ୍ରେନି ଆଇଏଏସ୍ ପବନ କୁମାର, ଆନନ୍ଦପୁର ଉପଜିଲ୍ଲାପାଳ ନୀଳମାଧବ ସୁନା ପ୍ରମୁଖ ଅଭିଯୋଗ ଶୁଣାଣି କରିଥିଲେ। ମୋଟ ୯୫ଟି ଅଭିଯୋଗରୁ ଭାଗବତ ଟୁଙ୍ଗି ନିର୍ମାଣ ପାଇଁ ୪ଟି ଅଭିଯୋଗ ଆସିଥିବା ବେଳେ ଜମିଜମା ସଂକ୍ରାନ୍ତ ୩୮ଟି ଅଭିଯୋଗ, ଭତ୍ତା ସମସ୍ୟା ନେଇ ୧୭ଟି ଅଭିଯୋଗ, ଅପହରଣ ଅଭିଯୋଗ ନେଇ ୧ଟି ଅଭିଯୋଗ, ରାସ୍ତାଘାଟ ସମସ୍ୟା ନେଇ ୮ଟି ଅଭିଯୋଗ, ନୂତନ ବିଇଓ କାର୍ଯ୍ୟାଳୟ ବିଲଡିଂ ନିର୍ମାଣ ଏବଂ ବଦଳି ସଂକ୍ରାନ୍ତ ୧୨ଟି ଅଭିଯୋଗ, ସରକାରୀ ସହାୟତାରୁ ବଞ୍ଚିତ ନେଇ ୪ଟି ଅଭିଯୋଗ, ଗ୍ରାମୀଣ ଗୃହ ନିର୍ମାଣ ନେଇ ୩ଟି ଅଭିଯୋଗ, ମନରେଗା ସମସ୍ୟା ନେଇ ୨ଟି ଅଭିଯୋଗ, ସୌନ୍ଦର୍ଯ୍ୟକରଣ ପାଇଁ ୨ଟି ଅଭିଯୋଗ, ଯାତାୟତ ନିମନ୍ତେ ମୁଖ୍ୟମନ୍ତ୍ରୀ ବସ୍ ସଂଯୋଗୀ କରଣ ପାଇଁ ରାଇଘାଟି ଓ ତଅଁଳ ଗ୍ରାମରୁ ୨ଟି ଅଭିଯୋଗ ସହ ବିବାହ ବିଚ୍ଛେଦ ସମସ୍ୟା ନେଇ ୨ଟି ଅଭିଯୋଗ ଆସିଥିଲା। ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ବିପ୍ଳବ କେଶରୀ ସାମନ୍ତରାୟଙ୍କ ସହ ବନବିଭାଗ ପକ୍ଷରୁ ହଦଗଡ଼ ବନାଞ୍ଚଳ ଅଧିକାରୀ ମାର୍ଶାଲ କିସ୍କୁ, ତହସିଲଦାର ଶିବବ୍ରତ ତ୍ରିପାଠୀ, ଆରଡ଼ି ବିଭାଗର ସହକାରୀ ଯନ୍ତ୍ରୀ କରୁଣାକର ନନ୍ଦ, କୃଷି ବିଭାଗର ବ୍ଲକ ସହକାରୀ କୃଷି ଅଧିକାରୀ ସୋନାଲି ପ୍ରିୟଦର୍ଶିନୀ, ଶିକ୍ଷା ବିଭାଗର ବିଇଓ ରାଜୀବ ଦଳେଇ ଓ ସହ ଶିକ୍ଷା ଅଧିକାରୀ ପ୍ରମୋଦ କୁମାର ନାୟକ, ନନ୍ଦିପଦା ଥାନାଧିକାରୀ ରବିନ୍ଦ୍ର କୁମାର ପାତ୍ର, ସୋସୋ ଥାନାଧିକାରୀ ବିଜୟ ବିହାରୀ, ଆନନ୍ଦପୁର ଅବକାରୀ ଅଧିକାରୀ ଅଭିରାମ ବେହେରା ଓ ହାଟଡ଼ିହୀ ଅବକାରୀ ଅଧିକାରୀ ସ୍ମିତା ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ୧୪ଜଣ ଭିନ୍ନକ୍ଷମଙ୍କୁ ମୋଟରଚାଳିତ ସାଇକଲ ପ୍ରଦାନ କରାଯାଇଛି।




କାର୍ଯ୍ୟକ୍ରମକୁ ଏପିଓ ଭୈରବେନ୍ଦ୍ର ତ୍ରିପାଠୀ, ବ୍ଲକ ମୁଖ୍ୟ ସହାୟକ ଶ୍ରବଣ କୁମାର ପରିଡ଼ା, ଜିପିଡିଓ ଦେବଜ୍ୟୋତି ଦାସ, ପିଇଓ ଶରତଚନ୍ଦ୍ର ବେଜ, ସିପି ସୁବ୍ରତ ନାୟକ, ଏସିପି ପ୍ରଶାନ୍ତ କୁମାର ସେଠୀ, ଜୀବନ କୁମାର ରାଉତ ପ୍ରମୁଖ ପରିଚାଳନା କରିଥିଲା ବେଳେ ସୁଦର୍ଶନ ଘଡ଼େଇ, ଭଗବାନ ସେଠୀ ସହଯୋଗ କରିଥିଲେ।

● ହାତୀ ସାରି ଦେଉଛନ୍ତି ସବୁ ଅମଳ

## ପରିବା ଚାଷ ଜଗିବା ପାଇଁ ୱାଚ୍ ଟାୱାର୍ ସପକ୍ଷରେ ଚାଷୀ

ଯୋଡ଼ା, ୧୭।୬(ସମିସ): କେନ୍ଦୁଝର ଜିଲ୍ଲା ଯୋଡ଼ା ବ୍ଲକର ୧୯ଟି ପଞ୍ଚାୟତରୁ ୭୦ ଭାଗ ଅଞ୍ଚଳରେ ଖଣି ଓ ଶିଳ୍ପ ଗଢ଼ି ଉଠିଛି। ବାକି ୩୦ ପ୍ରତିଶଥ ଅଞ୍ଚଳରେ ଲୋକ କୃଷି ଓ ପରିବା ଚାଷ ଉପରେ ନିର୍ଭର କରି ଚଳି ଆସୁଛନ୍ତି। ଯୋଡ଼ା ବଡ଼ବିଲ ସହରରେ ଶହ ଶହ ଚାଷୀ ବିଭିନ୍ନ ପ୍ରକାର ପନିପରିବା, ମକା, ମିଠା ମକା ପ୍ରଭୃତି ଚାଷ କରି ବିକ୍ରି କରିଥାନ୍ତି। ବର୍ଷା ଦିନରେ ଧାନ ଚାଷକୁ ଛାଡ଼ିଦେଲେ ଅନ୍ୟ ଋତୁରେ ବାଇଗଣ, ଭେଣ୍ଡି, ବରବଟୀ, କଲରା ଆଦି ଚାଷ ହେଉଛି। ଏହାଦ୍ୱାରା ଚାଷୀ ଆତ୍ମନିର୍ଭରଶୀଳ ହୋଇପାରୁଥିବା ବେଳେ ବଣୁଆ ହାତୀଙ୍କ ପାଇଁ ସେମାନଙ୍କ ଆର୍ଥିକ ମେରୁଦଣ୍ଡ ସଳଖି ପାରୁନାହିଁ। ହାତୀପଲ ଗାଁ ଭିତରେ ପଶି ଚାଷୀଙ୍କ ଧାନ ଖାଇବା ସହ ପନିପରିବା ଚାଷକୁ ନଷ୍ଟ କରି ପକାଉଛନ୍ତି। ଏଥିପାଇଁ ବାରମ୍ବାର ଗ୍ରାମବାସୀ ପ୍ରଶାସନ ଓ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଆସୁଥିଲେ ସୁଦ୍ଧା ଏହାର ବିକଳ୍ପ ମିଳିପାରିନାହିଁ। ଏହାକୁ ନେଇ ଯୋଡ଼ା ବ୍ଲକ କଣ୍ଡରା ପଞ୍ଚାୟତର ଦାମପୁର, ମିରିଗୀସିଂଘା ଗ୍ରାମବାସୀ ଚିନ୍ତାରେ ପଡ଼ିଛନ୍ତି। ଗ୍ରାମବାସୀଙ୍କ କହିବା କଥା, ଅତ୍ୟନ୍ତ ପକ୍ଷେ ସରକାରଙ୍କ ପକ୍ଷରୁ ଏକ ୱାଚ ଟାୱାର ନିର୍ମାଣ ହୋଇପାରିଲେ ରାତିରେ ପାଳି କରି ସମସ୍ତ ଚାଷୀ ନିଜ ପନିପରିବା ଚାଷକୁ ଜଗି ପାରନ୍ତେ। ହାତୀ ଆସିଲେ ଗ୍ରାମବାସୀଙ୍କୁ ଡାକି, ବନବିଭାଗ ଜରିଆରେ ହାତୀ ଘଉଡ଼ାଇ ଫସଲକୁ ରକ୍ଷା କରାଯାଇ ପାରନ୍ତା ବୋଲି ଆଲୋଚନା ହେଉଛି। ଏନେଇ ଜିଲ୍ଲା ପରିଷଦ ସଦସ୍ୟ ଡମ୍ବରୁଧର କୁଦାଦା କହନ୍ତି ଯେ ଏହା କଣ୍ଡରା, ଅଁସେଇକଳା, ଦେଓଝର ପଞ୍ଚାୟତବାସୀଙ୍କ ପାଇଁ ଅତି ଆବଶ୍ୟକ ହୋଇ ପଡ଼ିଛି। ଧାନ ପାଚି ଆସିଲା ବେଳକୁ କିମ୍ବା ମକା ପନିପରିବା ଅମଳ ସମୟକୁ ହାତୀ ପଶିଆସି ଫସଲ ନଷ୍ଟ କରି ଦେଉଛନ୍ତି। ବନ ବିଭାଗ ଯେତେ ସଚେତ ରହିଲେ ମଧ୍ୟ ହାତୀ କ୍ଷତି କରି ପକାଉଛନ୍ତି। ବନ ବିଭାଗ ଅଧିକାରୀ କହିଛନ୍ତି ଯେ ଯୋଡ଼ା ବ୍ଲକର ଅନେକ ପଞ୍ଚାୟତରେ ହାତୀ ଜଗିବା ପାଇଁ ୱାଚ ଟାୱାର ନିର୍ମାଣ ଚାଲିଛି ଆଗକୁ ମଧ୍ୟ ଏହା ହାତୀ ଉପଦ୍ରବ ଅଞ୍ଚଳଗୁଡ଼ିକରେ ନିର୍ମାଣ ହେବାର ଯୋଜନା ରହିଛି।

## ଦନ୍ତା ହାତୀ ଆକ୍ରମଣରେ ଯୁବକ ଗୁରୁତର



ତୁରୁମୁଙ୍ଗା/ଚମ୍ପୁଆ, ୧୭।୬(ସମିସ): ଚମ୍ପୁଆ ରେଞ୍ଜ ଉଖୁଣ୍ଡା ସେକ୍ସନ ଝାଲିଆବେଡ଼ା ବଡ଼ାମଶାଳ ନିକଟରେ ହାତୀ ଘଉଡ଼ାଉଥିବା ସମୟରେ ହାତୀ ଆକ୍ରମଣରେ ଜଣେ ଯୁବକ ଗୁରୁତର ହୋଇଛନ୍ତି। ଗୁରୁତର ଯୁବକ ହେଲେ ରାମଚନ୍ଦ୍ରପୁର ଗ୍ରାମର ଗୁରୁଚରଣ ମହାନ୍ତ (୧୮)। ତାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଭଣ୍ଡା ମେଡିକାଲରେ ଭର୍ତ୍ତି କରିଛନ୍ତି। ତାଙ୍କ ଡାହାଣ ଗୋଡ଼ରେ ଗଭୀର ଆଘାତ ଲାଗିଥିବା ଜଣାପଡିଛି।

## ୩୪ ଜଣ ପିଇଓଙ୍କ ଅଦଳବଦଳ

ବାରିପଦା, ୧୭।୬(ସମିସ): ମୟୂରଭଞ୍ଜ ଜିଲ୍ଲା ମଧ୍ୟରେ ୩୪ ଜଣ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ (ପିଇଓ) ଙ୍କ ଅଦଳବଦଳ ହୋଇଛି। ଏ ନେଇ ଜିଲ୍ଲାପାଳ ହେମକାନ୍ତ ସଏଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ମଧ୍ୟରେ ବିଭିନ୍ନ ବ୍ଲକ ଅନ୍ତର୍ଗତ ପଞ୍ଚାୟତରେ କାର୍ଯ୍ୟ କରୁଥିବା କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ଜିଲ୍ଲା ଭିତରେ ବଦଳି କରାଯାଇଛି। ବଦଳି ସ୍ଥାନରେ ତୁରନ୍ତ ଯୋଗଦେବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ରହିଛି।

# ସବୁଠି ବାସି ଖାଦ୍ୟର ପସରା; ନିୟନ୍ତ୍ରଣ ହୋଇପାରୁନି ହଇଜା

ଆନନ୍ଦପୁର, ୧୭।୬ (ସମିସ): ପଡ଼ୋଶୀ ଯାଜପୁର ଜିଲ୍ଲା ସୀମାନ୍ତ ତରାଇଲୋ ଗ୍ରାମରୁ ଆରମ୍ଭ ହୋଇଥିବା ଝାଡ଼ାବାନ୍ତି ରୋଗ ଆନନ୍ଦପୁର ଉପଖଣ୍ଡରେ ସଂକ୍ରମିତ ହେବାରେ ଲାଗିଛି। ଏହାକୁ ନିୟନ୍ତ୍ରଣ କରିବାକୁ ରାଜ୍ୟ ସରକାରଙ୍କ କୌଣସି ପଦକ୍ଷେପ ଦୃଷ୍ଟିଗୋଚର ହେଉନାହିଁ। ଫଳରେ ଝାଡ଼ାବାନ୍ତି ରୋଗୀ ଅଣାୟତ୍ତ ଅବସ୍ଥାରେ ରହିଛି।

ବାଡୋ ଓ ଚମ୍ପାପାଳ ତିନିଜଣଙ୍କ ମୃତ୍ୟୁ ହୋଇଥିଲେ ମଧ୍ୟ ତ୍ୱରିତ ପଦକ୍ଷେପ ଗ୍ରହଣ କରାଯାଉ ନଥିବାରୁ ବିଭିନ୍ନ ମହଲରେ ଉଦବେଗ ପ୍ରକାଶ ପାଇଛି। ଗତ ୧୦ତାରିଖରୁ ଆରମ୍ଭ ହୋଇଥିବା ଏହି ରୋଗର ନିରାକରଣ ପାଇଁ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରାଯାଉ ନଥିବାରୁ ଆଜିସୁଦ୍ଧା ଆନନ୍ଦପୁର ଶାଳନିଆଁ ଓ ସାଇଁକୁଳ ସ୍ୱାସ୍ଥ୍ୟକେନ୍ଦ୍ରରେ ୫୦ରୁ ଅଧିକ ରୋଗୀ ଆକ୍ରାନ୍ତ ହୋଇ ଚିକିତ୍ସାଧୀନ ରହିଛନ୍ତି। ଇତିମଧ୍ୟରେ ସପ୍ତାହେ ବିତିଯାଇଥିଲେ ମଧ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଧରପଗଡ଼ ହେଉନାହିଁ। ରାଜ ପ୍ରସ୍ତୁତି ବାସି ମାଛ ମାଂସ ଫ୍ରିଜରରେ ରହି ବିକ୍ରି ଚାଲିଥିବାରୁ ଅଧିକ ସଂକ୍ରମିତ ହେବାର ଆଶଙ୍କା ପ୍ରକାଶ ପାଇଛି। ମୌସୁମୀ ବର୍ଷା ସୋମବାରଠାରୁ ଆରମ୍ଭ ହୋଇଥିବାରୁ ନାଳନର୍ଦ୍ଦମାଗୁଡ଼ିକ ସନ୍ତସନ୍ତିଆ ହୋଇପଡିଛି। ଗ୍ରାମାଞ୍ଚଳରେ ପୋଖରୀଗାଡ଼ିଆ ପଞ୍ଚାୟତ ପକ୍ଷରୁ ବିଶୋଧନ ହେଉନାହିଁ। ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ପରିଦର୍ଶନରେ ଆସି ହଇଜାରେ ଆକ୍ରାନ୍ତ ରୋଗୀମାନଙ୍କର ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିଥିଲେ ହେଲେ ମନ୍ତ୍ରୀଗଲା ପରେ ବିଭାଗ ପକ୍ଷରୁ କୌଣସି ତତ୍ପରତା ପ୍ରକାଶ ପାଇନାହିଁ। ସୂଚନାଯୋଗ୍ୟ, ଗତ ୧୦ତାରିଖ ରାତିରେ ତରାଇଲୋ ଗ୍ରାମରେ ଲଗ୍ନଧରା ଭୋଜି ଖାଇବାପରେ ଝାଡ଼ାବାନ୍ତି ରୋଗ ଆରମ୍ଭ ହୋଇଥିଲା। ୧୫ ଜଣ ପୁରୁଷ ଓ ୧୧ ଜଣ ମହିଳା ଚିକିତ୍ସା ନିମନ୍ତେ ଭର୍ତ୍ତି ହୋଇଥିଲେ। ସେମାନଙ୍କ ମଧ୍ୟରୁ ୨ ଜଣ ରୋଗୀଙ୍କ ଅବସ୍ଥା ଗୁରୁତର ହେବାରୁ ସେମାନଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା।

### ହଇଜା ଓ ଡାଇରିଆ ନିରାକରଣ ପଦକ୍ଷେପ

ଚମ୍ପୁଆ,୧୭।୬(ସମିସ): ରାଜ୍ୟର ୯ଟି ଜିଲ୍ଲାରେ ହଇଜା ଓ ଡାଇରିଆ କାୟା ବିସ୍ତାର କରୁଥିବା ବେଳେ ଚମ୍ପୁଆରେ କେବେ ନିଆଯିବ ପଦକ୍ଷେପ ବୋଲି କୁହାଯାଇଛି। ଡାଇରିଆ ନିରାକରଣ ନିମନ୍ତେ ତୁରନ୍ତ ପଦକ୍ଷେପ ନେବା ପାଇଁ ସ୍ୱାସ୍ଥ୍ୟ ବିଭାକୁ ନର୍ଦ୍ଦେଶ ରହିଛି। ଚମ୍ପୁଆ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷ ଗିରିଜା ଶଙ୍କର ସାହୁ ଡାଇରିଆ ନିରାକରଣ ପାଇଁ କଡ଼ା ଆଭିମୁଖ୍ୟ ଗ୍ରହଣ କରାଯିବ ବୋଲି କହିଛନ୍ତି। ଶ୍ରୀ ସାହୁଙ୍କ କହିବାନୁସାରେ, ଆସନ୍ତା ୧୮ ତାରିଖରେ ଏକ ବୈଠକ ଡକାଯାଇଛି। ରାସ୍ତାକଡ଼ରେ ଥିବା ଉଠା ଜଳଖିଆ ଦୋକାନ, ଫାଷ୍ଟଫୁଡ ଦୋକାନ ବନ୍ଦ କରାଯିବା ସହିତ ବିଭିନ୍ନ ହୋଟେଲର ସଫାସୁତରା, ଖାଦ୍ୟର ମାନ ଯାଞ୍ଚ କରାଯିବ। ଏପରିକି ଏନଏସି ଅଧୀନରେ ଥିବା ଛାତ୍ରାବାସଗୁଡ଼ିକ ତଦାରଖ କରାଯିବା ସହ ପାନୀୟଜଳର ସୁଦ୍ଧତା ଉପରେ ଗୁରୁତ୍ୱ ଦିଆଯିବ। ୱାର୍ଡଗୁଡ଼ିକରେ ବ୍ଲିଚିଂ ପକାଇବା, ଡ୍ରେନ ସଫେଇ ସହ ୱାର୍ଡ ପରିବେଶର ସ୍ୱଚ୍ଛତା ପାଇଁ ସ୍ୱାସ୍ଥ୍ୟ ବିଭାଗର ସହାୟତାରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି।

● ବିଭିନ୍ନ ହୋଟେଲରେ ଚଢ଼ଉ

### ୭ ଦିନ ପାଇଁ ରାସ୍ତାକଡ଼ ଖାଦ୍ୟ ଷ୍ଟଲ ବନ୍ଦ



ଆନନ୍ଦପୁର: ଆନନ୍ଦପୁର ପୌରପାଳିକା ପକ୍ଷରୁ ବିଭିନ୍ନ ହୋଟେଲ ଜଳଖିଆ ଦୋକାନ ଉପରେ ଚଢ଼ଉ କରାଯାଇଛି। ବାସି ଖାଦ୍ୟ ଫ୍ରିଜର ଫୁଡ ଓ ବ୍ୟବହୃତ ପିଇବା ପାଣିର ନମୁନା ସଂଗ୍ରହ କରାଯାଇଥିବା ବେଳେ ରୋଷେଇ ଘର ବ୍ୟବସ୍ଥା ତଦାରଖ କରାଯାଇଥିବା ସୂଚନା ମିଳିଛି। ଏପରି ବ୍ୟତିକ୍ରମ ପାଇଁ କେତେକ ହୋଟେଲରୁ ପ୍ରାୟ ୬ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ଆନନ୍ଦପୁର ପୌର ଅଧିକାରୀ ଦେବବ୍ରତ ବଳଙ୍କ ନିର୍ଦ୍ଦେଶରେ ପରିମଳ ଅଧିକାରୀ ଭାଗିରଥି ଦାଶ, ଶରତ କୁମାର ନନ୍ଦ, ହରେକୃଷ୍ଣ ପାତ୍ର, କବିନ୍ଦ୍ର ସାହୁ ପ୍ରମୁଖ ଆନନ୍ଦପୁର ଫକୀରପୁର ଶାଳ ପଡା ସୁଦୁସୁଡ଼ିଆ ଖପରାଖାଇ ଘସିପୁରା ଶୈଳଙ୍ଗ ମେଡିକାଲ ରୋଡରେ ଥିବା ଷ୍ଟ୍ରିଟକର୍ଣ୍ଣର ଫୁଡସ୍ଟଲ ଗୁଡିକ ୭ ଦିନ ପାଇଁ ବନ୍ଦ କରିବାକୁ ନୋଟିସ କରିଥିବା ସୂଚନା ମିଳିଛି। ସେହିପରି ଏନଏଚରେ ଥିବା ଢ଼ାବା ଓ ହୋଟେଲଗୁଡିକୁ ସ୍ୱଛତା ରକ୍ଷା କରିବାକୁ ନିର୍ଦ୍ଦେଶ ଦେଇଥିବା ଜଣାଯାଇଛି।

## ଦୁର୍ଘଟଣା ଘଟାଇ ଥାନା ଭିତରକୁ ପଶିଗଲା ଟ୍ରକ୍

### ଫେରାର ମାରିଲା ଚାଳକ; ପୁଲିସ ନିରବଦ୍ରଷ୍ଟା



ମହିଳା ମୃତ , ଦୁଇ ଗୁରୁତର

ତେଲକୋଇ, ୧୭।୬(ସମିସ): କେନ୍ଦୁଝର ଜିଲ୍ଲା କାଞ୍ଜିପାଣି ଥାନା ୪୯ ନମ୍ବର ଜାତୀୟ ରାଜପଥର କାଞ୍ଜିପାଣି ଥାନା ସମ୍ମୁଖରେ ଏକ ଟ୍ରକ୍ ଅଟୋ ଏବଂ ସ୍କୁଟିକୁ ଧକ୍କା ଦେଇ ଥାନା ଭିତରକୁ ପଶି ଯାଇଛି। ଫଳରେ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଦୁଇ ଜଣ ଗୁରୁତର ହୋଇଛନ୍ତି। ମୃତକ ହେଲେ କେନ୍ଦୁଝର ଜିଲ୍ଲା ମଇଦାନକେଲ ଗ୍ରାମର ମେଘନାଦ ବାଘୁଆଙ୍କ ପତ୍ନୀ ତୁଳସୀ (୪୧)। ମେଘନାଦ ବାଘୁଆ ଗୁରୁତର ହୋଇଛନ୍ତି। ଅଟୋରେ ଥିବା ଜଣେ ଯାତ୍ରୀ ମଧ୍ୟ ଗୁରୁତର ହୋଇଛନ୍ତି। ଉଭୟଙ୍କୁ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବା ଜଣାପଡ଼ିଛି। ଦୁର୍ଘଟଣା ପରେ ଟ୍ରକ୍ ଚାଳକ ଫେରାର ହୋଇଥିବା ବେଳେ ପୁଲିସ ଏହାର କୌଣସି ଟେର୍ ପାଇ ପାରିନାହିଁ।

ଏହି ଦୁର୍ଘଟଣା ମଧ୍ୟାହ୍ନ ୧୨ରୁ ଘଟିଥିଲେ ସୁଦ୍ଧା କାଞ୍ଜିପାଣି ପୁଲିସ ପାଖରେ ଗୁରୁତର ଓ ଟ୍ରକ୍ ଚାଳକଙ୍କ ସମ୍ବନ୍ଧରେ କୌଣସି ସୂଚନା ନଥିବା ପୁଲିସର ତତ୍ପରତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଓଡ଼ି ୦୯ ଏମ ୬୬୫୧ ନମ୍ବର ବିଶିଷ୍ଟ ସ୍କୁଟିରେ ମଇଦାନକେଲ ଅଞ୍ଚଳର ମେଘନାଦ ତାଙ୍କ ପତ୍ନୀ ତୁଳସୀ କାଞ୍ଜିପାଣି ଥାନା ସମ୍ମୁଖରେ ଛିଡ଼ା ହୋଇଥିବା ବେଳେ କେନ୍ଦୁଝର ପଟୁ ଓଡ଼ି ୦୯ ଜେଡ୍ ୦୦୩୫ ନମ୍ବର ବିଶିଷ୍ଟ ଏକ ଲୌହପଥର ବୋଝେଇ ଟ୍ରକ୍ ଦୃତ ଗତିରେ ଆସି ସମ୍ମୁଖରେ ଥିବା ଏକ ଅଟୋକୁ ଧକା ଦେଇଥିଲା। ପରେ ସ୍କୁଟି ଓ ପାଖରେ ଛିଡ଼ା ହୋଇଥିବା ତୁଳସୀ ଏବଂ ମେଘନାଦଙ୍କୁ ଧକ୍କା ଦେଇ ଥାନାର ସୁରକ୍ଷା ବାଡ଼ ଭାଙ୍ଗି ଥାନା ଭିତରେ ପଶି ଯାଇଥିଲା। ଘଟଣାସ୍ଥଳରେ ତୁଳସୀଙ୍କ ମୃତ୍ୟୁ ହୋଇଥିବା ବେଳେ ମେଘନାଦ ଓ ଅଟୋରେ ଥିବା ଜଣେ ଯାତ୍ରୀ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ସଙ୍ଗେ ସଙ୍ଗେ ଗୁରୁତରଙ୍କୁ ଉଦ୍ଧାର କରି କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ତେବେ ଥାନା ସମ୍ମୁଖରେ ଦୁର୍ଘଟଣା ଘଟି ଟ୍ରକ୍ ଥାନା ଭିତରକୁ ପଶି ଯାଇଥିବା ବେଳେ କାଞ୍ଜିପାଣି ପୁଲିସ ଦୁର୍ଘଟଣା ଘଟାଇ ଥିବା ଚାଳକକୁ ଧରି ପାରି ନାହିଁ। ପୁଲିସର ଏଭଳି ବେପରୁଆ ନୀତି ଯୋଗୁଁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଅନ୍ୟପଟେ ଥାନା ଭିତରେ ଜବତ ହୋଇ ରହିଥିବା ଅନ୍ୟ କେତେକ ଗାଡ଼ିକୁ ମଧ୍ୟ ଟ୍ରକ ଧକ୍କା ଦେଇ ଚୂର୍ମାର କରି ଦେଇଛି। ଦୁର୍ଘଟଣାଗ୍ରସ୍ତ ସ୍କୁଟି ମଧ୍ୟ ସମ୍ପୂର୍ଣ୍ଣ ଚୂର୍ମାର ହୋଇଯାଇଛି। ପୁଲିସ କେବଳ ମୃତ ଦେହକୁ ଜବତ କରି ତଦନ୍ତ କରୁଥିବା କହିଛି।

## ହାଇୱା ଧକ୍କାରେ ଯୁବକ ମୃତ

ବେଲବାହାଲି,୧୭।୬(ସମିସ): କେନ୍ଦୁଝର ଜିଲ୍ଲା ଘଷିପୁରା ଥାନା ଅନ୍ତର୍ଗତ ରେମାଳ ଛକରେ ଆଜି ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ତ୍ରିନାଥ ସୁଆ ସିଂ ତୁବୁରୀ ପ୍ଲାଣ୍ଟରୁ ଘର ନିକଟସ୍ଥ ରଘୁନାଥପୁର ଫେରୁଥିବା ସମୟରେ ହାଇୱା ସହ ବାଇକ ଦୁର୍ଘଟଣା ହୋଇଥିଲା। ଫଳରେ ବାଇକ ଆରୋହୀ ଜଣକ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବା ସୂଚନା ମିଳିଛି। ଘଷିପୁରା ପୁଲିସ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛି।

## ପାଟଣା: ୧୦ ଡାଇରିଆ ଆକ୍ରାନ୍ତ

ତୁରୁମୁଙ୍ଗା, ୧୭।୬(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଅଞ୍ଚଳରେ ୧୦ ଜଣ ହଇଜାରେ ଆକ୍ରାନ୍ତ ହୋଇଛନ୍ତି। ସୋମବାର ତୋଣ୍ଡ, ବାରିଗାଁ ବଡ଼ଗମ୍ଭରିଆ, ମହିଷାମୁଣ୍ଡି ଗ୍ରାମର ୨ ଜଣ ପୁରୁଷ ଓ ୨ ଜଣ ମହିଳା ଆକ୍ରାନ୍ତ ହୋଇ ପାଟଣା ମେଡିକାଲରେ ଭର୍ତ୍ତି ହୋଇଥିବା ବେଳେ ସୋମବାର ଭୋଲବେଡା, ଚୁଟିଆପଶି କେନ୍ଦୁଯୋଡ଼ା ସୋରାସପଶି ଗ୍ରାମର ୩ ଜଣ ପୁରୁଷ ୩ ମହିଳା ଆକ୍ରାନ୍ତ ହୋଇ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ସମସ୍ତେ ବର୍ତ୍ତମାନ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଲୋକଙ୍କୁ ସଚେତନ କରାଯାଉଥିବା ବେଳେ ଖାଦ୍ୟକୁ ଢାଙ୍କିବାକୁ ଅନୁରୋଧ କରାଯାଇଛି। ଏବେ ବର୍ଷା ଦିନ ଯୋଗୁଁ ଲୋକେ ଦୂଷିତ ପାଣି ପିଉଛନ୍ତି। ଜଳ ପରିମଳ ବିଭାଗ ପକ୍ଷରୁ ନଳକୂପଗୁଡିକ ସଫା କରା ଯାଉ ନଥିବା ବେଳେ ବ୍ଲିଚିଂ ପାଉଡର ପକା ଯାଉ ନଥିବାରୁ ଲୋକେ ବିଭିନ୍ନ ରୋଗରେ ପଡୁଥିବା ଅଭିଯୋଗ ହୋଇଛି।

## ଶାନ୍ତିଶୃଙ୍ଖଳାରେ ରଜବତୀଙ୍କୁ ସେଣ୍ଡକାପବାସୀ ଦେଲେ ମେଲାଣି

କେନ୍ଦୁଝରସଦର,୧୭।୬(ସମିସ): କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ଗୋବର୍ଦ୍ଧନ ପଞ୍ଚାୟତ ସେଣ୍ଡକାପ ଗ୍ରାମ ପୋଇତୋଟାଠାରେ ଆୟୋଜିତ ରଜ ମହୋତ୍ସବ ଖିଳି ପାନ, ଖେଳ କୁଦ ନାଚଗୀତ ଓ ଦୋଳି ଖେଳରେ ରଜ ପର୍ବ ଖୁବ ଧୁମଧାମରେ ପାଳିତ ହୋଇଛି। ଏହି ବର୍ଷ ଅଞ୍ଚଳର ବରିଷ୍ଠ ସମାଜସେବୀ ଓ ଉତ୍ସବର ମୁଖ୍ୟ ପରାମର୍ଶଦାତା ରସାନନ୍ଦ ଘଣାଙ୍କ ଉଦ୍ୟମରେ ୧୩ରୁ ୧୭ ତାରିଖ ପର୍ଯ୍ୟନ୍ତ ଉତ୍ସବ ଚାଲିଥିଲା। ପାଣିବୁହା, ପହିଲି ରଜ, ରଜ ସଂକ୍ରାନ୍ତି, ଭୂଦାନ, ଅଣସର ପଞ୍ଚମୀ, ବସୁମତୀ ସ୍ନାନ ଓ ରଜବତୀ ବିଦାୟ କାର୍ଯ୍ୟକ୍ରମ ଆଦି ଅନୁଷ୍ଠିତ ହୋଇଥିଲା। ଖାଇ ଦଳି ଓ ବିଭିନ୍ନ ଦଳି କାରିଗର ଉପେନ୍ଦ୍ର ନାଏକ, ବାଙ୍କୁ ନାଏକ, ବୁଦ୍ଧିଆ ନାଏକ, ରଘୁନାଥ ନାଏକ, ନୁଟା ନାଏକ ପ୍ରମୁଖଙ୍କ ଦ୍ୱାରା ନିର୍ମାଣ କରାଯାଇଥିଲା। ପ୍ରତେକ ଦିନ ଆଖପାଖ ଅଞ୍ଚଳ ତଥା ପଡୋଶୀ ଜିଲ୍ଲା ମୟୂରଭଞ୍ଜ, ଦେବଗଡ, ସୁନ୍ଦରଗଡ଼ ଓ ପଡ଼ୋଶୀ ରାଜ୍ୟ ଝାଡଖଣ୍ଡ ଆଦି ଦୂର ଅଞ୍ଚଳରୁ ହଜାର ହଜାର ସଂସ୍କୃତିପ୍ରେମୀ ଓ ପରମ୍ପରାକୁ ଭଲ ପାଉଥିବା ମା ଭଉଣୀ, ମହିଳା, ପୁରୁଷ ଏବଂ କିଶୋର ଓ କିଶୋରୀମାନେ ବିଭିନ୍ନ ଖେଳ କୁଦ ପ୍ରତିଯୋଗିତାରେ ଭାଗ ନେବା ସହ ଦୋଳିର ମଜା ନେଇ ଆନନ୍ଦ ଉଠାଇଥିଲେ। ରଜ ଶେଷ ଦିନରେ ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ରଜ ମହୋତ୍ସବ କମିଟି ତରଫରୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଅତ୍ୟାଧୁନିକ ଲାଇଟ ସାଉଣ୍ଡ ଓ ଦୁର୍ଗା ଶ୍ରୀ ଶିଂଘ ବାଦ୍ୟ ଯନ୍ତ୍ର ଓ ବାଣ ଫୁଟାଇ ମା ଭଉଣୀ ମହିଳାମାନେ ନୃତ୍ୟ ପ୍ରଦର୍ଶନ କରିବା ସହ ଗ୍ରାମ ପରିକ୍ରମା କରି ଗାଁ ମୁଣ୍ଡରେ ରଜବତୀଙ୍କୁ ମେଲାଣି ଦେଇଥିଲେ। ଶାନ୍ତିଶୃଙ୍ଖଳା ସହ ଶେଷ ହୋଇଥିବାରୁ ରଜ ମହୋତ୍ସବ କମିଟି ଓ ସେଣ୍ଡକାପ ଗ୍ରାମବାସୀ ସମସ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ମଦ ଓ ବାଇକ ଜବତ; ଯୁବକ ଗିରଫ

କରଞ୍ଜିଆ, ୧୭।୬(ସମିସ): କରଞ୍ଜିଆ ଅବକାରୀ ବିଭାଗ ପକ୍ଷରୁ ରାମଚନ୍ଦ୍ରପୁର ଗ୍ରାମରେ ଚଢଉ କରି ୪୦ ଲିଟର ମହୁଲି ମଦ ଓ ବାଇକ ଜବତ କରିବା ସହିତ ଜଣକୁ ଗିରଫ କରାଯାଇଛି। ଅବକାରୀ ଥାନା ଅଧିକାରୀ ସଞ୍ଜୟ କାଣ୍ଡି ଓ କରଞ୍ଜିଆ ଅବକାରୀ ଥାନା ଓଆଇସି ରଶ୍ମିରଂଜନ ନାୟକଙ୍କ ନେତୃତ୍ୱରେ ରାମଚନ୍ଦ୍ରପୁର ଗ୍ରାମର ରାଜେନ୍ଦ୍ର ପୂର୍ତ୍ତି (୪୮)ଙ୍କ ଘରେ ଚଢଉକରି ୪୦ ଲିଟର ମହୁଲି ମଦ ଏବଂ ଗୋଟିଏ ବାଇକକୁ ଜବତ କରିଛନ୍ତି। ଅଭିଯୁକ୍ତକୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିବା କରଞ୍ଜିଆ ଅବକାରୀ ଓଆଇସି ରଶ୍ମିରଂଜନ ନାୟକ ସୂଚନା ଦେଇଛନ୍ତି।

## ବନକର୍ମଚାରୀଙ୍କ କଳାବ୍ୟାଜ ପରିଧାନ

ବେତନଟୀ,୧୭।୬(ସମିସ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ରେଞ୍ଜରେ କାର୍ଯ୍ୟରତ ବନରକ୍ଷୀଙ୍କୁ ଗୁଳିକରି ନିର୍ମମଭାବେ ହତ୍ୟା କରାଯିବା ଘଟଣାକୁ ନେଇ ରାଜ୍ୟବ୍ୟାପୀ ଓଡିଶା ଅଣ ଗେଜେଟେଡ ବନସେବା ସଂଘ ପକ୍ଷରୁ ଦିଆଯାଇଥିବା କାର୍ଯ୍ୟବନ୍ଦ ଆନ୍ଦୋଳନ ପରିପ୍ରେକ୍ଷୀରେ ମଙ୍ଗଳବାର ବେତନଟୀ ରେଞ୍ଜରେ କାର୍ଯ୍ୟରତ ବନପାଳ ଏବଂ ବନରକ୍ଷୀ ସମୂହ କଳାବ୍ୟାଜ ପିନ୍ଧି ପ୍ରତିବାଦ ପୂର୍ବକ ସମୂହଛୁଟିରେ ରହି କାର୍ଯ୍ୟବନ୍ଦ ଆନ୍ଦୋଳନରେ ସାମିଲ ହେବାକୁ ଦାବିପତ୍ର ଦେଇଛନ୍ତି। ଗତମାସ ୨୪ତାରିଖରେ ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ରେଞ୍ଜରେ କାର୍ଯ୍ୟରତ ବନରକ୍ଷୀ ପ୍ରହ୍ଲାଦ ପ୍ରଧାନଙ୍କୁ ଗୁଳିକରି ହତ୍ୟାକରାଯିବା ଘଟଣାରେ ଓଡିଶା ଅଣଗେଜେଟେଡ ବନସେବା ସଂଘ ପ୍ରତିକ୍ରିୟାଶୀଳ ହୋଇଉଠିଥିବା ବେଳେ ଜରୁରୀ ବୈଠକର ଆୟୋଜନ ପୂର୍ବକ ସ୍ଥିରୀକୃତ ନିଷ୍ପତ୍ତି ପୂର୍ବକ ୩ଗୋଟି ପ୍ରମୁଖ ଦାବି ସରକାରଙ୍କ ନିକଟରେ ଉପସ୍ଥାପନ କରିଥିଲେ। ଧାର୍ଯ୍ୟ ସମୟ ମଧ୍ୟରେ ଦାବି ପୂରଣ ନ ହେଲେ କଳାବ୍ୟାଜ ପିନ୍ଧି ପ୍ରତିବାଦ ପୂର୍ବକ ଆସନ୍ତା ୨୨ତାରିଖରୁ ସମୂହ ଛୁଟିରେ ରହି ସର୍କଲସ୍ତରରେ ଶାନ୍ତିପୂର୍ଣ୍ଣ ଧାରଣାରେ ସାମିଲ ହେବାକୁ ଦାବିପତ୍ର ବିଭାଗୀୟ ଅଧିକାରୀଙ୍କୁ ପ୍ରଦାନ କରିଛନ୍ତି।

## ମୋବାଇଲ ଟାୱାରରୁ ଦେଢଲକ୍ଷ ଟଙ୍କାର ଯନ୍ତ୍ରାଂଶ ଚୋରି

ବାରିପଦା, ୧୭।୬(ସମିସ): ପୁଣି ମୋବାଇଲ ଟାୱାରରୁ ଯନ୍ତ୍ରାଂଶ ଚୋରି ନେଇ ଅଭିଯୋଗ ହୋଇଛି। ଏନେଇ ପରିଚାଳନା ସଂସ୍ଥା ପକ୍ଷରୁ କର୍ମଚାରୀ କ୍ରିଷ୍ଣା ମଣ୍ଡଳ ବାରିପଦା ସଦର ଥାନାରେ ଅଭିଯୋଗ କରିଛନ୍ତି। କରଞ୍ଜିଆ ଅଞ୍ଚଳରେ ଥିବା ମୋବାଇଲ ଟାୱାର ସଂସ୍ଥା ପକ୍ଷରୁ ପରିଚାଳନା କରାଯାଉଛି। ତେବେ ଉକ୍ତ ଟାୱାରରେ ସମସ୍ୟା ସୃଷ୍ଟି ହୋଇଥିବାର ଖବର ପାଇ କର୍ମଚାରୀ ଟାୱାର ଯାଞ୍ଚ କରିଥିଲେ। ଟାୱାରର ଯନ୍ତ୍ରାଂଶ ଚୋରି ହୋଇଥିବା ନେଇ ଜାଣିବାକୁ ପାଇଥିଲେ। ଚୋରି ଯନ୍ତ୍ରାଂଶର ମୂଲ୍ୟ ପ୍ରାୟ ଦେଢଲକ୍ଷ ଟଙ୍କା ହେବ ବୋଲି କୁହାଯାଇଛି। ଟାୱାର ପରିଚାଳନା ଦାୟିତ୍ୱରେ ଥିବା କର୍ମଚାରୀ ଚୋରିରେ ସମ୍ପୃକ୍ତି ଥିବା ନେଇ ଥାନାରେ ଅଭିଯୋଗ କରାଯାଇଛି। ଅଭିଯୋଗକ୍ରମେ ପୁଲିସ ତଦନ୍ତ ଆରମ୍ଭ କରିଛି।

## ଛାଞ୍ଚ ଅଞ୍ଚଳରୁ ଟଙ୍କା ଓ ସୁନା ଚୋରି

ବାରିପଦା,୧୭।୬(ସମିସ): ବାରିପଦା ସହରରେ ଚୋରି ଓ ଛିନତାଇ ଗ୍ୟାଙ୍ଗ ସକ୍ରିୟ ଥିବା ବେଳେ ପୁଣି ତାଲାବନ୍ଦ ଘରୁ ଚୋରି କରିଛନ୍ତି। ବାରିପଦା ଟାଉନ ଥାନା ଅନ୍ତର୍ଗତ ଛାଞ୍ଚ ଅଞ୍ଚଳରୁ ଘରୁ ସୁନା ଅଳଙ୍କାର ଓ ଚୋରି ହୋଇଛି। ଏନେଇ କୃଷ୍ଣଚନ୍ଦ୍ର ବିଶ୍ୱାଳ ଥାନାରେ ଅଭିଯୋଗ କରିଛନ୍ତି। ସେ ପରିବାର ଲୋକଙ୍କ ସହ ବାରିପଦା ବାହାରକୁ ଯାଇଥିବା ବେଳେ ଏହାର ସୁଯୋଗ ନେଇ ଦୁର୍ବୃତ୍ତ ମାନେ ଚୋରି କରିଛନ୍ତି। ତାଲାବନ୍ଦ ଘରେ ଦୁର୍ବୃତ୍ତ ପଶି କଳାକନା ବୁଲାଇଥିଲେ। ଆଲମାରୀ ଭାଙ୍ଗି ବିଭିନ୍ନ ସୁନା ଅଳଙ୍କାର ସମେତ ଟଙ୍କା ଚୋରି କରିଛନ୍ତି। ଏ ବାବଦରେ ସେ ଘରକୁ ଫେରି ଜାଣିବା ପରେ ଥାନାରେ ଅଭିଯୋଗ କରିଥିଲେ।

## ଆଚିଭର୍ସ ଗ୍ରୁପ୍ ଅଫ୍ କ୍ଲାସେସର ବାର୍ଷିକ ଉତ୍ସବ




ବାରିପଦା, ୧୭।୬(ସମିସ): ବାରିପଦା ତୁଳସୀଚଉରାଠାରେ ଥିବା 'ଆଚିଭର୍ସ ଗ୍ରୁପ ଅଫ କ୍ଲାସେସ'ର ୯ମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ସତ୍ୟଭାମା କଲେଜର ଅଧ୍ୟାପକ ପୂର୍ଣ୍ଣେନ୍ଦୁ ଶେଖର ପରିଡ଼ା ଯୋଗଦେଇ ଅକ୍ଲାନ୍ତ ପରିଶ୍ରମ ହିଁ ସଫଳତା ଦିଏ ବୋଲି କହିଥିଲେ। ଅନୁଷ୍ଠାନର ନିର୍ଦ୍ଦେଶକ ଯୋଗେଶ୍ୱର ମହାନ୍ତ ମହାପୁରୁଷ ଅବଦୁଲ କଲାମଙ୍କ ଜୀବନୀ ବିଷୟରେ ପିଲାଙ୍କୁ ଉଦବୋଧନ ଦେଇଥିଲେ। ଏହି ଅବସରରେ ଅଧ୍ୟକ୍ଷ ଅମିତ କୁମାର ମହାପାତ୍ର ୪୫ ଦିନର ଗ୍ରୀଷ୍ମ କାଳୀନ ପାଠ୍ୟକ୍ରମ ଭିତରେ ୯୦% ପାଠ୍ୟ ଖସଡ଼ା ସମ୍ପୂର୍ଣ୍ଣ ତଥା ବିଭିନ୍ନ ପ୍ରତିଯୋଗିତା ବିଷୟରେ ଆଲୋକପାତ କରିଥିଲେ। ବିଦ୍ୟାଭୂଷଣ ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇ ପିଲାଙ୍କ ଧୈର୍ଯ୍ୟ, ଶୃଙ୍ଖଳା, ପରିଶ୍ରମ ଓ ସମୟାନୁବର୍ତ୍ତିତାକୁ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମ ଶେଷରେ କୃତୀ ଛାତ୍ରଛାତ୍ରୀଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। କ୍ରିଷ୍ଣା ମହାନ୍ତଙ୍କୁ ଷ୍ଟୁଡେଣ୍ଟ ଅଫ ଦି ଆଚିଭର୍ସପୁରସ୍କାର-୨୦୨୫ରେ ସମ୍ମାନିତ କରାଯାଇଥିଲା।

## ବାରିପଦାରେ ଫଟୋଗ୍ରାଫି କର୍ମଶାଳା




ବାରିପଦା, ୧୭।୬(ସମିସ): କେନନ ଇଣ୍ଡିଆ, ଓଡିଶା ଡିଭିଜନର ଓ ମୟୂରଭଞ୍ଜ ଫଟୋଗ୍ରାଫି ଭିଡିଓଗ୍ରାଫି ଆସୋସିଏସନ ଆନୁକୂଲ୍ୟରେ ବାରିପଦା ଷ୍ଟାଡିୟମ ସମ୍ମିଳନୀ କକ୍ଷରେ ଏକ ଅତ୍ୟାଧୁନିକ ଫଟୋଗ୍ରାଫି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ମୟୂରଭଞ୍ଜ ଫଟୋଗ୍ରାଫି ଭିଡିଓଗ୍ରାଫି ଆସୋସିଏସନର ସଭାପତି ସଂଜୀବ କୁମାର ଦ୍ୱେବେଦୀ କର୍ମଶାଳାକୁ ଉଦଘାଟନ କରିଥିବା ବେଳେ କେନନ ଓଡିଶା ଶାଖାର କିଶୋର ଲେଙ୍କା, ମଜିବୁର ରେହେମନ ଓ କମ୍ପାନୀ ମେଣ୍ଟର ଲଳିତ ରୋହିଦାସ ଉପସ୍ଥିତ ଥିଲେ। ବର୍ତ୍ତମାନ ଏଆଇର ଯୁଗ। କେନନ କମ୍ପାନୀ ଅତ୍ୟାଧୁନିକ ଜ୍ଞାନକୌଶଳକୁ ପ୍ରାଞ୍ଜଳ ଭାବେ ପ୍ରଶିକ୍ଷଣ ଦେଇଥିଲା। ଜିଲ୍ଲାର ବିଭିନ୍ନ ସହର ଓ ଗ୍ରାମାଞ୍ଚଳରୁ ଶତାଧିକ ଫଟୋଗ୍ରାଫର ଯୋଗଦେଇ ଜ୍ଞାନ ଆହରଣ କରିଥିଲେ।

# ରଜ ମହୋତ୍ସବ ଓ ପ୍ରତିଭା ସମ୍ମାନ କାର୍ଯ୍ୟକ୍ରମ ଉଦ୍‌ଯାପିତ



କରଞ୍ଜିଆ, ୧୭।୬(ସମିସ): ନିର୍ଭୟା କ୍ଲବର ତିନିଦିନିଆ ଚତୁର୍ଥ ବାର୍ଷିକ ରଜ ମହୋତ୍ସବ ଓ ରାଜ୍ୟସ୍ତରୀୟ ପ୍ରତିଭା ସମ୍ମାନ କାର୍ଯ୍ୟକ୍ରମ ସୋମବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। କରଞ୍ଜିଆ ବ୍ଲକ ଉଅଁରା ଗ୍ରାମର ହୁଡ଼ିସାହିଠାରେ ଏକ ବର୍ଣ୍ଣାଢ଼୍ୟ ପରିବେଶରେ ରଜ ମହୋତ୍ସବ ଆୟୋଜନ କରାଯାଇଥିଲା। କ୍ଲବ ସଭାପତି କ୍ଷିରମଣି ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବର ପ୍ରଥମ ଦିନରେ ସମ୍ପାଦିକା ସବିତା ନାୟକ, କଳା ବିକାଶ କେନ୍ଦ୍ରର ନାଟ୍ୟ ଗୁରୁ ସିପୁନ ମହାକୁଡ଼, କ୍ଲବର ଅନ୍ୟାନ୍ୟ ସଭ୍ୟାମାନେ ପୁଚି ଖେଳ, ଝୋଟି ପ୍ରତିଯୋଗିତା, କୁଇଜ, ରଜ ଗୀତ, ଚିତ୍ରାଙ୍କନ ଆଦି ଆୟୋଜନ କରାଯାଇଥିଲା। ଏଥିରେ କରଞ୍ଜିଆ ବି.ଡି.ଓ. ପ୍ରଦ୍ୟୁମ୍ନ ନାୟକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ବିଭିନ୍ନ ଅଞ୍ଚଳରୁ ଆସିଥିବା ନୃତ୍ୟ କଳାକାର ନୃତ୍ୟ ପରିବେଷଣ କରିଥିଲେ। ଦ୍ୱିତୀୟ ଦିନ ସନ୍ଧ୍ୟାରେ ରାଜ୍ୟସ୍ତରୀୟ ନାଟ୍ୟ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ଏଥିରେ ବିଭିନ୍ନ ପ୍ରାନ୍ତରରୁ ୪୫ଟି ନୃତ୍ୟ ଦଳ ଭାଗ ନେଇଥିଲେ। ଏହି ଅବସରରେ ଅନୁଷ୍ଠିତ ଏକ ସାଧାରଣ ସଭାରେ ପାଞ୍ଚପୀର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଦିଲୀପ କୁମାର ପୃଷ୍ଟି ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ସମାଜସେବୀ ରାଜେଶ କୁମାର ରଣା, ସିନେ କଳାକାର ଯାଜ୍ଞସେନୀ ସ୍ୱାଇଁ ଯୋଗଦେଇ ମୟୂରଭଞ୍ଜର କଳା, ସଂସ୍କୃତିକୁ ପ୍ରଶଂସା କରିଥିଲେ। ଏହି ଅବସରରେ ବହୁ କଳାକାରଙ୍କୁ ସମ୍ମାନିତ କରାଯାଇଥିଲା।

ସଭାପତି କ୍ଷିରମଣି ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ କରଞ୍ଜିଆ ଏସ.ଡି.ପି.ଓ ନବକୃଷ୍ଣ ନାୟକ ଯୋଗଦେଇଥିଲେ। ମୁଖ୍ୟ ବକ୍ତା ଭାବେ ବ୍ଲକ ଶିକ୍ଷା ଅଧିକାରୀ ଚାରୁ ନାୟକ, ସମ୍ମାନିତ ଅତିଥି ଭାବେ ପ୍ରଧାନ ଶିକ୍ଷୟିତ୍ରୀ ହେମଲତା ପତ୍ର, ବରିଷ୍ଠ ସାମ୍ବାଦିକ ଉମାଶଙ୍କର ଦାସ ଯୋଗ ଦେଇ ଗ୍ରାମରେ ନିର୍ଭୟା କ୍ଲବ କିପରି ସମାଜରୁ ଅନ୍ଧବିଶ୍ୱାସ, କୁସଂସ୍କାର ନିଶାମୁକ୍ତ ସମାଜ ଗଠନ, ଶିକ୍ଷପ୍ରତି ପିଲାଳାମାନଙ୍କ ମଧ୍ୟରେ ଆଗ୍ରହ ସୃଷ୍ଟି କରିଛି ସେ ନେଇ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମକୁ ଶଶିକାନ୍ତ ମହାରଣା ଓ ସୌମ୍ୟଶ୍ରୀ ଚାଟାର୍ଜୀ ପରିଚାଳନା କରିଥିଲେ। ସନ୍ଧ୍ୟାରେ ନାଚ ଗୀତ ସଂଗୀତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

**ମୁଦ୍ରା ବିନିମୟ ମୂଲ୍ୟ**

ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୬.୭୫ ● ପାଉଣ୍ଡ ୧୧୬.୮୨
- ୟୁରୋ ୯୯.୮୯ ● ୟେନ୍ ୦.୫୯

**ସୁନା, ରୁପା ଦର (ଟଙ୍କାରେ)**

୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୯୨,୦୦୦ (ଭୁବନେଶ୍ୱର)
- ରୁପା : ୧,୧୧,୭୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୧,୫୮୩.୦୦
- ନିଫ୍ଟି ୨୪,୮୫୩.୦୦

**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦

# ଟ୍ରମ୍ପଙ୍କ ଘୋଷଣା: ଔଷଧ ସାମଗ୍ରୀ ଉପରେ ଲଗାଇବେ ଶୁଳ୍କ

ନୂଆଦିଲ୍ଲୀ,୧୭।୬(ଏଜେନ୍ସି)



ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବେ ଔଷଧ ସାମଗ୍ରୀ ଉପରେ ଶୁଳ୍କ ଲାଗୁ କରିବାକୁ ଯାଉଛନ୍ତି। ଟ୍ରମ୍ପଙ୍କ ଏହି ଘୋଷଣା ପରେ ଭାରତୀୟ ଫାର୍ମା କମ୍ପାନୀଗୁଡ଼ିକର ସେୟାର ମଙ୍ଗଳବାର ୪% ପର୍ଯ୍ୟନ୍ତ ହ୍ରାସ ପାଇଛି। ଟ୍ରମ୍ପ କହିଛନ୍ତି ଯେ ସେ ଖୁବ୍ ଶୀଘ୍ର ଔଷଧ ଆମଦାନୀ ଉପରେ ଭାରି ଶୁଳ୍କ ଲାଗୁ କରିବାକୁ ଯାଉଛନ୍ତି। ଏହି ବିବୃତ୍ତି ପରେ ନିଫ୍ଟି ଫାର୍ମା ସୂଚକାଙ୍କ ୨% ହ୍ରାସ ପାଇ ୨୧,୬୦୦ ପଏଣ୍ଟ ସ୍ତରରେ ପହଞ୍ଚିଛି।

ଭାରତ ପ୍ରତିବର୍ଷ ୧୦ ବିଲିୟନ ଡଲାର (ପ୍ରାୟ ୮୬,୨୦୦ କୋଟି ଟଙ୍କା) ମୂଲ୍ୟର ଔଷଧ ଆମେରିକାକୁ ରପ୍ତାନି କରିଥାଏ, ଯାହା ଆମେରିକାର ମୋଟ ଔଷଧ ଆମଦାନୀର ୬%। ପୂର୍ବରୁ ଏପ୍ରିଲରେ ଟ୍ରମ୍ପ ଫାର୍ମା ଉପରେ ଶୁଳ୍କ ଲାଗୁ ବିଷୟରେ କହିଥିଲେ, କିନ୍ତୁ ପରେ ଏହାକୁ ୯୦ଦିନ ପାଇଁ ସ୍ଥଗିତ ରଖିଥିଲେ। ଏବେ ପୁଣି ଶୁଳ୍କ ହେଉଥିବା ନେଇ ବିବୃତ୍ତି ଦେବା ବଜାରରେ ଅନିଶ୍ଚିତତା ବୃଦ୍ଧି କରିଛି। ବିଶେଷଜ୍ଞମାନେ କହିଛନ୍ତି ଯେ ଯଦି ଔଷଧ ଶୁଳ୍କ ଲଗାଯାଏ, ତେବେ ଏହା ଭାରତୀୟ ଔଷଧ କମ୍ପାନୀଗୁଡ଼ିକର ଆୟ ଉପରେ ବଡ଼ ପ୍ରଭାବ ପକାଇପାରେ। କାରଣ ସେମାନଙ୍କ ଆୟର ଏକ ବଡ଼ ଅଂଶ ଆମେରିକାରୁ ଆସିଥାଏ। ଟ୍ରମ୍ପଙ୍କ ଔଷଧ ସାମଗ୍ରୀ ଉପରେ ଶୁଳ୍କ ଲାଗୁ ପରେ ଗ୍ରାନୁଏଲ୍ସ ଇଣ୍ଡିଆ, ଲୁପିନ୍, ନାଟ୍‌କୋଫାର୍ମ ଏବଂ ଅରବିନ୍ଦ ଫାର୍ମାର ସେୟାର ମୂଲ୍ୟରେ ସର୍ବାଧିକ ୪% ହ୍ରାସ ପାଇଛି। ଲୌରସ୍ ଲ୍ୟାବ୍ସ ଏବଂ ଡକ୍ଟର ରେଡ୍ଡିଜ୍ ଲ୍ୟାବ୍ସର ସେୟାର ମଧ୍ୟ ୩% ରୁ ଅଧିକ ହ୍ରାସ ପାଇଛି। ସନ୍ ଫାର୍ମା, ସିପ୍ଲା, ଗ୍ଲେନମାର୍କ ଏବଂ ନାଟକୋ ଫାର୍ମା ଭଳି ବଡ଼ ନାମ ମଧ୍ୟ ୨-୨.୬% ହ୍ରାସ ପାଇଛି। ଟ୍ରମ୍ପ କହିଛନ୍ତି ଯେ ବିଦେଶୀ ଦେଶ, ବିଶେଷକରି ଭାରତ ଏବଂ ଚୀନରୁ ଆସୁଥିବା ଶସ୍ତା ଔଷଧ ଯୋଗୁଁ ଆମେରିକା ଔଷଧ ଶିଳ୍ପ ଦୁର୍ବଳ ହେଉଛି। ତାଙ୍କର ଲକ୍ଷ୍ୟ ହେଉଛି ବିଦେଶୀ କମ୍ପାନୀଗୁଡ଼ିକ ଆମେରିକାରେ ସେମାନଙ୍କର କାରଖାନା ସ୍ଥାପନ କରନ୍ତୁ, ଯାହା ଦ୍ୱାରା ଚାକିରି ବୃଦ୍ଧି ପାଇବ ଏବଂ ଔଷଧ ଉତ୍ପାଦନ ସ୍ୱାବଲମ୍ବୀ ହେବ। କିନ୍ତୁ ଟ୍ରମ୍ପ ପୂର୍ବରୁ ବୟାନ ଦେଇଛନ୍ତି ଯେ ସେ ଏତେ ଉଚ୍ଚ ଶୁଳ୍କ ଲାଗୁ କରିବେ ଯେ କମ୍ପାନୀଗୁଡ଼ିକ ପାଇଁ ଆମେରିକାରେ ୟୁନିଟ୍ ସ୍ଥାପନ କରିବା ଶସ୍ତା ହେବ। କିଛି ରିପୋର୍ଟରେ ଅନୁମାନ କରାଯାଇଛି ଯେ ଏହି ଶୁଳ୍କ ୧୦% ରୁ ୨୫% ମଧ୍ୟରେ ହୋଇପାରେ। ତଥାପି, ଏ ନେଇ ସରକାରୀ ଘୋଷଣାକୁ ଅପେକ୍ଷା କରାଯାଇଛି।

## ଖସିଲା ଫାର୍ମା କମ୍ପାନୀ ସେୟାର
## କ୍ଷତି ସହିବେ ଭାରତୀୟ ଔଷଧ କମ୍ପାନୀ

ସୂଚନାଯୋଗ୍ୟ ଯେ, ଭାରତ ଆମେରିକାକୁ ଏକ ବଡ଼ ଔଷଧ ଯୋଗାଣକାରୀ। ଏଠାରୁ ଶସ୍ତା ଜେନେରିକ୍ ଔଷଧ ଆମେରିକାକୁ ଯାଏ, ଯାହା ସେଠାକାର ଲୋକଙ୍କୁ ସୁଲଭ ମୂଲ୍ୟରେ ଉପଲବ୍ଧ ହୋଇଥାଏ। ଯଦି ଶୁଳ୍କ ଲାଗୁ ହୁଏ, ତେବେ ଏହି ଔଷଧର ମୂଲ୍ୟ ବୃଦ୍ଧି ପାଇବ। ଏତାଛଡା ଫାର୍ମା କମ୍ପାନୀଙ୍କ ବିକ୍ରି ହ୍ରାସ ମଧ୍ୟ ପାଇବ। ଏଥିଯୋଗୁ ସନ୍ ଫାର୍ମା, ଡକ୍ଟର ରେଡ୍ଡିଜ୍ ଏବଂ ଅରବିନ୍ଦ ଫାର୍ମା ଭଳି ଭାରତୀୟ କମ୍ପାନୀଗୁଡ଼ିକ ମଧ୍ୟ ପ୍ରଭାବିତ ହେବେ। ବିଶେଷଜ୍ଞମାନେ କହିଛନ୍ତି ଯେ ଏହା ଏହି କମ୍ପାନୀଗୁଡ଼ିକର ସେୟାରରେ ଆହୁରି ହ୍ରାସ ଘଟାଇପାରେ। ହେଲେ ଭାରତ ସରକାର ଏହି ପ୍ରସଙ୍ଗରେ ସତର୍କ। ରିପୋର୍ଟ ଅନୁଯାୟୀ, ଭାରତ ବାଣିଜ୍ୟ ଚୁକ୍ତି ପୂର୍ବରୁ ଆମେରିକାଠାରୁ ପ୍ରତିଶ୍ରୁତି ମାଗିଛି ଯେ କୌଣସି ନୂତନ ଶୁଳ୍କ ଲାଗୁ କରାଯିବନାହିଁ। ଜୁଲାଇ ୯ ସୁଦ୍ଧା ବାଣିଜ୍ୟ ଚୁକ୍ତିକୁ ଚୂଡ଼ାନ୍ତ କରିବା ପାଇଁ ପ୍ରୟାସ କରାଯାଉଛି, ଯାହା ଦ୍ୱାରା ଭାରତର ଔଷଧ ଶିଳ୍ପକୁ କ୍ଷତିରୁ ରକ୍ଷା ପାଇପାରିବ। ବୈଦେଶିକ ମନ୍ତ୍ରୀ ଏସ. ଜୟଶଙ୍କର ମଧ୍ୟ ଟ୍ରମ୍ପଙ୍କ ଅନିଶ୍ଚିତ ମନୋଭାବକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି। ଆହୁରିମଧ୍ୟ ଯଦି ଔଷଧ ଉପରେ ଶୁଳ୍କ ଲଗାଯାଏ, ତେବେ ଆମେରିକାରେ ଔଷଧର ମୂଲ୍ୟ ବୃଦ୍ଧି ଘଟାଇବ। ଏହା ସେଠାକାର ରୋଗୀମାନଙ୍କ ପାଇଁ ସମସ୍ୟା ସୃଷ୍ଟି କରିବ। ଭାରତରେ ଔଷଧ କମ୍ପାନୀଗୁଡ଼ିକ ମଧ୍ୟ କ୍ଷତି ସହିପାରନ୍ତି, ଯାହା ରପ୍ତାନି ହ୍ରାସ କରିପାରେ। ଯଦି ଭାରତ ଏବଂ ଆମେରିକା ମଧ୍ୟରେ ସଠିକ୍ ଚୁକ୍ତି ହୁଏ, ତେବେ ଏହି ପ୍ରଭାବ ହ୍ରାସ ହୋଇପାରେ।

# ସ୍ଥାୟୀ ଜମା ସୁଧ ହାର କମାଇଲା ଷ୍ଟେଟ୍ ବ୍ୟାଙ୍କ

ନୂଆଦିଲ୍ଲୀ,୧୭।୬(ଏଜେନ୍ସି): ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଏହାର ରେପୋ ହାର ୦.୫୦ ପ୍ରତିଶତ ହ୍ରାସ କରିବା ପରେ, ବ୍ୟାଙ୍କଗୁଡ଼ିକ ଏବେ ଋଣ ଏବଂ ସ୍ଥାୟୀ ଜମା ବା ଏଫଡି ଉପରେ ସୁଧ ହାର ହ୍ରାସ କରୁଛନ୍ତି। ଦେଶର ସବୁଠାରୁ ବଡ଼ ବ୍ୟାଙ୍କ ଭାରତୀୟ ଷ୍ଟେଟ ବ୍ୟାଙ୍କ (ଏସ୍‌ବିଆଇ) ମଧ୍ୟ ଏବେ ଏଫଡି ଉପରେ ସୁଧ ହାର ହ୍ରାସ କରିଛି। ବ୍ୟାଙ୍କ ଏହାର ସମସ୍ତ ଏଫଡି ଉପରେ ସୁଧ ହାରକୁ ୦.୧୫ ପ୍ରତିଶତରୁ ୦.୨୫ ପ୍ରତିଶତ ହ୍ରାସ କରିଛି। କେବଳ ଏତିକି ନୁହେଁ, ବ୍ୟାଙ୍କ ଏହାର ୪୪୪ ଦିନର ସ୍ୱତନ୍ତ୍ର ଏଫ୍‌ଡି, ଅମୃତ ବୃଷ୍ଟି ଉପରେ ମଧ୍ୟ ୦.୨୫ ପ୍ରତିଶତ ସୁଧ ହ୍ରାସ କରିଛି। ଏସବିଆଇର ନୂତନ ସୁଧ ହାର ଚଳିତମାସ ୧୫ ତାରିଖରୁ ଲାଗୁ ହୋଇଛି। ଏସବିଆଇ ଏପ୍ରିଲ ଏବଂ ୨୦୨୫ ମେ' ମାସରେ ମଧ୍ୟ ଏଫଡି ସୁଧ ହାର ହ୍ରାସ କରିଥିଲା। ୨୦୨୫ ମେ' ୧୬ ରେ ବ୍ୟାଙ୍କ ଏଫଡି ହାରରେ ୨୦ ବେସିସ୍ ପଏଣ୍ଟ ଅର୍ଥାତ୍ ସମସ୍ତ ଅବଧି ପାଇଁ ୦.୨୦ ପ୍ରତିଶତ ହ୍ରାସ କରିଥିଲା। ଏବେ ମାତ୍ର ଗୋଟିଏ ମାସ ପରେ ବ୍ୟାଙ୍କ ସୁଧ ହାରରେ ୦.୨୫ ପ୍ରତିଶତ ହ୍ରାସ କରିଛି। ବିଶେଷ କଥା ହେଉଛି ଏଥର ଅମୃତ ବୃଷ୍ଟି ଉପରେ ସୁଧ ମଧ୍ୟ ହ୍ରାସ କରାଯାଇଛି। ଅମୃତ ବୃଷ୍ଟି ଏଫଡି ଯୋଜନା ହେଉଛି ୪୪୪ ଦିନର ଏକ ସ୍ୱତନ୍ତ୍ର ଏଫ୍‌ଡି। ବ୍ୟାଙ୍କ ଏହା ଉପରେ ସୁଧ ହରକୁ ୬.୮୫ ପ୍ରତିଶତରୁ ୬.୬୦ ପ୍ରତିଶତକୁ ହ୍ରାସ କରିଛି। ଅପରପକ୍ଷେ ଏହି ଏଫଡି ଉପରେ ବ୍ୟାଙ୍କ ବରିଷ୍ଠ ନାଗରିକମାନଙ୍କୁ ୭.୧୦ ପ୍ରତିଶତ ସୁଧ ମିଳିବ। ସୂଚନାଯୋଗ୍ୟ ଏସବିଆଇ ୭ ଦିନରୁ ୧୦ ବର୍ଷ ପର୍ଯ୍ୟନ୍ତ ଏଫଡି ପ୍ରଦାନ କରୁଛି। ବ୍ୟାଙ୍କ ୫ ରୁ ୧୦ ଦିନର ଏଫଡି ଉପରେ ବରିଷ୍ଠ ନାଗରିକମାନଙ୍କୁ ସର୍ବାଧିକ ସୁଧ ଦେଉଛି। ଏହି ଏଫଡି ଉପରେ ସୁଧ ୭.୩୦ ପ୍ରତିଶତ। ଏଥର ଏସବିଆଇ ଏହାର ସମସ୍ତ ଅବଧିର ଏଫଡି ଉପରେ ସୁଧକୁ ୦.୧୫ ପ୍ରତିଶତରୁ ୦.୨୫ ପ୍ରତିଶତକୁ ହ୍ରାସ କରିଛି।



# ପିଜି ଡାକ୍ତରଙ୍କ ପାଇଁ ଅଜିମ୍ ପ୍ରେମ୍‌ଜୀ ହେଲ୍‌ଥ ଇକ୍ୱିଟି ଫେଲୋସିପ୍

ଭୁବନେଶ୍ୱର,୧୭।୬୭(ସମିସ)

ଅଜିମ ପ୍ରେମଜୀ ଫାଉଣ୍ଡେସନ ସ୍ନାତକୋତର ଡାକ୍ତର (ପିଜି) ମାନଙ୍କ ନିମନ୍ତେ ୧୮ ମାସର ନିମଗ୍ନକାରୀ ଶିକ୍ଷଣ ଅଭିଜ୍ଞତା ହାସଲ କରିବାକୁ 'ଅଜିମ ପ୍ରେମଜୀ ହେଲ୍‌ଥ ଇକ୍ୱିଟି ଫେଲୋସିପ' ପ୍ରଦାନ ସମ୍ପର୍କରେ ଘୋଷଣା କରାଯାଇଛି। ଏହି ଫେଲୋସିପ ଅଜିମ ପ୍ରେମଜୀ ଫାଉଣ୍ଡେସନ ଏବଂ ଦେଶର ବିଭିନ୍ନ ଭାଗରେ ଅବସ୍ଥିତ ୧୧ଟି ସମ୍ମାନଜନକ ସ୍ୱାସ୍ଥ୍ୟ ପ୍ରତିଷ୍ଠାନର ଏକ ସମ୍ମିଳିତ ପ୍ରୟାସ ହୋଇଛି। ଏହି କାର୍ଯ୍ୟକ୍ରମର ଅଂଶ ଭାବରେ ଫେଲୋମାନଙ୍କୁ ଗ୍ରାମାଞ୍ଚଳରେ ରୋଗୀମାନଙ୍କ ସହିତ ଫଳପ୍ରଦ ଭାବରେ କାମ କରିବାର ଅନୁଭବ ସହିତ ଶିଖିବାର ସୁଯୋଗ ମିଳିବ। ବରିଷ୍ଠ ଡାକ୍ତରମାନଙ୍କ ଦ୍ୱାରା ବହୁବିଧ ରୋଗ ଚିକିତ୍ସା ଓ ମାର୍ଗଦର୍ଶନ ସେମାନଙ୍କୁ ସଫଳ ଚିକିତ୍ସା କୌଶଳ ଏବଂ ଗୋଷ୍ଠୀ ଅନୁଭୂତି ହାସଲ କରିବାରେ ଏହା ସୁଯୋଗ ପ୍ରଦାନ କରିବ। ଏହି ଫେଲୋସିପରେ ଯୋଗଦାନ କରି ଫେଲୋମାନେ ସ୍ୱାସ୍ଥ୍ୟସେବା ଯୋଗାଣର ସମ୍ମୁଖ ଭାଗରେ କାର୍ଯ୍ୟ କରିବାର କ୍ଷେତ୍ରସ୍ତରୀୟ ବହୁମୂଲ୍ୟ ଅନୁଭୂତି ଲାଭ କରିବେ। ସ୍ୱାସ୍ଥ୍ୟ ସୁବିଧାଗୁଡିକ ଆବଶ୍ୟକତା ମୁତାବକ ଉପଲବ୍ଧ କରାଇବା ଏବଂ ଲୋକଙ୍କ ନିକଟରେ ପହଞ୍ଚାଇବା ରାସ୍ତାରେ ରହୁଥିବା ଚାଲେଞ୍ଜଗୁଡିକୁ ବୁଝିପାରିବେ। ସ୍ୱାସ୍ଥ୍ୟ କ୍ଷେତ୍ରରେ ଆସିବାକୁ ଥିବା ବହୁବିଧ ଚାଲେଞ୍ଜର ମୁକାବିଲା ଓ ସମାଧାନ ଶିଖିବା ଅବସରରେ ଏହି କ୍ଷେତ୍ରର ଅନୁଭବୀ ଲୋକ ଏବଂ ଜନସମୁଦାୟଙ୍କ ସହିତ ମିଳିତ ଭାବରେ କାମ କରିବା ଶିକ୍ଷାଲାଭ କରିପାରିବେ। ସ୍ୱାସ୍ଥ୍ୟ କ୍ଷେତ୍ରରେ ସ୍ଥାୟୀ ପରିବର୍ତ୍ତନ ଆଣିବା ନିମନ୍ତେ କାର୍ଯ୍ୟ କରୁଥିବା ଲୋକଙ୍କ ସହିତ ଯୋଡିହେବେ।

# ସବୁ ରେକର୍ଡ ଭାଙ୍ଗିଲା ରୁପା ଦର: ଭୁବନେଶ୍ୱରରେ ଦର ୧.୧୧ ଲକ୍ଷ ଟପିଲା

ନୂଆଦିଲ୍ଲୀ, ୯।୬(ଏଜେନ୍ସି)

ଦେଶରେ ହୁ ହୁ ହୋଇ ବଢ଼ିବାରେ ଲାଗିଛି ସୁନା ଓ ରୁପା ଦର। ମାତ୍ର କିଛି ଦିନର ବ୍ୟବଧାନ ପରେ ଦେଶରେ ସୁନା ଓ ରୁପା ଦର ପୁଣି ଥରେ ବଢ଼ିଛି। ସୁନା ଦର ୧୦ ଗ୍ରାମ ପିଛା ୧ ଲକ୍ଷ ଟଙ୍କା ଉପରକୁ ଉଠିଥିବାବେଳେ ରୁପା ମୂଲ୍ୟ ମଧ୍ୟ ଲକ୍ଷେ ଟଙ୍କା ଉପରକୁ ଯାଇ ନୂଆ ରେକର୍ଡ କରିଛି। ଏଥିରେ ସୁନା ମୂଲ୍ୟକୁ ରୁପା ଦର ଟପିଯାଇଛି। ଯାହାଫଳରେ ଆଜି ଘରୋଇ ବଜାରରେ ରୁପା କିଲୋ ପିଛା ୧.୦୭ଲକ୍ଷ ଟଙ୍କା ସ୍ତର ଅତିକ୍ରମ କରିଛି। ଅପରପକ୍ଷେ ରାଜଧାନୀ ଭୁବନେଶ୍ୱରରେ ରୁପା ମୂଲ୍ୟ ଦିଲ୍ଲୀ ଦରକୁ ଟପିଯାଇଛି। ସହରରେ ରୁପା କିଲୋ ପିଛା ୧.୧୧ ଲକ୍ଷ ଟଙ୍କାରେ ପହଞ୍ଚି ଏକ ନୂଆ ରେକର୍ଡ ପ୍ରତିଷ୍ଠା ହୋଇଛି।

ମଙ୍ଗଳବାର ଘରୋଇ ବଜାରରେ ପୁଣି ଥରେ ରୁପା ମୂଲ୍ୟରେ ବୃଦ୍ଧି ଘଟିଛି। ଭୁବନେଶ୍ୱରରେ ଆଜି ରୁପା କିଲୋ ପିଛା ୧,୧୧,୭୦୦ ଟଙ୍କା ଛୁଇଁଛି। ୨୨ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୯୨,୦୦୦ ଟଙ୍କା ରହିଥିବାବେଳେ ୨୪ କ୍ୟାରେଟ୍ ସୁନା ଦର ୧,୦୦,୩୬୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ଆଜି ଗୋଟିଏ ଦିନରେ ରୁପା କିଲୋ ପିଛା ୨୪୦୦ ଟଙ୍କା ବୃଦ୍ଧି ପାଇ ୧,୦୭,୪୨୫ ଟଙ୍କାରେ ପହଞ୍ଚିଛି। ଏହି ସମୟରେ ୯୯.୯ ପ୍ରତିଶତ ଶୁଦ୍ଧ ବା ୨୪ କ୍ୟାରେଟ୍ ସୁନା ମୂଲ୍ୟରେ ୧୨୦୦ ଟଙ୍କା ହ୍ରାସ ପାଇ ୧୦ ଗ୍ରାମ ପିଛା ୧୦୦,୧୭୦ ଟଙ୍କା ହୋଇଛି। ଦୃଢ଼ ବିଶ୍ୱ ସଙ୍କେତ ମଧ୍ୟରେ ଦିଲ୍ଲୀରେ ରୁପା ମୂଲ୍ୟ ପୁଣି ଥରେ ଶୀର୍ଷ ସ୍ତର ଛୁଇଁଛି। ରୁପା ମୂଲ୍ୟ ୧.୧୧ ଲକ୍ଷ ଟଙ୍କା ପ୍ରତି କିଲୋଗ୍ରାମରେ ପହଞ୍ଚିବା ଏକ ନୂତନ ରେକର୍ଡ ବୋଲି ଅଲ୍ ଇଣ୍ଡିଆ ସରାଫା ଆସୋସିଏସନ୍ ପକ୍ଷରୁ କୁହାଯାଇଛି। କେଡିଆ ଆଡଭାଇଜରୀର ନିର୍ଦ୍ଦେଶକ ଅଜୟ କେଡିଆ କହିଛନ୍ତି ଯେ ଭୂ-ରାଜନୈତିକ ଉତ୍ତେଜନା ଜାରି ରହିଛି। ଇସ୍ରାଏଲ ଏବଂ ଇରାନ ମଧ୍ୟରେ ମଧ୍ୟ ଯୁଦ୍ଧ ଆରମ୍ଭ ହୋଇଛି। ଏହା ସୁନାକୁ ସମର୍ଥନ କରୁଛି। ଏହା ସୁନାର ଚାହିଦା ବୃଦ୍ଧି କରୁଛି। ଏପରି ପରିସ୍ଥିତିରେ, ଏହି ବର୍ଷ ପ୍ରତି ୧୦ ଗ୍ରାମ ସୁନା ଦର ୧ ଲକ୍ଷ ୩ ହଜାର ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି ପାଇପାରେ। ସେହି ସମୟରେ, ଏହି ବର୍ଷ ରୁପା ୧ ଲକ୍ଷ ୩୦ ହଜାର ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି ପାଇପାରେ। ଅପରପକ୍ଷେ ଗତ ବର୍ଷ ଅର୍ଥାତ୍ ୨୦୨୪ ରେ ସୁନା ୧୨,୮୧୦ ଟଙ୍କା ମହଙ୍ଗା ହୋଇଥିଲା।




## ସୁନା ୧ ଲକ୍ଷ ଟଙ୍କା ଉପରେ

# ଜେଏସ୍‌ଡବ୍ଲ୍ୟୁ ଫାଉଣ୍ଡେସନ ପକ୍ଷରୁ ଗ୍ରୀଷ୍ମ ଶିବିର ଏବଂ ସ୍କୁଲ ପ୍ରସ୍ତୁତି ମେଳା

ଭୁବନେଶ୍ୱର,୧୭।୬(ସମିସ): ଜେଏସ୍‌ଡବ୍ଲ୍ୟୁ ଫାଉଣ୍ଡେସନ, ପ୍ରଥମ ଶିକ୍ଷା ଫାଉଣ୍ଡେସନ ସହିତ ମିଳିତ ଭାବରେ ଏହାର ଫ୍ଲାଗଶିପ୍ ଗୋଷ୍ଠୀ ବିକାଶ ପଦକ୍ଷେପ ଅନ୍ତର୍ଗତ ହମାରା ଗାଁଓ ପ୍ରକଳ୍ପ ଅଧୀନରେ ଘିଚାମୁରାର ଗୁମକର୍ମାଠାରେ ଗ୍ରୀଷ୍ମ ଶିବିର ଏବଂ ସ୍କୁଲ ପ୍ରସ୍ତୁତି ମେଳା ଉଦଘାଟନ କରିଛି। ଏହି କାର୍ଯ୍ୟକ୍ରମ ୫ଟି ଗ୍ରାମ ପଞ୍ଚାୟତରେ ବିସ୍ତାରିତ ଜେଏସ୍‌ଡବ୍ଲ୍ୟୁ ବିପିଏସ୍‌ଏଲ୍ ପ୍ଲାଣ୍ଟର ୨୦ଟି ପାର୍ଶ୍ୱବର୍ତ୍ତୀ ଗ୍ରାମଗୁଡ଼ିକରେ ପିଲାମାନଙ୍କ ପାଇଁ ଏକ ଆକର୍ଷଣୀୟ ଗ୍ରୀଷ୍ମ ଶିକ୍ଷା ଅଭିଜ୍ଞତାର ଆରମ୍ଭ। ଏହି ପଦକ୍ଷେପକୁ ଘିଚାମୁରା - ସରପଞ୍ଚ ରାଜୀବ କିଷାନ ଏବଂ ରେଙ୍ଗାଲିର ବ୍ଲକ ଶିକ୍ଷା କାର୍ଯ୍ୟାଳୟର ପ୍ରତିନିଧିମାନଙ୍କ ସହିତ ଲାଇଡା, ଲପଙ୍ଗା ଏବଂ କତାରବାଗା କ୍ଲଷ୍ଟର ସିଆର୍‌ସିସିମାନଙ୍କର ଉପସ୍ଥିତିରେ ବିଶାଳ ରାଜ, ମୁଖ୍ୟ ସିଏସ୍‌ଆର୍ ଜେଏସ୍‌ଡବ୍ଲ୍ୟୁ ଫାଉଣ୍ଡେସନ - ସମ୍ବଲପୁର; ଝାରସୁଗୁଡା ଦ୍ୱାରା ଆନୁଷ୍ଠାନିକ ଭାବରେ ଉଦଘାଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପ୍ରାରମ୍ଭିକ ଶିକ୍ଷାକୁ ବୃଦ୍ଧି କରିବା ପାଇଁ ଦୁଇଟି ପ୍ରମୁଖ ଉପାଦାନ ରହିଛି। ଚତୁର୍ଥରୁ ଷଷ୍ଠ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ପାଇଁ ଡିଜାଇନ୍ ହୋଇଥିବା ଗ୍ରୀଷ୍ମକାଳୀନ ଶିବିର, ତାଲିମପ୍ରାପ୍ତ ସମ୍ପ୍ରଦାୟ ସ୍ୱେଚ୍ଛାସେବକଙ୍କ ଦ୍ୱାରା ପରିଚାଳିତ ମଜାଦାର, କାର୍ଯ୍ୟକଳାପ-ଭିତ୍ତିକ ଅଧିବେଶନ ମାଧ୍ୟମରେ ମୌଳିକ ଶିକ୍ଷା ଗଠନ ଉପରେ ଧ୍ୟାନ ଦିଆଯାଇଛି।




ଏହି ସମୟରେ, ସ୍କୁଲ୍ ପ୍ରସ୍ତୁତି ମେଳା ଶ୍ରେଣୀ ୧ ଏବଂ ୨ ର ନୂତନ ନାମ ଲେଖାଇଥିବା ଛାତ୍ରଛାତ୍ରୀମାନଙ୍କୁ ଲକ୍ଷ୍ୟ କରେ, ସେମାନଙ୍କର ଶିକ୍ଷଣ ସ୍ତର ମୂଲ୍ୟାଙ୍କନ କରେ ଏବଂ ସେମାନଙ୍କ ମା'ମାନଙ୍କୁ ସ୍ୱତନ୍ତ୍ର ଭାବରେ ଡିଜାଇନ୍ ହୋଇଥିବା ସ୍କୁଲ୍ ପ୍ରସ୍ତୁତି ପୁସ୍ତକ ସହିତ ସଜ୍ଜିତ କରେ। ଏହି କାର୍ଯ୍ୟକ୍ରମ ସମୟରେ, ୨୦ ଟି ଗ୍ରାମରୁ ସମସ୍ତ ମନୋନୀତ ଏବଂ ପ୍ରଶିକ୍ଷିତ ସ୍ୱେଚ୍ଛାସେବକଙ୍କୁ ଶିକ୍ଷଣ କିଟ୍ ବଣ୍ଟନ କରାଯାଇଥିଲା। ଏହି ସ୍ୱେଚ୍ଛାସେବକମାନେ ସେମାନଙ୍କ ସମ୍ପ୍ରଦାୟର ପିଲାମାନଙ୍କ ସହିତ ନିୟମିତ ଅଧିବେଶନଗୁଡ଼ିକୁ ସହଜ କରିବେ। ସ୍କୁଲ୍ ପ୍ରସ୍ତୁତି ମେଳା ପାଇଁ, ପିଲାଙ୍କ ଶିକ୍ଷଣ ସ୍ତରକୁ ବୁଝିବା ପାଇଁ ଏକ ପ୍ରାରମ୍ଭିକ ମୂଲ୍ୟାଙ୍କନ କରାଯିବ, ତା'ପରେ ଗ୍ରୀଷ୍ମ ଶେଷରେ ପ୍ରଗତି ମାପିବା ପାଇଁ ଆଉ ଏକ ପର୍ଯ୍ୟାୟ କରାଯିବ।

# ସର୍ଭେ ରିପୋର୍ଟ: ଆଗାମୀ ୫ ବର୍ଷରେ ଆର୍ଥିକ ଲକ୍ଷ୍ୟ ହାସଲ କରିନେବେ ନିମ୍ନ ମଧ୍ୟବିତ୍ତ ପରିବାର

ନୂଆଦିଲ୍ଲୀ,୧୭।୬(ଏଜେନ୍ସି): ରୋଜଗାର ବଢୁଥିବାରୁ ଭାରତୀୟ ନିମ୍ନମଧ୍ୟବିତ୍ତଙ୍କ ଆତ୍ମବିଶ୍ୱାସ ବଢୁଥିବା ଏକ ସର୍ଭେ ରିପୋର୍ଟରୁ ସାମ୍ନାକୁ ଆସିଛି। ଆଗାମୀ ପାଞ୍ଚ ବର୍ଷ ମଧ୍ୟରେ ଭାରତର ନିମ୍ନ ମଧ୍ୟବିତ୍ତ ପରିବାରଗୁଡ଼ିକ ସେମାନଙ୍କର ପ୍ରମୁଖ ଆର୍ଥିକ ଲକ୍ଷ୍ୟଗୁଡିକୁ ହାସଲ କରିନେବେ ବୋଲି ସେମାନଙ୍କର ବିଶ୍ୱାସ ରହିଛି। ହୋମ୍ କ୍ରେଡିଟ୍ ଇଣ୍ଡିଆର ସର୍ଭେର ତୃତୀୟ ସଂସ୍କରଣ, ଦି ଗ୍ରେଟ୍ ଇଣ୍ଡିଆନ୍ ୱାଲେଟ୍ ୨୦୨୫ରେ ସର୍ଭେ ରିପୋର୍ଟରେ ଏହି ତଥ୍ୟ ସାମ୍ନାକୁ ଆସିଛି। ସର୍ଭେରେ କମ୍ପାନୀର ଫାଇନାନ୍ସ ୱେଲବିଙ୍ଗ ଇଣ୍ଡେକ୍ସରେ ପ୍ରାୟ ୭୩ ପ୍ରତିଶତ ଉତ୍ତରଦାତା ସେମାନଙ୍କର ବର୍ଦ୍ଧିତ ରୋଜାଗର ନେଇ ଆଶାବାଦୀ ଥିବା ଦର୍ଶାଯାଇଛି। ଏହି ସର୍ଭେ ସୂଚକାଙ୍କରେ "ଭବିଷ୍ୟତର ଆଶା" କ୍ୟାଟେଗୋରୀରେ ୫୯ ସ୍କୋର ରହିଛି। ତେଣୁ ଲୋକେ ଭବିଷ୍ୟତର ଉତ୍ତମ ପ୍ରଦର୍ଶନ ନେଇ ଆଶାବାଦୀ ଥିବା ଜଣାପଡିଛି। ମହଙ୍ଗା ବଜାରରେ ବି ଗ୍ରାହକଙ୍କ ବିଶ୍ୱାସ ଭାଙ୍ଗି ନାହିଁ ବୋଲି ସର୍ଭେ ରିପୋର୍ଟରେ କୁହାଯାଇଛି। ପରିବାରର ଆୟ ବୃଦ୍ଧି ପାଇବା ହେତୁ ଲୋକମାନେ ଅଧିକ ସକାରାତ୍ମକ ଅନୁଭବ କରୁଛନ୍ତି। ଚଳିତ ବର୍ଷ ୫୭ ପ୍ରତିଶତ ଉତ୍ତରଦାତା କହିଛନ୍ତି ଯେ ସେମାନଙ୍କ ପରିବାର ଅଧିକ ରୋଜଗାର କରିଛନ୍ତି। ୨୦୨୪ ମସିହାରେ ଏହି ସଂଖ୍ୟା ମାତ୍ର ୫୨ ପ୍ରତିଶତ ଥିଲା।

ଏ ନେଇ ହୋମ୍ କ୍ରେଡିଟ୍ ଇଣ୍ଡିଆର ମୁଖ୍ୟ ମାର୍କେଟିଂ ଅଧିକାରୀ ଆଶିଷ ତିୱାରୀ କହିଛନ୍ତି, ଯେତେବେଳେ ଆମେ ୨୦୨୩ରେ 'ଦି ଗ୍ରେଟ୍ ଇଣ୍ଡିଆନ୍ ୱାଲେଟ୍ ଷ୍ଟଡି' ଆରମ୍ଭ କରିଥିଲୁ, ଆମେ ଭାରତର ଆର୍ଥିକ ସ୍ପନ୍ଦନକୁ ବୁଝିବାକୁ ଚେଷ୍ଟା କରିଥିଲୁ। ଆମେ ଯାହା ପାଇଲୁ ତାହା ହେଲା ଏହି ଦେଶ ହେଉଛି ଏକ ନୀରବ ବିପ୍ଳବୀଙ୍କ ଦେଶ। କାରଣ ଏଠି ଲକ୍ଷ ଲକ୍ଷ ପରିବାର ପ୍ରତିବନ୍ଧକକୁ ପଦକ୍ଷେପରେ ଓ ଆହ୍ୱାନକୁ ସୁଯୋଗରେ ପରିଣତ କରୁଛନ୍ତି। ଆଶିଷ ଆହୁରି କହିଛନ୍ତି "ଏହି ବର୍ଷର ଫଳାଫଳ କିଛି ଅସାଧାରଣ ପ୍ରକାଶ କରୁଛି: ଆର୍ଥିକ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ, ଭାରତର ନିମ୍ନ ମଧ୍ୟବିତ୍ତ ବର୍ଗ ପୂର୍ବ ଅପେକ୍ଷା ଅଧିକ ଆଶାବାଦୀ, ଅଧିକ ଡିଜିଟାଲ୍ ଏବଂ ଅଧିକ ଦୃଢ଼। ଗ୍ରେଟ୍ ଇଣ୍ଡିଆନ୍ ୱାଲେଟ୍ ୨୦୨୫' ଫେବୃଆରୀ ଏବଂ ଏପ୍ରିଲ ୨୦୨୫ ମଧ୍ୟରେ ୧୭ ଟି ସ୍ଥାନରେ କରାଯାଇଥିଲା।

# ୨୧୨ ପଏଣ୍ଟ ଉଠିଲା ସେନ୍‌ସେକ୍ସ

ମୁମ୍ବାଇ,୧୭।୬(ଏଜେନ୍ସି): ଭାରତୀୟ ସେୟାର ବଜାର ମଙ୍ଗଳବାର ହ୍ରାସ ସହ ବନ୍ଦ ହୋଇଛି। ଇସ୍ରାଏଲ୍ ଓ ଇରାନ ମଧ୍ୟରେ ଉତ୍ତେଜନା ନିବେଶକଙ୍କ ଚିନ୍ତା ବଢାଇଛି। ଯେଉଁଥିପାଇଁ ବଜାରରେ ବିକ୍ରି ଦେଖିବାକୁ ମିଳିଛି। କାରବାର ଶେଷରେ ସେନସେକ୍ସ ୨୧୨.୮୫ ଅଙ୍କ ବା ୦.୨୬ ପ୍ରତିଶତ ହ୍ରାସ ପାଇ ୮,୧୪,୫୮୩.୩୦ ସ୍ତରରେ ବନ୍ଦ ହୋଇଛି। ଅନ୍ୟପଟେ, ନିଫ୍ଟି ୯୩.୧୦ ଅଙ୍କ ବା ୦.୩୭ ପ୍ରତିଶତ ଖସି ୨୪,୮୫୩.୪୦ ସ୍ତରରେ ବନ୍ଦ ହୋଇଛି। ଆଇଟି ସେୟାରକୁ ଛାଡ଼ି ଅନ୍ୟ ସବୁ ସମସ୍ତ ସେକ୍ଟୋରାଲ ଇଣ୍ଡେକ୍ସ ଲାଲ୍ ସଂକେତରେ ବନ୍ଦ ହୋଇଛି। ସବୁଠୁ ଅଧିକ ହ୍ରାସ ଫାର୍ମା ଓ ହେଲ୍ଥକେୟାର ସେୟାରରେ ଦେଖିବାକୁ ମିଳୁଛି। ଫାର୍ମା ଆମଦାନୀ ଉପରେ ଟାରିଫ୍ ଲଗାଇବା ନେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଘୋଷଣା ପରେ ଏହି ହ୍ରାସ ଦେଖିବାକୁ ମିଳିଛି। ଏହା ବ୍ୟତୀତ ମେଟାଲ, ବ୍ୟାଙ୍କିଂ ଓ ଅଟୋ ଇଣ୍ଡେକ୍ସ ବି ଅଧା ପ୍ରତିଶତରୁ ଅଧିକ ହ୍ରାସ ଘଟିଛି। ମିଡ୍‌କ୍ୟାପ୍ ଓ ସ୍ମଲ୍‌କ୍ୟାପ୍ ଇଣ୍ଡେକ୍ସରେ ବଡ଼ ହ୍ରାସ ଦେଖିବାକୁ ମିଳିଛି। ନିଫ୍ଟି ମିଡ୍‌କ୍ୟାପ୍ ୧୦୦ ଓ ନିଫ୍ଟି ସ୍ମଲ୍‌କ୍ୟାପ୍ ୧୦୦ ଇଣ୍ଡେକ୍ସ ପ୍ରାୟ ୦.୭ ପ୍ରତିଶତ ଯାଏ ହ୍ରାସ ପାଇ ବନ୍ଦ ହୋଇଛି। ବିଶେଷଜ୍ଞଙ୍କ ମତରେ ପଶ୍ଚିମ ଏସିଆର ସ୍ଥିତି ନସୁଧୁରିବା ଯାଏ ବଜାର ଦୁର୍ବଳ ରହିବ। ଅନ୍ୟପଟେ ଆମେରିକୀୟ ଫେଡେରାଲ୍ ରିଜର୍ଭ ବୈଠକର ପରିଣାମକୁ ବି ନିବେଶକ ଅପେକ୍ଷା କରିଛନ୍ତି। ବିଏସ୍‌ଇରେ ସୂଚୀବଦ୍ଧ କମ୍ପାନିଗୁଡ଼ିକର ମୋଟ ମାର୍କେଟ୍ କ୍ୟାପ୍ ଆଜି ଜୁନ୍ ୧୭ରେ ହ୍ରାସ ପାଇ ୪୪୭.୭୯ ଲକ୍ଷ କୋଟି ଟଙ୍କା ହୋଇଛି। ଯାହା ପୂର୍ବ କାରବାର ଦିନ ଅର୍ଥାତ୍ ସୋମବାର ୪୫୦.୫୨ ଲକ୍ଷ କୋଟି ଟଙ୍କା ଥିଲା।

# ନୂଆ ସାପ୍ତାହିକ ଏକ୍ସପାଏରୀକୁ ସେବିର ମଞ୍ଜୁରି: ଏନ୍‌ଏସ୍‌ଇକୁ ମଙ୍ଗଳବାର, ବିଏସ୍‌ଇକୁ ଗୁରୁବାର

ନୂଆଦିଲ୍ଲୀ,୧୭।୬(ଏଜେନ୍ସି)

ନ୍ୟାସନାଲ୍ ଷ୍ଟକ୍ ଏକ୍ସଚେଞ୍ଜକୁ ମଙ୍ଗଳବାର ଓ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜକୁ ଗୁରୁବାର ଡେରିଭେଟୋରି ଏକ୍ସପାଏରୀ ପାଇଁ ଭାରତୀୟ ପ୍ରତିଭୂତି ବିନିମୟ ବୋର୍ଡ (ସେବି)ଠାରୁ ମଞ୍ଜୁରି ମିଳିଛି।

ଏ ସମ୍ପର୍କରେ ଏନ୍‌ଏସ୍‌ଇର ଚିଫ୍ ବିଜେନସ୍ ଅଫିସର ଶ୍ରୀରାମ କୃଷ୍ଣନ କହିଛନ୍ତି, ଯଦି ଆପଣ ଏହାକୁ ଓଲଟାଇ ଦେଖିବେ ଓ ଏନ୍‌ଏସ୍‌ଇ ଏକ୍ସପାଏରୀ ମଙ୍ଗଳବାର ସ୍ଥିର ହୋଇଛି, ତେବେ ଏହା ଆମ ପାଇଁ ବଡ଼ ପଜିଟିଭ। ମାର୍କେଟ୍ ଇକୋ ସିଷ୍ଟମ୍ ଏହା ହିଁ ଡିମାଣ୍ଡ କରୁଥିଲା। ପୂର୍ବରୁ ଆମକୁ ଏଥିପାଇଁ ସକାରାତ୍ମକ ମତାମତ ମିଳିସାରିଛି। ସେ କହିଛନ୍ତି, 'ଆମ ପାଖରେ ସୁଯୋଗ ଥିଲା, ତଥାପି ଆମେ କେବେ ବି ଆମର ଏକ୍ସପାଏରୀ ଦିନ ପରିବର୍ତ୍ତନ କରିନଥିଲୁ। ଯେତେବେଳେ ଅନ୍ୟ ଏକ୍ସଚେଞ୍ଜ ଶୁକ୍ରବାରରୁ ମଙ୍ଗଳବାର ଶିଫ୍ଟ କରିଥିଲେ, ସେତେବେଳେ ଆମେ କୌଣସି ପରିବର୍ତ୍ତନ କରିନଥିଲୁ।

ପ୍ରଥମେ ଆମେ ସୋମବାର ଉପରେ ବିଚାର କରିଥିଲୁ, କିନ୍ତୁ ଫିଡବ୍ୟାକ୍ ପରେ ମଙ୍ଗଳବାର ବାଛିଲୁ। ଏବେ ଏହାକୁ ମଞ୍ଜୁରି ମିଳିଛି। ଗ୍ଲୋବାଲ ବ୍ରୋକରେଜ୍ ଫାର୍ମା ଗୋଲ୍ଡମ୍ୟାନ୍ ସାକ୍ସ ନିଜ ରିପୋର୍ଟରେ କହିଛି, ସେବିର ଏହି ନିଷ୍ପତ୍ତି ବିଏସଇ ପାଇଁ ଏକ 'ବାଇନରୀ ଇଭେଣ୍ଟ' ହୋଇପାରେ। ଏଥିରେ ଲାଭ ସୀମିତ କିନ୍ତୁ ବଡ଼ କ୍ଷତି ହୋଇପାରେ। ବ୍ରୋକରେଜ୍ ଫାର୍ମା ବିଏସ୍‌ଇରେ ନ୍ୟୁଟ୍ରଲ୍ ରେଟିଂ ବଜାୟ ରଖିଛି। ଗୋଲ୍ଡମ୍ୟାନ ସାକ୍ସ ଅନୁସାରେ, ଯଦି ବିଏସ୍‌ଇ ନିଜର ମଙ୍ଗଳବାର ଏକ୍ସପାଏରୀ ବଜାୟ ରଖେ, ତେବେ ଏହାର ମାର୍କେଟ୍ ଅଂଶଧନ ପ୍ରାୟ ସ୍ଥିର ରହିଥାନ୍ତା। କିନ୍ତୁ ଏବେ ଗୁରୁବାରକୁ ଶିଫ୍ଟ ହେବା କାରଣରୁ ଏହାକୁ ପ୍ରାୟ ୩ ପ୍ରତିଶତ ମାର୍କେଟ୍ ସେୟାର ହରାଇବାକୁ ପଡ଼ିପାରେ।



## ଆଜିର ରାଶିଫଳ

**ମେଷ:** ବ୍ୟବସାୟ ଲାଭଜନକ ରହିବ । ଘରକୁ ଅତିଥିଙ୍କ ଆଗମନ ହେବ । ବିଦ୍ୟାର୍ଥୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ । ପୁରୁଣା ବନ୍ଧୁଙ୍କ ସହ ଭେଟ ହେବ । ପରିବାରର ସହଯୋଗ ମିଳିବ । ଆୟ ଓ ବ୍ୟୟ ସମାନ ରହିବ ।

**ବୃଷ:** ଦିନଟି ଯନ୍ତ୍ରଣାଦାୟକ ରହିପାରେ । କଠିନ ପରିଶ୍ରମ ସତ୍ତ୍ୱେ ଆଶାଜନକ ଫଳ ମିଳିବ ନାହିଁ । ଅର୍ଥ ନିବେଶ ଲାଗି ଉପଯୁକ୍ତ ସମୟ । କୌଣସି କାମ ସମସ୍ୟା ସୃଷ୍ଟି କରିବ । ଧାର କରଜରୁ ନିବୃତ୍ତ ରହିବେ ।

**ମିଥୁନ:** ଜୀବନସାଥୀଙ୍କ ପାଇଁ କୌଣସି ନୂଆ ଜିନିଷ କିଣିବେ । ବନ୍ଧୁଙ୍କ ସହ ବ୍ୟବସାୟ ସମ୍ବନ୍ଧୀୟ ଆଲୋଚନା କରନ୍ତୁ ନାହିଁ । ନୂଆ ଲୋକଙ୍କ ସହ ସମ୍ପର୍କ ସ୍ଥାପନ ହେବ । ପଡୋଶୀଙ୍କ ସହ ମନୋମାଳିନ୍ୟ ହୋଇପାରେ ।

**କର୍କଟ:** ଧାର୍ମିକ କାର୍ଯ୍ୟରେ ସାମିଲ ହେବେ । ତରବରିଆ ଭାବେ କୌଣସି ନିଷ୍ପତ୍ତି ନିଅନ୍ତୁ ନାହିଁ । ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି । ଘର କିମ୍ବା ଜାଗାବାଡ଼ି କିଣିବା ପୂର୍ବରୁ ଗୁରୁଜନଙ୍କ ଆଶୀର୍ବାଦ ନିଅନ୍ତୁ ।

**ସିଂହ:** ଦିନଟି ସକାରାତ୍ମକ ଫଳ ପ୍ରଦାନ କରିବ । ଅଫିସ୍‌ରେ ପରିଶ୍ରମ ଅନୁସାରେ ଫଳ ମିଳିବ । ଆର୍ଥିକ ଦୃଷ୍ଟିରୁ ଦିନଟି ଭଲ ରହିବ । ଆଶା କରିଥିବା ଦିଗରୁ ଧନ ମିଳିପାରେ । ଆୟ ଓ ବ୍ୟୟ ସମାନ ରହିବ ।

**କନ୍ୟା:** ସମସ୍ୟାର ସମାଧାନ ପାଇଁ ଦିନଟି ଅତ୍ୟନ୍ତ ଶୁଭଙ୍କର । ଚାକିରିଆଙ୍କୁ ଶୁଭ ଖବର ମିଳିପାରେ । ବରିଷ୍ଠ ଅଧିକାରୀଙ୍କ ସାହାଯ୍ୟ ନେଇ ଅଫିସ୍ ସମସ୍ୟାର ସମାଧାନ କରିବେ । କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ ।

**ତୁଳା:** ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ । ଉଧାର ଅର୍ଥ ଫେରି ପାଇପାରନ୍ତି । ବନ୍ଧୁଙ୍କ ସହାୟତାରେ କୌଣସି ନୂଆ କାମ ମିଳିବ । ପୈତୃକ ସମ୍ପତ୍ତିକୁ ନେଇ ବିବାଦ ସୃଷ୍ଟି ହୋଇପାରେ । ରାଜନେତାଙ୍କ ପାଇଁ ଦିନଟି ଭଲ ।

**ବିଛା:** ଦିନଟି ବ୍ୟସ୍ତତା ଭିତରେ କଟିବ । ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ । ଅଫିସ୍ କାର୍ଯ୍ୟରେ ପରିବର୍ତ୍ତନ ଆସିପାରେ । ଦୂରସ୍ଥାନକୁ ଯାତ୍ରାଯୋଗ ଅଛି । କୌଣସି କଥାକୁ ନେଇ ଚିନ୍ତିତ ରହିପାରନ୍ତି ।

**ଧନୁ:** କଠିନ ପରିଶ୍ରମ ସହ କାର୍ଯ୍ୟ କରିବେ । ସନ୍ତାନଙ୍କ ଭବିଷ୍ୟତକୁ ନେଇ ଚିନ୍ତାରେ ରହିବେ । ଏକସଙ୍ଗରେ ଅନେକ କାର୍ଯ୍ୟ କରିବାର ସୁଯୋଗ ମିଳିବ । ପାରିବାରିକ ସମସ୍ୟା ଦୂର ହେବ । ସଙ୍ଗୀତପ୍ରତି ରୁଚି ବଢ଼ିବ ।

**ମକର:** ନୂଆ ଯୋଜନାକୁ ନେଇ ବାପାଙ୍କ ସହ ଆଲୋଚନା କରିବେ । ଜୀବନସାଥୀଙ୍କଠାରୁ ଉପହାର ମିଳିବ । ସରକାରୀ ଚାକିରିଆଙ୍କୁ ଶୁଭ ଖବର ମିଳିବ । ଘରେ ଭୋଜିଭାତର ଆୟୋଜନ କରିବେ ।

**କୁମ୍ଭ:** ଯୁକ୍ତିତର୍କରୁ ଦୂରେଇ ରୁହନ୍ତୁ । ବାପାଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଚିନ୍ତାରେ ରହିବେ । ସମାଜସେବା ଦ୍ୱାରା ପ୍ରତିଷ୍ଠା ବଢ଼ିବ । ପୈତୃକ ସମ୍ପତ୍ତିରୁ ଧନ ଲାଭ ହେବ । ସୃଜନାତ୍ମକ କାମ ପ୍ରତି ଆଗ୍ରହ ବଢ଼ିବ ।

**ମୀନ:** ରାଜନୈତିକ କ୍ଷେତ୍ରରେ ମାନ ସମ୍ମାନ ବଢ଼ିବ । ଅଫିସ୍‌ରେ ଦାୟିତ୍ୱର ସହ କାର୍ଯ୍ୟ ତୁଲାଇବେ । ବିଦ୍ୟାର୍ଥୀମାନେ ଉଚ୍ଚଶିକ୍ଷା ସମ୍ପର୍କରେ ଶିକ୍ଷକଙ୍କ ସହ ଆଲୋଚନା କରିବେ । ପରିଶ୍ରମର ଉଚିତ ଫଳ ମିଳିବ ।

## ଆଜିର ଇତିହାସ

- ୧୮୧୫- ୱାଟର୍ ଲୁ ଯୁଦ୍ଧରେ ନେପୋଲିଅନ୍ ବୋନାପାର୍ଟଙ୍କୁ ପରାଜୟ ସ୍ୱୀକାର କରିବାକୁ ପଡ଼ିଥିଲା ।
- ୧୮୩୭- ସ୍ପେନ୍ ନୂଆ ସମ୍ବିଧାନ ଆପଣାଇଲା ।
- ୧୯୫୬- ହିନ୍ଦୁ ଉତ୍ତରାଧିକାର ଅଧିନିୟମ ପାରିତ ହେଲା ।
- ୨୦୦୯ - ନାସା ଚନ୍ଦ୍ରପୃଷ୍ଠରେ ଜଳର ସନ୍ଧାନ ପାଇଁ ଏକ ବିଶେଷ ଯାନକୁ ପ୍ରେରିତ କଲା ।
- ୨୦୧୩- ଇରାକ୍‌ର ରାଜଧାନୀ ବାଗଦାଦ୍‌ରେ ଆତ୍ମଘାତୀ ଆକ୍ରମଣରେ ୩୧ଜଣଙ୍କ ପ୍ରାଣହାନି ।

## ଭାରତରୁ ବ୍ରିଟେନ ଗଲା ବୁଲେଟ୍
## ଖର୍ଚ୍ଚ ସାଢ଼େ ଚାରି ଲକ୍ଷ



ଗୋଟିଏ ଭାରତୀୟ ପରିବାର ଫର୍ଣ୍ଣିଚର ଓ ରୟାଲ ଏନଫିଲ୍ଡ ବୁଲେଟ୍‌କୁ ଭାରତରୁ ବ୍ରିଟେନକୁ ଆଣିଛନ୍ତି । ଏ ଲାଗି ସେମାନେ ସାଢ଼େ ଚାରିଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରିଛନ୍ତି । ଏହାର ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ସେୟାର୍ ହେବା ପରେ ସମସ୍ତଙ୍କ ନଜରକୁ ଆସିଛି । ଏହି ପରିବାର ବ୍ରିଟେନରେ ରୁହନ୍ତି । ଭିଡିଓରେ କୁହାଯାଇଛି, ଭାରତରେ ଫର୍ଣ୍ଣିଚର ଉନ୍ନତମାନର ହୋଇଥାଏ । ତେଣୁ ଫର୍ଣ୍ଣିଚର ସବୁକୁ ପଞ୍ଜାବର କରତାପୁରରୁ ଇଂଲଣ୍ଡ ଅଣାଯାଇଛି । ଅନ୍ୟପଟେ ଭିଡିଓରେ ଦେଖିବାକୁ ମିଳିଛି ଯେ, ଗୋଟିଏ ବଡ଼ ଟ୍ରକ୍‌ରେ ଫର୍ଣ୍ଣିଚର ଏବଂ ମୋଟରସାଇକଲ ବ୍ରିଟେନ ସ୍ଥିତ ୱଲଭରହାମ୍ପଟନ ସ୍ଥିତ ଘରକୁ ଅନଲୋଡ୍ କରାଯାଉଛି । ଏଥିରେ ପଞ୍ଜାବ ନମ୍ବର ପ୍ଲେଟ୍ ଥିବା କଳା ରଙ୍ଗ ବୁଲେଟ୍ ଦେଖିବାକୁ ମିଳିଛି । ତେବେ ୪୦ ଦିନର ଯାତ୍ରା ପରେ ଭାରତରୁ ସମସ୍ତ ଜିନିଷ ବ୍ରିଟେନରେ ପହଞ୍ଚିଛି । ବୁଲେଟ୍ ସମେତ ଟ୍ରକ୍‌ରେ ସୋଫା, ଖଟ, ଚୌକି, ଡାଇନିଂ ଟେବୁଲ ଭଳି ଅନ୍ୟାନ୍ୟ ଜିନିଷ ସାମିଲ ଅଛି । ତେବେ ଆଶ୍ଚର୍ଯ୍ୟଜନକ କଥା ହେଉଛି, ଭାରତରୁ ଏସବୁ ଜିନିଷ ବ୍ରିଟେନ ପଠାଇବା ଲାଗି ସାଢେ ଚାରି ଲକ୍ଷ ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିଛି । ଅନ୍ୟପଟେ ଲୋକେ ଏଥିରେ ଭିନ୍ନ ଭିନ୍ନ ପ୍ରତିକ୍ରିୟା ଦେଇଛନ୍ତି ।

## 'ରାମାୟଣ'ରେ କାମ କରିବାକୁ ମନା କରିଥିଲେ ପ୍ରିୟଙ୍କା

ନୀତେଶ ତିୱାରୀଙ୍କ 'ରାମାୟଣ'କୁ ନେଇ ନିୟମିତ ଖବର ଆସୁଛି । ପୌରାଣିକ କାହାଣୀକୁ ନେଇ ଏଭଳି ଏକ ବିଗ୍ ବଜେଟ୍‌ର ଫିଲ୍ମ ନିର୍ମାଣ କରାଯାଉଥିବାରୁ ଉତ୍ତର ଠୁ ଆରମ୍ଭ କରି ଦକ୍ଷିଣ ଭାରତୀୟ ଦର୍ଶକେ ଏହାର ରିଲିଜ୍‌କୁ ଅପେକ୍ଷା କରିଛନ୍ତି । ଏଥିରେ ବଲିଉଡ୍‌ର ଏକାଧିକ କଳାକାର କାମ କରୁଛନ୍ତି । 'ରାମାୟଣ'ରେ ରାମ ଭୂମିକାରେ ରଣବୀର କପୁର, ସୀତା ଭୂମିକାରେ ସାଇ ପଲ୍ଲବୀ ଓ ରାବଣ ଭୂମିକାରେ ଯଶ୍ ନଜର ଆସିବେ । ଏଥିରେ ରକୁଲ୍ ପ୍ରୀତ ସିଂହ ସୂର୍ପଣ୍ଖା ଭୂମିକାରେ ଅଭିନୟ କରୁଛନ୍ତି । ରକୁଲ୍‌ଙ୍କ ପୂର୍ବରୁ ଏହି ଭୂମିକା ପ୍ରିୟଙ୍କା ଚୋପ୍ରାଙ୍କୁ ଅଫର୍ ହୋଇଥିଲା । କିନ୍ତୁ ପ୍ରିୟଙ୍କା ଅନେକ ଆନ୍ତର୍ଜାତୀୟ ସ୍ତରୀୟ ପ୍ରୋଜେକ୍ଟରେ ବ୍ୟସ୍ତ ଥିବାରୁ ସେ ଏହି ଫିଲ୍ମ ପାଇଁ ସମୟ ବାହାର କରିପାରି ନ ଥିଲେ । ଏହାପରେ ରକୁଲ୍‌ଙ୍କୁ ଏହି ଅଫର୍ ମିଳିଥିଲା । ସେ ମଧ୍ୟ ଏହି ଭୂମିକାରେ ପୂରାପୂରି ଫିଟ୍ ହୋଇ ଯାଇଥିଲେ । ତେବେ ପ୍ରିୟଙ୍କାଙ୍କୁ ହିନ୍ଦୀ ଫିଲ୍ମରେ ଦେଖିବା ପାଇଁ ଭାରତୀୟ ଦର୍ଶକେ ଅନେକ ଦିନରୁ ଅପେକ୍ଷା କରିଛନ୍ତି । ସେ ଶେଷ ଥର ପାଇଁ 'ସ୍କାଏ ଇଜ୍ ପିଙ୍କ୍' ଫିଲ୍ମରେ ନଜର ଆସିଥିଲେ ।



## ହୋଟେଲ ରୁମ୍‌ରେ ଘଣ୍ଟା ନ ଥାଏ

ସାଧାରଣତଃ ହୋଟେଲରେ ରହିବାବେଳେ ଲୋକଙ୍କ ନଜର ସବୁବେଳେ ରୁମ୍, ବାଥରୁମ୍, ଟିଭି ଉପରେ ରହିଥାଏ । ଯେଭଳି ରହିବାରେ କୌଣସି ସମସ୍ୟା ହେବ ନାହିଁ । ହେଲେ ଅଧିକାଂଶ ହୋଟେଲ ରୁମ୍‌ର କାନ୍ଥ କି ଟେବୁଲରେ ଘଣ୍ଟା ଦେଖିବାକୁ ମିଳି ନ ଥାଏ । ଏହା ଉପରେ ଅନେକେ ସେତେ ବେଶି ଗୁରୁତ୍ୱ ଦେଇ ନ ଥାନ୍ତି । ତେବେ ହୋଟେଲ ରୁମ୍‌ରେ ଘଣ୍ଟା ନ ରହିବା ପଛରେ ଠୋସ୍ କାରଣ ଅଛି । ହୋଟେଲ ଗ୍ରାହକଙ୍କୁ ଆରାମ ଓ ଶାନ୍ତିପୂର୍ଣ୍ଣ ଅନୁଭୂତି ଦେବାକୁ ଘଣ୍ଟା ରଖି ନ ଥାଏ । ଯଦ୍ୱାରା ଗ୍ରାହକ ହୋଟେଲରେ ନିଜର ବ୍ୟସ୍ତପୂର୍ଣ୍ଣ ଜୀବନ ଓ କର୍ମଚାପକୁ କିଛି ସମୟ ପାଇଁ ଭୁଲାଇ ଦେଇ ପାରିବେ । ହୋଟେଲ ରୁମ୍‌ରେ ଘଣ୍ଟା ନ ଥିଲେ, ବାରମ୍ବାର ସମୟ ଦେଖିବାକୁ ପଡ଼ି ନ ଥାଏ । ଏହାଦ୍ୱାରା କେଉଁ ସମୟରେ କେଉଁ କାମ କରିବା ଦରକାର, ତାହା ଉପରେ ଲୋକଙ୍କ ନଜର ରହେ ନାହିଁ । ସେହିପରି ସମୟ ସହିତ ବାନ୍ଧି ହୋଇ ନ ରହିବା ଦ୍ୱାରା ଜଣେ ଅଧିକ ସମୟ ଶୋଇଥାଏ, ଧୀରେ ଧୀରେ କୌଣସି କାମ ପାଇଁ ନିଜକୁ ପ୍ରସ୍ତୁତ କରିଥାଏ ଏବଂ ପ୍ରତିଟି ମୁହୂର୍ତ୍ତର ଆନନ୍ଦ ନିଏ । ସମୟର ଚାପ ନ ରହିବା ଦ୍ୱାରା ଲୋକେ ହୋଟେଲରେ ବେଶି ସମୟ ରହନ୍ତି । ସ୍ପା ଏବଂ ସୁଇମିଂ ପୁଲ୍ ଭଳି ହୋଟେଲର ସେବାକୁ ମନଭରି ଉପଭୋଗ କରନ୍ତି । ଅବଶ୍ୟ ଏବେ କିଛି ହୋଟେଲରେ ଆଲାର୍ମ କିମ୍ବା ଡିଜିଟାଲ ଘଣ୍ଟା ଦେଖିବାକୁ ମିଳୁଛି । ହେଲେ ହୋଟେଲ ରୁମ୍‌ରେ ଲୋକଙ୍କୁ ପାରମ୍ପରିକ ଭାବେ ଘଣ୍ଟାଠୁ ଦୂରେଇ ରଖାଯାଏ । ଅବଶ୍ୟ ଲୋକେ ମୋବାଇଲ, ସ୍ମାର୍ଟୱାଚ୍ ବ୍ୟବହାର କରିଥାନ୍ତି । ତେବେ ଏଥିରୁ ଗୋଟିଏ କଥା ସ୍ପଷ୍ଟ ହେଉଛି ଯେ, ହୋଟେଲ ରୁମ୍‌ରେ ଘଣ୍ଟା ନ ରହିବାର ଅର୍ଥ ଲୋକଙ୍କୁ ଆରାମ ସହ ହୋଟେଲ ବ୍ୟବସାୟ ବୃଦ୍ଧି କରିବାର ଏହା ଏକ ରଣନୀତି ।



# ସମ୍ଭାବନା



## ଭଲ ଲାଗୁନି କି ଅଫିସ୍ ପରିବେଶ

**ଅଫିସ୍ ହେଉଛି ଏମିତି ଏକ ସ୍ଥାନ, ଯେଉଁଠି କର୍ମଜୀବୀଙ୍କ ଅଧିକାଂଶ ସମୟ ବିତିଥାଏ । ହେଲେ ବେଳେ ବେଳେ ଅଫିସ୍ ପରିବେଶ ଏଭଳି ହୋଇଯାଏ ଯେ, କାମ କରିବାକୁ ଇଚ୍ଛା ହୁଏ ନାହିଁ । ଅଫିସ୍ ଜେଲ୍ ଭଳି ମନେ ହୁଏ । ଅବଶ୍ୟ ଏହା ପଛର କାରଣ ଅନେକ କିଛି ହୋଇପାରେ ।**



ଅଫିସ୍ ପରିବେଶରେ ଏ ପ୍ରକାର ସମସ୍ୟା କାହିଁକି ଆସେ ଏହାକୁ ନେଇ ମନରେ ପ୍ରଶ୍ନ ଆସିବା ସ୍ୱାଭାବିକ? କମ୍ପାନି ନିଯୁକ୍ତି ଦେବା ବେଳେ କେବଳ ପ୍ରାର୍ଥୀଙ୍କ ଯୋଗ୍ୟତା ଉପରେ ଧ୍ୟାନ ଦିଏ । ହେଲେ ବ୍ୟକ୍ତିତ୍ୱ ଉପରେ ଗୁରୁତ୍ୱ ଦେଇ ନ ଥାଏ । ତେବେ ନିଯୁକ୍ତିଦାତାଙ୍କୁ ନିଯୁକ୍ତି ସମୟରେ ଉଭୟ ଯୋଗ୍ୟତା ଏବଂ ବ୍ୟକ୍ତିତ୍ୱ ଉପରେ ଗୁରୁତ୍ୱ ଦେବା ଜରୁରି । ସେହିପରି ଅଫିସ୍‌ରେ କିଛି କର୍ମଚାରୀ ଏଭଳି ଥାନ୍ତି, ଯେଉଁମାନେ ମାନସିକ ସ୍ତରରେ ଅସୁସ୍ଥ ହୋଇଥାନ୍ତି । ଏହା ସାମ୍ନାକୁ ଜଣାପଡ଼ି ନ ଥାଏ । ପରବର୍ତ୍ତୀ ସମୟରେ ସେମାନଙ୍କ ବ୍ୟବହାର, ଆଚରଣ ଅନ୍ୟ ସହକର୍ମୀ ଏବଂ ସଦସ୍ୟଙ୍କ ପାଇଁ ଏଭଳି ଥାଏ, ଯାହାକି ଅସହନୀୟ ହୋଇଥାଏ । ଏହାବାଦ୍ ଏଭଳି ସ୍ୱଭାବ ଦେଖାଉଥିବା କର୍ମଚାରୀଙ୍କ ଆଚରଣ ବି ଅଲଗା ହୋଇଥାଏ । ସେମାନେ ଆବଶ୍ୟକତାଠୁ ଅଧିକ ରାଗନ୍ତି, କାହାକୁ ଭୟ କରନ୍ତି ନାହିଁ । ଏପରିକି ହିଂସା ଓ ଅପରାଧ କରିବା ପରେ ଅନୁତାପ କରି ନ ଥାନ୍ତି ଏବଂ ଅନ୍ୟର ଦୁଃଖକୁ ବୁଝି ନ ଥାନ୍ତି । ଏଭଳି ପରିବେଶରେ କର୍ମଚାରୀମାନେ କାମ କରିବାକୁ ଆଗ୍ରହ ପ୍ରକାଶ କରି ନ ଥାନ୍ତି । ଯାହାକି ଅଫିସ୍ ପାଇଁ ସମସ୍ୟା ସୃଷ୍ଟି କରିଥାଏ । ଏ ସଂକ୍ରାନ୍ତରେ ସପ୍ଲାଏ ଚେନ୍ ମ୍ୟାନେଜମେଣ୍ଟରେ କାମ କରୁଥିବା ୨୬୧ କର୍ମଚାରୀଙ୍କ ଉପରେ ଗବେଷଣା କରାଯାଇଥିଲା । ଏଥିରୁ ଜଣାପଡ଼ିଲା ୨୧ ପ୍ରତିଶତ କର୍ମଚାରୀଙ୍କ ମଧ୍ୟରେ ସହାନୁଭୂତିର ଅଭାବ, ସ୍ୱାର୍ଥବାଦର ଲକ୍ଷଣ ଥିଲା । ଏହି ଲକ୍ଷଣ କାର୍ଯ୍ୟାଳୟରେ ଭଲ ବ୍ୟବହାର ପ୍ରଦର୍ଶନ ନ କରିବା, ଅସ୍ୱାସ୍ଥ୍ୟକର ପରିବେଶ, ଖରାପ କାମ କରିବା ପରିବେଶ ଯୋଗୁଁ ହୋଇପାରେ । ଏନେଇ ଗବେଷକମାନେ ଏକ ଟୁଲ୍ ବିକଶିତ କରିଛନ୍ତି । ଯଦ୍ୱାରା ମନୋରୋଗୀ ଲୋକଙ୍କୁ ଚିହ୍ନଟ କରାଯାଇ ପାରିବ ।

## ଅଜବ କୋର୍ସ

**ଆଜିକାଲି ଏମିତି ପାଠ୍ୟକ୍ରମ ଆସୁଛି, ଯାହାକି ପାରମ୍ପରିକ ଶିକ୍ଷାଠାରୁ ସମ୍ପୂର୍ଣ୍ଣ ଭିନ୍ନ । ଏପରି କିଛି ପାଠ୍ୟକ୍ରମ ସମ୍ପର୍କରେ...**

- କାଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟରେ ହ୍ୟାରି ପଟରକୁ ନେଇ ଏକ କୋର୍ସ ଅଛି । ଏଠାରେ ହ୍ୟାରି ପଟର ସୁପରଫ୍ୟାନ୍ସ ହଗବଟସର ଯାଦୁଗର ଦୁନିଆକୁ ସମର୍ପିତ କୋର୍ସରେ ନାମ ଲେଖାଇପାରିବେ । ଏହି ବିଷୟ ସମ୍ପୂର୍ଣ୍ଣ ଅଲଗା ଓ ରୋମାଞ୍ଚକର ଲାଗେ ।
- ବ୍ରିଟିଶ କଲେଜ ଅଫ୍ କୋନାଇନ ଷ୍ଟଡିଜ୍ କୁକୁର ପ୍ରେମୀଙ୍କ ଲାଗି କହିଲେ କିଛି ଭୁଲ୍ ହେବନି । କୁକୁରଙ୍କୁ ବୁଲାଇବା ଲାଗି ପ୍ରଫେସନାଲ କୋର୍ସ ଅଛି ।
- ମାସାଚୁସେଟସ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିରେ ଷ୍ଟ୍ରିଟ୍ ଫାଇଟିଂ ମ୍ୟାଥମେଟିକ୍ସ ନାମର କୋର୍ସ ଅଛି । ଏଥିରେ ମ୍ୟାଥମେଟିକାଲ ଆଇଡିଆକୁ ସୁଧାରିବାକୁ ଶିଖାଯାଏ ।
- ସାଉଥ୍ କ୍ୟାରିଲୋନା ୟୁନିଭର୍ସିଟିରେ ସମାଜଶାସ୍ତ୍ରର ଏକ କୋର୍ସ ଅଛି । ଏହା ପପ୍ ଷ୍ଟାର୍ ଲେଡି ଗାଗାଙ୍କ ଜୀବନ ଏବଂ ତାଙ୍କ ପ୍ରସିଦ୍ଧି ଉପରେ ଆଧାରିତ ।
- ପେନ୍ ୟୁନିର୍ଭସିଟି ଟର୍ଫଗ୍ରାସ ସାଇନ୍ସରେ ଗ୍ରାଜୁଏସନ ଡିଗ୍ରୀ ପ୍ରଦାନ କରେ । ଏଥିରେ ଘାସ ଓ ବଗିଚାର ଦେଖାଶୁଣା କରିବା ବାବଦରେ ଶିକ୍ଷା ପ୍ରଦାନ କରାଯାଏ ।
- ଲିଭରପୁଲ୍ ହୋପ୍ ୟୁନିର୍ଭସିଟି ଦ ବିଟଲସ, ପପୁଲାର ମ୍ୟୁଜିକ୍ ଆଣ୍ଡ ସୋସାଇଟି ନାମକ କୋର୍ସ ରହିଛି । ଏଥିରେ ବିଦ୍ୟାର୍ଥୀଙ୍କୁ ସଂଗୀତ ଏବଂ ସଂସ୍କୃତି ଉପରେ ବ୍ୟାଣ୍ଡ ପ୍ରଭାବ ପଢ଼ା ଉପରେ ସୁଯୋଗ ପ୍ରଦାନ କରେ ।



## ପ୍ରତିଶ୍ରୁତି ରକ୍ଷା କରୁ ନ ଥିଲେ...



ଯେଉଁ ଲୋକ ପ୍ରତିଶ୍ରୁତି ଠାରୁ ପଳାୟନ କରନ୍ତି, ସେମାନଙ୍କଠାରେ କିଛି ସ୍ୱତନ୍ତ୍ର ଅଭ୍ୟାସ ବା ଲକ୍ଷଣ ଥାଏ । ଏଭଳି ଲୋକ ସମ୍ପର୍କ ଏବଂ ଦାୟିତ୍ୱବୋଧରୁ ରକ୍ଷା ପାଇବାକୁ ଚାହାଁନ୍ତି । ସାଧାରଣତଃ ଭବିଷ୍ୟତ ଯୋଜନା ଯେଭଳି ବିବାହ, ଏକାଠି ରହିବା ଆଦି ପ୍ରସଙ୍ଗ ଉପରେ ଆଲୋଚନା କରିବାକୁ ସଙ୍କୋଚ କରିଥାନ୍ତି । ଏଭଳି ଲୋକ ସବୁବେଳେ ଏକଥା ଭାବନ୍ତି ଯେ, ସେମାନଙ୍କ ପାଇଁ ସବୁ ଭଲ ବିକଳ୍ପ ଅଛି । ତେଣୁ ଗୋଟିଏ ସମ୍ପର୍କରେ ସେମାନେ ବାନ୍ଧି ହୋଇ ରହି ନ ଥାନ୍ତି । ସେମାନଙ୍କର ଗୋଟିଏ ସମ୍ପର୍କରେ ଶୀଘ୍ର ମୋହଭଙ୍ଗ ହୁଏ ଏବଂ ନୂଆର ସନ୍ଧାନରେ ରହନ୍ତି । ଛୋଟ ଛୋଟ କଥାରେ ଅଯଥାରେ ଝଗଡ଼ା କରନ୍ତି । ସେମାନେ ନିଜ ଜୀବନସାଥୀ ଏବଂ ସାଙ୍ଗସାଥୀଙ୍କ ସହ ଭାବନାତ୍ମକ ସ୍ତରରେ ଯୋଡ଼ି ହୋଇ ରହିବା ପାଇଁ ଇଚ୍ଛା କରନ୍ତିନି । ସେମାନଙ୍କୁ ନିଜ ଭାବନାକୁ ବ୍ୟକ୍ତ କରିବା କଷ୍ଟ ହୁଏ । ଏଭଳି ଲୋକଙ୍କ କଥା ସବୁବେଳେ ଅସ୍ପଷ୍ଟ ହୋଇଥାଏ । କୌଣସି କଥାକୁ ସିଧାସଳଖ ନ କହି ବୁଲେଇ ବଙ୍କେଇ କହିଥାନ୍ତି । ସମ୍ପର୍କକୁ କେଉଁ ଆଡକୁ ନେବେ ସେ କଥା ସ୍ପଷ୍ଟ ଭାବେ କିଛି କହି ନ ଥାନ୍ତି ।

## ଆପଲ୍‌ର ନୂଆ ଫିଚର୍

ଆଇଫୋନ୍ ବ୍ୟବହାରକାରୀଙ୍କ ଲାଗି ଆପଲ ଏକ ନୂଆ ଫିଚର୍ ଆଣିଛି । ଏଥିରୁ ଏକଥା ଜଣାପଡ଼ିବ ଯେ, ଆଇଫୋନ୍ ୮୦ ପ୍ରତିଶତ ଚାର୍ଜ ହେବା ପାଇଁ କେତେ ସମୟ ଲାଗିବ । ଏହି ତଥ୍ୟ ହୋମ୍‌ସ୍କ୍ରିନ୍ ଉପରେ ହିଁ ଦେଖାଇବ । ଏହା ଆଇଓଏସ୍ ୨୬ ଅପଡେଟ୍‌ର ଅଂଶ । ଆଇଓଏସ୍ ୨୬ ସହିତ ଏକ ନୂଆ ଇଣ୍ଟେଲିଜେଣ୍ଟ ବ୍ୟାଟେରି ସେଭର୍ ମୋଡ୍ ଆସୁଛି । ଏହାର ନାଁ ଆଡପଟିଭ୍ ପାୱାର । ଏହି ମୋଡକୁ ଆଇଫୋନ୍ ବ୍ୟବହାରକାରୀଙ୍କୁ ଫୋନ୍‌ରେ ଚାଲୁ କରିବାକୁ ହେବ । ଏହା ସାହାଯ୍ୟରେ ବ୍ୟବହାରକାରୀ ବ୍ୟାଟେରିର ବ୍ୟବହାର ଏବଂ ପ୍ୟାଟର୍ଣ୍ଣକୁ ବୁଝିପାରିବେ । ଏହି ନୂଆ ପାୱାର ମୋଡ୍ ବ୍ୟବହାରକାରୀଙ୍କୁ ଏକଥା କହିବ ଆଇଫୋନ୍ ୮୦ ପ୍ରତିଶତ ଚାର୍ଜ ହେବାରେ କେତେ ସମୟ ଲାଗିବ । ଏଥିରୁ ଏକଥା ଜଣାପଡ଼ିବ, ଫୋନ୍‌କୁ ଚାର୍ଜିଂରେ କେତେ ସମୟ ରଖିବାକୁ ହେବ । ସେହିପରି କେଉଁ ଆପ୍ ସାମାନ୍ୟଠୁ ଅଧିକ ବ୍ୟାଟେରି ବ୍ୟବହାର କରୁଛି ଏବଂ ଅଚାନକ ପରିବର୍ତ୍ତନର କାରଣ କହିବ ।

## ୧୮ ବର୍ଷ ହେଲା ଇଂଲଣ୍ଡରେ ସିରିଜ୍ ଜିତିନି ଭାରତ

ଲଣ୍ଡନ,୧୭।୬ (ଏଜେନ୍ସି): ଭାରତ ଓ ଇଂଲଣ୍ଡ ମଧ୍ୟରେ ଖେଳାଯିବାକୁ ଥିବା ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ରେ କିଏ ଜିତିବ ତାହା ଏବେଠାରୁ କହିବା କଷ୍ଟକର। କିନ୍ତୁ ଘରୋଇ ମାଟିରେ ଖେଳୁଥିବା ଇଂଲଣ୍ଡ ଏହି ସିରିଜ୍ ଜିତିବ ବୋଲି ପୂର୍ବାନୁମାନ କରାଯାଉଛି। ଟେଷ୍ଟ କ୍ରିକେଟରେ ଭାରତ ୧୯୩୨ରେ ପ୍ରଥମେ ଇଂଲଣ୍ଡ ସହ ଇଂଲଣ୍ଡରେ ଖେଳିଥିଲା। ଏହି ମ୍ୟାଚ୍ ପରେ ଭାରତକୁ ଇଂଲଣ୍ଡରେ ପ୍ରଥମ ଟେଷ୍ଟ ଜିତିବାକୁ ୪ ଦଶନ୍ଧିରେ ୨୨ଟି ଟେଷ୍ଟ ଖେଳିବାକୁ ପଡ଼ିଥିଲା। ଶେଷରେ ଅଜିତ ୱାଡେକରଙ୍କ ନେତୃତ୍ୱରେ ଓଭାଲରେ ୧୯୭୧ରେ ଖେଳାଯାଇଥିବା ଟେଷ୍ଟରେ ଭାରତ ବିଜୟୀ ହୋଇଥିଲା। ଭାରତ ଏହି ଟେଷ୍ଟକୁ ୪ ୱିକେଟରେ ଜିତିଥିଲା ଓ ୧-୦ରେ ପ୍ରଥମ ସିରିଜ୍ କବ୍‌ଜା କରିଥିଲା। ଏହାପରେ ଇଂଲଣ୍ଡ ମାଟିରେ ଦ୍ୱିତୀୟଥର ସିରିଜ୍ ଜିତିବାକୁ ଦଳକୁ ୧୫ ବର୍ଷ ଲାଗି ଯାଇଥିଲା। ୧୯୮୬ରେ କପିଳ ଦେବଙ୍କ ନେତୃତ୍ୱରେ ଭାରତ ଏହି ସିରିଜ୍‌କୁ ୨-୦ରେ ଜିତିନେଇଥିଲା। ତୃତୀୟ ସିରିଜ୍ ଜିତିବାକୁ ଭାରତକୁ ୨୦୦୭ ଯାଏ ଅପେକ୍ଷା କରିବାକୁ ପଡ଼ିଥିଲା। ରାହୁଲ ଦ୍ରାବିଡ଼ଙ୍କ ନେତୃତ୍ୱରେ ଭାରତ ଶେଷଥର ଇଂଲଣ୍ଡକୁ ଇଂଲଣ୍ଡ ମାଟିରେ ସିରିଜ୍ ହରାଇଥିଲା। ଶେଷ ସିରିଜ୍ ବିଜୟ ପରଠାରୁ ଇଂଲଣ୍ଡ ମାଟିରେ ଭାରତ ଦୟନୀୟ ପ୍ରଦର୍ଶନ କରିଛି। ୨୦୧୧ରେ ୦-୪, ୨୦୧୪ରେ ୧-୩, ୨୦୧୮ରେ ୧-୪ରେ ଟେଷ୍ଟ ସିରିଜ୍ ହାରିଥିଲା। ଏହା ପରେ ଶେଷଥର ୨୦୨୧-୨୨ରେ ମୁକାବିଲା ହୋଇଥିଲା। କରୋନା ପ୍ରଭାବିତ ସମୟରେ ଦୁଇଟି ଦଫାରେ ଖେଳାଯାଇଥିବା ଏହି ସିରିଜ୍ ୨-୨ରେ ଅମିମାଂସିତ ରହିଥିଲା। ଇଂଲଣ୍ଡରେ ଭାରତ ଏଯାଏ ସର୍ବାଧିକ ୬୭ଟି ଟେଷ୍ଟ ମ୍ୟାଚ୍ ଖେଳିଛି। କିନ୍ତୁ ଦଳ ମାତ୍ର ୯ଟି ଟେଷ୍ଟରେ ବିଜୟୀ ହୋଇ ପାରିଛି। ଏବେ ଦଳରେ ବରିଷ୍ଠ ଖେଳାଳିଙ୍କର ଅନୁପସ୍ଥିତି ରହିଛି। ଶୁବମନ ଗିଲ୍‌ଙ୍କ ନେତୃତ୍ୱରେ ଭାରତ ଏହି ସିରିଜ୍‌କୁ କବ୍‌ଜା କରିବ ବୋଲି କେହି ପୂର୍ବାନୁମାନ କରୁଥିଲେ ମଧ୍ୟ ଏଥିଲାଗି ଯେ ଅନେକ କଷ୍ଟସ୍ୱୀକାର କରିବାକୁ ହେବ ଏହା ନିଃସନ୍ଦେହରେ କୁହାଯାଇପାରେ।

## ‘ବିରାଟ, ରୋହିତଙ୍କ ବିନା ମଧ୍ୟ ଭାରତ ଏକ ବିପଜ୍ଜନକ ଦଳ’

ଲଣ୍ଡନ,୧୭।୬ (ଏଜେନ୍ସି): ଜୁନ୍ ୨୦ରୁ ଭାରତ ସହ ଖେଳାଯିବାକୁ ଥିବା ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌କୁ ନେଇ ଅନେକ ପୂର୍ବାନୁମାନ କରାଯାଉଛି। ଏହି ସିରିଜ୍‌ରେ ଭାରତର ଦୁଇ ଅଭିଜ୍ଞ ତଥା ତାରକା ଖେଳାଳି ବିରାଟ କୋହଲି ଓ ରୋହିତ ଶର୍ମା ଖେଳୁ ନାହାନ୍ତି। ସେମାନଙ୍କ ଅନୁପସ୍ଥିତିରେ ଭାରତର ବ୍ୟାଟିଂ କିଛିଟା ଦୁର୍ବଳ ହୋଇଛି। କିନ୍ତୁ ଏବେ ମଧ୍ୟ ଇଂଲଣ୍ଡ ଲାଗି ଭାରତ ଏକ ବିପଜ୍ଜନକ ଦଳ ବୋଲି ଘରୋଇ ଦଳର ଅଫ୍ ସ୍ପିନର ଗ୍ରେମ୍ ସ୍ୱାନ୍ କହିଛନ୍ତି। ସ୍ୱାନଙ୍କ ମତରେ ଭାରତ ଗସ୍ତରେ ଆମେ ଯାଇଥିବା ୨ଟି ଯାକ ଟେଷ୍ଟ ସିରିଜ୍‌ରେ ଶୋଚନୀୟ ପରାଜୟ ବରଣ କରିଥିଲୁ। ଏବେ ଆମେ ଘରୋଇ ମାଟିରେ ଖେଳୁଛୁ। ମୁଁ ଆଶା କରୁଛି ଆମ ନିକଟରେ ଯେପରି ବୋଲିଂ ବାହିନୀ ଅଛନ୍ତି, ସେମାନେ ଭାରତର ବ୍ୟାଟିଂକୁ ଧୂଳିସାତ କରିବାକୁ ଦକ୍ଷତା ରଖିଛନ୍ତି। ଏହି ସିରିଜ୍‌କୁ ଇଂଲଣ୍ଡ ସହଜରେ ଜିତିବା ଉଚିତ ବୋଲି ସ୍ୱାନ୍ କହିଛନ୍ତି। ଇଂଲଣ୍ଡ ସପକ୍ଷରେ ଏହି ସିରିଜ୍ ୪-୧ ହେବା ଉଚିତ ବୋଲି ସେ କହନ୍ତି।

● ଶ୍ରୀଲଙ୍କା ବିପକ୍ଷ ପ୍ରଥମ ଟେଷ୍ଟ

## ନାଜମୁଲ-ମୁସଫିକରଙ୍କ ରେକର୍ଡ ପାର୍ଟନରସିପ୍




ଗଲ୍,୧୭।୬ (ଏଜେନ୍ସି): ପୂର୍ବତନ ଅଧିନାୟକ ନାଜମୋଲ ହୋସେନ୍ ସାଣ୍ଟୋ ଓ ମୁସଫିକର ରହିମ ଚତୁର୍ଥ ୱିକେଟ ଯୋଡିରୁ ରେକଡର୍ ୨୪୭ ରନ ସଂଗୃହୀତ ହେବା ଫଳରେ ଏଠାରେ ଆରମ୍ଭ ହୋଇଥିବା ଶ୍ରୀଲଙ୍କା ବିପକ୍ଷ ପ୍ରଥମ ଟେଷ୍ଟର ପ୍ରଥମ ଦିନରେ ବାଂଲାଦେଶ ମଜଭୁତ ସ୍ଥିତିରେ ପହଞ୍ଚିଛି। ଗଲ୍‌ରେ ଖେଳାଯାଇଥିବା ଏହି ଟେଷ୍ଟରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ବାଂଲାଦେଶ ୪୫ ରନ୍‌ରେ ୩ ୱିକେଟ ହରାଇ ବିପଦରେ ପଡ଼ିଥିଲା। ଏହା ପରେ ନାଜମୋଲ ୧୩୬ ଓ ମୁସ୍‌ଫିକର ୧୦୫ ରନ୍ କରି ଅପରାଜିତ ଶତକ ହାସଲ କରିବା ସହ ଚତୁର୍ଥ ୱିକେଟରେ ନିଜ ଦେଶ ପକ୍ଷରୁ ସର୍ବାଧିକ ଭାଗୀଦାରି କରିବା ଫଳରେ ଦଳ ପ୍ରଥମ ଦିନ ଖେଳ ଶେଷ ବେଳକୁ ୩ ୱିକେଟରେ ୨୯୨ ରନ୍ କରି ଭଲ ସ୍ଥିତିରେ ରହିଛି। ଶ୍ରୀଲଙ୍କା ପକ୍ଷରୁ ତାରିନ୍ଦୁ ରତନାୟକେ ୨ଟି ୱିକେଟ ପାଇଛନ୍ତି।

### ଆଉ ୨ ଦିନ ପରେ ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜ

# ଭାରତୀୟ ଦଳରେ ହର୍ଷିତ ସାମିଲ

ନୂଆଦିଲ୍ଲୀ, ୧୭।୬ (ଏଜେନ୍ସି)



ଘରୋଇ ଇଂଲଣ୍ଡ ଓ ଭାରତ ମଧ୍ୟରେ ଖେଳାଯିବାକୁ ଥିବା ୫ ମ୍ୟାଚ୍‌ବିଶିଷ୍ଟ ଟେଷ୍ଟ ସିରିଜ ଆରମ୍ଭ ହେବାକୁ ଆଉ ମାତ୍ର ୨ ଦିନ ବାକି ରହିଛି। ଜୁନ ୨୦ରୁ ଲିଡ୍ସରେ ଏହି ଟେଷ୍ଟ ସିରିଜର ପ୍ରଥମ ମ୍ୟାଚ୍ ଖେଳାଯିବ। ଏଥିଲାଗି ଯୁବ ଅଧିନାୟକ ଶୁବମାନ ଗିଲ୍‌ଙ୍କ ନେତୃତ୍ୱରେ ଭ୍ରମଣକାରୀ ଭାରତୀୟ ଦଳ ଗତ ଦୁଇ ସପ୍ତାହ ହେବ ଇଂଲଣ୍ଡରେ ଜୋର୍‌ଦାର ଅଭ୍ୟାସ ଜାରି ରଖିଛି। ସଦ୍ୟ ରିପୋର୍ଟ ମୁତାବକ, ଦ୍ରୁତ ବୋଲର ହର୍ଷିତ ରାଣାଙ୍କୁ ଇଂଲଣ୍ଡରେ ଦଳ ସହ ରହିବାକୁ ବିସିସିଆଇ ପକ୍ଷରୁ କୁହାଯାଇଛି। ପୂର୍ବରୁ ମେ ୨୪ରେ ଘୋଷିତ ୧୮ ଜଣିଆ ଦଳରେ ହର୍ଷିତଙ୍କ ନାମ ନ ଥିଲା। ହର୍ଷିତ କିନ୍ତୁ ଭାରତୀୟ-ଏ ଦଳ ସହ ଇଂଲଣ୍ଡ ଗସ୍ତରେ ରହିଥିଲେ। ସେଠାରେ ଭାରତ-ଏ ଘରୋଇ ଇଂଲଣ୍ଡ ଲାୟନ୍ସ ବିପକ୍ଷରେ ୨ଟି ଅନ୍‌ଅଫିସିଆଲ ଟେଷ୍ଟ ମ୍ୟାଚ୍ ଖେଳିସାରିଛି। କିନ୍ତୁ ୨୩ ବର୍ଷୀୟ ହର୍ଷିତଙ୍କୁ ସ୍ୱଦେଶ ଫେରିବା ପରିବର୍ତ୍ତେ ଭାରତୀୟ ଟେଷ୍ଟ ଦଳ ସହ ରହିବାକୁ ବିସିସିଆଇ ପକ୍ଷରୁ କୁହାଯାଇଛି। ଫଳରେ ଭାରତୀୟ ଟେଷ୍ଟ ସଦସ୍ୟଙ୍କ ସଂଖ୍ୟା ୧୮ରୁ ୧୯କୁ ବଢ଼ିଯାଇଛି। ତେବେ ବସିସିଆଇ ତାଙ୍କୁ ଅନ୍‌ଅଫିସିଆଲ୍ ସଦସ୍ୟ ଭାବେ ଦଳରେ ସାମିଲ କରିଛି। ଭାରତୀୟ ଦଳର କିଛି ସଦସ୍ୟ ସାମାନ୍ୟ ଆହତ ଥିବାରୁ ହର୍ଷିତଙ୍କୁ ବ୍ୟାକ୍‌ଅପ୍ ଭାବେ ଇଂଲଣ୍ଡରେ ରହିବାକୁ କୁହାଯାଇଥିବା ଜଣାପଡ଼ିଛି। ଇଂଲଣ୍ଡ ଲାୟନ୍ସ ବିପକ୍ଷ ପ୍ରଥମ ଅନଅଫିସିଆଲ୍ ଟେଷ୍ଟରେ ରାଣା ୯୯ ରନ ବ୍ୟୟରେ ଗୋଟିଏ ୱିକେଟ୍ ନେଇ ମହଙ୍ଗା ସାବ୍ୟସ୍ତ ହୋଇଥିଲେ।

ପୂର୍ବରୁ ଗିଲ୍‌ଙ୍କ ନେତୃତ୍ୱାଧୀନ ଭାରତୀୟ ଦଳରେ ୫ଜଣ ଦ୍ରୁତ ବୋଲିଂ ସ୍ପେଶାଲିଷ୍ଟ ରହିଥିଲେ। ସେମାନେ ହେଲେ ଯଶପ୍ରୀତ୍ ବୁମ୍‌ରା, ମହମ୍ମଦ ସିରାଜ, ପ୍ରସିଦ୍ଧ କ୍ରିଷ୍ଣା, ଆକାଶଦୀପ୍ ଓ ଅର୍ଶଦୀପ୍ ସିଂହ। ସେହିଭଳି ଶାର୍ଦ୍ଦୁଳ ଠାକୁର ଓ ନୀତୀଶ ରେଡ୍ଡୀଙ୍କ ରୂପେ ଦୁଇଜଣ ଦ୍ରୁତ ବୋଲିଂ ଅଲ୍‌ରାଉଣ୍ଡର ଦଳରେ ସ୍ଥାନ ପାଇଛନ୍ତି। ତେବେ ରାଣା ବ୍ୟାକ୍‌ଅପ୍ ଭାବେ ଦଳ ସହ ରହିବେ। ହର୍ଷିତ ଭାରତ ପାଇଁ ୨ଟି ଟେଷ୍ଟ ଖେଳି ୪ଟି ୱିକେଟ୍ ନେଇଛନ୍ତି। ଉଲ୍ଲେଖଯୋଗ୍ୟ, ୨୦୦୭ ପରେ ଭାରତ ପ୍ରଥମଥର ଲାଗି ଇଂଲଣ୍ଡ ମାଟିରେ ଟେଷ୍ଟ ସିରିଜ ଜିତିବାକୁ ଲକ୍ଷ୍ୟ ରଖିଛି।

### ■ ସିରିଜ ବିଜୟୀ ଅଧିନାୟକଙ୍କୁ ମିଳିବ ‘ପଟୌଦୀ ପଦକ’

ଭାରତ ଓ ଘରୋଇ ଇଂଲଣ୍ଡ ମଧ୍ୟରେ ଆଗାମୀ ଟେଷ୍ଟ ସିରିଜରେ ଯେଉଁ ଦଳ ବିଜୟୀ ହେବ ସେହି ଦଳର ଅଧିନାୟକଙ୍କୁ ‘ପଟୌଦୀ ପଦକ’ ପ୍ରଦାନ କରାଯିବ। ପଟୌଦୀ ଐତିହ୍ୟକୁ ବଜାୟ ତଥା ଅକ୍ଷୁଣ୍ଣ ରଖିବା ଲାଗି ଏହା ଏକ ବ୍ୟକ୍ତିଗତ ସମ୍ମାନ ହେବ। ଦୁଇ ଅଂଶଗ୍ରହଣକାରୀ ଦେଶର କ୍ରିକେଟ୍ ବୋର୍ଡ ବିସିସିଆଇ ଓ ଇସିବି ପକ୍ଷରୁ ‘ପଟୌଦୀ ପଦକ’ ପ୍ରଦାନ ନେଇ ସମ୍ମତି ପ୍ରକାଶ ପାଇଛି। ପ୍ରକାଶଯୋଗ୍ୟ, ପୂର୍ବରୁ ଇଂଲଣ୍ଡ ମାଟିରେ ଭାରତ ଯେଉଁ ଟେଷ୍ଟ ସିରିଜ ଖେଳିଥାଏ ତାହା ପୂର୍ବତନ କ୍ରିକେଟର୍ ଏମ୍‌ଏକେ ପଟୌଦୀଙ୍କ ସମ୍ମାନାର୍ଥେ ‘ପଟୌଦୀ ଟ୍ରଫି’ ନାମରେ ନାମିତ ଥିଲା। ଏଥର କିନ୍ତୁ ଇଂଲଣ୍ଡ ଆଣ୍ଡ ୱେଲ୍ସ କ୍ରିକେଟ୍ ବୋର୍ଡ (ଇସିବି) ପାରମ୍ପରିକ ପଟୌଦୀ ଟ୍ରଫିର ନାମ ପରିବର୍ତ୍ତନ କରିବାକୁ ନିଷ୍ପତ୍ତି ନେଇଥିଲା। ଆଗାମୀ ସିରିଜର ନାମ ‘ଆଣ୍ଡରସନ-ତେନ୍ଦୁଲକର ଟ୍ରଫି’ ନାମରେ ନାମିତ କରାଯାଇଥିଲା। କିନ୍ତୁ କିମ୍ବଦନ୍ତୀ କ୍ରିକେଟର୍ ସଚିନ ତେନ୍ଦୁଲକର ଏହି ସିରିଜରେ ପଟୌଦୀ ଐତିହ୍ୟକୁ ଅକ୍ଷୁଣ୍ଣ ରଖିବା ଲାଗି ଉଭୟ ବିସିସିଆଇ ଓ ଇସିବିକୁ ବ୍ୟକ୍ତିଗତ ଭାବେ ଅନୁରୋଧ କରିଥିଲେ। ଶେଷରେ ସଚିନଙ୍କ କଥା ରକ୍ଷା କରି ‘ପଟୌଦୀ ପଦକ’ ଭାବେ ଏକ ନୂଆ ବ୍ୟକ୍ତିଗତ ସମ୍ମାନ ସିରିଜ ବିଜୟୀ ଦଳର ଅଧିନାୟକଙ୍କୁ ପ୍ରଦାନ କରାଯିବ।



### ‘ଦଳର ସ୍ୱାର୍ଥକୁ ଦୃଷ୍ଟିରେ ରଖି ନେତୃତ୍ୱ ନେବାକୁ ମନା କରିଥିଲି’

ଅଭିଜ୍ଞ ଦ୍ରୁତ ବୋଲର ଯଶପ୍ରୀତ୍ ବୁମ୍‌ରା ଶେଷରେ ଭାରତୀୟ ଟେଷ୍ଟ କ୍ରିକେଟ୍ ଦଳର ଅଧିନାୟକ ନ ହେବାକୁ ନେଇ ମୁହଁ ଖୋଲିଛନ୍ତି। କାର୍ଯ୍ୟଭାରକୁ ନଜରରେ ରଖି ଇଂଲଣ୍ଡ ଗସ୍ତରେ ଦଳର ନେତୃତ୍ୱ ନେବା ଲାଗି ମିଳିଥିବା ଅଫରକୁ ପ୍ରତ୍ୟାଖାନ କରିଥିଲି ବୋଲି ବୁମ୍‌ରା ଏକ ସାକ୍ଷାତ୍‌କାର ଅବସରରେ ଏହା କହିଛନ୍ତି। ବୁମ୍‌ରା ନେତୃତ୍ୱ ନେବାକୁ ମନା କରିବା ପରେ ଯୁବ ବ୍ୟାଟର୍ ଶୁବମନ ଗିଲ୍‌ଙ୍କୁ ଇଂଲଣ୍ଡ ଗସ୍ତରେ ଭାରତୀୟ ଦଳର ଅଧିନାୟକ ନିଯୁକ୍ତ କରାଯାଇଥିଲା। ଇଂଲଣ୍ଡରେ ସ୍କାଏ ସ୍ପୋର୍ଟ୍ସକୁ ଦେଇଥିବା ଏହି ସାକ୍ଷାତ୍‌କାରେ ବୁମ୍‌ରା କହିଛନ୍ତି, ‘ରୋହିତ୍ ଓ ବିରାଟଙ୍କ ଅବସର ଘୋଷଣା ପୂର୍ବରୁ ଆଇପିଏଲ୍ ମଝିରେ ମୁଁ ବିସିସିଆଇ ସହିତ ମୋର କାର୍ଯ୍ୟଭାର ନେଇ ଆଲୋଚନା କରିଥିଲି। ମୋ ଅଷ୍ଟାଜନିତ ସମସ୍ୟାର ଯତ୍ନ ନେଉଥିବା ଲୋକଙ୍କ ସହ ଆଲୋଚନା କରିଥିଲି। ଶେଷରେ ନିଷ୍ପତ୍ତି ନେଇଥିଲୁ ଅଷ୍ଟାଜନିତ ସମସ୍ୟାକୁ ନେଇ ଆମକୁ ସତର୍କ ରହିବାକୁ ପଡ଼ିବ। ଏହାପରେ ବିସିସିଆଇକୁ ଜଣାଇ ଦେଇଥିଲି ଇଂଲଣ୍ଡ ଗସ୍ତରେ ସମସ୍ତ ୫ଟି ଯାକ ଟେଷ୍ଟ ମ୍ୟାଚ୍ ଖେଳିପାରିବି ନାହିଁ। ତେଣୁ ମୋତେ ଦଳର ନେତୃତ୍ୱ ଲାଗି ଏକ ବିକଳ୍ପ ଭାବେ ନ ରଖାଯାଉ। ବିସିସିଆଇ ମୋତେ ଅଧିନାୟକ ଭାବେ ଇଂଲଣ୍ଡରେ ଦେଖିବାକୁ ଚାହୁଁଥିଲା। କିନ୍ତୁ ମୋତେ ଶେଷରେ ଏହାକୁ ପ୍ରତ୍ୟାଖାନ କରିବାକୁ ପଡ଼ିଥିଲା। କାରଣ ୫ଟି ଟେଷ୍ଟରୁ ତିନୋଟିରେ ଜଣେ ଏବଂ ଆଉ ୨ଟି ମ୍ୟାଚରେ ଅନ୍ୟଜଣେ ନେତୃତ୍ୱ ନେଉ ତାହା ଦଳ ପାଇଁ ଭଲ ଲକ୍ଷଣ ନୁହେଁ। ଯେଉଁଥି ପାଇଁ ମୁଁ ଅଧିନାୟକ ଭାର ସମ୍ଭାଳିବାକୁ ମନା କରିଥିଲି’ ବୋଲି ବୁମ୍‌ରା କହିଛନ୍ତି।

● ଆଜିଠୁ ପୁରୁଷ ହକି ମାଷ୍ଟର୍ସ କପ୍

## ପୁଡୁଚେରୀ ବିପକ୍ଷରୁ ଓଡ଼ିଶାର ଅଭିଯାନ

ଚେନ୍ନଇ, ୧୭।୬ (ଏଜେନ୍ସି): ହକି ଇଣ୍ଡିଆ ଆନୁକୂଲ୍ୟରେ ବୁଧବାରଠାରୁ ଏଠାରେ ପୁରୁଷ ହକି ମାଷ୍ଟର୍ସ କପ୍‌ର ପ୍ରଥମ ସଂସ୍କରଣ ଆରମ୍ଭ ହେବାକୁ ଯାଉଛି। ପଞ୍ଜାବ ଓ ପୁଡୁଚେରୀ ମଧ୍ୟରେ ଟୁର୍ଣ୍ଣାମେଣ୍ଟର ଉଦ୍‌ଘାଟନୀ ମ୍ୟାଚ୍ ମେୟର ରାଧାକ୍ରୀଷ୍ଣନ ହକି ଷ୍ଟାଡିୟମରେ ଖେଳାଯିବ। ସେହିଭଳି ଓଡ଼ିଶା ଦଳ ଗୁରୁବାର ପୁଡୁଚେରୀ ବିପକ୍ଷରେ ଖେଳି ଅଭିଯାନ ଆରମ୍ଭ କରିବ। ଅବସରପ୍ରାପ୍ତ ହକି ଖେଳାଳିଙ୍କୁ ନେଇ ଖେଳାଯାଉଥିବା ଏହି ଟୁର୍ଣ୍ଣାମେଣ୍ଟର ପ୍ରଥମ ସଂସ୍କରଣରେ ଦେଶର ୧୧ଟି ଦଳ ଅଂଶଗ୍ରହଣ କରୁଛନ୍ତି। ପୁଲ୍-ବି’ରେ ପଞ୍ଜାବ ଓ ପୁଡୁଚେରୀ ସହ ଓଡ଼ିଶା ସ୍ଥାନ ପାଇଛି। ସେହିଭଳି ପୁଲ୍-ଏ’ରେ ଆନ୍ଧ୍ର ପ୍ରଦେଶ, ତାମିଲନାଡୁ ଓ କେରଳ, ପୁଲ-ସି’ରେ ଚଣ୍ଡିଗଡ଼, ମହାରାଷ୍ଟ୍ର ଓ ମଣିପୁର ଏବଂ ପୁଲ୍-ଡି’ରେ ହରିୟାଣା ଓ କର୍ଣ୍ଣାଟକ ରହିଛନ୍ତି। ଓଡ଼ିଶା ଏହାର ଶେଷ ପୁଲ୍ ମ୍ୟାଚରେ ଜୁନ ୨୦ରେ ପଞ୍ଜାବକୁ ଭେଟିବ। ପ୍ରତି ପୁଲ୍‌ର ଦୁଇ ଶ୍ରେଷ୍ଠ ଦଳ କ୍ୱାର୍ଟର ଫାଇନାଲ ଖେଳିବେ। ଜୁନ ୨୩ ଓ ୨୪ରେ କ୍ୱାର୍ଟର ଫାଇନାଲ, ୨୫ରେ ସେମିଫାଇନାଲ ଓ ଫାଇନାଲ ଓ ୩ୟ/୪ର୍ଥ ସ୍ଥାନ ପାଇଁ ମ୍ୟାଚ୍ ଖେଳାଯିବ। ୪୦ ବର୍ଷରୁ ଊର୍ଦ୍ଧ୍ୱ ବୟସର ଖେଳାଳି ଏହି ଟୁର୍ଣ୍ଣାମେଣ୍ଟରେ ଭାଗନେଇପାରିବେ।

## ୬ ବର୍ଷ ପରେ ଶୀର୍ଷକୁ ଫେରିଲେ ମନ୍ଧାନା

ଦୁବାଇ, ୧୭।୬ (ଏଜେନ୍ସି): ଭାରତୀୟ ମହିଳା କ୍ରିକେଟ୍ ଦଳର ଉପ-ଅଧିନାୟିକା ସ୍ମୃତି ମନ୍ଧାନା ଦୀର୍ଘ ୬ ବର୍ଷର ବ୍ୟବଧାନ ପରେ ଆଇସିସି ଦିନିକିଆ ର‌୍ୟାଙ୍କିଂର ଶୀର୍ଷ ସ୍ଥାନକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ସଦ୍ୟ ପ୍ରକାଶିତ ଆଇସିସି ଦିନିକିଆ ମାନ୍ୟତାର ବ୍ୟାଟିଂ ତାଲିକାରେ ମନ୍ଧାନା ଗୋଟିଏ ପାହାଚ ଉପରକୁ ଉଠି ୭୨୭ ରେଟିଂ ପଏଣ୍ଟ ସହ ଏକ ନମ୍ବର ସ୍ଥାନରେ ରହିଛନ୍ତି। ଦକ୍ଷିଣ ଆଫ୍ରିକା ଅଧିନାୟିକା ଲୌରା ୱଲଭାର୍ଡଟ ୧୯ ରେଟିଂ ପଏଣ୍ଟ ହରାଇ ଶୀର୍ଷ ମାନ୍ୟତା ହରାଇଛନ୍ତି। ବର୍ତ୍ତମାନ ଲୌରା ଓ ଇଂଲଣ୍ଡ ଅଧିନାୟିକା ନାତାଲୀ ସ୍କିଭର-ବ୍ରଣ୍ଟ ୭୧୯ ରେଟିଂ ପଏଣ୍ଟ ସହ ମିଳିତ ଭାବେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ମନ୍ଧାନା ଶେଷଥର ଲାଗି ୨୦୧୯ରେ ଆଇସିସି ଦିନିକିଆ ମାନ୍ୟତାର ଶୀର୍ଷ ସ୍ଥାନରେ ରହିଥିଲେ। ସଦ୍ୟ ତାଲିକାର ଟପ୍-୧୦ରେ ଅନ୍ୟ କୌଣସି ଭାରତୀୟ ବ୍ୟାଟର୍ ରହି ନ ଥିବାବେଳେ ଜେମିମା ରୋଡ୍ରିଗ୍ସେଜ ଓ ହରମନପ୍ରୀତ୍ କୌର ଯଥାକ୍ରମେ ୧୫ତମ ଓ ୧୬ତମ ସ୍ଥାନରେ ରହିଛନ୍ତି। ପୂର୍ବରୁ ପୁରୁଷ ବିଭାଗରେ ଭାରତୀୟ ଟେଷ୍ଟ ଅଧିନାୟକ ଶୁବମନ ଗିଲ୍ ମଧ୍ୟ ଦିନିକିଆ ମାନ୍ୟତାରେ ଏକ ନମ୍ବର ସ୍ଥାନ ଅଧିକାର କରିଥିଲେ।

## ଏସୀୟ ରୌପ୍ୟ ବିଜୟିନୀ ଶ୍ରାବଣୀଙ୍କୁ ସମ୍ବର୍ଦ୍ଧନା

କଟକ,୧୭।୬(ସମିସ): କୋରିଆର ଗୁମିରେ ଆୟୋଜିତ ୨୬ତମ ଏସିଆନ ଆଥଲେଟିକ ଚାମ୍ପିଅନସିପ୍‌ରେ ରୌପ୍ୟ ବିଜୟୀ ଓଡ଼ିଆ ଧାବିକା ଶ୍ରାବଣୀ ନନ୍ଦଙ୍କୁ ଓଡ଼ିଶା ଆଥଲେଟିକ ସଂଘ(ଓଏଏ) ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ୪୦୦ମିଟର ରିଲେ ଦୌଡ଼ରେ ଶ୍ରାବଣୀ ଏହି ସଫଳତା ପାଇଥିଲେ। ଏହି ପରିପ୍ରେକ୍ଷୀରେ ରାଜ୍ୟ ସଂଘ ପକ୍ଷରୁ ବାରବାଟୀ ଷ୍ଟାଡିୟମସ୍ଥିତ ହର୍ଶ ଗେଟରେ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଓଏଏ ଅଧ୍ୟକ୍ଷ ଆଶୀର୍ବାଦ ବେହେରା ଉପଢ଼ୌକନ ସହ ୫୦ହଜାର ଟଙ୍କାର ଆର୍ଥିକ ପୁରସ୍କାର ଦେଇ ସମ୍ବର୍ଦ୍ଧିତ କରିଥିଲେ। ପ୍ରଶିକ୍ଷକ ଅରୁଣ ଦାସ, ନୀଳମାଧବ ରାଓ ଉପସ୍ଥିତ ଥିଲେ। ଓଓଏର କାର୍ଯ୍ୟକାରୀ ସମ୍ପାଦକ ଅଭିଜିତ ପାଲ୍ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




### ୧୯ ବର୍ଷରୁ କମ୍ ଆନ୍ତଃଜିଲ୍ଲା କ୍ରିକେଟ

## କ୍ୱାର୍ଟରଫାଇନାଲ ଘୁଞ୍ଚିଲା ଗୋଟିଏ ଦିନ

କଟକ,୧୭।୬(ସମିସ): ଲଗାଣ ବର୍ଷା ଯୋଗୁଁ ୧୯ବର୍ଷରୁ କମ୍ ବାଳକ ଆନ୍ତଃଜିଲ୍ଲା କ୍ରିକେଟ ଟୁର୍ଣ୍ଣାମେଣ୍ଟର ୪ଟି ଯାକ କ୍ୱାର୍ଟରଫାଇନାଲ ମ୍ୟାଚ୍ ବାତିଲ ହୋଇଛି। ବୁଧବାର ମ୍ୟାଚ୍ ପୁନଃ ଆୟୋଜନ ନିମନ୍ତେ ଓଡିଶା କ୍ରିକେଟ ଆସୋସିଏସନ ପକ୍ଷରୁ ସ୍ଥିର ହୋଇଥିବା ସତ୍ତ୍ୱେ ପାରିପାର୍ଶ୍ୱିକ ପରିସ୍ଥିତି ଉପରେ ନିର୍ଭର କରିବ। କଟକରେ ବର୍ଷା ଜାରି ରହିଥିବା ବେଳେ ବିଭିନ୍ନ ଗ୍ରାଉଣ୍ଡରେ ପାଣି ଜମା ହୋଇ ରହିଛି। ପ୍ରକାଶଯୋଗ୍ୟ, ଟୁର୍ଣ୍ଣାମେଣ୍ଟର ୪ଟି ଯାକ କ୍ୱାର୍ଟର ଫାଇନାଲ ମ୍ୟାଚ୍ ମଙ୍ଗଳବାର ଖେଳାଯାଇଥାନ୍ତା। ରେଭେନ୍ସା ଗ୍ରାଉଣ୍ଡ-୨ରେ ଝାରସୁଗୁଡା ଓ ଭୁବନେଶ୍ୱର-ଏ, ବିଡାନାସୀ ଗ୍ରାଉଣ୍ଡରେ କଟକ-ବି ଓ ଭୁବନେଶ୍ୱର-ବି, ନିମପୁର ଗ୍ରାଉଣ୍ଡରେ କଟକ-ଏ ଓ ଖୋର୍ଦ୍ଧା ଏବଂ ଖୋର୍ଦ୍ଧା ଗ୍ରାଉଣ୍ଡରେ ସୁନ୍ଦରଗଡ ଏବଂ କେନ୍ଦ୍ରାପଡା ମଧ୍ୟରେ ମୁକାବିଲା ହୋଇଥାନ୍ତା। ଆସନ୍ତାକାଲି ଏହି ମ୍ୟାଚ୍ ଆୟୋଜନର ସମ୍ଭାବନା ରହିଛି।

କ୍ରିକେଟ୍ ଇତିହାସରେ ପ୍ରଥମ

## ତୃତୀୟ ସୁପର୍ ଓଭରରେ ଜିତିଲା ନେଦରଲାଣ୍ଡସ

ଗ୍ଲାସଗୋ, ୧୭।୬ (ଏଜେନ୍ସି)




ପୁରୁଷ ଅନ୍ତର୍ଜାତୀୟ କ୍ରିକେଟ୍ ଇତିହାସରେ ଏକ ବିରଳ ଘଟଣା ଦେଖିବାକୁ ମିଳିଛି। ଗୋଟିଏ ଟି-୨୦ ମ୍ୟାଚ୍ ଟାଇ ରହିବା ପରେ ତୃତୀୟ ସୁପର୍ ଓଭରରେ ଶେଷରେ ମ୍ୟାଚ୍‌ର ଫଳାଫଳ ବାହାରିଛି। ସ୍କଟଲାଣ୍ଡରେ ଚାଲିଥିବା ଟି-୨୦ ତ୍ରିରାଷ୍ଟ୍ରୀୟ ସିରିଜରେ ଖେଳାଯାଇଥିବା ଏହି ହାଇଡ୍ରାମା ମୁକାବିଲାରେ ଶେଷରେ ନେପାଳକୁ ହରାଇଛି ନେଦରଲାଣ୍ଡସ। ମ୍ୟାଚ୍ ଟାଇ ରହିବା ପରେ ପ୍ରଥମ ଓ ଦ୍ୱିତୀୟ ସୁପର୍ ଓଭର ମଧ୍ୟ ଟାଇ ରହିଥିଲା।

ତ୍ରି-ରାଷ୍ଟ୍ରୀୟ ସିରିଜର ଏହି ଦ୍ୱିତୀୟ ମ୍ୟାଚ୍‌ରେ ନେପାଳ ବିପକ୍ଷରେ ନେଦରଲାଣ୍ଡସ ପ୍ରଥମେ ବ୍ୟାଟିଂ କରି ୭ ୱିକେଟ୍‌ରେ ୧୫୨ ରନ କରିଥିଲା। ଜବାବରେ ଅଧିନାୟକ ରୋହିତ୍ ପୌଡେଲଙ୍କ ୪୮ ରନ ବଳରେ ନେପାଳ ୮ ୱିକେଟ୍‌ରେ ସମାନ ୧୫୨ ରନ କରିଥିଲା। ଫଳରେ ମ୍ୟାଚ୍ ଟାଇ ରହିଥିଲା। ଏହାପରେ ପ୍ରଥମ ସୁପର୍ ଓଭର ଖେଳାଯାଇଥିଲା। ଏଥିରେ ପ୍ରଥମେ ବ୍ୟାଟିଂ କରିଥିବା ନେପାଳ ପ୍ରତିପକ୍ଷ ଡାନିଏଲ୍ ଡୋରାମଙ୍କ ଓଭରରୁ ୧୯ ରନ ସଂଗ୍ରହ କରିଥିଲା। ଜବାବରେ ନେଦରଲାଣ୍ଡସ ଓପନର୍ ମାକ୍ସ ଓ’ଡୋଡ୍ ୨ ଛକା ଓ ଗୋଟିଏ ଚୌକା ସହ ସମାନ ୧୯ ରନ ସଂଗ୍ରହ କରିବା ଫଳରେ ପ୍ରଥମ ସୁପର୍ ଓଭର ମଧ୍ୟ ଟାଇରେ ସମାପ୍ତ ହୋଇଥିଲା। ଫଳାଫଳ ପାଇଁ ଦ୍ୱିତୀୟ ସୁପର୍ ଓଭର ଖେଳାଯାଇଥିଲା। ଏଥର କିନ୍ତୁ ନେଦରଲାଣ୍ଡସ ପ୍ରଥମେ ବ୍ୟାଟିଂ କରି ୧୮ ରନ କରିଥିଲା। ଜବାବରେ ନେପାଳ ପାଇଁ ଓପନର୍ ରୋହିତ ଓ ଦୀପେନ୍ଦ୍ର ସିଂ ଧୁଆଁଧାର ବ୍ୟାଟିଂ କରି ୬ ବଲ୍‌ରେ ୧୮ ରନ କରି ପୁନର୍ବାର ମ୍ୟାଚ୍‌କୁ ଟାଇ ରଖିଥିଲେ। ଶେଷରେ ୩ୟ ସୁପର୍ ଓଭର ଆୟୋଜିତ ହୋଇଥିଲା। ଏଥିରେ କିନ୍ତୁ ପ୍ରଥମେ ବ୍ୟାଟିଂ କରିଥିବା ନେପାଳ କୌଣସି ରନ ସଂଗ୍ରହ କରିବା ପୂର୍ବରୁ ପ୍ରଥମ ୪ଟି ବଲ୍‌ରେ ଦୁଇ ବ୍ୟାଟର୍‌ଙ୍କୁ ହରାଇଥିଲା। ଫଳରେ ନେଦରଲାଣ୍ଡସ ସାମ୍ନାରେ ମାତ୍ର ୧ ରନ ଲକ୍ଷ୍ୟ ରହିଥିଲା। ଦଳ ଏହାକୁ ପ୍ରଥମ ବଲ୍‌ରେ ହାସଲ କରିନେଇଥିଲା।

**ସଂକ୍ଷିପ୍ତ ସ୍କୋର**

ନେଦରଲାଣ୍ଡସ- ୧୫୨/୭, ୨୦ ଓଭର
ନେପାଳ- ୧୫୨/୮, ୨୦ ଓଭର
ପ୍ରଥମ ସୁପର୍ ଓଭର
ନେପାଳ- ୧୯/୧, ୧ ଓଭର
ନେଦରଲାଣ୍ଡସ- ୧୯/୦
ଦ୍ୱିତୀୟ ସୁପର ଓଭର
ନେଦରଲାଣ୍ଡସ- ୧୭/୧, ୧ ଓଭର
ନେପାଳ- ୧୭/୦, ୧ ଓଭର
ତୃତୀୟ ସୁପର ଓଭର
ନେପାଳ- ୦/୨, ୦.୪ ଓଭର
ନେଦରଲାଣ୍ଡସ- ୬/୦, ୦.୧ ଓଭର

### ୨୦୨୫-୨୭ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍

## ଭାରତ ଖେଳିବ ୬ ସିରିଜ୍, ୧୮ ଟେଷ୍ଟ



ଦୁବାଇ,୧୭।୬ (ଏଜେନ୍ସି): ଗଲ୍‌ରେ ଆଜି ଶ୍ରୀଲଙ୍କା ଓ ବାଂଲାଦେଶ ମଧ୍ୟରେ ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ଆରମ୍ଭ ହେବା ସହ ୨୦୨୫-୨୭ ସାଇକଲର ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ ଆରମ୍ଭ ହୋଇଯାଇଛି। ଆଜି ମଧ୍ୟ ଆଇସିସି ପକ୍ଷରୁ ଟେଷ୍ଟ ଚାମ୍ପିଅନସିପ୍‌ର ବିସ୍ତୃତ ଖେଳସୂଚୀ ଘୋଷଣା କରାଯାଇଛି। ଏହି ଖେଳସୂଚୀ ଅନୁଯାୟୀ ଭାରତ ଚଳିତ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍‌ରେ ୬ଟି ସିରିଜ୍ ଓ ୧୮ଟି ଟେଷ୍ଟ ଖେଳିବାର କାର୍ଯ୍ୟକ୍ରମ ରହିଛି। ଜୁନ୍ ୨୦ରୁ ଇଂଲଣ୍ଡରେ ଆରମ୍ଭ ହେବାକୁ ଥିବା ଏବଂ ୨୦୨୭ ଜାନୁୟାରୀରୁ ଘରୋଇ ମାଟିରେ ଅଷ୍ଟ୍ରେଲିଆ ସହ ଖେଳାଯିବାକୁ ଥିବା ଟେଷ୍ଟ ସିରିଜ୍ ୫ ମ୍ୟାଚ୍ ବିଶିଷ୍ଟ ହେବ। ଇଂଲଣ୍ଡ ସହ ବିଦେଶ ମାଟିରେ ଖେଳି ଏହି ସାଇକଲ୍‌ରେ ଅଭିଯାନ ଆରମ୍ଭ କରିବ। ଏହା ପରେ ୱେଷ୍ଟଇଣ୍ଡିଜ୍ ଓ ଦକ୍ଷିଣ ଆଫ୍ରିକା ସହ ୨ଟି ଲେଖାଏଁ ଟେଷ୍ଟ ମ୍ୟାଚ୍ ବିଶିଷ୍ଟ ସିରିଜ୍ ଖେଳିବ। ୨୦୨୬ ଅକ୍ଟୋବର ଓ ନଭେମ୍ବରରେ ଏହି ମ୍ୟାଚ୍ ଖେଳାଯିବ। ଏହା ପରେ ଆଉ ୨ଟି ସିରିଜ୍ ଭାରତ ବାହାରେ ଖେଳିବ। ଏହା ମଧ୍ୟରୁ ୨୦୨୬ ଅଗଷ୍ଟରେ ଶ୍ରୀଲଙ୍କା ସହ ଓ ଅକ୍ଟୋବରରେ ନ୍ୟୁଜିଲାଣ୍ଡ ସହ ବିଦେଶ ମାଟିରେ ଖେଳିବାର କାର୍ଯ୍ୟକ୍ରମ ରହିଛି। ସୂଚନା ଯୋଗ୍ୟ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍‌ରେ ଭାରତ ପ୍ରଥମ ୨ଟି ସଂସ୍କରଣରେ ଫାଇନାଲ ଖେଳିଥିଲା। ଏହି ଦୁଇଟି ସଂସ୍କରଣରେ ନ୍ୟୁଜିଲାଣ୍ଡ ଓ ଅଷ୍ଟ୍ରେଲିଆ ଚାମ୍ପିଅନ ହୋଇଥିଲେ। କିନ୍ତୁ ତୃତୀୟ ସଂସ୍କରଣରେ ଫାଇନାଲ ଯାଇ ପାରି ନ ଥିଲା। ଏଥିରେ ଅଷ୍ଟ୍ରେଲିଆକୁ ହରାଇ ଦକ୍ଷିଣ ଆଫ୍ରିକା ତୃତୀୟ ସଂସ୍କରଣରେ ଚାମ୍ପିଅନ ହୋଇଥିଲା।

**ଭାରତର ଖେଳସୂଚୀ**

| ଟେଷ୍ଟ | ପ୍ରତିଦ୍ୱନ୍ଦ୍ୱୀ | ଭେନ୍ୟୁ | ଖେଳ ଆରମ୍ଭ |
|---|---|---|---|
| ୫ | ଇଂଲଣ୍ଡ | ଇଂଲଣ୍ଡ | ଜୁନ୍ ୨୦୨୫ |
| ୨ | ୱେଷ୍ଟଇଣ୍ଡିଜ୍ | ଭାରତ | ଅକ୍ଟୋବର ୨୦୨୬ |
| ୨ | ଦକ୍ଷିଣ ଆଫ୍ରିକା | ଭାରତ | ନଭେମ୍ବର ୨୦୨୬ |
| ୨ | ଶ୍ରୀଲଙ୍କା | ଶ୍ରୀଲଙ୍କା | ଅଗଷ୍ଟ ୨୦୨୬ |
| ୨ | ନ୍ୟୁଜିଲାଣ୍ଡ | ନ୍ୟୁଜିଲାଣ୍ଡ | ଅକ୍ଟୋବର ୨୦୨୬ |
| ୫ | ଅଷ୍ଟ୍ରେଲିଆ | ଅଷ୍ଟ୍ରେଲିଆ | ଜାନୁଆରୀ ୨୦୨୭ |

PRINTED & PUBLISHED BY AMIT KUMAR MALLICK FOR ‘THE SAKALA’ A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS